# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୫/୨୦୧୮ (୨୦ ପୃଷ୍ଠା+ ମେଟ୍ରୋ ମିଜାଜ) | Bhubaneswar, Thursday, November 15/ 2018 | ★★★★★★

୪୪ଶ ଭାଗ ୩୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଦୀପାବଳି ପାଳିଲେ ଟ୍ରମ୍ପ**

ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଲୋକର ପର୍ବ ଦୀପାବଳି ପାଳନ କରିଛନ୍ତି।

୦୨

୦୩

**ବିବାହ ବନ୍ଧନରେ ଦୀପ୍‌ବୀର**

ଅଭିନେତ୍ରୀ ଦୀପିକା ପାଦୁକୋନ୍ ଓ ରଣବୀର ସିଂଙ୍କ ଶୁଭ ପରିଣୟ ବୁଧବାର ଇଟାଲୀରେ ଅନୁଷ୍ଠିତ ହୋଇଛି।



## ୧୧ରୁ ଶୀତ ଅଧିବେଶନ



ନୂଆଦିଲ୍ଲୀ,୧୪।୧୧(ପି.ଟି.)

ଆସନ୍ତା ଡିସେମ୍ବର ୧୧ରେ ପାଞ୍ଚ ରାଜ୍ୟରେ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ସହିତ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ପାଖାପାଖି ମାସେ କାଳ ଗୃହକାର୍ଯ୍ୟ ଚାଲିବ। ଜାନୁଆରୀ ୮ରେ ଅଧିବେଶନ ସମାପ୍ତ ହେବ ବୋଲି ସଂସଦୀୟ ବ୍ୟାପାର କ୍ୟାବିନେଟ କମିଟି (ସିସିପିଏ) ପକ୍ଷରୁ ମଙ୍ଗଳବାର ରାତିରେ ଏନେଇ ସୁପାରିସ ହୋଇଛି। ଏ ସମ୍ପର୍କରେ ବୁଧବାର ସରକାରୀ ସୂତ୍ରରୁ ସୂଚନା ମିଳିଛି। ଆଗକୁ ଲୋକ ସଭା ନିର୍ବାଚନ ଆସୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅମଳରେ ଏହା ହେବ ଶେଷ ପୂର୍ଣ୍ଣାଙ୍ଗ ଅଧିବେଶନ। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମରେ ବିଧାନସଭା ନିର୍ବାଚନ ଲାଗି ଭାଜପା ☞ପୃଷ୍ଠା–୪

## ୬ ଲକ୍ଷ ଏସ୍‌ଏଚ୍‌ଜିଙ୍କୁ ସ୍ମାର୍ଟ ଫୋନ



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ମହିଳା ଉଦ୍ୟୋଗୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

**ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ**

■ **ମହିଳା ସଶକ୍ତୀକରଣରେ ରାଜ୍ୟର ବିକାଶ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ମହିଳାମାନେ ହେବେ ଡିଜିଟାଲି ସଶକ୍ତ। ସୂଚନାପ୍ରଯୁକ୍ତି ବିଦ୍ୟାର ଭରପୂର ବିନିଯୋଗରେ ସେମାନେ ଆହୁରି ଦକ୍ଷ ହେବେ। ମହିଳାମାନେ ସଶକ୍ତହେଲେ ରାଜ୍ୟର ବିକାଶ ଦ୍ରୁତଗତିରେ ଆଗକୁ ଚାଲିବ। ଏଭଳି ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଓଡ଼ିଶାର ୬ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ସ୍ମାର୍ଟଫୋନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସେମାନେ ଡିଜିଟାଲି ସଶକ୍ତ ହୋଇପାରିବେ। ବୁଧବାର ଜନତା ମଇଦାନରେ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ର ମହିଳା ଉଦ୍ୟୋଗୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ମହିଳା ସଶକ୍ତୀକରଣ ବିନା କେବେ ହେଲେ ଆଗେଇପାରିବ ନାହିଁ। ୨୦୦୦ରେ ମୁଁ ଦାୟିତ୍ୱଗ୍ରହଣ କରିବା ପରେ ମୋ ସରକାର ମହିଳାଙ୍କ ଶକ୍ତିଶାଳୀ ଭୂମିକା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ହୋଇଆସିଛନ୍ତି। ବିଶେଷକରି ପ୍ରତିକୂଳ ସାମାଜିକ, ଅର୍ଥନୈତିକ ସୂଚକାଙ୍କ ଥିବା ଓଡ଼ିଶା ଭଳି ରାଜ୍ୟରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁ କିମ୍ବା ମାତୃ ମୃତ୍ୟୁହାର, ହାରାହାରି ଆୟୁଷ ଅଥବା ମହିଳା ସାକ୍ଷରତା ଏ ସବୁ ଆମ ପାଇଁ କଷ୍ଟକର ଦାୟିତ୍ୱ ଥିଲା। ୨୦୦୧ରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ଆଜି ଏହା ଏକ ବିରାଟ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା–୪

■ ବ୍ରହ୍ମ ବିଭ୍ରାଟ: ମୁହଁ ଖୋଲିଲେ ମହାରଣା ସେବକ

## ସବୁ ବିଭ୍ରାଟ ମୂଳରେ ଦଇତା

ପୁରୀ ଅଫିସ,୧୪।୧୧



କୃଷ୍ଣଚନ୍ଦ୍ର ମହାରଣା

■ **ଦାରୁ ଚୟନରେ ହୋଇଛି ଟଙ୍କା କାରବାର**

■ **ଦାରୁର ମାନ ଠିକ୍ ନ ଥିଲା**

ବ୍ରହ୍ମ ବିଭ୍ରାଟ ଘଟଣାରେ ୧୧ ସେବାୟତଙ୍କୁ ନୋଟିସ ହୋଇଛି। କିନ୍ତୁ ନୋଟିସ ସେମାନଙ୍କ ପାଖରେ ନ ପହଞ୍ଚୁଣୁ ସେବାୟତଙ୍କ ମଧ୍ୟରେ ଦେଖାଦେଇଛି କୋକୁଆ ଭୟ। ପୂର୍ବ କଥାକୁ ଦୋହରାଇ ପୁଣି ହଟଚମଟ ସୃଷ୍ଟି କରିଛନ୍ତି। ସୁଭଦ୍ରାଙ୍କ ମୁଖ୍ୟ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ପୂର୍ବ କଥା ଦୋହରାଇ ଚାଞ୍ଚଲ୍ୟ ସୃଷ୍ଟି କରିଛନ୍ତି। ସେ କହିଛନ୍ତି ଯେ, ୨୦୧୫ ନବକଳେବର ସମୟରେ ଚିହ୍ନଟ ଦାରୁର ମାନ ଠିକ୍ ନ ଥିଲା। ଏ ସମ୍ପର୍କରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଆମେ ଜଣାଇଥିଲୁ। ମହାପ୍ରଭୁଙ୍କ କାମ ସୁରୁଖୁରୁରେ ଶେଷ କରିବାକୁ କହି ଚୁପ୍ ରହିଯାଇଥିଲେ। ☞ପୃଷ୍ଠା–୪

## ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ: ଦଇତାପତି ନିଯୋଗ



ବିନାୟକ ମହାପାତ୍ର

କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ନେଇ ଦଇତାପତି ନିଯୋଗ ପ୍ରତିକ୍ରିୟା ରଖିଛି। ଦଇତାପତି ନିଯୋଗର ସହସମ୍ପାଦକ ବିନାୟକ ଦାସମହାପାତ୍ର କହିଛନ୍ତି ଯେ, କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ☞ପୃଷ୍ଠା–୧୪

**ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**କୁକୁଡ଼ା ମାଂସରେ ବିଷ**

**ଆଜିର ମନ୍ତବ୍ୟ**

“ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଶିଶୁଙ୍କୁ ହିଂସାରୁ ବଞ୍ଚାଯିବା ଜରୁରୀ ।

– କୈଳାସ ସତ୍ୟାର୍ଥୀ, ନୋବେଲ୍ ପୁରସ୍କାର ବିଜେତା


NECC NATIONAL EGG CO-ORDINATION COMMITTEE | 14.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 62 | 109 | 119 |

Eggs Retail Price- 51/-Dozen
Issued in the Interest of Consumers
*Conditions Apply


**ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ଧକ୍କା**

## ଯୁବ ମହାବଳ 'ମହାବୀର'ର ମୃତ୍ୟୁ

ବନ୍ତଳା/ଅନୁଗୋଳ/ ଭୁବନେଶ୍ୱର,୧୪।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ବୁଧବାର ଲାଗିଛି ଗଭୀର ଧକ୍କା। ଉତ୍ପାତିଆ ବାଘୁଣୀ 'ସୁନ୍ଦରୀ' ପୂର୍ବରୁ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟରୁ ସାତକୋଶିଆ ଅଣାଯାଇଥିବା ଯୁବ ମହାବଳ 'ମହାବୀର'ର ମୃତ୍ୟୁ ଘଟିଛି। ଏ ନେଇ ବନ ବିଭାଗର କୌଣସି ଅଧିକାରୀ ମୁହଁ ଖୋଲୁ ନ ଥିଲେ ବି କୋର୍ ଏରିଆର ରାଇଗୁଡ଼ା ସୀମାନ୍ତରେ ମହାବଳର ମୃତଦେହ ଠାବ କରାଯାଇଥିବା ସୂଚନା ମିଳିଛି। ତେବେ ଶିକାରୀ ହାବୁଡ଼ରେ ପଡ଼ି 'ମହାବୀର'ର ମୃତ୍ୟୁ ହୋଇଛି କି କୌଣସି ରୋଗ ତାହାର ଜୀବନ ନେଇଛି ସେ ନେଇ ତଥ୍ୟ ମିଳିପାରି ନାହିଁ। ☞ପୃଷ୍ଠା–୧୪

## ଶିଶୁ ଦିବସରେ ନେତାଜୀ ଜୟନ୍ତୀ ଶିକ୍ଷା



ଗୋବିନ୍ଦପାଲି/ମାଥିଲି, ୧୪।୧୧ (ଡି.ଏନ.ଏ.)

ଶିକ୍ଷକ ଯଦି ନିଜେ ଏମିତି, ଆମ ଜିଲାର ପାଠପଢା କେମିତି। ଶିକ୍ଷା ଉପରେ ଧାରଣା ନ ଥିବା ଶିକ୍ଷକଙ୍କ ହାତରେ ଆଗାମୀ ଦିନର ଭବିଷ୍ୟତଙ୍କ ଭାଗ୍ୟ ରହିଛି। ମାଲକାନଗିରି ଜିଲାରେ ଏପରି ଏକ ଚିତ୍ର ବୁଧବାର ଦେଖିବାକୁ ମିଳିଛି। ଖଇରପୁଟ ବ୍ଲକ ସଦରର କାଦଗୁଡା ପ୍ରାଥମିକ ବିଦ୍ୟାଳୟରେ ଖୋଦ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ନେଇ ନେହେରୁ ଜୟନ୍ତୀ ପରିବର୍ତ୍ତେ ନେତାଜୀ ଜୟନ୍ତୀ ଉପରେ ଅବଗତ କରାଇଛନ୍ତି। ☞ପୃଷ୍ଠା–୧୪

## ବିଦ୍ୟୁତ୍ ଆଘାତରେ ପୁଣି ୨ ହାତୀ ମୃତ



ହେମାପୁରା ଗ୍ରାମ ନିକଟ ଧାନବିଲରେ ପଡ଼ିଥିବା ମୃତ ହାତୀ।

ବଇଣ୍ଡା,(ଡି.ଏନ୍.ଏ.)/ବାରିପଦା ଅଫିସ,୧୪।୧୧

ଢେଙ୍କାନାଳ ଜିଲାର କମଳାଙ୍ଗ ଗ୍ରାମ ନିକଟରେ ଗତ ୨୭ ତାରିଖରେ ବିଦ୍ୟୁତ୍ ସଂସ୍ପର୍ଶରେ ୭ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିଜ ଆଡୁ ମାମଲା ରୁଜୁ କରିବା ସହ ଏହାର ଏକ ଟିମ୍ ମଙ୍ଗଳବାର ତଦନ୍ତ କରିଛି। ଏହି ଘଟଣା ପ୍ରାଣୀପ୍ରେମୀଙ୍କୁ ଗଭୀର ମର୍ମାହତ କରିଥିବାବେଳେ ଗତ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଆଉ ଦୁଇଟି ଦନ୍ତା ହାତୀଙ୍କ ପ୍ରାଣଯାଇଛି ବିଦ୍ୟୁତ୍ ଆଘାତରେ। ଗୋଟିଏ ଘଟଣା ଘଟିଛି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ୍ ଅନ୍ତର୍ଗତ ହେମାପୁରା ଗ୍ରାମରେ। ସେଠାରେ ବାର୍‌ହା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ମଙ୍ଗଳବାର ରାତିରେ ଏକ ଦନ୍ତାର ଜୀବନ ଯାଇଛି। ସେହିପରି ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଦେଉଳି ରେଞ୍ଜ ଅନ୍ତର୍ଗତ ☞ପୃଷ୍ଠା–୪

## ହାତୀ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମାନେକା

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ରାଜ୍ୟରେ ହାତୀ ମୃତ୍ୟୁ ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଢେଙ୍କାନାଳରେ ବିଦ୍ୟୁତ୍ ଆଘାତରେ ଏକକାଳୀନ ୭ ହାତୀ ମୃତ୍ୟୁ ଘଟଣା ଦେଶରେ ସର୍ବାଧିକ। ୨୦୧୧ରୁ ୨୦୧୭ ମଧ୍ୟରେ ଓଡ଼ିଶାରେ ୪୩୫ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୨୮ପ୍ରତିଶତ ବା ୧୨୪ଟି ହାତୀ ବିଦ୍ୟୁତ ଆଘାତରେ ମରିଛନ୍ତି। ପରିଚାଳନାଗତ ତ୍ରୁଟି ଓ ସମନ୍ୱୟ ଅଭାବରୁ ବହୁ ହାତୀ ମରୁଛନ୍ତି। ହାତୀ ମୃତ୍ୟୁ ରୋକିବାକୁ କେନ୍ଦ୍ର ସରକାର ଏ.କେ. ବିଶ୍ୱାଳ କମିଟି ଗଠନ କରିଥିଲେ। କମିଟି ବିଦ୍ୟୁତ ଆଘାତରୁ ହାତୀଙ୍କୁ ବଞ୍ଚାଇବା ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଦେଇଥିଲେ। ☞ପୃଷ୍ଠା–୪

## ଆଇନଜୀବୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

■ **ପୋଲିସର ନିଃସର୍ତ୍ତ କ୍ଷମାପ୍ରାର୍ଥନା**

■ **ଗଠନ କରାଯିବ ଉଚ୍ଚ କ୍ଷମତାସମ୍ପନ୍ନ କମିଟି**

କଟକ ଅଫିସ, ୧୪।୧୧

ଆଇନଜୀବୀ-ପୋଲିସ ବିବାଦରେ ମୁଣ୍ଡ ନୁଆଁଇଛି ପୋଲିସ। ହାଇକୋର୍ଟରେ ପୋଲିସ ନିଃସର୍ତ୍ତ କ୍ଷମାପ୍ରାର୍ଥନା ମାଗିଛି। ଏହାପରେ ଆଇନଜୀବୀମାନେ ଅଗଷ୍ଟ ୨୯ରୁ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଗୁରୁବାରଠାରୁ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗଦେବେ ବୋଲି ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଫଳରେ ୭୭ ଦିନ ଧରି ଚାଲିଥିବା ଏହି ବିବାଦର ଅବସାନ ଘଟିଛି। ନ୍ୟାୟିକ ପ୍ରକ୍ରିୟା ଉପରେ ଆମର ଭରସା ବିଶ୍ୱାସ ଥିଲା ଏବଂ ରହିବ। ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିବା କହିଛନ୍ତି ହାଇକୋର୍ଟ ବାର୍ ଆସୋସିଏଶନର ସମ୍ପାଦକ ସତ୍ୟବ୍ରତ ମହାନ୍ତି। ପୋଲିସ ନିଜର ଭୁଲ ସ୍ୱୀକାର କରିବା ପରେ ଆଉ ଉକ୍ତ ଘଟଣାକୁ ଅଧିକ ଲମ୍ବାଇବା ଉଚିତ ହୋଇ ନ ଥାନ୍ତା ବୋଲି ସତ୍ୟବ୍ରତ କହିଛନ୍ତି।

ପୋଲିସ ମାଡ଼ର ଶିକାର ହୋଇଥିବା ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ବୁଧବାର ହୋଇଥିଲା। ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ଇଜଲାସରେ ☞ପୃଷ୍ଠା–୪






"ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଜେଡିୟୁ ସହ ମେଣ୍ଟ ଭାଜପାକୁ ଦିନେ ମହଙ୍ଗା ପଡ଼ିବ। ଆଗାମୀ ଲୋକ ସଭା ନିର୍ବାଚନରେ ଗୈରିକ ଦଳ ନିଶ୍ଚୟ ଏହାର ପରିଣାମ ଭୋଗିବ।

-ଅରୁଣ କୁମାର, ଲୋକ ସଭା ଏମ୍‌ପି

## ସଂକ୍ଷେପରେ

### ବିଚ୍ଛିନ୍ନତାବାଦୀ ଆସିୟାଙ୍କ ନାଁରେ ଏନ୍‌ଆଇଏ ଚାର୍ଜଶିଟ



**ନୂଆଦିଲ୍ଲୀ,୧୪।୧୧(ପି.ଟି.):** ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଥିବା ପାକିସ୍ତାନର ଦୃଢ଼ ସମର୍ଥନକାରୀ ତଥା କଶ୍ମୀରୀ ବିଚ୍ଛିନ୍ନତାବାଦୀ ଆସିୟା ଆନ୍ଦ୍ରାବୀ ଦେଶ ବିରୋଧୀ ଅନେକ ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବୁଧବାର ତାଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛନ୍ତି। ଦୁଖ୍‌ତରନ୍-ଇ-ମିଲ୍ଲତ୍ ମୁଖ୍ୟ ଆସିୟାଙ୍କ ଦୁଇ ସହଯୋଗୀ ସୋଫି ଫେହମିଦା ଏବଂ ନାହିଦା ନସ୍‌ରିନ୍‌ଙ୍କ ନାମ ମଧ୍ୟ ଅଭିଯୋଗଫର୍ଦ୍ଦରେ ରହିଛି।

### ଅପରେଶନ୍ ଅଲ୍‌ଆଉଟ୍ ୧୧ ମାସରେ ୨୦୦ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୪।୧୧:** ଜମ୍ମୁ-କଶ୍ମୀରରେ ସୁରକ୍ଷାବଳର ମିଳିତ ଉଦ୍ୟମରେ ୨୦୧୭ରୁ ଅପରେଶନ ଅଲ୍‌ଆଉଟ୍ ଜାରି ରହିଛି। ଏଥିରେ ୨୦୧୮ ଜାନୁୟାରୀଠାରୁ ବର୍ତ୍ତମାନ ସୁଦ୍ଧା ୨୦୦ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ଲଶ୍କର-ଇ-ତୋଇବାର ୩୩ ପ୍ରତିଶତ, ହିଜବୁଲ୍ ମୁଜାହିଦ୍ଦିନ୍‌ର ୪୦ପ୍ରତିଶତରୁ ଅଧିକ ଆତଙ୍କବାଦୀ ଥିବାବେଳେ ଜୈଶ୍-ଇ-ମହମ୍ମଦ୍‌ର ୫୦ପ୍ରତିଶତ ଆତଙ୍କବାଦୀ ରହିଛନ୍ତି। ଅକ୍ଟୋବର ମାସରେ ୨୭ ଜଣ ଆତଙ୍କବାଦୀ ଟଳିପଡ଼ିଛନ୍ତି।

### ବିଶ୍ୱ ଆତଙ୍କବାଦର ଉତ୍ସ ଗୋଟିଏ: ମୋଦି

**ସିଙ୍ଗାପୁର,୧୪।୧୧(ପି.ଟି):** ବିଶ୍ୱ ଆତଙ୍କବାଦର ଉତ୍ସ ଗୋଟିଏ ଏବଂ ସେହି ଦେଶ ହିଁ ଆତଙ୍କବାଦର ଉତ୍ପତ୍ତିସ୍ଥଳ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କୁ ଅବଗତ କରାଇଛନ୍ତି। କୌଣସି ଦେଶର ନାଁ ନେଇ ନ ଥିଲେ ମଧ୍ୟ ମୋଦିଙ୍କ ଇଙ୍ଗିତ ପାକିସ୍ତାନକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା। ଏଠାରେ ଆୟୋଜିତ ପୂର୍ବ ଏସୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ମୋଦି ଦ୍ୱିପାକ୍ଷିକ ଏବଂ ସ୍ୱାର୍ଥ ନିହିତ ବିଶ୍ୱ ପ୍ରସଙ୍ଗ ଉପରେ ମାଇକ୍‌ଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ପାକିସ୍ତାନ ନିର୍ବାଚନରେ ଆତଙ୍କବାଦୀଙ୍କ ଅଂଶଗ୍ରହଣ ନେଇ ମୋଦି ଉଦ୍‌ବେଗ ପ୍ରକାଶ କରିଥିଲେ। ନଭେମ୍ବର ୨୬ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣକୁ ୧୦ବର୍ଷ ପୂରଣ ହେବ। ୨୦୦୮ରେ ପାକିସ୍ତାନର ଲସ୍କର-ଇ-ତୋଇବା ଆତଙ୍କବାଦୀ ଗୋଷ୍ଠୀ ଆକ୍ରମଣରେ ୧୬୬ ନିରୀହ ଲୋକଙ୍କ ମୃତ୍ୟୁ ଘଟିଥିଲା। ୯ଜଣ ଆକ୍ରମଣକାରୀ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ବେଳେ ଅନ୍ୟତମ ଆତଙ୍କବାଦୀ ଅଜମଲ କସାବକୁ ଜୀବନ୍ତ ଧରାଯାଇ ପରେ ଫାଶୀ ଦିଆଯାଇଥିଲା।

## ଶ୍ରୀଲଙ୍କାରେ ଥମୁନି ରାଜନୈତିକ ସଙ୍କଟ

# ଆସ୍ଥା ଜିଣିଲେ ୱିକ୍ରମ୍‌ସିଂହେ

**କଲମ୍ବୋ,୧୪।୧୧(ପି.ଟି.)**



- ଶକ୍ତି ପରୀକ୍ଷାରେ ହାରିଲେ ରାଜପାକ୍ସେ
- ପରାଜୟ ସ୍ୱୀକାର କରିବାକୁ ପ୍ରଧାନମନ୍ତ୍ରୀ ନାରାଜ୍
- ୱିକ୍ରମ୍‌ସିଂହେଙ୍କୁ ୧୨୨ ଏମ୍‌ପିଙ୍କ ସମର୍ଥନ
- ରାଷ୍ଟ୍ରପତି ସିରିସେନା ଅପଦସ୍ଥ

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ଲାଗିରହିଛି ରାଜନୈତିକ ଅସ୍ଥିରତା। ଏସବୁର ମୂଳରେ ଅଛନ୍ତି ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା। ଅଚାନକ୍ ସେ ରାନିଲ ୱିକ୍ରମ୍‌ସିଂହେଙ୍କୁ ବିତାଡ଼ିତ କରି ମହିନ୍ଦା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଆସୀନ କରାଇବା ପରେ ଏହି ସଙ୍କଟ ସୃଷ୍ଟି ହୋଇଛି। କିନ୍ତୁ ରାଷ୍ଟ୍ରପତିଙ୍କ ଏହି ଏକଚାଟିଆ ଅସାମ୍ବିଧାନିକ ନିଷ୍ପତ୍ତିକୁ ଦେଶର ବିଭିନ୍ନ ରାଜନୈତିକ ଦଳ ଗ୍ରହଣ କରିପାରୁନାହାନ୍ତି। ତେଣୁ ବୁଧବାର ଶ୍ରୀଲଙ୍କା ପାର୍ଲାମେଣ୍ଟରେ ରାଜପାକ୍ସେଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ଏହା ଗୃହୀତ ହେବା ପରେ ଆସ୍ଥା ଭୋଟ ହୋଇଥିଲା, ଯେଉଁଥିରେ ରାଜପାକ୍ସେ ପରାଜିତ ହୋଇଛନ୍ତି। ସିରିସେନାଙ୍କୁ ଲାଗିଛି ଶକ୍ତ ଧକ୍କା।

ଅକ୍ଟୋବର ୨୬ରୁ ରାଜନୈତିକ ହାଇଡ୍ରାମା ଲାଗିରହିବା ପରେ ବୁଧବାର ପ୍ରଥମଥର ପାଇଁ ଶ୍ରୀଲଙ୍କା ପାର୍ଲାମେଣ୍ଟରେ ସ୍ୱତନ୍ତ୍ର ଅଧିବେଶନ ବସିଛି। ଗୃହକାର୍ଯ୍ୟ ଆରମ୍ଭ ହେଉଣୁ ତୁମୁଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। କଳବଳ ଲଗାଇ ଶାସନ କ୍ଷମତା ଅକ୍ତିଆର କରିଥିବା ରାଜପାକ୍ସେ ଶକ୍ତି ପରୀକ୍ଷା ଦିଅନ୍ତୁ ବୋଲି ୱିକ୍ରମ୍‌ସିଂହେଙ୍କ ସମର୍ଥକମାନେ ଅଡ଼ବସିଥିଲେ। ଏମ୍‌ପିଙ୍କ ନାରାବାଜି ପରେ ପ୍ରଧାନମନ୍ତ୍ରୀ ରାଜପାକ୍ସେଙ୍କ ବିରୋଧରେ ଆସିଥିଲା ଅନାସ୍ଥା ପ୍ରସ୍ତାବ। ପାର୍ଲାମେଣ୍ଟର ୨୨୫ ସଦସ୍ୟଙ୍କ ମଧ୍ୟରୁ ୧୨୨ ଜଣ ୱିକ୍ରମ୍‌ସିଂହେଙ୍କୁ ସମର୍ଥନ ଜଣାଇଛନ୍ତି। ଏଥିସହିତ ଶକ୍ତି ପରୀକ୍ଷାରେ ହାରିଯାଇଛନ୍ତି ରାଜପାକ୍ସେ। ତଥାପି ତାଙ୍କ ଜିଦ୍ଦି ଭାଙ୍ଗୁନାହିଁ। ବାଚସ୍ପତି କାରୁ ଜୟସୁରିୟା ଭୋଟ ଫଳାଫଳ ଘୋଷଣା କରିବା ପରେ ଏହାକୁ ଗ୍ରହଣ କରିବାକୁ ସେ ନାରାଜ। ତେଣୁ ଏବେ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନ ନ ପାଇ ସୁଦ୍ଧା ରାଜପାକ୍ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ କିମ୍ବା ବିଜୟୀ ୱିକ୍ରମ୍‌ସିଂହେ କ୍ଷମତା ଫେରିପାଇବେ, ତାହା ଜଣାପଡ଼ି ନାହିଁ। ଏଭଳି ପରିସ୍ଥିତିରେ ଶ୍ରୀଲଙ୍କାର ରାଜନୈତିକ ସଙ୍କଟ ଅଧିକ ଜଟିଳ ହେବାରେ ଲାଗିଛି।

ମଙ୍ଗଳବାର ମଧ୍ୟ ଶ୍ରୀଲଙ୍କା ସୁପ୍ରିମକୋର୍ଟ ସିରିସେନାଙ୍କୁ ଝଟକା ଦେଇଥିଲେ। ଏଭଳି ପାର୍ଲାମେଣ୍ଟ ଭଙ୍ଗ ପାଇଁ ରାଷ୍ଟ୍ରପତିଙ୍କ କ୍ଷମତା ନାହିଁ ବୋଲି ଅଦାଲତ କହିବା ସହ ଜାନୁୟାରୀ ୫ରେ ଭୋଟ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ପାର୍ଲାମେଣ୍ଟରେ ଆସିଛି ଅନାସ୍ଥା ପ୍ରସ୍ତାବ। ଏହାକୁ ତାମିଲ ନ୍ୟାଶନାଲ ଏଲାଏନ୍ସ ଏବଂ ମୁସଲମାନ ଦଳଗୁଡ଼ିକ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ରାଜପାକ୍ସେ ୧୧୩ ଏମ୍‌ପିଙ୍କ ପାଇଁ ସମର୍ଥନ ଲୋଡ଼ା ଥିଲା। କିନ୍ତୁ ସେ ଶକ୍ତି ପରୀକ୍ଷାରେ ପରାଜିତ ହୋଇଗଲେ। ଭୋଟ ପରେ ବାଚସ୍ପତି ରାଷ୍ଟ୍ରପତି ସିରିସେନାଙ୍କୁ ଚିଠି ଲେଖି ଆଗାମୀ ଦିନରେ ସାମ୍ବିଧାନିକ ପଦ୍ଧତିରେ ନିଷ୍ପତ୍ତି ଗ୍ରହଣ କରିବାକୁ କହିଛନ୍ତି। ପାର୍ଲାମେଣ୍ଟର ୧୨୨ ସଦସ୍ୟ ରାଜପାକ୍ସେଙ୍କ ଉପରେ ଆସ୍ଥା ରଖୁ ନ ଥିବା ଦର୍ଶାଇ ଏକ ଦସ୍ତାବିଜରେ ଦସ୍ତଖତ କରିଛନ୍ତି। ଏହାକୁ ମଧ୍ୟ ସିରିସେନାଙ୍କ ନିକଟକୁ ପଠାଇଦେଇଛନ୍ତି ବାଚସ୍ପତି।



ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ୧୨୯ତମ ଜୟନ୍ତୀ ଉପଲକ୍ଷେ ନୂଆଦିଲ୍ଲୀସ୍ଥିତ ଶାନ୍ତିବନରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ଉପା ଅଧକ୍ଷା ସୋନିଆ ଗାନ୍ଧୀ।

## ପୁଅ ଅଜୟଙ୍କୁ ଦଳରୁ ବିଦା କଲେ ଚୌତାଲା

**ଚଣ୍ଡିଗଡ଼,୧୪।୧୧(ପି.ଟି.):**

ଆଇଏନ୍‌ଏଲ୍‌ଡି ମୁଖ୍ୟ ଓମ୍ ପ୍ରକାଶ ଚୌତାଲାଙ୍କ ପରିବାରରେ ଅନ୍ତର୍କନ୍ଦଳ ଚରମସୀମା ଟପିଛି। ପୁଅ ଅଜୟ ସିଂଙ୍କୁ ଚୌତାଲା ଦଳରୁ ବହିଷ୍କାର କରିଛନ୍ତି। ଦଳବିରୋଧୀ କାର୍ଯ୍ୟକଳାପ ଯୋଗୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ପୁଅକୁ ଦଳରୁ ବିଦା କରିବା ପାଇଁ ଗତ ସୋମବାରରୁ ଚୌତାଲା ନିଷ୍ପତ୍ତି ନେଲେଣି। କିନ୍ତୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା ହୋଇଛି। ଅଜୟଙ୍କ ସାନଭାଇ ତଥା ହରିୟାଣା ବିଧାନସଭାର ବିରୋଧୀ ଦଳ ନେତା ଅଭୟ ସିଂ ଚୌତାଲା ଏଳହି ସୂଚନା ଦେଇଛନ୍ତି।

## କଂଗ୍ରେସର ହାତଧରିଲେ ଭାଜପା ଏମ୍‌ପି, ବିଧାୟକ

**ନୂଆଦିଲ୍ଲୀ/ଜୟପୁର,୧୪।୧୧(ପି.ଟି.)**



ରାଜସ୍ଥାନରେ ବିଧାନସଭା ନିର୍ବାଚନ ପାଇଁ ଉଷ୍ମତା ବଢ଼ିଚାଲିଥିବାବେଳେ ଶାସକ ଭାଜପାକୁ ଲାଗିଛି ଶକ୍ତ ଝଟକା। ଦୌସା ଏମ୍‌ପି ହରିଶ୍ ଚନ୍ଦ୍ର ମୀନା ଭାଜପା ସହ ସମ୍ପର୍କ ତୁଟାଇ ବୁଧବାର କଂଗ୍ରେସର ହାତ ଧରିଛନ୍ତି। ସେହିପରି ରାଜ୍ୟର ଭାଜପା ବିଧାୟକ ହବିବୁର ରହମନ୍ ମଧ୍ୟ ଦଶନ୍ଧି ପରେ କଂଗ୍ରେସରେ ମିଶିଯାଇଛନ୍ତି। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ରାଜ୍ୟର ପିସିସି ସଭାପତି ସଚିନ ପାଇଲଟ ଏବଂ ଏଆଇସିସି ଇନ୍-ଚାର୍ଜ ଅବିନାଶ ପାଣ୍ଡେଙ୍କ ଉପସ୍ଥିତିରେ ମୀନା କଂଗ୍ରେସରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି ମିଳନ ପର୍ବ ହୋଇଥିଲା। ତେବେ ଡିସେମ୍ବର ୭ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ପାଇଲଟ ଏବଂ ଗେହଲଟ ଘୋଷଣା କରିଛନ୍ତି। ସେପଟେ ଜୟପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅଜମେର ଏମ୍‌ପି ରଘୁ ଶର୍ମା ଓ ଅନ୍ୟ ନେତାଙ୍କ ଉପସ୍ଥିତିରେ ନାଗୌର ବିଧାୟକ ହବିବୁର ମଧ୍ୟ କଂଗ୍ରେସ ପରିବାରରେ ସାମିଲ ହୋଇଛନ୍ତି।

## ଦୀପାବଳି ପାଳିଲେ ଟ୍ରମ୍ପ୍

**ୱାଶିଂଟନ୍,୧୪।୧୧(ପି.ଟି.)**

ଭାରତରେ ଆଲୋକର ପର୍ବ ଦୀପାବଳି ଶେଷ ହେବାର ସପ୍ତାହେ ପରେ ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଉତ୍ସବ ପାଳନ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟ୍ରମ୍ପ୍ ସାମିଲ ହୋଇ ଭାରତୀୟ ବଂଶୋଦ୍ଭବ ଆମେରିକୀୟଙ୍କ ସହ ଦୀପ ଜାଳି ଏହି ପର୍ବ ପାଳିଛନ୍ତି। ଭାରତ ସହ ଆମେରିକାର ବନ୍ଧୁତା ସ୍ୱାଧୀନତା, ଶାନ୍ତି ଓ ସମୃଦ୍ଧି ନିମିତ୍ତ ଏକ ପ୍ରାଚୀର ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ଲଗାତର ଦୁଇବର୍ଷ ହେଲା ଟ୍ରମ୍ପ୍ ପର୍ବ ଦୀପାବଳି ପାଳନ କରିଆସୁଛନ୍ତି। ଏଥର ମଧ୍ୟ ହ୍ୱାଇଟ୍ ହାଉସ୍‌ରେ ଭବ୍ୟ ଆୟୋଜନ ହୋଇଥିଲା। ଆଲୋକର ପର୍ବକୁ ଆମେରିକା ସମେତ ବିଶ୍ୱବ୍ୟାପୀ ବୌଦ୍ଧ, ଶିଖ୍, ଜୈନ୍‌ମାନେ ପାଳନ କରୁଛନ୍ତି। ଏଭଳି ଏକ ପର୍ବରେ ସାମିଲ ହୋଇଥିବାରୁ ବେଶ୍ ଖୁସି ଥିବା ଟ୍ରମ୍ପ୍ କହିଛନ୍ତି। ଦୀପାବଳି ଅନ୍ଧାର ଦୂରକରି ଆଲୁଅ ଭରିଦଏ ଏବଂ ଦୁଷ୍ଟଶକ୍ତିକୁ ନାଶ କରେ। ପ୍ରିୟଜନ, ପଡ଼ୋଶୀ ଏବଂ ବିଭିନ୍ନ ସମ୍ପ୍ରଦାୟକୁ ଏହା ଏକାଠି କରେ ବୋଲି ରୋଜ୍‌ଭେଲ୍ଟ ରୁମ୍‌ରେ ଦୀପ ଜାଳିବା ପୂର୍ବରୁ ଟ୍ରମ୍ପ୍ କହିଛନ୍ତି। ଆମେରିକାରେ ଲକ୍ଷ ଲକ୍ଷ ପରିଶ୍ରମୀ ଭାରତୀୟ ଓ ଦକ୍ଷିଣ-ପୂର୍ବ ଏସିଆର ଲୋକମାନେ ରହୁଥିବାରୁ ସେ ଧନ୍ୟ ମନେ କରୁଥିବା ପ୍ରକାଶ କରିଛନ୍ତି।

ଏହି ଅବସରରେ ଟ୍ରମ୍ପ୍ ଆହୁରି କହିଛନ୍ତି ଯେ, ଭାରତ ହେଉଛି ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହା ସହିତ ଆମେରିକାର ସମ୍ପର୍କ ଶାନ୍ତି ଓ ସମୃଦ୍ଧି ଆଣିବାରେ ବେଶ୍ ସହାୟକ ହେଉଛି। ନୂଆଦିଲ୍ଲୀ ଓ ୱାଶିଂଟନ୍ ମଧ୍ୟରେ ଚାଲିଥିବା ବାଣିଜ୍ୟ କାରବାର ସଂକ୍ରାନ୍ତ ବୁଝାମଣା ସମ୍ପର୍କରେ ଏଠାରେ ଟ୍ରମ୍ପ୍ ଉଠାଇଥିଲେ। ଆମେରିକା ବାଣିଜ୍ୟିକ ବୁଝାମଣା କରିବାରେ ଜଟିଳ ପରିସ୍ଥିତିର ସାମ୍ନା କରୁଛି। କିନ୍ତୁ ଭାରତ ଏକ ଭଲ ବେପାରୀ ଏବଂ ବୁଝାମଣାକାରୀ ବୋଲି ଟ୍ରମ୍ପ୍ କହିଛନ୍ତି।

### 'ଭାରତ ଭଲ ବେପାରୀ'

ଟ୍ରମ୍ପ୍‌ଙ୍କ ସହ ଦୀପାବଳି ପାଳନ କରିଛନ୍ତି ଭାରତୀୟ ରାଷ୍ଟ୍ରଦୂତ ନବତେଜ ସିଂ ସର୍‌ନା, ତାଙ୍କ ସ୍ତ୍ରୀ ଆଭିନା ସର୍‌ନା। ନବତେଜଙ୍କ ସ୍ୱତନ୍ତ୍ର ସହକାରୀ ପ୍ରତୀକ ମାଥୁରଙ୍କ ସମେତ ଅନେକ ଭାରତୀୟ ପ୍ରତିନିଧି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଭାରତକୁ ଏତେ ସମ୍ମାନ ଦେଇଥିବାରୁ ସର୍‌ନା ଆମେରିକା ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଯେ, ୨୦୦୩ରେ ପ୍ରଥମକରି ହାଇଟ୍ ହାଉସ୍‌ରେ ଦୀପାବଳି ଉତ୍ସବର ଆୟୋଜନ ହୋଇଥିଲା। କିନ୍ତୁ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ଏଥିରେ ବ୍ୟକ୍ତିଗତ ଭାବେ ସାମିଲ ହୋଇ ନ ଥିଲେ। ତେବେ ସେହିବର୍ଷଠାରୁ ପ୍ରତିବର୍ଷ ଏଠାରେ ଆଲୋକର ପର୍ବ ପାଳନ ହେଉଛି। ୨୦୦୯ରେ ହ୍ୱାଇଟ୍ ହାଉସ୍‌ର ଇଷ୍ଟ ରୁମ୍‌ରେ ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ଦୀପ ଜାଳି ଦୀପାବଳି ପାଳିଥିଲେ। ୨୦୧୩ରେ ଫାଷ୍ଟ ଲେଡୀ ମିଶେଲ୍ ଓବାମା ମଧ୍ୟ ପ୍ରଦୀପ ପ୍ରଜ୍ୱଳନ କରି ବନ୍ଧୁତାର ନିଦର୍ଶନ ଦେଖାଇଥିଲେ। ୨୦୧୭ରେ ଟ୍ରମ୍ପ୍ ଓଭାଲ ଅଫିସରେ ଆମ୍ବାସାଡର ନିକି ହାଲିଙ୍କ ସହ ଦୀପାବଳି ଉତ୍ସବ ପାଳନ କରିଥିଲେ।



## ସାବରିମାଳା ବିବାଦ

# ରାୟ ଉପରେ ରହିତାଦେଶ ଦେବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୪।୧୧(ପି.ଟି.)**

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ସବୁ ବୟସର ମହିଳା ପ୍ରବେଶ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ବିବାଦ ଘନୀଭୂତ ହେବାରେ ଲାଗିଛି। କୋର୍ଟ ନିଷ୍ପତ୍ତି ବଦଳାନ୍ତୁ ବୋଲି ଦାବି ଜୋର୍ ଧରୁଥିବାବେଳେ ବୁଧବାର ସୁପ୍ରିମକୋର୍ଟ ପୁଣିଥରେ ରୋକ୍‌ଠୋକ୍ ବାଣୀ ଶୁଣାଇଛନ୍ତି। ମହିଳାଙ୍କ ପ୍ରବେଶ କଟକଣା ହଟାଇବାକୁ ଦିଆଯାଇଥିବା ରାୟ ଉପରେ ସ୍ଥଗିତାଦେଶ ଜାରି ହେବ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ରାୟ ସମୀକ୍ଷା ଲାଗି ହୋଇଥିବା ସମସ୍ତ ଆବେଦନ ଉପରେ ଜାନୁୟାରୀ ୨୨ରେ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

### ୧୭ରେ ଆୟ୍ୟାପ୍ପାଙ୍କ ଦର୍ଶନ କରିବେ ତୃପ୍ତି ଦେଶାଇ

ଅନ୍ୟପଟେ ସାମାଜିକ କର୍ମୀ ତୃପ୍ତି ଦେଶାଇ କହିଛନ୍ତି, ୬ ଜଣ ମହିଳାଙ୍କ ସହ ସେ ଆସନ୍ତା ୧୭ ତାରିଖରେ ସାବରିମାଳା ମନ୍ଦିରକୁ ଯାଇ ଭଗବାନ ଆୟ୍ୟାପ୍ପାଙ୍କ ଦର୍ଶନ କରିବେ। ତେବେ ଲୋକଙ୍କ ଭାବାବେଗକୁ ସମ୍ମାନ ଜଣାଇ ବିବାଦର ସମାଧାନ ହେବା ଉଚିତ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା କହିଛନ୍ତି। ଆବଶ୍ୟକ ପଡ଼ିଲେ କେନ୍ଦ୍ର ଉଚିତ ସମୟରେ ହସ୍ତକ୍ଷେପ କରିବ ବୋଲି ସେ କହିଛନ୍ତି।

## ରାଫାଲ୍ ବିବାଦ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ



**ନୂଆଦିଲ୍ଲୀ,୧୪।୧୧(ପି.ଟି.)**

ରାଫାଲ୍ ଯୁଦ୍ଧବିମାନ କ୍ରୟ ନେଇ ଫ୍ରାନ୍ସ ସହ ହୋଇଥିବା ଚୁକ୍ତିରେ ଦୁର୍ନୀତିର ଗନ୍ଧ ବାରି ମାମଲାର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ବିରୋଧୀ ଦଳ। ଏ ସମ୍ପର୍କିତ ଆବେଦନ ଉପରେ ଶୁଣାଣି କରି ବୁଧବାର ରାୟ ସଂରକ୍ଷିତ ରଖିଛନ୍ତି ସର୍ବୋଚ୍ଚ ଅଦାଲତ। ଯୁଦ୍ଧବିମାନର ମୂଲ୍ୟ ନିର୍ଦ୍ଧାରଣ ସଂକ୍ରାନ୍ତ ତଥ୍ୟ ସାର୍ବଜନୀନ କରିବାକୁ ମଧ୍ୟ ଦାବି ହେଉଛି। କେଉଁ ଆଧାରରେ ଏବଂ କେତେ ପରିମାଣର ମୂଲ୍ୟ ନିର୍ଦ୍ଧାରଣ ହେବ ସେ ସମ୍ପର୍କରେ ଆଲୋଚନା ହେବା ପୂର୍ବରୁ ଦସ୍ତାବିଜ୍‌ଗୁଡ଼ିକ ସାର୍ବଜନୀନ କରାଯିବ କି ନା, ସ୍ଥିର ହେବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହା କହିଛନ୍ତି। ତେବେ ରାଫାଲ୍ କ୍ରୟ ଲାଗି ସରକାରୀ ସ୍ତରୀୟ ଚୁକ୍ତି ହୋଇନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା କପିଲ ଶିବଲ କହିଛନ୍ତି।





ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିକ୍ତତାପୂର୍ଣ୍ଣ ସମ୍ପର୍କ ଆଉ ଏକ ମୋଡ଼ ନେଇଛି। ମୋଷ୍ଟ ଫେଭର୍ଡ ନେଶନ୍ (ଏମ୍‌ଏଫ୍‌ଏନ୍) ତାଲିକାରେ ନୂଆଦିଲ୍ଲୀକୁ ସାମିଲ କରିବାକୁ ତ୍ୱରିତ ଯୋଜନା କରିନାହିଁ ଇସ୍‌ଲାମାବାଦ। ଏ ସମ୍ପର୍କରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଜଣେ ଘନିଷ୍ଠ ସହଯୋଗୀ ପ୍ରକାଶ କରିଛନ୍ତି।









■ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ଆଜି

# ୮ ଜିଲାର ୧୦ ହଜାର ବସ୍ତିବାସିନ୍ଦାଙ୍କୁ ବାଣ୍ଟିବେ ପଟ୍ଟା

**ଟିଟିଲାଗଡ଼ ଜୋନ ବରିଷ୍ଠ ନାଗରିକ ତୀର୍ଥ ଯୋଜନାର ଶୁଭାରମ୍ଭ କରିବେ**

ପୁରୀ ଅଫିସ,୧୪।୧୧: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନିକିଆ ପୁରୀ ଗସ୍ତରେ ଆସିବେ। ତାଳବଣିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଓ ୮ ଜିଲାର ୨୩ଟି ପୌରାଞ୍ଚଳରେ ବସବାସ କରୁଥିବା ୧୦ ହଜାର ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରିବେ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ମୋଟ ୨୦ ପ୍ଲାଟୁନ ଫୋର୍ସ ପୁରୀ ସହରକୁ ଜଗିବେ ବୋଲି ଜଣାପଡିଛି।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରୁ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନ ୧୧ଟାରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ସଭାସ୍ଥଳକୁ ଯାଇ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେବେ। ଏଥିରେ ଗଞ୍ଜାମ, ବାଲେଶ୍ୱର, ବରଗଡ଼, କେନ୍ଦ୍ରାପଡା, ବୌଦ୍ଧ, ଭଦ୍ରକ, ଢେଙ୍କାନାଳ ଓ ପୁରୀ ଜିଲାର ୧୦ ହଜାର ଭୂମିହୀନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିବେ। ଏହାସହିତ ଜାଗା ମିଶନ ଜରିଆରେ ଗୃହ ନିର୍ମାଣ ନିମନ୍ତେ ଉକ୍ତ ହିତାଧିକାରୀଙ୍କୁ ଅନୁମୋଦନ ପ୍ରମାଣପତ୍ର ପ୍ରଦାନ କରିବେ। ୧୦ ହଜାର ହିତାଧିକାରୀଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳର ୬,୬୦୦ ହିତାଧିକାରୀ ରହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟିଟିଲାଗଡ଼ ଜୋନର ବରିଷ୍ଠ ନାଗରିକ ତୀର୍ଥ ଯୋଜନାର ଶୁଭାରମ୍ଭ କରିବେ। ସଭାରେ ଉଦ୍‌ବୋଧନ ଦେବା ପରେ ମଧ୍ୟାହ୍ନ ୧୨ଟା ୩୫ରେ ଭୁବନେଶ୍ୱର ଫେରିଯିବେ।

ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ଲାଗି ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମିଶାଇ ସମୁଦାୟ ୮୦ ଜଣଙ୍କୁ ନିୟୋଜିତ କରାଯାଇଛି। ଏହାସହିତ ୪ ଜଣ ମାଜିଷ୍ଟ୍ରେଟଙ୍କୁ ମୁତୟନ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୪ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପିଙ୍କ ସମେତ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

# ବିବାହ ବନ୍ଧନରେ ଦୀପ୍‌ବୀର

ରୋମ୍/ନୂଆଦିଲ୍ଲୀ,୧୪।୧୧(ଆଇଏଏନ୍‌ଏସ୍)

ଇଟାଲୀର ପ୍ରାକୃତିକ ଦୃଶ୍ୟଭରା କୋମୋ ଲେକ୍ କୂଳରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ଅଭିନେତା ରଣବୀରଙ୍କ ମଧ୍ୟରେ ବୁଧବାର ଶୁଭ ପରିଣୟ ଅନୁଷ୍ଠିତ ହୋଇଛି। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଶୁଭ ସାହାନାଇ ବାଜି ହାତଗଣ୍ଠି ପଡ଼ିଥିଲା। ବୁଧବାର ବ୍ୟାଣ୍ଡ, ବାଜା, ବାରାତ୍ ପରେ ଦୀର୍ଘ ୬ବର୍ଷ ଧରି ଚାଲିଥିବା ଏହି ପ୍ରେମ କାହାଣୀ କ୍ଲାଇମେକ୍ସରେ ପହଞ୍ଚି ନୂଆ ମୋଡ଼ ନେଇଛି। ଏଥିସହ ଏହି ଯୋଡ଼ି ସବୁଦିନ ପାଇଁ ପରସ୍ପରର ଜୀବନସାଥୀ ହୋଇଯାଇଛନ୍ତି। ଦୁହିଁଙ୍କ ନିକଟକୁ ଏବେ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

ଦୀପିକା ଏବଂ ରଣବୀର 'ଗଲିଓଁ କି ରାସଲୀଳା ରାମ-ଲୀଲା' ଏବଂ 'ବାଜିରାଓ ମସ୍ତାନି' ଭଳି ଚଳଚ୍ଚିତ୍ରରେ କାମକରିବା ପରଠାରୁ ଉଭୟଙ୍କ ମଧ୍ୟରେ ଅନ-ସ୍କ୍ରିନ୍ କେମିଷ୍ଟ୍ରି ସୃଷ୍ଟି ହୋଇଥିଲା। ସେମାନେ ବିବାହ ଲାଗି ଉଭୟ ପରିବାର ସଦସ୍ୟଙ୍କ ସହିତ ଗତ ସପ୍ତାହରେ ଇଟାଲୀ ଗସ୍ତ କରିଥିଲେ। ତେବେ ବିବାହ ଉତ୍ସବରେ ମାତ୍ର ୪୦ଜଣ ଅତିଥି ଯୋଗ ଦେଇଥିଲେ। କଡା ନିରାପତ୍ତା ବନ୍ଦୋବସ୍ତ କରାଯାଇଥିବାରୁ ଉତ୍ସବ ସ୍ଥଳକୁ ମୋବାଇଲ୍ ଫୋନ୍ ବାରଣ କରାଯାଇଥିଲା।



ବିବାହ ବନ୍ଧନରେ ରଣବୀର ଏବଂ ଦୀପିକା।

ଦୀପିକା ଏବଂ ରଣବୀର ସୋମବାର ସଂଧ୍ୟାରେ ପରସ୍ପର ମଧ୍ୟରେ ମୁଦ୍ରିକା ବିନିମୟ କରିଥିଲେ। ମଙ୍ଗଳବାର ଅପରାହ୍ନରେ ମେହେନ୍ଦି ଉତ୍ସବ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେହେନ୍ଦି ଉତ୍ସବରେ ଦୀପିକା ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ମୁଖାର୍ଜୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ବସ୍ତ୍ର ପରିଧାନ କରିଥିଲେ। ନବଦମ୍ପତିଙ୍କ ବସ୍ତ୍ର ରଙ୍ଗ ବେଶ୍ ସୁସଂଯୋଜିତ ଥିଲା। ଗାୟକ ହର୍ଷଦୀପ କୌରଙ୍କ ସମେତ ସଞ୍ଜୟ ଦାସ, ବବି ପାଠକ ଏବଂ ଫିରୋଜ ଖାନ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦୁଇଦିନର ପ୍ରାରମ୍ଭିକ ଉତ୍ସବ ପରେ ବୁଧବାର କୋଙ୍କଣି ପ୍ରଥାରେ ବିଭାଘର ହୋଇଥିଲା। ଗୁରୁବାର ସେମାନେ ପାରମ୍ପରିକ ଆନନ୍ଦ କରଜ ଉତ୍ସବ ପାଳନ କରିବେ।

ଦୀପିକା ଏବଂ ରଣବୀରଙ୍କ ମଧ୍ୟରେ ପ୍ରେମ '...ରାମ-ଲୀଲା'ରୁ ଆରମ୍ଭ ହୋଇଥିଲା। ସେହିଦିନଠାରୁ ଦୁହେଁ ପ୍ରଶଂସକ, ଗଣମାଧ୍ୟମ ଏବଂ କଳାକାର ମହଲରେ ଖୁବ୍ ଚର୍ଚ୍ଚାରେ ଥିଲେ। ସେମାନେ ବିବାହ ସୁନିଶ୍ଚିତ କରାଇବା ସହିତ ଗତ ଅକ୍ଟୋବର ମାସରେ ଗଣମାଧ୍ୟମରେ ଏଥିପାଇଁ ତାରିଖ ଘୋଷଣା କରିଥିଲେ।

ଉକ୍ତ ଦମ୍ପତି ନଭେମ୍ବର ୨୧ରେ ବେଙ୍ଗାଲୁରୁରେ ଏବଂ ୨୮ରେ ମୁମ୍ବାଇରେ ବାହାଘର ଭୋଜି (ରିସେପ୍‌ଶନ୍) ଆୟୋଜନ କରିବେ। ଅତିଥିମାନେ ଦୀପିକାଙ୍କ 'ଦି ଲାଇଭ୍ ଲଭ୍ ଲାଫ୍ ଫାଉଣ୍ଡେଶନ୍' ନାମରେ ଉପହାର ଦେବାପାଇଁ ପରାମର୍ଶ ଦିଆଯାଇଛି। ଉକ୍ତ ଅନୁଷ୍ଠାନ ମାନସିକ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିଆସୁଛି।

# ୧୬ରୁ ବିଧାନସଭା: ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ ଆଜି

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବ। ଗୃହରେ ବିରୋଧୀଙ୍କ ମୁକାବିଲା ପାଇଁ ବିଜେଡିର ବିଧାୟକ ଦଳ ବୈଠକ ଗୁରୁବାର ବିଧାନସଭାର ୫୪ନମ୍ବର ପ୍ରକୋଷ୍ଠରେ ବସିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରଣନୀତି ସ୍ଥିର କରିବା ଲାଗି ଏଥିରେ ଆଲୋଚନା ହେବ। ୨୦୧୯ ନିର୍ବାଚନକୁ କମ୍ ସମୟ ଥିବାରୁ ଏହା ଶେଷ ପୂର୍ଣ୍ଣାଙ୍ଗ ଅଧିବେଶନ ହେବ ବୋଲି ଆଶା କରାଯାଉଛି। ଅଧିବେଶନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ନିର୍ବାଚନ ପୂର୍ବରୁ ଶାସକ ଦଳକୁ କଡ଼ା ଜବାବ ଦେବା ପାଇଁ ବିରୋଧୀ କଂଗ୍ରେସ ଏବଂ ଭାଜପା ରଣନୀତି ପ୍ରସ୍ତୁତ କରୁଛନ୍ତି। ଏଥିଲାଗି କଂଗ୍ରେସ ବିଧାୟକ ଦଳ ବୈଠକ ମଧ୍ୟ ଗୁରୁବାର ଅନୁଷ୍ଠିତ ହେବ। ନିର୍ବାଚନକୁ କମ୍ ସମୟ ରହିଥିବାରୁ ବିରୋଧୀଙ୍କ ପକ୍ଷରୁ ଶାସକ ଦଳକୁ ଜୋର୍‌ଦାର ବିରୋଧ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବିଜୁ ଯୁବ ବାହିନୀର ଗୁଣ୍ଡାରାଜ, ଚାଷୀ ଆତ୍ମହତ୍ୟା, ପିସି କାରବାର, ବ୍ରହ୍ମ ବିଭ୍ରାଟ, ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ, ଲୋକାୟୁକ୍ତ ନିଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିରୋଧୀମାନେ ଗୃହରେ ଉଠାଇବେ ବୋଲି ଜଣାପଡିଛି। ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର ଲାଗୁ ନ କରିବା ପ୍ରସଙ୍ଗ ଭାଜପା ପକ୍ଷରୁ ଉଠାଯିବ। ଏହାସହ ଅନ୍ୟୁରି ବିଭିନ୍ନ ପ୍ରସଙ୍ଗରେ ଭାଜପା କଡା ଆଭିମୁଖ୍ୟ ରଖିବ ବୋଲି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି।

DADLS-177



ଶହୀଦ ବିର୍ସା ମୁଣ୍ଡାଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
ସ୍ଥାନ : ଜୟଦେବ ଭବନ , ଭୁବନେଶ୍ୱର
୧୫ ନଭେମ୍ବର, ୨୦୧୮

ସାଧାରଣ ସଭା
ସମୟ – ସଂଧ୍ୟା ଘ.୫.୩୦ ମି.
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଡ. ପ୍ରଭାସ କୁମାର ସିଂ
ମାନ୍ୟବର ସାଂସଦ,

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ସୁବ୍ରତ ତରାଇ,
ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – ଡ. ପବିତ୍ର ମୋହନ ନାୟକ
ନିର୍ଦ୍ଦେଶକ, ବାଲ୍ମୀକି ରାମାୟଣ ପ୍ରକଳ୍ପ

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ତରଙ୍ଗ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା
ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବା ପାଇଁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0389/1819

ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-

ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ୍ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି ।

(1) Food & Beverage Service (2) Food Production (3) Housekeeping Utility

Course Commences from 15.11.2018 onwards

* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ ।

ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ ।କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ ।

ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର ( ଫୋନ ନମ୍ବର- ୭୨୫୨୦୯୬୭୮୦)

ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୬୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦

STATE INSTITUTE OF HOTEL MANAGEMENT, BALANGIR
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
e-mail: principal@sihmbalangir.org website: www.sihmbalangir.org



ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତେଲ ଦର ବୁଧବାର ୭% ହ୍ରାସ ପାଇ ୬୫.୦୯ ଡଲାର ପ୍ରତି ବ୍ୟାରେଲ ହୋଇଛି। ଗତ ମାସର ପ୍ରଥମ ସପ୍ତାହଠାରୁ ଚଳିତ ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ତେଲ ଦର ୨୨ ଡଲାର ପ୍ରତି ବ୍ୟାରେଲ ହ୍ରାସ ପାଇଛି। ଏହାର ପ୍ରଭାବ ଟଙ୍କାର ମୂଲ୍ୟ ଉପରେ ପଡିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ବର୍ଷା
ପରିବାରବର୍ଗ



ତନୁଶ୍ରୀ
ପରିବାରବର୍ଗ



ନାରାୟଣ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




**SALE**

1 private used M&M Supro VX passenger van (2016) in excellent condition for sale. Contact: 9437032196, 9438097301. D-63738




**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Gharabari boundary plot infront Krupajal Engineering College Bhubaneswar. 9090899281, 8908805482. D-65053

Residential plot with revenue road and electricity near Patia Station. Immediate registration and possession. 9437827966. D-9346

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

4BHK duplex with gated community at Balianta (land-1400 construction-2100) @ 50 lakh. Finance by LIC housing. Distance from NH- 4km. Handover within 1 year. Contact Mplanets: 9861022055, 9938219397. D-9398




Construct your building in finished house contact: 9937064680. D-27282

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Ayurvedic full body massage ladies / gents smart experts therapist. 9114697517. D-64637

All type of full body massage by expert therapist. 7609005923. D-65166

Herbal full body massage by smart/ expert therapist. Contact: 8338067247. D-65167

Newly opening ayurvedic massage smart therapist, Shree herbal. 7750020754. D-65168

Improving your health, skin care through expert therapist, excellent offer. 9668374480. D-65169

Experience full body massage with us by expert Enquiry: 7377048581. D-65173

Take gym body massage and steambath from gym trainer. 9337337007, 9861556765. D-65174




Admission open. Medical Registration, BAMS, BHMS, BUMS, D.Pharma, Nursing. Contact: 9893869473. D-65175




Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

ପାଠକଙ୍କ ପାଇଁ ସୂଚନା: ବ୍ୟାପିଏବେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**

ସ୍ୱାମୀ: ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯

ବୋଉ, ତୋତେ ହରାଇ ଆମେ ସର୍ବହରା, ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୯୪୩୬

### ଶ୍ରଦ୍ଧାଞ୍ଜଳି ଦଶାହ ଉପଲକ୍ଷେ



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ**

ଅବସରପ୍ରାପ୍ତ ଶିକ୍ଷକ
ଆବିର୍ଭାବ: ୦୨।୦୧।୧୯୩୬
ତିରୋଧାନ: ୦୬।୧୧।୨୦୧୮
ନୀଳକଣ୍ଠପୁର, କଣାସ, ପୁରୀ

ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଆଜି ତୁମ ଦଶାହ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଧର୍ମପତ୍ନୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ। ଧ-୬୩୬୦୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଦଣ୍ଡପାଣି ମହାନ୍ତି**

ଆବିର୍ଭାବ: ୨୨।୦୪।୧୯୨୯
ତିରୋଧାନ: ୦୫।୧୧।୨୦୧୮

ତୁମେ ଥିଲ ଅଜ୍ଞାନର ଅନ୍ଧକାରରେ ଜ୍ଞାନଦୀପ୍ତି, ପ୍ରତ୍ୟେକ ଆହ୍ୱାନର ମାର୍ଗଦର୍ଶକ, ସ୍ନେହର ସରୋବର ଏବଂ କର୍ତ୍ତବ୍ୟନିଷ୍ଠର ଛାଟ। ତୁମକୁ ଛାଡି ଝୁରିହୁଏ ସକଳ ପରିବାର। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ଏବଂ ଅନ୍ୟମାନେ। ଧ-୯୪୪୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାବିତ୍ରୀ ରାଉତ**

ସ୍ୱାମୀ- ସ୍ୱର୍ଗତ ବଂଶୀଧର ରାଉତ
ତିରୋଧାନ: ୦୫।୧୧।୨୦୧୮
ଦେଉଳସାହି, ତୁଳସୀପୁର, କଟକ

ବୋଉ ଲୋ, ଚାହୁଁ ଚାହୁଁ ୧୦ଦିନ ବିତିଗଲା। ଅସମୟରେ ଆମ ସମସ୍ତଙ୍କୁ ଅନାଥ କରି ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅଭାବ ଆମେ ଅନୁଭବ କରୁଅଛୁ। ତୁ ଛାଡିଯାଇଥିବା ଘରର ସ୍ଥାନ ଅପୂରଣୀୟ। ତୋର ସ୍ନେହଶ୍ରଦ୍ଧା, ସରଳତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଅନାବିଳ ପ୍ରେମ ଆମାନଙ୍କ ପାଇଁ ଚିରସ୍ମରଣୀୟ। ତୋର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର (ପିଣ୍ଟୁ), ପୁତ୍ରବଧୂ (ଆନି), ଝିଅମାନେ- ମାମା, ଲୋମା, ଟିନି, ଜାମାତା- ବିଜୟ, ଜୟ, ପ୍ରଦୀପ, ନାତିଓନାତୁଣୀମାନେ- ଗୁଡୁଲି, ଲିଟିଲି, ମିଠି, ପୁପୁ, ଲିପୁନ୍, ନନ୍ଦିନୀ ଓ ନିକୁ ଏବଂ ଅନ୍ୟାନ୍ୟ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୯୪୪୮

### ଜନ୍ମଦିନ ଶୁଭେଚ୍ଛା



(କାହ୍ନା)

**ଶୁଭଙ୍କର ପରିଡ଼ା**

ମଉଗଜପୁର, ବିରିବାଟୀ, କଟକ

ତୋ ଜୀବନର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ପିତା- ସଞ୍ଜୟ କୁମାର ପରିଡ଼ା, ମାତା- ସୁଲୋଚନା ପରିଡ଼ା, ଶାନ୍ତିଲତା ପରିଡ଼ା, ଲକ୍ଷ୍ମୀଧର ପରିଡ଼ା, ବନଲତା ପରିଡ଼ା, ଦାଦାମାନେ- ଅଜୟ, ବିଜୟ, ଅକ୍ଷୟ, ଅଭୟ, ହୃଦୟ, ଧନଞ୍ଜୟ, ଚିନ୍ମୟ, ମୃତ୍ୟୁଞ୍ଜୟ। ଧ-୧୪୫୫୬


## କିଛି ତଥ୍ୟ

୨୦୧୬-୧୭ ଆର୍ଥିକ ବର୍ଷରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୬୪.୫ ବିଲିୟନ ଡଲାର ଥିବାବେଳେ ଏହା ୨୦୧୭-୧୮ରେ ୭୪.୫ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି।

**- ବାଣିଜ୍ୟ ମନ୍ତ୍ରଣାଳୟ**

## ବିଦ୍ୟୁତ୍ ଆଘାତରେ ...

ଚାନ୍ଦୁଆ ବିଟ୍‌ର ସୁନାପୋଷି ଜଙ୍ଗଲରେ ବୁଧବାର ସନ୍ଧ୍ୟାରେ ଘଟିଛି ଆଉ ଏକ ଘଟଣା, ଯେଉଁଠି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାର ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ବାର୍‌ହା ଶିକାର କରିବା ପାଇଁ ହେମାପୁରା ଗ୍ରାମ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ଲାଇନ୍‌ରୁ ଶିକାରୀମାନେ ଧାନ ଜମିରେ ତାର ବିଛାଇଥିଲେ। ବିଳମ୍ବିତ ରାତିରେ ଧାନ ଖାଇବାକୁ ଆସିଥିବା ଏକ ଦନ୍ତା ହାତୀ ଉକ୍ତ ବିଦ୍ୟୁତ୍ ଫାଶରେ ଛନ୍ଦି ହୋଇଯାଇଥିଲା। ଘଟଣାସ୍ଥଳରେ ହାତୀ ମରି ପଡ଼ିଥିବା ଦେଖି ଶିକାରୀମାନେ ନିକଟସ୍ଥ ବିଲରୁ ଧାନଗଛ କାଟି ତାହା ଉପରେ ଘୋଡାଇ ଦେଇଥିଲେ। ବୁଧବାର ସକାଳେ ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ମିଳିବା ମାତ୍ରେ ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ଦୀପ୍ତି ରଞ୍ଜନ ବିଶ୍ୱାଳଙ୍କ ସମେତ ଏକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ହାତୀର ଆନୁମାନିକ ବୟସ ୩୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାରେ ହେମାପୁରାର ୨ ଜଣଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିପାରିଥିବାବେଳେ ସେମାନେ ଫେରାର ହୋଇଯାଇଛନ୍ତି। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି ଏନେଇ ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି। ଠାକୁରଗଡ ପ୍ରାଣୀ ଡାକ୍ତର ଶାରଦା ତରେଇ ହାତୀର ଶବ ବ୍ୟବଚ୍ଛେଦ କରିବା ପରେ ତାହାକୁ ବନ ବିଭାଗ ପକ୍ଷରୁ ପୋତି ଦିଆଯାଇଛି। ଉଲ୍ଲେଖଥାଉ କି, କିଛିଦିନ ତଳେ ପାଲଲହଡ଼ାଠାରେ ଶିକାରୀମାନେ ବିଦ୍ୟୁତ୍ ତାର ବିଛାଇ ଏକ ଦନ୍ତା ଶିକାର କରିବା ପରେ ଦାନ୍ତ କାଟି ନେଇଥିଲେ। ଏହି ଘଟଣାରେ ଅଭିଯୁକ୍ତମାନେ ଧରା ପଡି ନାହାନ୍ତି। ଏବେ ଆଉ ଏକ ହାତୀ ମୃତ୍ୟୁକୁ ନେଇ ପରିବେଶବିତ୍ ତଥା ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି।

ସୁନାପୋଷି ଜଙ୍ଗଲରେ ମୃତ୍ୟୁ ଘଟିଥିବା ହାତୀର ବୟସ ୧୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବିଦ୍ୟୁତ୍ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ହାତୀର ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି । ଅପରପକ୍ଷରେ ୧୧ କେଭି ତାର କମ୍ ଉଚ୍ଚତାରେ ଥିବାରୁ ଏହି ଅଘଟଣ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରେ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲ୍ଲିକଙ୍କ ସମେତ ବନବିଭାଗର ଏକ ଟିମ୍ ପହଞ୍ଚି ତଦନ୍ତ କରୁଛି। ସୁନାପୋଷି ଜଙ୍ଗଲରେ ହାତୀଙ୍କ ଚଳପ୍ରଚଳ ଥିବା ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ପୂର୍ବରୁ ଖବର ଦିଆଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ବନଖଣ୍ଡ ଅଧିକାରୀ ସ୍ୱୟମ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀଙ୍କ ମତାମତ ମିଳିପାରିନାହିଁ ।

## ହାତୀ ସୁରକ୍ଷା ପାଇଁ ...

କିନ୍ତୁ ବିଶ୍ୱାଳ କମିଟି ସୁପାରିସ ଓଡ଼ିଶାରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଯେଉଁ କର୍ମଚାରୀ ସୁପାରିସ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମାନେକା ଚିଠିରେ ଲେଖିଛନ୍ତି। ହାତୀ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ନିଜେ ହାତୀ ସୁରକ୍ଷା ପାଇଁ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବାକୁ ମାନେକା ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୬ ଲକ୍ଷ ଏସ୍‌ଏଚ୍‌ଜିକୁ...

'ମମତା' ହେଉ କିମ୍ବା 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କିମ୍ବା ସମ୍ପତ୍ତି ଅଧିକାର, ଯେତେବେଳେ ରାଜ୍ୟ ସରକାର ଏପରି କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି, ସେତେବେଳେ ମହିଳାଙ୍କ ପାଇଁ ଆଉ ଏକ ପାଦ ଆଗକୁ ଯାଇ ସେମାନଙ୍କ ଲାଗି ଅଧିକ ସୁଯୋଗ ସୃଷ୍ଟି କରିଛନ୍ତି। ଆମେ ବହୁତ କିଛି ପଦକ୍ଷେପ ନେଇଛୁ। ଅନୁଷ୍ଠାନ ଗଢ଼ୁଛୁ। କୋଠାବାଡ଼ି, ରାସ୍ତା, ସେତୁ ଆଦି ନିର୍ମାଣ କରୁଛୁ। ମୁଁ ଏଠାରେ କହିବାକୁ ଚାହେଁ ଯେ, ଯେତେବେଳେ ମହିଳାମାନଙ୍କ ପାଇଁ ଆମେ କିଛି ପଦକ୍ଷେପ ନେଇଛୁ, ଏହା ରାଜ୍ୟର ବିକାଶ ଉପରେ ସର୍ବାଧିକ ପ୍ରଭାବ ପକାଇଛି। ଏହା ମୋତେ ସବୁଠାରୁ ଅଧିକ ଆନନ୍ଦ ଦେଇଛି। ଓଡ଼ିଶାର ମା'ମାନେ ମୋତେ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ। ଆପଣମାନେ ହେଉଛନ୍ତି ରାଜ୍ୟର ଶକ୍ତି ଏବଂ ଏହି ଶକ୍ତି ହିଁ ଆମର ଭବିଷ୍ୟତ ବିକାଶକୁ ଆଗେଇ ନେବ। ମହିଳାମାନଙ୍କ ରାଜନୈତିକ ସଶକ୍ତୀକରଣ କ୍ଷେତ୍ରରେ ବିଜୁବାବୁ ଥିଲେ ଅଗ୍ରଦୂତ। ସେ ପଞ୍ଚାୟତିରାଜ ଓ ପୌର ପରିଷଦଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ଆମ ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି।

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ରେ ମହିଳା ଉଦ୍ୟୋଗୀମାନଙ୍କୁ ଗୁରୁତ୍ୱ ଦିଆଯାଇଛି। ମୁଁ ବିଶେଷ ଆନନ୍ଦିତ ଯେ, ସେମାନଙ୍କ ମଧ୍ୟରୁ ଅନେକ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଏହି କନକ୍ଲେଭରେ ଯୋଗ ଦେଇଛନ୍ତି। ଆଲୋଚନାର ନିର୍ଯ୍ୟାସକୁ ବାସ୍ତବ ରୂପରେଖ ଦେବା ପାଇଁ ଆମେ ନିଶ୍ଚିତ ଭାବେ କାର୍ଯ୍ୟ କରିବୁ। ମହିଳା ସଶକ୍ତୀକରଣ ମୋର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୭୦ ଲକ୍ଷ ମହିଳା, ୬ ଲକ୍ଷ ସ୍ୱେଚ୍ଛାସେବୀ ସଂଗଠନ, ୫ ହଜାର କୋଟି ଟଙ୍କା ସଞ୍ଚୟ ଏବଂ ୨ ହଜାର କୋଟି ଟଙ୍କାର ବାର୍ଷିକ ବ୍ୟାଙ୍କ କାରବାର ହେଉଛି। ଏପରି କୌଣସି ଗାଁ ନାହିଁ ଯେଉଁଠାରେ ମିଶନ ଶକ୍ତି ଗ୍ରୁପ ନାହିଁ। ରାଜ୍ୟର ପ୍ରତି ଦୁଇଟି ପରିବାରରେ କେହି ଜଣେ ମିଶନ ଶକ୍ତିର ସଦସ୍ୟ ଅଛନ୍ତି। ମାତୃମୃତ୍ୟୁ ହାର କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ବହୁତ ଭଲ ସ୍ଥିତିରେ ଅଛି। ଡାକ୍ତରଖାନାରେ ପ୍ରସବ ସଂଖ୍ୟା ଆମ ରାଜ୍ୟରେ ରେକର୍ଡ ୯୦ପ୍ରତିଶତ ରହିଛି। ମହିଳାମାନଙ୍କ ସମ୍ପତ୍ତି ମାଲିକାନା ଓଡ଼ିଶାରେ ସର୍ବାଧିକ । ଆମ ରାଜ୍ୟରେ ଜନ୍ମ ନେଉଥିବା ମହିଳାଙ୍କ ଆୟୁଷରେ ହାରାହାରି ୧୦ବର୍ଷ ବୃଦ୍ଧି ହେଉଛି। କିଛିବର୍ଷ ତଳେ ଏକ ଜନଜାତି ବହୁଳ ଜିଲାର ଜିଲାପାଳ ମୋତେ କହିଥିଲେ ଯେ ମିଶନ ଶକ୍ତି ଗ୍ରୁପମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ବ୍ୟାଙ୍କଗୁଡିକ ପରସ୍ପର ସହିତ ପ୍ରତିଯୋଗିତା କରୁଛନ୍ତି। ରାଜ୍ୟରେ ମିଶନ ଶକ୍ତିର ଋଣ ପରିଶୋଧ ହାର ମଧ୍ୟ ୯୫ ପ୍ରତିଶତରୁ ଅଧିକ ରହିଛି। ଏହା ଅନ୍ୟ ରାଜ୍ୟଗୁଡ଼ିକଠାରୁ ବହୁତ ଭଲ ସ୍ଥିତି। ଋଣ ପରିଶୋଧ କ୍ଷେତ୍ରରେ ମା'ମାନଙ୍କ ଆନ୍ତରିକତାକୁ ସମ୍ମାନ ଦେଇ ରାଜ୍ୟ ସରକାର ମିଶନ ଶକ୍ତିଗୁଡିକୁ ୧ ପ୍ରତିଶତ ସୁଧରେ ଋଣ ଯୋଗାଇ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୧୧ରୁ ଶୀତ...

ଏବଂ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ଲଢ଼େଇ ହୋଇଛି। ସାଧାରଣ ନିର୍ବାଚନ ପୂର୍ବରୁ ହେବାକୁ ଥିବା ଏହି କ୍ଷମତାଯୁଦ୍ଧର ଫଳାଫଳ ଯେଉଁଦିନ ପ୍ରକାଶ ପାଇବ, ଠିକ୍ ସେହିଦିନ ପାର୍ଲାମେଣ୍ଟ ଶୀତ ଅଧିବେଶନ ଆରମ୍ଭ ହେଉଥିବାରୁ ଗୃହ ସରଗରମ ହେବା ସମ୍ଭାବନା ରହିଛି। ଏଥର ଅଧିବେଶନରେ ମୋଟ ୨୦ଟି କାର୍ଯ୍ୟଦିବସ ରହିବ। ଗୃହକାର୍ଯ୍ୟ ସୁରୁଖୁରରେ କରାଇବା ଲାଗି ସବୁ ଦଳର ସହଯୋଗ ଲୋଡ଼ାଯିବ ବୋଲି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଜୟ ଗୋଏଲ ସୂଚନା ଦେଇଛନ୍ତି। ଶୀତ ଅଧିବେଶନରେ ସରକାର ଟ୍ରିପଲ୍ ତଲାକ୍ ବିଲ୍‌କୁ ରାଜ୍ୟ ସଭାରେ ଉପସ୍ଥାପନ କରିବେ। ଯଦିଓ ଏହି ଛାଡ଼ପତ୍ର ପ୍ରଥାକୁ ଦଣ୍ଡନୀୟ ଅପରାଧ ଦର୍ଶାଇ ଏକ ଅଧ୍ୟାଦେଶ ଜାରି ହୋଇସାରିଛି, ତଥାପି ଆଇନରେ ସଂଶୋଧନ ଲାଗି ପାର୍ଲାମେଣ୍ଟର ଅନୁମତି ଲୋଡ଼ା। ଭାରତୀୟ ଭେଷଜ ପରିଷଦ ସଂଶୋଧନ ଅଧ୍ୟାଦେଶ ଏବଂ କମ୍ପାନୀ ସଂଶୋଧନ ଅଧ୍ୟାଦେଶ ପାର୍ଲାମେଣ୍ଟରେ ଗୃହୀତ କରାଇବାକୁ ସରକାର ଯୋଜନା ରଖିଛନ୍ତି। ସାଧାରଣତଃ ନଭେମ୍ବରରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ହୁଏ। କିନ୍ତୁ ଲଗାତର ଦୁଇବର୍ଷ ହେଲା ଏଥିରେ ବିଳମ୍ବ ଘଟି ଡିସେମ୍ବର ପର୍ଯ୍ୟନ୍ତ ଘୁଞ୍ଚିଯାଉଛି। ଏବର୍ଷ ମଧ୍ୟ ୫ ରାଜ୍ୟର ନିର୍ବାଚନ ପାଇଁ ବିଳମ୍ବ ହୋଇଛି।

## ଆଇନଜୀବୀଙ୍କ ଆନ୍ଦୋଳନ ...

ଏହି ମାମଲାର ଶୁଣାଣି ସମୟରେ ଆଡଭୋକେଟ ପଟ୍ଟନାୟକଙ୍କୁ ମାଡ଼ ମାରିଥିବା ୩ ପୋଲିସ କର୍ମଚାରୀ ହାଜର ହୋଇ ହାତଯୋଡ଼ି କ୍ଷମା ମାଗିଥିଲେ। ଏହା ପରେ କାର୍ଯ୍ୟରତ ଆଇନଜୀବୀଙ୍କ ସୁରକ୍ଷା, ସ୍ୱାର୍ଥ, ଏକତା ଓ ସମନ୍ୱୟତା ରକ୍ଷା କରିବା ପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବ ବୋଲି ଜଷ୍ଟିସ ଦାସ କହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତଙ୍କ କହିବା ଅନୁଯାୟୀ, ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯିବ। କମିଟିରେ ଜଣେ ଅବସରପ୍ରାପ୍ତ ବିଚାରପତି, ଗୃହ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ ସଦସ୍ୟମାନେ ସଭ୍ୟ ରହିବେ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଉକ୍ତ କମିଟି ମାଧ୍ୟମରେ ତାହାର ସମାଧାନ କରାଯିବ।

ସୂଚନାଥାଉକି, ଗତ ଅଗଷ୍ଟ ୨୮ରେ ଆଡଭୋକେଟ ଦେବୀପ୍ରସାଦଙ୍କୁ ଚାଉଳିଆଗଞ୍ଜ ଥାନା ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଆଇପିସି ଦଫା ୩୦୭ ଅନୁଯାୟୀ ମାମଲା ରୁଜୁ କରିବାକୁ ଆଇନଜୀବୀମାନେ ଦାବି କରିଥିଲେ। ମାତ୍ର ମାମଲାକୁ ହାଲୁକା କରିବା ପାଇଁ ପୋଲିସ ଚକ୍ରାନ୍ତ କରିଥିବା ଅଭିଯୋଗ କରି ଆଇନଜୀବୀମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ୭୭ ଦିନର କାର୍ଯ୍ୟବନ୍ଦ ଆନ୍ଦୋଳନ ମଧ୍ୟରେ ଅନେକ ଅପ୍ରୀତିକର ଘଟଣା ଘଟିଯାଇଛି। ତେବେ ବିବାଦରେ ଏକପ୍ରକାର ଯବନିକା ପଡ଼ିଥିଲେ ମଧ୍ୟ ଏହାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଗୁରୁବାର କରାଯିବ। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉକ୍ତ ମାମଲାର ଶୁଣାଣି କରାଯିବ।

## ସବୁ ବିଭ୍ରାଟ ...

ଦଇତାଙ୍କ ପାଇଁ ଟଙ୍କା ସବୁକିଛି। ସେମାନେ ଯେଉଁଠୁ ଟଙ୍କା ପାଇଲେ ସେଠୁ ଦାରୁ ଚିହ୍ନଟ କଲେ। ଦାରୁ ଚୟନରେ ବ୍ୟାପକ ବିଭ୍ରାଟ ହୋଇଛି। ସବୁ ବିଭ୍ରାଟ ମୂଳରେ ଦଇତା ରହିଛନ୍ତି। ଦାରୁ ଯଦି ଠିକ୍ ମାନର ଆସିଥାନ୍ତା, ତେବେ ଦୁଇଦିନ ପୂର୍ବରୁ ନିର୍ମାଣ ସରିଥାନ୍ତା। ଏମାନେ ବୁଢ଼ା ଦାରୁ ଆଣିବାରୁ ସମସ୍ୟା ଉପୁଜିଲା। ପୁରୀ, କଟକ, ଭୁବନେଶ୍ୱର ମଧ୍ୟରୁ ଦାରୁ ଆସିବା କଥା। ଜଗତ୍‌ସିଂହପୁର ଯିବାର କୌଣସି ଆବଶ୍ୟକତା ନ ଥିଲା। ଆମେ ଠିକ୍ ସମୟରେ ଶ୍ରୀବିଗ୍ରହ ନିର୍ମାଣ ଶେଷ କରିଛୁ। ଆମର କୌଣସି ଭୁଲ୍ ନାହିଁ।

ସୂଚନାଯୋଗ୍ୟ, ୨୦୧୫ ଥିଲା ମହାପ୍ରଭୁଙ୍କ ନବକଳେବର ବର୍ଷ। ମହାପ୍ରଭୁଙ୍କ ଶ୍ରୀବିଗ୍ରହ ନିର୍ମାଣ ନିମନ୍ତେ ଦାରୁ ଚୟନ ଏବଂ ସଂଗ୍ରହ ଲାଗି ସେହିବର୍ଷ ମାର୍ଚ୍ଚ ୧୫ରେ ବନଯାଗ ଯାତ୍ରା ଆରମ୍ଭ ହୋଇଥିଲା। ଏପ୍ରିଲ ୧୨ରେ ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ନିକଟ ଗଡ଼କଣ୍ଟୁଣିଆ ଗ୍ରାମରେ ଶ୍ରୀସୁଦର୍ଶନଙ୍କ ଦାରୁ, ଜଗତ୍‌ସିଂହପୁର ଜିଲା ଝଙ୍କଡ଼ସ୍ଥିତ ଶାରଳା ପୀଠରେ ବଡ଼ ଠାକୁରଙ୍କ ଦାରୁ, ଅଡ଼ଙ୍ଗଗଡ଼ରେ ସୁଭଦ୍ରାଙ୍କ ଦାରୁ ଏବଂ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତର ଖରିପଡ଼ିଆଠାରେ ଶ୍ରୀଜଗନ୍ନାଥଙ୍କ ଦାରୁ ଚିହ୍ନଟ ହୋଇଥିଲା। କିନ୍ତୁ ଗୋଟିଏ ଦାରୁ ଚିହ୍ନଟ ଏବଂ ଛେଦନ ପ୍ରକ୍ରିୟା ଶେଷ ହେବା ପରେ ଅନ୍ୟ ଏକ ଦାରୁର ଅବସ୍ଥିତି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଘୋଷଣା କରିଥିଲା। ଏପ୍ରିଲ ୨୪ରେ ସୁଦର୍ଶନଙ୍କ ଦାରୁ, ମେ' ୫ରେ ବଳଭଦ୍ରଙ୍କ ଦାରୁ, ମେ' ୧୨ରେ ସୁଭଦ୍ରାଙ୍କ ଦାରୁ ଏବଂ ମେ' ୨୨ରେ ଶ୍ରୀଜଗନ୍ନାଥଙ୍କ ଦାରୁ କୋଇଲି ବୈକୁଣ୍ଠରେ ପ୍ରବେଶ କରିଥିଲା। ଜୁନ୍ ୫ରୁ ଶ୍ରୀମନ୍ଦିର କୋଇଲି ବୈକୁଣ୍ଠରେ ହୋମଯଜ୍ଞ ସହ ୧୦ ମହାରଣାଙ୍କ ଦ୍ୱାରା ଶ୍ରୀବିଗ୍ରହଙ୍କ ନିର୍ମାଣ ଆରମ୍ଭ ହୋଇଥିଲା। ଜୁନ୍ ୧୫ ଥିଲା ବ୍ରହ୍ମ ସଂସ୍ଥାପନର ଦିବସ। ସେହିଦିନ ନିଶାର୍ଦ୍ଧରେ ବ୍ରହ୍ମ ସଂସ୍ଥାପନ ହେବା କଥା। କିନ୍ତୁ ଜୁନ୍ ୧୬ ସ୍ପଷ୍ଟ ଦିବାଲୋକରେ ବ୍ରହ୍ମ ସଂସ୍ଥାପନ ହୋଇଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ଦଇତାପତିଙ୍କ ମଧ୍ୟରେ ବିବାଦ ଏବଂ ଗୋଷ୍ଠୀକନ୍ଦଳ ଓ ମନଇଚ୍ଛା ବିବୃତ୍ତି ଏହି ବିଭ୍ରାଟକୁ ଅଧିକ ସଙ୍ଗିନ କରିଦେଇଥିଲା। ଶେଷରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ନିଜେ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ସ୍ତରରୁ ଦାବି ଉଠିବାରୁ ଦୀର୍ଘ ୩ ବର୍ଷ ପରେ ବ୍ରହ୍ମ ବିଭ୍ରାଟ ରିପୋର୍ଟ ଉପରେ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ। ବିଭ୍ରାଟକାରୀଙ୍କୁ ନୋଟିସ ଜାରି ହେବା ପରେ ଆରମ୍ଭ ହୋଇଛି ଆରୋପ ପ୍ରତ୍ୟାରୋପ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସାଙ୍ଗକୁ ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବା କାରଣରୁ ନୂତନ ଉତ୍ସାହ ନେଇ କାମ କରିବେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଅପରାହ୍ନରେ ବନ୍ଧୁ, ପରିବାର କ୍ଷେତ୍ରରେ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆଲୋଚନା ପରିସର, ସଭାସମିତି, କଳା, ସାହିତ୍ୟରେ ପ୍ରଶଂସିତ ହେବେ ।

**ବୃଷ**
ବହୁଦିନରୁ ଭଲ ସମ୍ପର୍କ ରହିଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡ଼ି ଦୂରେଇଯିବା କାରଣରୁ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଯାନବାହନ, ଜମିଜମା, ପ୍ରେସ୍,ପବ୍ଲିକେଶନ ସ୍ତରରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ। ପିଲାମାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ**
ସାଥୀ ମେଳରେ ବେଶି ସମୟ କଟାଇବା ସହ ଅନାବଶ୍ୟକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଘରର ବରାଦ ଅନୁଯାୟୀ ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣିପାରନ୍ତି। ପ୍ରଶାସନ, ପ୍ରକାଶନ, ସଂଗଠନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବା ଆଶଙ୍କା ରହିଛି।

**କର୍କଟ**
କର୍ମସ୍ଥାନରେ ସ୍ୱଗୃହୀ ଶୁକ୍ର ହେତୁ ସାମାଜିକ ସ୍ତରରେ ନିଜ ଲୋକଙ୍କୁ ମନେଇ କାର୍ଯ୍ୟସାଧନ କରିବେ। ଆଜି ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତି, ପରିବହନ କ୍ଷେତ୍ରରୁ ସୁଫଳ ମିଳିବ। କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ, ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ସିଂହ**
କର୍ମାଧିପ ଷଷ୍ଠ କାରଣରୁ ଅଫିସ୍‌ରେ ଅଟକି ରହିଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ପାରିବାରିକ ସମସ୍ୟାର ସମାଧାନ ଘଟିବ, ଏ ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆର୍ଥିକ ଅନଟନ ଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ହୋଇପାରନ୍ତି।

**କନ୍ୟା**
ଶନିଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ବଢ଼ିପାରେ। ବିଭିନ୍ନ ପ୍ରକାର ବାଧାବିଘ୍ନ ଓ ସମସ୍ୟା ଲାଗି ରହୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ତୁଳା**
ପାପଗ୍ରହ ଯୁକ୍ତ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ବହୁ ଦିନରୁ ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍ ବ୍ୟବହାର କରିବା କଷ୍ଟକର ହେବ।

**ବିଛା**
ଆଜି ଆପଣଙ୍କୁ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷ ପରୋକ୍ଷ ଭାବେ ସମାଲୋଚନା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରକାଶନ, ପ୍ରଶାସନିକ ସ୍ତରରେ ଅଭୀଷ୍ଟ ସିଦ୍ଧି ଘଟିବ। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ଅସାବଧାନତା କାରଣରୁ କୌଣସି ଜିନିଷ ହରାଇପାରନ୍ତି।

**ଧନୁ**
ଆକସ୍ମିକଭାବରେ ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରସ୍ପରିକ ଉତ୍ତମ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଠିକ୍ ରହିବ। ହୋଟେଲ, ଦୋକାନ, ବ୍ୟାବସାୟ, ବାଣିଜ୍ୟ ପ୍ରଭୃତିରେ ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର**
ପାରସ୍ପରିକ ମତଭେଦ କାରଣରୁ ଅଫିସରେ କାମଗୁଡ଼ିକ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ଅଘଟଣ ଘଟିପାରେ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲ ପାଇବା, ଅତିଥି ଚର୍ଚ୍ଚା, ଯାତ୍ରା, ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ**
କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ଗୃହ ନିର୍ମାଣ, ଗାଡ଼ି କିଣା, କରଜ ଦେବା, କାମରେ ମନ ଦେଇପାରନ୍ତି। ପରିବହନ, ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନ କିମ୍ବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମୀନ**
ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବ। ହଠାତ୍ ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଆତ୍ମଗ୍ଲାନି ଅନୁଭବ କରିପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର, ନଭେମ୍ବର ୧୫ ତାରିଖ, ମାସାନ୍ତ, ବିର୍ସା ମୁଣ୍ଡା ଜୟନ୍ତୀ, ରାଶି ନକ୍ଷତ୍ର-ସକାଳ ଘ୯।୦୭ମି. ଗତେ ଧନିଷ୍ଠା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୮ମି. ଗତେ ଘ୧୧।୩୧ମି. ମଧ୍ୟେ, ଘ୧୨।୫୪ମି. ଗତେ ଘ୨।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ୭।୨୨ମି. ମଧ୍ୟେ ଘ୧୧।୩୦ମି. ଗତେ, ଘ୧୨।୫୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୪ମି. ଗତେ ଘ୨।୧୭ମି. ମଧ୍ୟେ ରାହୁକାଳ।


DSPL-252
ODISHA ONE
ଓଡ଼ିଶା ଆମ ଗୌରବ
ଓଡ଼ିଶା ସରକାର
ହରିଦ୍ୱାର-ଋଷିକେଶ ଅଭିମୁଖୀ
୮ମ “ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା”ଟ୍ରେନ୍।
ଏଥର ଶୁଭାରମ୍ଭ ହେଉଛି ଏକ ନୂତନ ସ୍ଥାନରୁ।
ଟିଟିଲାଗଡ଼
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଆଜି ଅପରାହ୍ନ ଘ୧୨.୧୫ମି.ରେ
ଶ୍ରୀକ୍ଷେତ୍ର ପୁରୀରୁ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ
ତୀର୍ଥଯାତ୍ରୀମାନଙ୍କୁ ଶୁଭବିଦାୟ ଜଣାଇବା ସହିତ
ସମସ୍ତଙ୍କ ପାଇଁ ଏକ ମଙ୍ଗଳମୟ ଯାତ୍ରାର
କାମନା କରୁଛନ୍ତି।
ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା
ଓଡ଼ିଶା ସରକାର
ବରିଷ୍ଠ ନାଗରିକ
ତୀର୍ଥଯାତ୍ରା ଯୋଜନା
ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ
ଟିଟିଲାଗଡ଼ ଜଂ
TITLAGARH J
37001/13/0050/1819
ODISHA TOURISM
India's Best Kept Secret!
Website: www.odishatourism.gov.in / www.visitodisha.org | E-mail: oritour@gmail.com
@Naveen_Odisha
CMO. Odisha
@CMO_Odisha
CMO. Odisha

❝ ମହାନ୍ ସାଧୁସନ୍ଥମାନେ ଅଲୌକିକ କ୍ରିୟା ଦେଖାଇଛନ୍ତି। ମହତ୍ତର ସାଧୁସନ୍ଥମାନେ ତାକୁ ଉପହାସ କରିଛନ୍ତି। କିନ୍ତୁ କାର୍ଯ୍ୟତଃ ତାହା ଘଟାଇଛନ୍ତି।
–ଶ୍ରୀଅରବିନ୍ଦ



### ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# କୁକୁଡ଼ା ମାଂସରେ ବିଷ

"ଆମ ଘରକୁ କିଛି ଅତିଥି ଆସିଛନ୍ତି। ପ୍ରିୟେ! ସେମାନଙ୍କ ପାଇଁ ଆର୍ସେନିକ୍ ବିଷଯୁକ୍ତ ସ୍ୱାଦିଷ୍ଟ କୁକୁଡ଼ାମାଂସ ତରକାରି ତିଆରି କର। କ'ଣ, କରିପାରିବନି? ତା'ହେଲେ ଚାଲ ସେମାନଙ୍କୁ ଏକ ଭଲ ହୋଟେଲକୁ ନେଇ ଆର୍ସେନିକ୍ ବିଷଯୁକ୍ତ ତନ୍ଦୁରି ଚିକେନ୍ ଖାଇବାକୁ ଦେବା।"– ଏହା କୌଣସି ସଦ୍ୟ ବଲିଉଡ୍ ହତ୍ୟାରହସ୍ୟ ସ୍କ୍ରିପ୍ଟର ପଂକ୍ତି ନୁହେଁ। ଏହା ବାସ୍ତବ ଜୀବନର ଘଟଣା। ଆର୍ସେନିକ୍ ଏପରି ଏକ ମାରାତ୍ମକ ବିଷ, ଯାହାଦ୍ୱାରା ବିଭିନ୍ନ ନାଟକ, ଉପନ୍ୟାସ ଓ ଚଳଚ୍ଚିତ୍ର ପ୍ରଭୃତିରେ କେତେ ଚରିତ୍ରଙ୍କୁ ହତ୍ୟା କରାଯାଇଛି। କିନ୍ତୁ ଆମେ ଦୈନନ୍ଦିନ ଆହାରରେ ଯେ ଏହି ମାରାତ୍ମକ ଆର୍ସେନିକ୍ ଖାଉଛୁ, ସେ କଥା ଆମକୁ ଜଣାନାହିଁ।

ଆର୍ସେନିକ୍ ହେଉଛି ଦୁଇ ପ୍ରକାର– ଜୈବ ଓ ଅଜୈବ। ତେବେ ଜୈବ ଅପେକ୍ଷା ଅଜୈବ ଆର୍ସେନିକ ଯୌଗିକ ଅଧିକ ବିଷାକ୍ତ। ତାହା ମଣିଷ ଶରୀରର କୋଷଗୁଡ଼ିକ ସହ ପ୍ରତିକ୍ରିୟା କରି ସେଗୁଡ଼ିକର ଉପାଦାନଗୁଡ଼ିକୁ ବିସ୍ଥାପନ କରିବା ସହ କୋଷଗୁଡ଼ିକର କ୍ରିୟାକୁ ବଦଳାଇଦିଏ। ଉଦାହରଣସ୍ୱରୂପ ଶକ୍ତି ସୃଷ୍ଟି ଓ ସଂକେତ ପ୍ରଦାନ ପାଇଁ କୋଷଗୁଡ଼ିକ ଫସ୍‌ଫେଟ୍ ବ୍ୟବହାର କରନ୍ତି। କିନ୍ତୁ ଆର୍ସେନିକ୍‌ର ଗୋଟିଏ ରୂପ ଆର୍ସେନେଟ୍ କୋଷରୁ ଫସ୍‌ଫେଟ୍‌କୁ ବାହାର କରିଦେଇ ତା'ର ସ୍ଥାନ ମାଡ଼ିବସେ। ଫଳରେ କୋଷରେ ଶକ୍ତି ସୃଷ୍ଟି ହୋଇପାରେ ନାହିଁ କିମ୍ବା କୋଷଗୁଡ଼ିକ ସଂକେତ ଆଦାନପ୍ରଦାନ ମାଧ୍ୟମରେ ପରସ୍ପର ସହ ସମ୍ପର୍କ ରକ୍ଷା କରିପାରନ୍ତି ନାହିଁ। ଏହା ୨୦୦ରୁ ଅଧିକ ଏଞ୍ଜାଇମ୍‌ର କ୍ରିୟାକୁ ମଧ୍ୟ ବଦଳାଇଦିଏ। ଅର୍ଥାତ୍ ଏହା ଏକ ମାରାତ୍ମକ ବିଷର କାର୍ଯ୍ୟ କରେ। ଆର୍ସେନିକ୍‌ର ବିଷକ୍ରିୟା ବିଷୟରେ ଖ୍ରୀ.ପୂ. ୧୫୦୦ ପୂର୍ବରୁ ଇବର୍ସ ପାପିରସ୍‌ରେ ବର୍ଣ୍ଣନା ଅଛି। ଆର୍ସେନିକ୍‌ର ବିଷକ୍ରିୟା ଯୋଗୁ ବାନ୍ତି, ପେଟ ଯନ୍ତ୍ରଣା, ରକ୍ତଯୁକ୍ତ ତରଳ ଝାଡ଼ା, ହୃଦୟ ସମସ୍ୟା, ଲୋହିତ ରକ୍ତକଣିକାର ବିନାଶ, ମୁଣ୍ଡବୁଲା, ଭୟଙ୍କର ମାନସିକ ବିଶୃଙ୍ଖଳା, ଶକ୍, କୋମା ଓ ମୃତ୍ୟୁ ହୋଇପାରେ।

କିନ୍ତୁ କମ୍ ପରିମାଣର ଆର୍ସେନିକ୍ ଖାଦ୍ୟ ମାଧ୍ୟମରେ ଦୀର୍ଘଦିନ ଧରି ଗ୍ରହଣ କରିବା ମଧ୍ୟ ଚିନ୍ତାଜନକ ହୋଇପାରେ। କାଠରେ ଉଇ ନ ଲାଗିବା ପାଇଁ ଆର୍ସେନିକ୍ ବ୍ୟବହାର କରାଯାଉଥିଲା, ଯାହା ପୃଥିବୀର ଅନ୍ୟ ସବୁ ଦେଶରେ ନିଷିଦ୍ଧ ହୋଇଥିଲେ ମଧ୍ୟ ଭାରତରେ ଏବେ ବି ବ୍ୟବହାର କରାଯାଉଛି। କ୍ଷୀର, ଆପ୍‌ଲ ଜୁସ୍ ଓ ମଦ ପିଇବା ମାଧ୍ୟମରେ ଆମେ କମ୍ ପରିମାଣର ଆର୍ସେନିକ୍ ପ୍ରତ୍ୟହ ଗ୍ରହଣ କରୁଛୁ। ଏଫ୍‌ଡିଏ ଓ୍ୱାଇନ୍‌ର ୮୩ଟି ବ୍ରାଣ୍ଡରୁ ଉଚ୍ଚମାତ୍ରାର ଅଜୈବ ଆର୍ସେନିକ୍ ପାଇଛି। ଆମେ ଖାଉଥିବା ବିଭିନ୍ନ ପ୍ରକାର ମାଂସ, ମାଛ, କଙ୍କଡ଼ା, ଚିଙ୍ଗୁଡ଼ି, ଶାମୁକା ଓ ଚିକେନ୍‌ରେ ଆର୍ସେନିକ୍ ଅଛି। କମ୍ ମାତ୍ରାର ଆର୍ସେନିକ୍ କମ୍ ପ୍ରତିକ୍ରିୟା ଦେଖାଇଥାଏ। କିନ୍ତୁ ଦୀର୍ଘଦିନ ଧରି ନିୟମିତ ଏହି କମ୍ ମାତ୍ରାର ବିଷ ଖାଇଲେ ତାହା ଅଧିକ ବିପଦ ସୃଷ୍ଟି କରିଥାଏ। ଏଥିଯୋଗୁ ଭିଟାମିନ୍ ଏ ଅଭାବ ଦେଖାଦେବା ସହ ହୃଦ୍‌ରୋଗ, ଷ୍ଟ୍ରୋକ୍, ପୁରୁଣା ଶ୍ୱାସନଳୀ ରୋଗ, ଡାଇବେଟିସ୍, ଫୁସ୍‌ଫୁସ୍, ବ୍ଲାଡର ଓ ଚର୍ମ କର୍କଟ ଏବଂ କିଡ୍‌ନୀ ଓ ଯକୃତ ସମସ୍ୟା ସୃଷ୍ଟି ହୋଇଥାଏ। ଦୀର୍ଘଦିନ ଧରି ଆର୍ସେନିକ୍ ସଂସ୍ପର୍ଶରେ ଆସିଲେ ଚର୍ମ କଳା ବା ନାଲି ପଡ଼ିଯିବା, ଫୁଲିବା, ଆବୁଡ଼ାଖାବୁଡ଼ା ହେବା ଆଦି ଚର୍ମ ସମସ୍ୟା ଦେଖାଦେଇପାରେ। ଆଙ୍ଗୁଠିର ନଖଗୁଡ଼ିକରେ ଧଳାଧଳା ଗାର ପଡ଼ିପାରେ। ଉଭୟ ସେନ୍ସରୀ ଓ ମଟର ନର୍ଭରେ ବିକୃତି ଦେଖାଦେଇପାରେ। ଅନ୍ୟ ସମସ୍ୟା ହେଉଛି ଲାକ୍ଟିକ୍ ଏସିଡୋସିସ୍। ଆର୍ସେନିକ୍ କୋଷ ମଧ୍ୟକୁ ପୋଟାସିୟମ୍‌କୁ ଯିବାକୁ ଦିଏ ନାହିଁ। ପୋଟାସିୟମ୍‌ର ଅଭାବ ଜୀବନ ନାଶକାରୀ ହୃତ୍‌ସ୍ପନ୍ଦନରେ ବ୍ୟାଘାତ, ସ୍ନାୟବିକ ବିଶୃଙ୍ଖଳା, ଉଚ୍ଚ ରକ୍ତଚାପ ଏବଂ ରକ୍ତହୀନତା ସୃଷ୍ଟି କରିପାରେ।

ଏପିଡେମିଓଲୋଜିକାଲ ଅଧ୍ୟୟନଗୁଡ଼ିକରୁ ଜଣାପଡ଼ିଛି ଯେ, ଦୀର୍ଘଦିନ ଧରି ସ୍ୱଳ୍ପମାତ୍ରାର ଆର୍ସେନିକ୍ ସେବନ କରିବା ସହ ଟାଇପ୍‌-୨ ଡାଇବେଟିସ୍‌ର ସମ୍ବନ୍ଧ ରହିଛି। ଖାଦ୍ୟରେ ଆର୍ସେନିକ୍ ସେବନ କରୁଥିବା ଗର୍ଭବତୀ ମହିଳାମାନେ କମ୍ ଓଜନର ଶିଶୁ ଜନ୍ମ କରନ୍ତି।

ଆପଣ ଯେତେବେଳେ ବି ଚିକେନ୍ ଖାଉଛନ୍ତି, ସେତେବେଳେ ନିଶ୍ଚୟ ଆର୍ସେନିକ୍ ସେବନ କରୁଛନ୍ତି। ୧୯୪୦ ଦଶକରୁ କୁକୁଡ଼ାମାନଙ୍କୁ କମ୍ ଖାଦ୍ୟ ଦେଇ ମୋଟା କରିବା ଓ ଅଧିକ ଲାଭ କମେଇବା ପାଇଁ ଆର୍ସେନିକ୍ ଯୁକ୍ତ ଔଷଧ ଖାଇବାକୁ ଦିଆଯାଉଛି। ଏହି ଔଷଧର ନାମ ହେଉଛି ରୋକ୍ସାର୍ସୋନ୍ ଓ ନାଇଟାର୍ସୋନ୍। ଏହି ଔଷଧରେ ଥିବା ଆର୍ସେନିକ୍‌କୁ ଜୈବ ଓ ହାନିକାରକ ନୁହେଁ ବୋଲି କହି ତାକୁ ଅନୁମତି ଦିଆଯାଇଛି। କିନ୍ତୁ ୨୦୧୧ ମସିହାରେ ଜନ୍‌ସ ହପ୍‌କିନ୍ସ ସେଣ୍ଟର ଏହି ଦାବିକୁ ଭୁଲ୍ ବୋଲି ପ୍ରମାଣ କରିଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହି ଔଷଧରେ ଥିବା ଜୈବ ଆର୍ସେନିକ୍ କୁକୁଡ଼ା ଦେହରେ କ୍ୟାନ୍‌ସରକାରକ ଅଜୈବ ଆର୍ସେନିକ୍‌ରେ ପରିଣତ ହୋଇଥାଏ। ପୁନଶ୍ଚ ଯେତେବେଳେ ଉକ୍ତ କୁକୁଡ଼ା ମାରି ରନ୍ଧାଯାଏ, ସେଥିରେ ଥିବା ଆର୍ସେନିକ୍ ଅଧିକ କ୍ଷତିକାରକ ହୋଇଉଠେ। ୭୦ ପ୍ରତିଶତ କୁକୁଡ଼ାଙ୍କୁ ରୋକ୍ସାର୍ସୋନ୍ ଖାଇବାକୁ ଦିଆଯାଏ ବୋଲି ୨୦୦୬ରେ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏଗ୍ରିକଲ୍‌ଚର ଆଣ୍ଡ୍ ଟ୍ରେଡ୍ ପଲିସିର ରିପୋର୍ଟରୁ ଜଣାପଡ଼ିଛି। ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଉକ୍ତ ଆର୍ସେନିକ୍‌ଯୁକ୍ତ ଔଷଧକୁ ନିଷିଦ୍ଧ କରିବା ଲାଗି ଜନ୍‌ସ ହପ୍‌କିନ୍ସ ଏଫ୍‌ଡିଏକୁ ପରାମର୍ଶ ଦେଇଛି। ତେବେ ଏପର୍ଯ୍ୟନ୍ତ କୌଣସି ନିଷେଧାଦେଶ ଜାରି ହୋଇ ନ ଥିବା ବେଳେ ଆମେରିକାର କେତେକ କୁକୁଡ଼ା ଫାର୍ମ ସ୍ୱେଚ୍ଛାକୃତ ଭାବେ କୁକୁଡ଼ାମାନଙ୍କୁ ଉକ୍ତ ଔଷଧ ଦେବା ବନ୍ଦ କରିଛନ୍ତି। ଆର୍ସେନିକ୍‌ଯୁକ୍ତ କୁକୁଡ଼ାମାଂସ ଖାଇବା ଯୋଗୁ କ୍ୟାନ୍‌ସର ହେବା ନେଇ ଦେଶବ୍ୟାପି ଉଦ୍‌ବେଗ ପ୍ରକାଶ ପାଇବା ଯୋଗୁ ୨୦୧୧ ମସିହାରେ ଉକ୍ତ ଔଷଧ ନିର୍ମାତା କମ୍ପାନୀ ଫିଜର ଘୋଷଣା କରିଛି ଯେ, ସେମାନେ ଆମେରିକାରେ ଏ ଔଷଧ ଆଉ ବିକ୍ରି କରୁନାହାନ୍ତି। ତେବେ ଉକ୍ତ କମ୍ପାନୀ ଅନ୍ୟ ଦେଶଗୁଡ଼ିକରେ ଏ ଔଷଧ ବିକ୍ରି ଅବ୍ୟାହତ ରଖିଛି। ୟୁରୋପ, ଇଂଲଣ୍ଡ ଓ ଜାପାନ ସମେତ ୨୫ଟି ଦେଶରେ ଆର୍ସେନିକ୍‌ଯୁକ୍ତ ପଶୁଖାଦ୍ୟକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏସିଆ, କାନାଡା ଓ ଅଷ୍ଟ୍ରେଲିଆର ଅନେକ ଦେଶରେ ଏ ଖାଦ୍ୟ ଏବେ ବି ପ୍ରାଣୀମାନଙ୍କୁ ଦିଆଯାଉଛି।

ଭାରତୀୟ କୁକୁଡ଼ା ଫାର୍ମଗୁଡ଼ିକ ବ୍ୟାପକଭାବେ ରୋକ୍ସାର୍ସୋନ୍ ଓ ନାଇଟାର୍ସୋନ୍ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ୍‌ରେ ଆର୍ସେନିକ୍‌ଯୁକ୍ତ ପ୍ରାଣୀ ଖାଦ୍ୟ ସମ୍ପର୍କରେ ଅନୁସନ୍ଧାନ କଲେ ଆପଣ ୨୨,୩୦୦ ବିକ୍ରେତା ଓ ବିତରକଙ୍କୁ ପାଇପାରିବେ। ମାରାତ୍ମକ ଆର୍ସେନିକ୍‌ର ଉପସ୍ଥିତି ବିଷୟରେ ନ ଜାଣି ଭାରତରେ ଏବେ ଅଧିକରୁ ଅଧିକ ଲୋକ କୁକୁଡ଼ାମାଂସ ଖାଉଛନ୍ତି। ଭାରତରେ ପ୍ରକ୍ରିୟାକୃତ କୁକୁଡ଼ାମାଂସ ବିକ୍ରି ବର୍ଷକୁ ୧୫-୨୦% ହାରରେ ବୃଦ୍ଧି ପାଉଛି। ଭାରତରେ ବ୍ରଏଲର କୁକୁଡ଼ା ମାଂସରେ ଅନୁମୋଦିତ ମାତ୍ରାଠାରୁ ଅଧିକ ପରିମାଣର ଆର୍ସେନିକ୍ ରହୁଥିବା ଅନୁଧ୍ୟାନରୁ ଜଣାପଡ଼ିଛି। କର୍ତ୍ତୃପକ୍ଷ ଉକ୍ତ କୁକୁଡ଼ା ଫାର୍ମଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ତେବେ କେବଳ କୁକୁଡ଼ା ମାଂସ ଖାଉଥିବା ଲୋକମାନେ ନୁହନ୍ତି, ନିରାମିଷାଶୀମାନେ ଆର୍ସେନିକ୍ ବିଷର ଶିକାର ହେଉଛନ୍ତି। କାରଣ କୁକୁଡ଼ା ମଳକୁ କୃଷିକ୍ଷେତରେ ସାରଭାବେ ବ୍ୟବହାର କରାଯାଉଛି। କୁକୁଡ଼ା ମଳରେ ଥିବା ଜୀବାଣୁମାନେ ଜୈବ ଆର୍ସେନିକ୍‌କୁ ଅଜୈବ ଆର୍ସେନିକ୍‌ରେ ପରିଣତ କରିଦିଅନ୍ତି। ତେଣୁ ସେହି କ୍ଷେତରୁ ଅମଳ ହେଉଥିବା ପନିପରିବା ଓ ଶସ୍ୟରେ ଆର୍ସେନିକ୍‌ର ମାତ୍ରା ରହୁଛି। ପୁଣି କୁକୁଡ଼ା ମଳରେ ଥିବା ଆର୍ସେନିକ୍ ପାଣିରେ ଦ୍ରବୀଭୂତ ହୋଇ ଭୂତଳ ଜଳଭଣ୍ଡାରକୁ ବି ପ୍ରଦୂଷିତ କରିପାରେ। ତେଣୁ କୁକୁଡ଼ାମାନଙ୍କୁ ଆର୍ସେନିକ୍‌ଯୁକ୍ତ ଖାଦ୍ୟ ଓ ଔଷଧ ଦେବାକୁ ଆଇନ ଅନୁଯାୟୀ ନିଷିଦ୍ଧ କରାଯିବା ଦରକାର।

Email: gandhim@nic.in

# ମିଛ ଭିକାରି, ମିଛ ଭେକ



**ଛନ୍ଦା ମିଶ୍ର**

କୁହାଯାଏ, ଭେକ ଥିଲେ ଭିକ ମିଳେ। କୋଟ୍, ଟାଇ ପିନ୍ଧା ଭଦ୍ରବ୍ୟକ୍ତିଟି ପାଇଁ ଆପଣଙ୍କ ପକେଟରୁ ଦୁଇଟଙ୍କିଆଟିଏ ବାହାରିବ କି? ତେଣୁ ଭିକ ମାଗିବାକୁ ଆସୁଥିବା ଲୋକେ ଚିରାଫଟା ପିନ୍ଧି, ଆଲୁରୁବାଲୁରୁ ମୁଣ୍ଡ କରି, ଛିଣ୍ଡାଚପଲ ଓ କଣା ଟିଣଡବା ଧରି ଆପଣଙ୍କ ନିକଟରେ ହାତ ପତାନ୍ତି। ତାଙ୍କ ଦୟନୀୟ ଅବସ୍ଥା ଦେଖି ଆପଣଙ୍କ ପାଖରେ ଥିବା ଖୁଚୁରାଗୁଡ଼ିକ ଟିଣଡବା ଭିତରକୁ ଡେଇଁପଡିବାକୁ ବିକଳ ହୋଇଉଠନ୍ତି। ଆଉ ଭିକ୍ଷାପ୍ରାର୍ଥୀ ଯଦି ବିକଳାଙ୍ଗ ବା ସାଥିରେ ଥାଏ ଲଙ୍ଗଳା ଶିଶୁଟିଏ, ତେବେ ଆପଣଙ୍କ ମୁଣାରେ ଥିବା କାଗଜ ନୋଟ୍‌ଗୁଡ଼ିକ ବି ହୋଇଉଠନ୍ତି ଚଞ୍ଚଳ। ମନ୍ଦିରଗୁଡ଼ିକରେ ଆମଠାରୁ ଦାନ ଗ୍ରହଣ କରିବା ପାଇଁ ଯେଉଁ ଜୁଲମ ହୁଏ, ଊଣାଅଧିକେ କେହି ସେଥିରୁ ବାଦ୍ ପଡି ନ ଥିବେ। କେହି ବେତ ବାଡେଇ ହାତପତାଏ ତ ଆଉ କେହି 'ଠାକୁରଙ୍କୁ ହାତ ଖୋଲି ଦାନ କର' ବୋଲି କୁହାଟ ଛାଡେ।

କିଛିଦିନ ତଳର କଥା, ବିଶାଖାପାଟଣାର ସିଂହାଚଳମ୍ ମନ୍ଦିର ଭିତରକୁ ଯିବା ପାଇଁ ଶହେଟଙ୍କାର ଟିକେଟ କାଟି ଲାଇନରେ ଛିଡାହେଲୁ। ଅତ୍ୟନ୍ତ ପରିଷ୍କାର, ପରିଚ୍ଛନ୍ନ ମନ୍ଦିରଟିର ପୂଜାରୀ ନିକଟକୁ ଆସି ଗୋତ୍ର ଓ ନାମ ପଚାରି ସ୍ୱତନ୍ତ୍ର ଭାବେ ପୂଜା କରିବା ସହ ତୁଳସୀପତ୍ର, ଆଳତି ଓ ପାଦୁକା ଦେଲା ପରେ ବାହାରକୁ ଯାଇ ଭୋଗ ନେଇଯିବା ପାଇଁ କହିଲେ। ସର୍ବତ୍ର ଶୁଚି, ଶୃଙ୍ଖଳା ଓ ପବିତ୍ରତାର ଉପସ୍ଥିତି ବାରି ହୋଇପଡୁଥାଏ। ପରଦିନ ଶ୍ରୀକାକୁଳମ୍‌ର ଶ୍ରୀମୁଖଲିଙ୍ଗମ୍ ମନ୍ଦିରକୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା। ଆମ ମୁକ୍ତେଶ୍ୱର ଓ କେଦାରଗୌରୀ ମନ୍ଦିରର ପ୍ରତିଚ୍ଛବି ଦେଖିଲାପରି ଲାଗିଲା। ପଚାରି ବୁଝିଲି ତାହା କାଳେ ପୂର୍ବେ କଳିଙ୍ଗର ରାଜଧାନୀ ଥିଲା। ପରେ ରାଜା ସେଠାରୁ କଟକକୁ ରାଜଧାନୀ ସ୍ଥାନାନ୍ତର କରିଥିଲେ। ତେବେ ସେତେବେଳେ ଦଶଟି ବ୍ରାହ୍ମଣ ପରିବାରକୁ ରାଜା ଓଡ଼ିଶାରୁ ନେଇ ସେଠାରେ ମନ୍ଦିରର ପୂଜା ପାଇଁ ନିଯୁକ୍ତ କରିଥିଲେ। ସିଂହାଚଳମ୍‌ରେ ଦେଖିଥିବା ଦୃଶ୍ୟର ଠିକ୍ ବିପରୀତ ଏଠାରେ ଦେଖିବାକୁ ମିଳିଲା। ମନ୍ଦିର ଭିତର ଓ ବାହାର ନଡିଆ ଖୋଳପା, ଭଙ୍ଗାଦୀପ ଓ ଆବର୍ଜନାମୟ। ମନ୍ଦିର ବାହାରେ ଭିକାରି ଓ ଭିତରେ ପୂଜାରୀଙ୍କ ଦୌରାତ୍ମ୍ୟ। ଶହେ ଟଙ୍କା ଦେଲା ପରେ ବି ଗାଡିରେ ବସିଲା ପର୍ଯ୍ୟନ୍ତ ସେମାନେ ପାଖ ଛାଡୁ ନ ଥାନ୍ତି।

ଏତ ଗଲା ମନ୍ଦିରଗୁଡ଼ିକର ଦୃଶ୍ୟ। ଏହାଛଡା ଏବେ ସବୁ ଛକରେ, ସପିଙ୍ଗ୍ ମଲ୍ ସମ୍ମୁଖରେ ଓ ପାର୍କଗୁଡ଼ିକରେ ମାଇଚିଆ, ଅଣଓଡିଆ ମହିଳା ଓ ଛୋଟପିଲାଙ୍କ ପ୍ରାଦୁର୍ଭାବରେ ଲୋକେ ଅତିଷ୍ଠ ହେଲେଣି। ବେଶପଟା ହୋଇ ଦଳଦଳ ମାଇଚିଆ ଲୋକଙ୍କ ମୁହଁରେ ଦେହରେ ହାତମାରି ଟଙ୍କା ନ ଝଡାଇଲା ପର୍ଯ୍ୟନ୍ତ ଲୋକଙ୍କୁ ଅପଦସ୍ଥ କରିବାର ସମସ୍ତ ଉପାୟ ଅବଲମ୍ବନ କରୁଛନ୍ତି। ଏଥିରେ ଭଲ ରୋଜଗାର ହେଉଛି ଦେଖି, କିଛି ସୁସ୍ଥ ସବଳ ପୁରୁଷ ବି ଗାଲରେ ପାଉଡର ଓ ଓଠରେ ଲିପ୍‌ଷ୍ଟିକ୍ ମାରି, ଭିନ୍ନ ଢଙ୍ଗରେ ତାଳିଦେଇ ଏହି ପନ୍ଥା ଆପଣେଇଲେଣି। ଆମ ଭଦ୍ରଲୋକଙ୍କ ମାନସିକତାକୁ ବି ଧିକ୍। ଏ ଅକର୍ମାମାନଙ୍କୁ କୋଡିଏ ଟଙ୍କିଆଟେ ଧରାଇଦେବେ, କିନ୍ତୁ ଟଙ୍କାଏ ଆଠଣା ପାଇଁ ଝାଳନିଗିଡି ପଡୁଥିବା ମୂଲିଆ ବା ପରିବାଦୋକାନୀଟି ସହ କରିବେ ଝିକ୍ ଝିକ୍।

ତେବେ ଭିକ ସହ ଭେକର ସମ୍ପର୍କ ବେଶ୍ ନିବିଡ। ଭେକ ଯଦି ଠିକ୍ ଅଛି ତେବେ ଭିକ୍ଷାଥାଳ କେବେ ବି ଅପୂର୍ଣ୍ଣ ରହିବ ନାହିଁ। ସେଥିପାଇଁ ପରା, ନିଜକୁ ବିକଳାଙ୍ଗ ସଜାଇବା ପାଇଁ ଲୋକେ ଗୋଡ ଓ ହାତକୁ ପଛପଟେ ବାନ୍ଧି ଗୋଡହାତ ନ ଥିବାର ସୁନ୍ଦର ଅଭିନୟ କରୁଛନ୍ତି। ଏଇ କିଛିଦିନ ତଳେ ବାଙ୍ଗାଲୋରରେ କାର୍ଯ୍ୟରତ ଓଡ଼ିଆ ଦମ୍ପତି ନିଜ ସାତମାସର ଶିଶୁପୁତ୍ରଟି ପାଇଁ ଆୟାଟିଏ ଖଞ୍ଜିଦେଲେ। ସ୍ୱାମୀ ସ୍ତ୍ରୀ ଅଫିସ ଯିବା ପୂର୍ବରୁ ଆୟା ଆସି ଶିଶୁପୁତ୍ରଟିକୁ କୋଳକୁ ନିଏ ଓ ସେମାନେ ଅଫିସରୁ ଫେରିଲେ ତାଙ୍କ ହାତକୁ ଛୁଆ ବଢେଇଦେଇ ଘରକୁ ଫେରେ। ପ୍ରାୟ ତିନିଚାରି ମାସ ପରେ ଦମ୍ପତି ଲକ୍ଷ୍ୟ କଲେ ଯେ, ଛୁଆଟି ଦିନକୁଦିନ ଦୁର୍ବଳ ହୋଇଯିବା ସହ କିପରି ଏକ ଅସ୍ୱାଭାବିକ ଆଚରଣ କରୁଛି। ପଡୋଶୀଙ୍କଠାରୁ ଆୟାର ଗତିବିଧି ଉପରେ ନଜର ରଖିବାର ପରାମର୍ଶ ପାଇ ପରଦିନ ଠିକ୍ ସମୟରେ ଅଫିସ ଯିବାର ବାହାନା କରି ଲୁଚିରହି ଦେଖିଲେ। ପ୍ରାୟ ଅଧଘଣ୍ଟା ପରେ ନିଦ୍ରିତ ଶିଶୁକୁ ଧରି ଆୟା ଘରେ ତାଲା ପକାଇ ଅଟୋରେ ବସିଲା। ଷ୍ଟେଶନ ନିକଟସ୍ଥ ବସ୍ତିରୁ ମହିଳା ଜଣେ ଆସି ପାଞ୍ଚଟଙ୍କିଆଟେ ବଢାଇ ଦେଇ ଆୟା ହାତରୁ ଶିଶୁକୁ ନେଇ ଚାଲିଗଲା। ଅଳ୍ପ କିଛି ସମୟ ପରେ ଷ୍ଟେଶନର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏକ ଧଳା ଚାଦର ଉପରେ ଶିଶୁଟିକୁ ଶୁଆଇଦେଇ, 'ଛୁଆକୁ ସାଂଘାତିକ ବେମାରି ହୋଇଛି ସାହାଯ୍ୟ କର' କହି ମହିଳାଟି ବାହୁନିବାରେ ଲାଗିଲା। ନିଜ କ୍ରୋଧ ଓ ବିସ୍ମୟକୁ ଚାପିରଖି ସ୍ୱାମୀ ସ୍ତ୍ରୀ ପୋଲିସ ଡାକିଲା ପରେ ବାହାରିଲା ପ୍ରକୃତ ସତ। ଆୟା ସୁସ୍ଥ ପିଲାଙ୍କୁ ଅଫିମ ଖୁଆଇ ଏଇ କେତେ ଦିନ ବେଶ୍ ଭଲ ରୋଜଗାର କରିଥିଲା। କେବଳ ଏତିକି ନୁହେଁ, ଭିକ୍ଷାବୃତ୍ତି, ଚୌର୍ଯ୍ୟବୃତ୍ତି ଓ ବେଶ୍ୟାବୃତ୍ତିରେ ଲଗାଇବା ପାଇଁ ଏବେ ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ର୍ୟାକେଟ୍ ସକ୍ରିୟ। ଏହି ନିକଟରେ ଏକ ବଡ଼ ଚୋରି ର୍ୟାକେଟ ଧରାପଡିଲା ପରେ ପଦାକୁ ଆସିଛି ଅନେକ ତଥ୍ୟ। ର୍ୟାକେଟର ସର୍ଦ୍ଦାରଙ୍କ ମୁଖ୍ୟ ବେଉସା ଭିକ୍ଷାବୃତ୍ତି। ଏହି ସଉକିଆ ଭିକାରିଙ୍କର ମାତ୍ର ତିନୋଟି ସ୍ତ୍ରୀ ଓ ସାତୋଟି ପିଲାପିଲି ଏବଂ ପ୍ରାୟ ପ୍ରତ୍ୟେକ ସପ୍ତାହରେ ସେ ଉଡାଜାହାଜରେ ବସି ସହରକୁ ସହର ଭିକ୍ଷାମାଗିବା ପାଇଁ ଯାଆନ୍ତି।

ଭିକ୍ଷାବୃତ୍ତିରେ ନିୟୋଜିତ ଏହି ବ୍ୟକ୍ତିମାନେ ଶାରୀରିକ ଭାବେ ନୁହେଁ ମାନସିକ ରୂପେ ବିକଳାଙ୍ଗ। ସରକାର ଏମାନଙ୍କ ଥଇଥାନ ପାଇଁ ଅନେକ ଯୋଜନା କରିଥିଲେ ମଧ୍ୟ ଆମ ଲୋକଙ୍କ ଦାନୀପଣିଆ ଯୋଗୁ ଏମାନେ ପ୍ରୋତ୍ସାହିତ ହେଉଛନ୍ତି। ତେଣୁ ନିଜ ଘରେ, ବାଇକ, କାର ଓ ଦୋକାନରେ ଛୋଟ ବିସ୍କୁଟ ଡବାଟିଏ ରଖନ୍ତୁ। କେହି ହାତପତାଇଲେ ତାକୁ ଖାଲି ହାତରେ ଯିବାକୁ ନ ଦେଇ ଚାରିଖଣ୍ଡ ବିସ୍କୁଟ ବଢେଇ ଦିଅନ୍ତୁ। ଦେଖିବେ ସେ ଭ୍ରୂକୁଞ୍ଚନ କରି ଆପଣଙ୍କଠାରୁ ଦୂରେଇଯିବ। ଆପଣଙ୍କ ଦାତାପଣିଆ ବି ରହିବ ଓ ଆପଣ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହନ ବି ଦେବେନାହିଁ।

ମୋ-୯୪୩୭୪୫୩୬୧୦

## ଏଇ ଭାରତରେ

ବର୍ତ୍ତମାନର ଯୁଗକୁ ଇଣ୍ଟରନେଟ୍ ଯୁଗ କୁହାଯାଉଥିବା ବେଳେ ଏବକାର ପିଲାମାନେ ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି। ସହଜାତ ଗୁଣ ଯୋଗୁ କେତେକ ପିଲା ଖୁବ୍ କମ୍ ବୟସରେ ଅସାଧ ସାଧନ କରିପାରନ୍ତି ଯାହା ଜଣେ ବୟସ୍କ ଲୋକ ପକ୍ଷରେ ସମ୍ଭବ ହୋଇ ନ ଥାଏ। ଏପରି ଜଣେ ବିରଳ ପ୍ରତିଭାର ଅଧିକାରୀ ହେଉଛନ୍ତି ମୁମ୍ବାଇର ୧୩ ବର୍ଷ ବୟସ୍କା ପିଙ୍ଗ୍‌ଲା ରାହୁଲ। ତାଙ୍କୁ ବୁଧବାର 'ଡୁଡଲ୍ ଫର୍ ଗୁଗଲ୍' ପ୍ରତିଯୋଗିତାରେ ଜାତୀୟ ବିଜେତା ଘୋଷଣା କରାଯାଇଛି। କଳାପ୍ରିୟ ଛାତ୍ରୀଛାତ୍ରମାନେ ଗୁଗ୍‌ଲ ଲୋଗୋ ନିମନ୍ତେ ସେମାନଙ୍କ କଳ୍ପନାକୁ ଜୀବନ୍ତ ରୂପ ଦେଇଥିଲେ। ସମଗ୍ର ଦେଶରୁ ଏଥିପାଇଁ ୭୫,୦୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କ ନିମନ୍ତେ ଅନ୍‌ଲାଇନ୍ ଭୋଟିଂ ଅକ୍ଟୋବରରେ ଆରମ୍ଭ ହୋଇ ନଭେମ୍ବର ୬ ତାରିଖରେ ଶେଷ ହୋଇଥିଲା। ପ୍ରତିଯୋଗିତା ଲାଗି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୫ଟି ବୟସ ବର୍ଗରେ ବିଭକ୍ତ କରାଯାଇଥିଲା। ଚଳିତବର୍ଷର କଥାବସ୍ତୁ ଥିଲା 'ମୋତେ କ'ଣ ଅନୁପ୍ରେରିତ କରେ'। ମୁମ୍ବାଇସ୍ଥିତ ଜେ.ବି. ବଚ୍ଛ ହାଇସ୍କୁଲ୍‌ର ଅଷ୍ଟମ ଶ୍ରେଣୀ ଛାତ୍ରୀ ପିଙ୍ଗ୍‌ଲା ରାହୁଲ ଚୂଡାନ୍ତ ଚୟନ ପର୍ଯ୍ୟାୟରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ସେ 'ଗାଲାକ୍ସି, ସ୍ପେସ୍ ଏକ୍ସପ୍ଲୋରେଶନ୍' ଭିତ୍ତିକ ଏକ କଳାତ୍ମକ ଚିତ୍ର ଅଙ୍କନ କରି ବିଜୟୀ ହୋଇପାରିଛନ୍ତି। ପିଙ୍ଗ୍‌ଲା ରାହୁଲଙ୍କ ଅବିଶ୍ୱସନୀୟ ସୃଜନଶୀଳତା ପାଇଁ ଗୁଗ୍‌ଲ ମୁଖପାତ୍ର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଚିରନ୍ତନୀ

ଧରାର କେଉଁ ଅତଳ ତଳୁଁ
ଉଠିଲା ଭେଦି ବିଶ୍ୱମରୁ
ସକଳ ପଥେ ସକଳ ଘାଟେ
ଚକିତ କଲା ବାଜି,
ଶବଦ ନବ ଉଠିଲା କାହୁଁ ରାଜି।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଛାତ୍ର ସଂସଦ ନିର୍ବାଚନ: ଏକ ଅନୁଶୀଳନ



**ଅଚ୍ୟୁତ ସାମନ୍ତ**

ମୋର ମନେପଡ଼େ ଆମ ବିଦ୍ୟାଳୟରେ ଶ୍ରେଣୀପ୍ରତିନିଧି ବା ମନିଟର ଚୟନ କରାଯାଏ। ଶ୍ରେଣୀ ପ୍ରତିନିଧି ବ୍ୟତୀତ ସମଗ୍ର ବିଦ୍ୟାଳୟର ଛାତ୍ରପ୍ରତିନିଧି ମଧ୍ୟ ଚୟନ କରାଯାଏ। ମୁଁ କଟକ ଜିଲା ରଘୁନାଥପୁର ଅନ୍ତର୍ଗତ କଲରାବାଙ୍କ ପ୍ରାଥମିକ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ ମାଧ୍ୟମିକ ଶିକ୍ଷା ଲାଭ କରିଥିଲି। ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପଢ଼ିବା ସମୟରେ ମଧ୍ୟ ମୋତେ ଶ୍ରେଣୀପ୍ରତିନିଧିର ଦାୟିତ୍ୱ ଦିଆଯାଇଥିଲା। ବିଦ୍ୟାଳୟରେ ଅନେକ ସ୍ୱଚ୍ଛଳ ଓ ସ୍ୱାସ୍ଥ୍ୟବାନ୍ ପିଲା ଥାଉଥାଉ ମୋତେ କାହିଁକି ମନିଟର କରାଯାଉଛି ବୋଲି ଜାଣିପାରୁ ନ ଥିଲି। ପରେ ଜାଣିବାକୁ ପାଇଲି, ମୁଁ ଶ୍ରେଣୀରେ ଓ ସ୍କୁଲ୍‌ରେ ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ମୋତେ ପ୍ରତିନିଧି ଭାବେ ମନୋନୀତ କରୁଥିଲେ। ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ମୋତେ ଯେଉଁ ଦାୟିତ୍ୱ ଦିଆଯାଉଥିଲା ମୁଁ ତାହାକୁ ସୁଚାରୁ ରୂପେ ନିର୍ବାହ କରୁଥିଲି।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରପ୍ରତିନିଧି ଚୟନ ପ୍ରକ୍ରିୟା ବିଦ୍ୟାଳୟସ୍ତରର ଛାତ୍ରପ୍ରତିନିଧି ଚୟନ ପ୍ରକ୍ରିୟାଠାରୁ ସଂପୂର୍ଣ୍ଣ ଭିନ୍ନ। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ସମୟରେ ଏବେ ସାଧାରଣ ନିର୍ବାଚନ ଭଳି ପରିବେଶ ସୃଷ୍ଟି ହେଉଥିବା ହେଉଥିବା ଦେଖାଯାଉଛି। ସାଧାରଣ ନିର୍ବାଚନ ପରି ପ୍ରଚାର ଓ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ଉପାୟରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ଏବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ଅଣଛାତ୍ରଙ୍କ ଅବାଧ ପ୍ରବେଶ, ଏପରିକି ବିଭିନ୍ନ ରାଜନୈତିକ ଦଳର ହସ୍ତକ୍ଷେପ ଏହାକୁ ଅତି ତୀବ୍ର କରିପକାଇଛି।

ପିଲାମାନେ କଲେଜସ୍ତରରୁ ଦାୟିତ୍ୱସଂପନ୍ନ ହେବା ସହ ସେମାନଙ୍କଠାରେ ନେତୃତ୍ୱ ନେବାର ଦକ୍ଷତା ବିକଶିତ ହୋଇଥାଏ। ସେଥିପାଇଁ ୧୮ବର୍ଷ ବୟସରୁ ପ୍ରତ୍ୟେକ ନାଗରିକଙ୍କୁ ଭୋଟଦାନ ଅଧିକାର ଦିଆଯାଇଛି। ସେମାନେ ନିର୍ବାଚନରେ ପ୍ରାର୍ଥୀ ଚୟନ କରିପାରିବେ ଏବଂ ନିଜେ ମଧ୍ୟ ପ୍ରାର୍ଥୀ ହୋଇ ଦେଶ ପାଇଁ କାମ କରିବାର ସୁଯୋଗ ପାଇପାରିବେ।

ଛାତ୍ର ସଂସଦ ନିର୍ବାଚନ ଯେଉଁ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ସେଥିରୁ ଛାତ୍ରୀଛାତ୍ରମାନେ ଦୂରେଇ ଯାଉଥିବା ପରି ମନେହେଉଛି। ଏବେର ଛାତ୍ର ସଂସଦ ନିର୍ବାଚନ ସଂପୂର୍ଣ୍ଣ ବିଶୃଙ୍ଖଳିତ ଢଙ୍ଗରେ ହେବାରେ ଲାଗିଛି। ଛାତ୍ରୀଛାତ୍ରମାନେ ଦଳୀୟ ମନୋଭାବ ରଖି ପରସ୍ପର ଶତ୍ରୁତା ଆଚରଣ କରୁଥିବା ପରିଲକ୍ଷିତ ହେଉଛି। ନିର୍ବାଚନ ସମୟ ଆରମ୍ଭ ହେବା ବେଳକୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ନାମଲେଖା ଆରମ୍ଭରୁ ଶିକ୍ଷାବର୍ଷ ଶେଷ ପର୍ଯ୍ୟନ୍ତ ଏହାର ପ୍ରଭାବ ରହୁଛି। ଅନେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ସମୟରେ ବିଶୃଙ୍ଖଳା ଏତେ ମାତ୍ରାରେ ବୃଦ୍ଧି ପାଇଥାଏ ଯେ, ଶେଷକୁ କର୍ତ୍ତୃପକ୍ଷ ବାଧ୍ୟହୋଇ ଅନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରିଥାନ୍ତି।

ମୁଁ ନିଜର ଦୀର୍ଘଦିନର ଅଧ୍ୟାପନା ଅଭିଜ୍ଞତାରୁ ଜାଣିଛି ନିର୍ବାଚନ ସମୟରେ କିଭଳି ମହାବିଦ୍ୟାଳୟ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେଣୁ ଶାନ୍ତିପୂର୍ଣ୍ଣ ଛାତ୍ର ସଂସଦ ନିର୍ବାଚନ ବର୍ତ୍ତମାନ ପରିପ୍ରେକ୍ଷୀରେ ଜରୁରୀ ହୋଇପଡ଼ିଛି ଓ ଏଥିରେ ଯଥେଷ୍ଟ ସଂସ୍କାରର ଆବଶ୍ୟକତା ରହିଛି। ଏଥିପାଇଁ ଶିକ୍ଷା ନୀତି ନିର୍ଦ୍ଧାରକ, ପ୍ରଶାସନ ବା ଅଧ୍ୟକ୍ଷମାନେ ଅଧିକ ଚିନ୍ତା କଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା। ଛାତ୍ରୀଛାତ୍ରମାନେ ଯେତେ ପରିପକ୍ୱ ହେବେ, ରାଜ୍ୟ ଓ ଦେଶର ସେତେ ଉନ୍ନତି ହେବ। ଅନେକ ଉଚ୍ଚାଭିଳାଷୀ ପିଲା ଛାତ୍ରାବସ୍ଥାରୁ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାରଦର୍ଶିତା ପ୍ରତିପାଦିତ କରିଥାନ୍ତି। ଛାତ୍ରସଂସଦ ନିର୍ବାଚନ ଯୋଗୁଁ ସେମାନଙ୍କ ମଧ୍ୟରୁ ଅନେକଙ୍କର ଅପୂରଣୀୟ କ୍ଷତି ହୋଇଥାଏ।

ଆମ ମତରେ ଶାନ୍ତିପୂର୍ଣ୍ଣ ଛାତ୍ରସଂସଦ ନିର୍ବାଚନର ଆଉ ଏକ ଉପାୟ ହେଉଛି, ଯେଉଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଯେତୋଟି ବିଭାଗ ଅଛି ବା ଯେତିକି ବର୍ଷର ପାଠ୍ୟକ୍ରମ ରହିଛି, ପ୍ରତିବର୍ଷ ସେହି ବିଭାଗର ପିଲାଙ୍କ ମଧ୍ୟରୁ ଶ୍ରେଷ୍ଠ ପାଞ୍ଚଜଣ ଛାତ୍ର ବା ଛାତ୍ରୀଙ୍କୁ ମନୋନୀତ କିମ୍ବା ନିର୍ବାଚିତ କରାଯାଇପାରିବ। ମେଧା ଅନୁସାରେ ସେହି ପାଞ୍ଚଜଣ ଛାତ୍ରଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଆବେଦନ ଆହ୍ୱାନ କରାଯାଇପାରିବ। ଏହିପରି ଭାବେ ସମଗ୍ର ଅନୁଷ୍ଠାନରୁ ଯେଉଁ ୩୦-୪୦ ଜଣ ମେଧାବୀ ଛାତ୍ରୀଛାତ୍ର ବାହାରିବେ ସେମାନଙ୍କୁ ନେଇ ନିର୍ବାଚନ କରାଯାଇପାରନ୍ତା। ଯେଉଁ ମେଧାବୀ ଛାତ୍ରୀଛାତ୍ର ନିର୍ବାଚନ ଲଢ଼ିବାକୁ ଇଚ୍ଛା ନ କରିବେ ସେମାନଙ୍କଠାରୁ କମ୍ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦିଆଯାଇପାରନ୍ତା। ଯେତେ ସଂଖ୍ୟକ ଛାତ୍ର ନିର୍ବାଚନ ଲଢ଼ିବା ପାଇଁ ଆବେଦନ କରିବେ ସେମାନଙ୍କ ମଧ୍ୟରୁ ମେଧା ଅନୁସାରେ ଭଲ ପିଲାଙ୍କୁ ବଛାଯାଇ ଛାତ୍ର ସଂସଦ ସଭାପତି, ଉପସଭାପତି, ସଂପାଦକ ଓ ଅନ୍ୟ ପଦପଦବୀରେ ଚୟନ କରାଯାଇପାରନ୍ତା।

୨୦୦୬ ସେପ୍ଟେମ୍ବର ୨୨ ତାରିଖରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୟୁଜିସିକୁ ଦେଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ସର୍ବନିମ୍ନ ଉପସ୍ଥାନ ୭୫ ପ୍ରତିଶତ କିମ୍ବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ଉପସ୍ଥାନ ହାର ମଧ୍ୟରୁ ଯେଉଁଟି ଅଧିକ ହେବ, ସେତିକି ସଂଖ୍ୟକ ଉପସ୍ଥାନ ରହିବା ଆବଶ୍ୟକ। ଛାତ୍ରସଂସଦ ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଉପସ୍ଥାନ ବାଧ୍ୟତାମୂଳକ ଓ କଡ଼ାକଡ଼ି କରାଗଲେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ସେମାନଙ୍କ ଉପସ୍ଥାନ ବଢ଼ାଇବା ପାଇଁ ଚେଷ୍ଟାକରିବା ସହ ଅଧିକ ନମ୍ବର ରଖିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇପାରନ୍ତା। ଫଳରେ ପାଠପଢ଼ା ପାଇଁ ଏକ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରନ୍ତା। ସବୁଦିନ ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶାନ୍ତିଶୃଙ୍ଖଳା ବଜାୟ ରହିପାରନ୍ତା ତଥା ଛାତ୍ରୀଛାତ୍ରମାନେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରନ୍ତେ। ଉପରୋକ୍ତ ପ୍ରକ୍ରିୟାରେ ଛାତ୍ରସଂସଦ ନିର୍ବାଚନ ହେଲେ ନିର୍ବାଚନଜନିତ ବିଶୃଙ୍ଖଳାକୁ ଏଡ଼ାଇ ଦିଆଯାଇପାରନ୍ତା। କୌଣସି ଅଣଛାତ୍ର, ରାଜନୈତିକ ବ୍ୟକ୍ତି, ଅସାମାଜିକ ଗୋଷ୍ଠୀ କିମ୍ବା ବ୍ୟକ୍ତି ବିଶେଷ ଏହାର ଫାଇଦା ନେଇପାରନ୍ତେ ନାହିଁ। କୌଣସି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ସାଇନ-ଏ-ଡାଏ ଘୋଷଣା କରିବାକୁ ପଡ଼ନ୍ତା ନାହିଁ କିମ୍ବା ନିର୍ବାଚନ ନେଇ କୌଣସି ଅଧ୍ୟାପକ, ଅଧ୍ୟକ୍ଷ କିମ୍ବା କୁଳପତିଙ୍କୁ ଆଉ ବିବ୍ରତ ହେବାକୁ ପଡ଼ନ୍ତା ନାହିଁ। ଏହା ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୁଅନ୍ତା ନାହିଁ ଏବଂ ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଭ୍ରାତୃଭାବ ବଢ଼ିପାରନ୍ତା।

ପ୍ରତିଷ୍ଠାତା, କିଟ୍ ଓ କିସ୍

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | D | | | A | | 2 | 7 | | 6 | | | |
| D | | | 3 | | 4 | | 1 | 5 | | | | | | |
| 8 | | | | | | | | | | | A | 3 | | |
| 4 | A | C | 9 | | | | | 7 | | | 8 | | | 5 |
| | | 0 | 8 | 2 | | | E | | | B | | | | |
| | 0 | | | | | | C | | 6 | 5 | 9 | B | 7 | |
| | | 8 | 2 | 4 | | | | | 3 | | | D | 5 | A |
| 1 | | | | 8 | 0 | | 4 | A | | | | | | |
| A | | | | | E | B | | | 4 | | | | 0 | |
| 3 | 9 | B | | | | | | | | | | | | |
| 2 | | | | | | | 7 | 0 | A | | D | | | 1 |
| | | 5 | C | | B | | | 4 | | 9 | | | | 3 |
| | E | | | | | D | 3 | | | | | | A | 2 |
| B | 8 | | | | | 1 | | | | | | C | | E |
| | | | | | | | 6 | C | | 4 | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 6 | 9 | 5 | 7 | A | 2 | 1 | 0 | D | 8 | 3 | C | B | 4 |
| A | 8 | 0 | D | 2 | 4 | 3 | C | E | B | 9 | 1 | 7 | 6 | 5 |
| 2 | B | 7 | 9 | 8 | 6 | A | 4 | 5 | 0 | E | C | 3 | D | 1 |
| D | 3 | 4 | 0 | C | 1 | B | 9 | 7 | A | 6 | 5 | 8 | E | 2 |
| 1 | C | 5 | 3 | B | E | D | 8 | 6 | 2 | 7 | 4 | A | 9 | 0 |
| 8 | 1 | E | 2 | D | C | 0 | 5 | A | 9 | 4 | 6 | B | 7 | 3 |
| 6 | 9 | 2 | E | 4 | B | 1 | D | C | 7 | 3 | 0 | 5 | A | 8 |
| C | D | B | 7 | A | 3 | 9 | 6 | 4 | 5 | 2 | 8 | 0 | 1 | E |
| 5 | 0 | 3 | 6 | 9 | 8 | 7 | B | 2 | E | 1 | A | D | 4 | C |
| 4 | 7 | A | 1 | 0 | 5 | E | 3 | 8 | C | D | B | 6 | 2 | 9 |
| B | 2 | 1 | 8 | 5 | 7 | 4 | A | 9 | 3 | C | D | E | 0 | 6 |
| 9 | E | C | 4 | 6 | D | 8 | 0 | B | 1 | 5 | 7 | 2 | 3 | A |
| 7 | 4 | 8 | A | 3 | 0 | 5 | 2 | 1 | 6 | B | E | 9 | C | D |
| 0 | 5 | D | C | E | 9 | 6 | 7 | 3 | 4 | A | 2 | 1 | 8 | B |
| 3 | A | 6 | B | 1 | 2 | C | E | D | 8 | 0 | 9 | 4 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁପ୍ତ ନୀତିରୁ ମୁକ୍ତ ନୀତି

ମହାଶୟ,

ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ମହାପ୍ରଭୁଙ୍କ ଗୁପ୍ତନୀତି ରହିଥିବାରୁ ଏବଂ ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ତାହା ସାର୍ବଜନୀନ ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ସମ୍ବନ୍ଧରେ ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ବ୍ରହ୍ମ ମହାବିଭ୍ରାଟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ନାମ ପ୍ରକାଶ ଲାଗି ଓଡ଼ିଶାବାସୀ ଉତ୍କଣ୍ଠିତ ରହିଥିବା ବେଳେ ତାହା ସାର୍ବଜନୀନ ନ ହେବା ପରିତାପର ବିଷୟ। ଘଟ ପରିବର୍ତ୍ତନ ସମୟ ନିଶାର୍ଦ୍ଧ ପରିବର୍ତ୍ତେ ସ୍ପଷ୍ଟ ଦିବାଲୋକରେ ହେଉଥିବା ସମୟରେ କେତେକ ବ୍ୟକ୍ତି ଏହାର ଫଟୋ ନିଜ ନିଜ ମୋବାଇଲରେ ଉତ୍ତୋଳନ କରି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ କରିବାରୁ ଗୁପ୍ତନୀତି ମୁକ୍ତନୀତିରେ ପରିଣତ ହୋଇଥିଲା। ତେଣୁ ଆଉ ଗୁପ୍ତନୀତିର ଗୁରୁତ୍ୱ ଥିବାପରି ମନେ ହେଉନାହିଁ। ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତି ଯୋଗୁ ବିରୋଧର ସ୍ୱର ଚାରିଆଡୁ ଉଠିଲାଣି, ଯାହା କୋର୍ଟ କଚେରିକୁ ଯିବ। ନୀଳାଚଳ ନାଥ କେବେହେଲେ ଅପରାଧୀଙ୍କୁ କ୍ଷମା ଦେବେ ନାହିଁ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଭାଟ୍ ହ୍ରାସ ହେଉ

ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ହେତୁ ଜନ ଅସନ୍ତୋଷ ବଢୁଛି। ତତ୍ ସହ ଯାତ୍ରୀ ଭଡ଼ା, ପରିବହନ ଖର୍ଚ୍ଚ ଓ ନତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ସମତାଳରେ ବଢିଚାଲିଛି। ବହୁ ବିଳମ୍ବରେ କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ସାମାନ୍ୟ ହ୍ରାସ କରିଛନ୍ତି। ସାଧାରଣ ଖାଉଟିଙ୍କ ହିତ ଦୃଷ୍ଟିରୁ ଆମ ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ କିଛି ପରିମାଣରେ ହ୍ରାସ କଲେ ସାଧାରଣ ଖାଉଟି ଆଶ୍ୱସ୍ତି ଲାଭ କରନ୍ତେ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୯୩**

- ସର୍ଦ୍ଦାର ଫାରୁକ୍ ଅହମଦ ଖାଁ ଲେଘାରୀ ପାକିସ୍ତାନର ଅଷ୍ଟମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।
- ଆନ୍ଧ୍ରପ୍ରଦେଶର ମେହବୁବ୍ ନଗର ଜିଲା ଅନ୍ତର୍ଗତ ସୋମାସିଲା ଗ୍ରାମ ନିକଟରେ ନକ୍ସଲମାନଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ଫଳରେ ଜିଲା ଏସ୍‌ପିଙ୍କ ସହ ୧୦ ପୋଲିସ କର୍ମଚାରୀ ନିହତ।

# ‘ମେକ୍ ଇନ୍ ଓଡ଼ିଶା’ର ରକ୍ଷ୍ଟାର୍ ପାଲଟିଲେ ଜୟନ୍ତୀ



ମୁଖ୍ୟମନ୍ତ୍ରୀଙ୍କ ସହ କରମର୍ଦ୍ଦନ କରୁଛନ୍ତି ଜୟନ୍ତୀ ଏକ୍କା

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ବହୁ ଆଗକୁ ଯାଇଛି, ଯାହାର ଉଦାହରଣ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ‘ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍’ରେ ବୁଧବାର ଦେଖିବାକୁ ମିଳିଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ମହିଳା ଉଦ୍ୟୋଗୀ କର୍ମଶାଳାରେ ଯୋଗଦେଇଥିବା ପଶ୍ଚିମ ଓଡ଼ିଶାର ମହିଳା ଜୟନ୍ତୀ ଏକ୍କାଙ୍କ କାହାଣୀରେ ମହିଳାମାନେ ଆଜି କେଉଁଠି ପହଞ୍ଚିଛି, ତାହାର ନମୁନା ପ୍ରତିଫଳନ ହୋଇଛି। କେବଳ ସେତିକି ନୁହେଁ, ନିବେଶକ ସମ୍ମିଳନୀ ମଞ୍ଚରେ ଜୟନ୍ତୀଙ୍କ ସଫଳତାର କାହାଣୀ ଶୁଣି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛିଡ଼ାହୋଇ ତାଳି ବଜାଇଥିଲେ। ମଙ୍ଗଳବାର ଓଡ଼ିଶା ଜନ୍ମିତ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ରଙ୍କ ଫ୍ୟାଶନ ଶୋ’ ପରେ ବୁଧବାର ଜୟନ୍ତୀ ଏକ୍କାଙ୍କ କାହାଣୀ ମୁଖ୍ୟମନ୍ତ୍ରୀଙ୍କ ଷ୍ଟାଣ୍ଡିଂ ଓଭେସନ୍ ସାଉଁଟିବାରେ ସଫଳ ହୋଇଥିଲା। ସଫଳ ଓଡ଼ିଆମାନଙ୍କ ଏହି ସଫଳତାର କାହାଣୀ ମୁଖ୍ୟମନ୍ତ୍ରୀଙ୍କ କରତାଳି ଓ ସ୍ମିତହାସ୍ୟରୁ ସ୍ପଷ୍ଟ ବାରିହୋଇପଡ଼ିଥିଲା। ଅନ୍ୟପକ୍ଷରେ କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, କାର୍ଯ୍ୟକ୍ରମରେ ଯୋଗଦେଇଥିବା ବଡ଼ ବଡ଼ ନିବେଶକ, ଅତିଥି, ପ୍ରଶାସନିକ ଅଧିକାରୀ, ଏସ୍‌ଏଚ୍‌ଜି ସଦସ୍ୟମାନେ ମଧ୍ୟ ଜୟନ୍ତୀଙ୍କୁ ଛିଡ଼ାହୋଇ ସମ୍ମାନ ଜଣାଇଥିଲେ।

ସୁନ୍ଦରଗଡ଼ ଜିଲାର ଆଦିବାସୀ ଭିନ୍ନକ୍ଷମ ମହିଳା ଜୟନ୍ତୀ ଏକ୍କା। କଲ୍ୟାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଜୟନ୍ତୀ ‘ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍’ରେ ଯୋଗଦେଇ ମିଶନ ଶକ୍ତି ତାଙ୍କ ଜୀବନରେ କିଭଳି ପରିବର୍ତ୍ତନ ଆଣିଛି, ସେ ସମ୍ପର୍କରେ କହିଥିଲେ। ତେବେ ଜୟନ୍ତୀ ଏଭଳି ମଜାଳିଆ ଢଙ୍ଗରେ ନିଜର ବକ୍ତବ୍ୟ ରଖିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବି ନ ହସି ରହିପାରିଲେ ନାହିଁ। ପ୍ରାୟ ୨୦ ମିନିଟ ଧରି ଅତ୍ୟନ୍ତ ଧ୍ୟାନର ସହ ମୁଖ୍ୟମନ୍ତ୍ରୀ ଜୟନ୍ତୀଙ୍କ କଥା ଶୁଣିଥିଲେ। ଭାଷଣ ଶେଷ କରିବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲେ ବି ନିଜ କାହାଣୀ ନ ସରିବା ପର୍ଯ୍ୟନ୍ତ ଜୟନ୍ତୀ ଚୁପ୍ ହୋଇ ନ ଥିଲେ। ତେବେ ଜୟନ୍ତୀ ଏହି ଅବସରରେ କହିଥିଲେ, ଆମ ଆକାଉଣ୍ଟରେ ୬/୭ ଲକ୍ଷ ଟଙ୍କା ଜମା ହୋଇଗଲା। ଆମ ଜୀବନରେ ଏତେ ଟଙ୍କା କେବେ ଦେଖି ନ ଥିଲୁ। ଚାଷୀମାନଙ୍କର ଟଙ୍କା ଆଣିବାକୁ ଯେତେବେଳେ ବ୍ୟାଙ୍କକୁ ଗଲୁ ସେତେବେଳେ ଆମକୁ ବସ୍ତାରେ ଟଙ୍କା ଧରାଇ ଦେଲେ। ସେ ଟଙ୍କାକୁ ଆମେ କେମିତି ରଖିବୁ। ଆମର ତ ମାଟି ଘର। ଜୀବନକୁ ଡର ଥିଲା। ରାତିରେ ଯଦି କିଏ ଟଙ୍କା ନେଇଯିବ, ତେବେ ଆମେ କେମିତି ଚାଷୀଙ୍କୁ ତାଙ୍କ ଟଙ୍କା ଦେବୁ। କିନ୍ତୁ ମୋ ମୁଣ୍ଡରେ ଗୋଟିଏ ବୁଦ୍ଧି ଜୁଟିଲା। ଆମ ଘର ପାଖରେ ଏକ ଆମ୍ବ ଗଛ ଥିଲା। ସେହି ଗଛରେ ଟଙ୍କାକୁ ଟାଙ୍ଗି ଦେଲୁ ଆଉ ଆରାମରେ ଶୋଇଲୁ। ଆମ ଟଙ୍କା ସୁରକ୍ଷିତ ରହିଲା। ଜୟନ୍ତୀଙ୍କଠାରୁ ଏକଥା ଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ ଶିଳ୍ପପତି, ଅତିଥି, ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ହସି ଉଠିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ନିଜର ହସକୁ ଚାପି ପାରି ନ ଥିଲେ, ଯାହାକି ସେଠାରେ ଏକ ହାସ୍ୟରୋଳ ପରିବେଶ ସୃଷ୍ଟି କରିଥିଲା। ଏହାସହ ସେ ମିଶନ ଶକ୍ତିରେ ଯୋଗଦେବା ପରେ ନିଜର ଅଭିଜ୍ଞତା ସମ୍ପର୍କରେ ବଖାଣିଥିଲେ। ସମୟ ଅଧିକ ହେବା ଯୋଗୁ ତାଙ୍କୁ ରୋକାଯିବାରୁ ଜୟନ୍ତୀ ‘ସରି ସରି’ କହିବା ସହ ସମୟ ନ ଥିବାରୁ ପରବର୍ତ୍ତୀ ଅଧିବେଶନରେ ନିଜ କାହାଣୀ କହିବେ ବୋଲି ଆଶ୍ୱାସନା ଦେଇଥିଲେ। କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ଜୟନ୍ତୀଙ୍କୁ ଡାକି ତାଙ୍କ ବାବଦରେ ପଚାରିବା ସହ ହାତ ମିଳାଇଥିଲେ।

**ମୁଖ୍ୟମନ୍ତ୍ରୀ ଦେଲେ ଷ୍ଟାଣ୍ଡିଂ ଓଭେସନ୍**

**ତାଳି ବଜାଇ ରହିପାରିଲେନି ନିବେଶକ, ଅତିଥି**

# ‘ବିଶ୍ୱ ଦରବାରରେ ପହଞ୍ଚାଇବି ଓଡ଼ିଆ ବୁଣାକାରଙ୍କ କାରିଗରି’



ବିଭୁ ମହାପାତ୍ର

ରାଜ୍ୟର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ପ୍ରଡକ୍ଟର ଠିକ୍ ମୂଲ୍ୟ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ପାରମ୍ପରିକ ତଥା ଆଦିବାସୀ ପ୍ୟାଟର୍ନକୁ ନେଇ ଗତ ୭ ବର୍ଷ ତଳେ ପ୍ରାୟ ୩୭ ଡିଜାଇନ ପ୍ରସ୍ତୁତ କରିଥିଲୁ। ବଜାରରେ ଏହାର ଚାହିଦା ବର୍ତ୍ତମାନ ପର୍ଯ୍ୟନ୍ତ ରହିଛି। ଏଠାରେ ବୁଣାକାରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରିବାକୁ ବହୁତ ଇଚ୍ଛା ରହିଥିବା ବିଶିଷ୍ଟ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର କହିଛନ୍ତି। ବୁଣାକାରଙ୍କ କାରିଗରିକୁ ପ୍ରୋତ୍ସାହିତ କରିବା ସହ ଏ କ୍ଷେତ୍ରର ଉନ୍ନତି କରିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ‘ମେକ୍ ଇନ୍ ଓଡିଶା କନ୍‌କ୍ଲେଭ’ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି। ଓଡ଼ିଶାର ହସ୍ତତନ୍ତ ସାମଗ୍ରୀ କେବଳ ଦେଶ ତଥା ବିଦେଶରେ ପ୍ରସିଦ୍ଧ ଲାଭ କରିଛି। ଓଡିଆ ବୁଣାକାରଙ୍କ ସ୍ୱତନ୍ତ୍ରତା ବଜାୟ ରଖି ସେ ନୂଆ ଡିଜାଇନ ପ୍ରସ୍ତୁତ କରୁଛନ୍ତି ବୋଲି ବିଭୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୨୦ ‘ମେକ୍ ଇନ୍ ଓଡିଶା କନକ୍ଲେଭ’ରେ ଆଉ ଏକ ଫ୍ୟାଶନ ଶୋ’ ଆୟୋଜନ କରିବି। ସେଥିରେ ଗ୍ରାମାଞ୍ଚଳର ବୁଣାକାରମାନଙ୍କୁ ନିଜର କାରିଗରି କୌଶଳ ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ଏଠାକାର ବୁଣାକାରଙ୍କ ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ନୂଆଗାଁ ଯିବାକୁ ଗତ ସାତବର୍ଷ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ।

ସେଠାକାର ବୁଣାକାରଙ୍କ ଦୁରବସ୍ଥା ଦେଖି ସେ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ତାଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା। ସେମାନେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ସଂଗ୍ରାମ ଚଳାଇଛନ୍ତି। ଏହା କେବଳ ସେମାନଙ୍କ କାର୍ଯ୍ୟ ନୁହେଁ । ରାଜ୍ୟର କଳା ତଥା ବୁଣାକାର କାରିଗରିକୁ ଆଗକୁ ନେବା ଲାଗି ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ବ୍ୟକ୍ତିଗତ ସ୍ତରରେ ଏହା ଜଣଙ୍କ ପକ୍ଷରେ ହୁଏତ ସମ୍ଭବ ହୋଇ ନ ପାରେ। ସରକାରଙ୍କ ସହାୟତା ମିଳିଲେ ବୁଣାକାରଙ୍କ ସହ ମିଳିତ ଭାବେ ଏହି ଧାରାକୁ ଆଗେଇ ନେଇ ହେବ।

ଆଗାମୀ ପ୍ରୋଜେକ୍ଟରେ ଟସରରୁ ଉତ୍ପାଦିତ ସାମଗ୍ରୀକୁ ସାମିଲ କରିବାର ସେ ଯୋଜନା ରଖିଛନ୍ତି। କେବଳ ଶାଢ଼ି ନୁହେଁ ଏହାକୁ ହୋମୱେର ତଥା ହାଉସହୋଲ୍ଡ ମାଟେରିଆଲ ପ୍ରସ୍ତୁତ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏକ୍ଷେତ୍ରରେ ପ୍ରଡକ୍ଟର ବିଶ୍ୱ ସ୍ତରରେ ଏକ ବିରାଟ ବଜାର ରହିଛି। ଉକ୍ତ କ୍ଷେତ୍ରରେ କାର୍ଯ୍ୟରତ ରାଜ୍ୟର ବୁଣାକାର ଗୋଷ୍ଠୀଙ୍କ ନିକଟରେ ପହଞ୍ଚିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେମାନଙ୍କଠାରୁ ପ୍ରଡକ୍ଟ ଚୟନ କରିପାରିଲେ ଏହା ଭିନ୍ନତା ଆଣିପାରିବ ବୋଲି ବିଭୁ କହିଛନ୍ତି।

ବୁଣାକାରଙ୍କ ପ୍ରକୃତ ସାମର୍ଥ୍ୟକୁ ବୁଝି ସେହି ଅନୁସାରେ ବଜାର ଚାହିଦାକୁ ପୂରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ ପ୍ରସ୍ତୁତ ହେଉଥିବା ଫ୍ୟାବ୍ରିକ ଅନ୍ତର୍ଜାତୀୟ ସ୍ତରର ଡିଜାଇନରଙ୍କ ନିକଟରେ ପହଞ୍ଚାଇବାକୁ ସେ ଉଦ୍ୟମ କରୁଥିବା କହିଛନ୍ତି। ତାଙ୍କ ମତରେ, ଓଡିଶାରେ ଟେକ୍ସଟାଇଲ କ୍ଷେତ୍ରରେ ବିଶେଷ ସମ୍ଭାବନା ରହିଛି। ଏହି କ୍ଷେତ୍ରର ଉନ୍ନତିକରଣ ଲାଗି ପ୍ରଥମେ ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ପଡିବ। ଏହା ହେଲେ ସେମାନେ ଓଡିଶା ଆସିବା ସହ ଏଠାକାର ସ୍ଥିତିକୁ ପରଖି ପାରିବେ। ଏହି ଧାରାରେ ଆଗକୁ ଉନ୍ନତି ହୋଇ ପାରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଏହି କ୍ଷେତ୍ରରେ ଯଦି ନୂଆ ଯୋଜନାରେ ସାମିଲ ହୁଅନ୍ତି ତେବେ ବୁଣାକାରଙ୍କୁ ସେମାନଙ୍କ ସାମଗ୍ରୀର ଠିକ୍ ମୂଲ୍ୟ ପ୍ରଦାନ ସହ ସ୍ୱଚ୍ଛତା ଆଣିବା ଉପରେ ସେ ଧ୍ୟାନ ଦେବେ ବୋଲି କହିଛନ୍ତି। ଶାଢୀ ଉପରେ ବୁଣାକାରଙ୍କ ନାମ ଲେଖାଯିବା ଉପରେ ବିଭୁ ଗୁରୁତ୍ୱାରୋପ କରିଛନ୍ତି। ଏହା ସମ୍ଭବ ହେଲେ କୌଣସି ଗ୍ରାହକ ନିର୍ଦ୍ଦିଷ୍ଟ ବୁଣାକାରଙ୍କ ପ୍ରଡକ୍ଟ ତଥା ଷ୍ଟୋରି ସମ୍ପର୍କରେ ଜାଣିବା ସହଜ ହେବ। ମୋଟାମୋଟି ଭାବେ କହିବାକୁ ଗଲେ ଜଣେ ବୁଣାକାରର ନାମରେ ଗ୍ରାହକ ପ୍ରଡକ୍ଟ କ୍ରୟ କରିପାରିବେ। ଆଗକୁ ଆସିବାକୁ ଥିବା ୫୦ ନୂଆ ଡିଜାଇନରେ ଆଦିବାସୀ କ୍ରାଫ୍ଟ ତଥା ଆର୍ଟକୁ ସ୍ଥାନିତ କରିବାକୁ ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। ସେହିଭଳି ପାରମ୍ପରିକ ଡିଜାଇନର ପୁନରୁଦ୍ଧାର ଲାଗି ଫ୍ୟାଶନ ଡିଜାଇନ ଛାତ୍ରୀଛାତ୍ରମାନଙ୍କ ଲାଇଭ ପ୍ରୋଜେକ୍ଟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ଆଇଟି: ୩୯୦୦ କୋଟିର ନିବେଶ ପ୍ରସ୍ତାବ

■ ୬ କମ୍ପାନୀ ଦେଲେ ଦେଇଛନ୍ତି ପ୍ରସ୍ତାବ

■ ଭୁବନେଶ୍ୱରରେ ହେବ ଫ୍ୟାବ୍ ଲ୍ୟାବ, ଓରାକଲ୍ ଏକାଡେମୀ



ଭୁବନେଶ୍ୱର,୧୪-୧୧

ରାଜ୍ୟରେ ଆଇଟି,ଆଇଟିଇଏସ୍ ଏବଂ ଇଏସ୍‌ଡିଏମ୍ କ୍ଷେତ୍ରରେ ୬ଟି କମ୍ପାନୀ ୩୯୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ କରିବେ। ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ଏହି ସୂଚନା ଦେଇଛନ୍ତି। ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଆଇଟି ନିବେଶ ସଂକ୍ରାନ୍ତ କର୍ମଶାଳାରେ ବେହେରା କହିଛନ୍ତି ଯେ, ରିଲାଏନ୍ସ ୩,୦୦୦ କୋଟି ଟଙ୍କା, ଇଲେକ୍‌ଟ୍ରୋନିକ୍ସ ମାନୁଫାକଚରିଂ କ୍ଷେତ୍ରରେ ରଶ୍ମି ଏଣ୍ଟରପ୍ରାଇଜ୍ ୫୦୦ କୋଟି, ସ୍ୟାକ୍ ରୋବଟିକ୍ସ ଲ୍ୟାବ୍ ୩୦୦ କୋଟି,ସିଟେଲ୍ ଇନଫୋସିଷ୍ଟମ ୬୫ କୋଟି, ମାୟୋଟାସ ଟେକ୍ନୋଲୋଜି ୩୫.୯୫ କୋଟି, ସିରମା ୨୦ କୋଟି ଟଙ୍କା ନିବେଶ କରିବ। ଭୁବନେଶ୍ୱରକୁ ଆଇଟି ଶିଳ୍ପର ଏକ ପ୍ରମୁଖସ୍ଥଳ ଭାବେ ଗଢି ତୋଳିବା ଲାଗି ରାଜ୍ୟ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଓରାକଲ୍ ଇଣ୍ଡିଆ ଭୁବନେଶ୍ୱରରେ ଏକ ଏକାଡେମି ସ୍ଥାପନ କରିବ। ଏଥିଲାଗି କମ୍ପାନୀ ରାଜ୍ୟ ସରକାରଙ୍କ ସହ ଚୁକ୍ତିରେ ସାମିଲ ହୋଇଛି। ଏହା ଛାତ୍ରୀଛାତ୍ରଙ୍କୁ ଆଇଟି କ୍ଷେତ୍ରରେ କୁଶଳୀ କରିବାରେ ସହାୟକ ହେବ ବୋଲି ସେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ୟୁନିଭର୍ସିଟି ଅଫ୍ ଚିକାଗୋ ସହ ସରକାର ଚୁକ୍ତିରେ ସାମିଲ ହୋଇଛନ୍ତି। ଫ୍ୟାବ୍ ଫାଉଣ୍ଡେସନର ସହାୟତାରେ ଭୁବନେଶ୍ୱରେ ଏକ ଫାବ୍ରିକେଶନ ଲ୍ୟାବ ସ୍ଥାପନ ପାଇଁ ଯୋଜନା ରହିଛି। ଏହା ଏସ୍‌ଟିପିଆଇ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାପନ କରାଯିବ। ଆସନ୍ତା ଏପ୍ରିଲ ବେଳକୁ ଏହାକୁ କାର୍ଯ୍ୟକାରୀ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି କ୍ୟାରେକ୍ଟରାଇଜେଶନ ଲ୍ୟାବ ଏବଂ ଷ୍ଟାର୍ଟଅପ୍‌ଗୁଡିକୁ ସହାୟତା ଲାଗି ଏକ ଇନ୍‌କ୍ୟୁବେଟର ସ୍ଥାପନା ନେଇ ଲକ୍ଷ୍ୟ ରହିଥିବା ବେହେରା ସ୍ପଷ୍ଟ କରିଛନ୍ତି। ଓଡିଶାରେ ବର୍ତ୍ତମାନ ଦେଶର ପ୍ରମୁଖ ୫ ଆଇଟି କମ୍ପାନୀ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏଠାରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ)ଗୁଡିକର ଉନ୍ନତ ଉପସ୍ଥିତି ରହିଛି। ରାଜ୍ୟରେ ଆଇଟି କ୍ଷେତ୍ରର ବିକାଶ ଲାଗି ପ୍ରତିବର୍ଷ ବଜେଟରେ ୧୦୦୦ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

DADLS-176

**ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ ଓ ବକ୍ତୃତା ପ୍ରତିଯୋଗିତା**

ତା.୧୭.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
କୁଇଜ ପ୍ରତିଯୋଗିତା
ବର୍ଗ -ଅଷ୍ଟମ ରୁ ଦଶମ ଶ୍ରେଣୀ
ବକ୍ତୃତା ପ୍ରତିଯୋଗୀତା — ସମୟ ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା.୧୯.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ବକ୍ତୃତା ପ୍ରତିଯୋଗିତା — ସମୟ – ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ ।
- ପ୍ରତିଯୋଗିତା କେବଳ ଓଡିଆ ଭାଷାରେ ଅନୁଷ୍ଠିତ ହେବ ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇଦିଆଯିବ । ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା.୧୭.୧୧.୨୦୧୮ ରିଖ(ପ୍ରବନ୍ଧ, କୁଇଜ ଓ ବକ୍ତୃତା) ଏବଂ ୧୯.୧୧.୨୦୧୮ (ପ୍ରବନ୍ଧ ଓ ବକ୍ତୃତା) ସନ୍ଧ୍ୟା ୫.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0388/1819

## ଗୋପାଳପୁରରେ ଚା ପ୍ୟାକେଜିଂ ୟୁନିଟ କରିବ ଟାଟା ଗ୍ଲୋବାଲ ବେଭରେଜ୍

**ଭୁବନେଶ୍ୱର,୧୪।୧୧:** ଟାଟା ଗ୍ଲୋବାଲ ବେଭରେଜେସ ଲିମିଟେଡ (ଟିଜିବିଏଲ୍) ଗୋପାଳପୁରସ୍ଥିତ ଶିଳ୍ପ ପାର୍କରେ ଏକ ଚା ପ୍ୟାକେଜିଂ ୟୁନିଟ ବସାଇବ। ଏଥିଲାଗି କମ୍ପାନୀ ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ ଲିମିଟେଡ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ସହ ଲେଟର ଅଫ୍ ଇଣ୍ଟେଣ୍ଟ (ଏଲ୍‌ଓଆଇ) ସ୍ୱାକ୍ଷର କରିଛି। ଉକ୍ତ ୟୁନିଟର ବାର୍ଷିକ କ୍ଷମତା ୩୬ ନିୟୁତ କିଲୋ ରହିବ। କମ୍ପାନୀର ଦକ୍ଷିଣ ଏସିଆ ଅପରେସନ୍ସ ଉପସଭାପତି ଏସ୍.ଏସ୍ ମଲ୍‌ହୋତ୍ରା, ଟିଏସ୍‌ଏସ୍‌ଇଜେଡ୍‌ଏଲର ଏମ୍‌ଡି ଆଶିଷ ମାଥୁରଙ୍କ ମଧ୍ୟରେ ମେକ୍ ଇନ୍ ଓଡିଶା କନକ୍ଲେଭ ଅବସରରେ ଏଲ୍‌ଓଆଇ ସ୍ୱାକ୍ଷର ହୋଇଥିଲା। ଏହି ଅବସରରେ ଟାଟା ସନ୍ସ ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେକରନ , ଟାଟା ଷ୍ଟିଲ ଏମ୍‌ଡି ତଥା ସିଇଓ ଟି.ଭି ନରେନ୍ଦ୍ରନଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୨୦ ସୁଦ୍ଧା ଉକ୍ତ ୟୁନିଟକୁ କାର୍ଯ୍ୟକ୍ଷମ କରାଇବା ଲାଗି ଯୋଜନା ରହିଛି। ଏହା ଦ୍ୱାରା ୬୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ଲାଣ୍ଟରେ ୧୦୦ କୋଟି ଟଙ୍କା ନିବେଶ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

DSPL - 254

ଓଡ଼ିଶା ସରକାର

**ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ଓଡ଼ିଶାର ଆଉ ଏକ କୃତିତ୍ୱ ।**

କଟକଠାରେ ନଭେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ଆୟୋଜନ କରୁଛି ତୃତୀୟ ସର୍ବଭାରତୀୟ ଜୁଡ଼ୋ କ୍ଲଷ୍ଟର ୨୦୧୮ ।

ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି ଦେଶର ୩୩ଟି ରାଜ୍ୟ ପୋଲିସ୍ ଓ କେନ୍ଦ୍ରୀୟ ପୋଲିସ୍ ବଳରୁ ୧୨୦୦ ପ୍ରତିଯୋଗୀ ।



ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

12029/13/0049/1819





ନିଜର ମୌଳିକତା ଉପରେ ନିର୍ଭର କର, ଅନୁକରଣ କରିବା ପାଇଁ ବ୍ୟାକୁଳ ହୋଇ ଉଠନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



■ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ

# ୧୦ ସେବକଙ୍କ ପାଖରେ ପହଞ୍ଚିଲା ନୋଟିସ

**ପୁରୀ ଅଫିସ,୧୪।୧୧**

ବ୍ରହ୍ମ ବିଭ୍ରାଟ ଘଟଣାରେ ୯ ଜଣ ଦଇତାପତି ଓ ଜଣେ ମହାରଣା ସେବକଙ୍କ ପାଖରେ ନୋଟିସ ପହଞ୍ଚିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି। ନୋଟିସ ପାଇଥିବା ତାଲିକାରେ ଦଇତାପତି ନିଯୋଗର ସଭାପତି ଓ ସମ୍ପାଦକ ରହିଛନ୍ତି। ଦଇତାପତି ନିଯୋଗ ସଭାପତି ବର୍ତ୍ତମାନ ବିଜୁ ଜନତା ଦଳରେ ରହିଥିବାବେଳେ ସରକାରଙ୍କ ଏକ ନିଗମର ଅଧ୍ୟକ୍ଷ ଦାୟିତ୍ୱରେ ମଧ୍ୟ ଅଛନ୍ତି। ତେବେ ଦଇତାପତିଙ୍କ ନେତୃତ୍ୱ ନେଉଥିବା ୨ ବ୍ୟକ୍ତି ବ୍ରହ୍ମ ବିଭ୍ରାଟରେ ଫସିବା ଘଟଣାକୁ ନେଇ ଏବେ ସହରରେ ଚର୍ଚ୍ଚା ଜୋର୍ ଧରିଛି।

ନୋଟିସ ପହଞ୍ଚିଥିବା ୯ ଦଇତାପତି ହେଲେ ନିଯୋଗ ସଭାପତି ରାମକୃଷ୍ଣ ଦାସମହାପାତ୍ର, ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର, ଜୟକୃଷ୍ଣ ଦାସମହାପାତ୍ର, କାଶୀନାଥ ଦାସମହାପାତ୍ର, କୃଷ୍ଣଚନ୍ଦ୍ର ଦାସମହାପାତ୍ର, କୀର୍ତ୍ତି ଦାସମହାପାତ୍ର, ବିଶ୍ୱନାଥ ଦାସମହାପାତ୍ର, ନବକିଶୋର ଦାସମହାପାତ୍ର, ନବକିଶୋର ପତିମହାପାତ୍ର ଏବଂ ଅନ୍ୟ ଜଣେ ହେଲେ ମହାରଣା ସେବକ କୃଷ୍ଣ ଚନ୍ଦ୍ର ମହାରଣା। ବୁଧବାର ସନ୍ଧ୍ୟାରେ ସେମାନଙ୍କ ପାଖରେ ନୋଟିସ୍ ପହଞ୍ଚିଥିବା କୁହାଯାଉଛି। କିନ୍ତୁ କୌଣସି ସେବାୟତ ଏ ସଂକ୍ରାନ୍ତରେ ମୁହଁ ଖୋଲିବାକୁ ନାରାଜ। ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ଠାକୁରଙ୍କ ଗୁପ୍ତ ନୀତି ରହିଥିବା ଦର୍ଶାଇ ତାହାକୁ ଚାପି ଦିଆଯାଇଥିବାବେଳେ ବିଭ୍ରାଟକାରୀଙ୍କ ନାମ ଗଣମାଧ୍ୟମ ଆଗରେ କାହିଁକି ସ୍ପଷ୍ଟ କରାଯାଉ ନାହିଁ ବୋଲି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ନୋଟିସ ହୋଇଥିବା ସେବାୟତଙ୍କ ନାଁ କାହିଁକି ସର୍ବସାଧାରଣଙ୍କୁ ଜଣାଉନାହିଁ ତାହା ମଧ୍ୟ ସନ୍ଦେହ ଘେରରେ। ତେବେ ପ୍ରାଥମିକ ତଦନ୍ତକୁ ଭିତ୍ତି କରି କାଶୀନାଥ ଦାସମହାପାତ୍ର ଏବଂ ତାଙ୍କ ପୁଅ ଜୟକୃଷ୍ଣ ଦାସମହାପାତ୍ରଙ୍କୁ ୨୦୧୫ରେ ନିଲମ୍ବିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ନିଲମ୍ବନକୁ ଶ୍ରୀମନ୍ଦିର ପ୍ରଶାସନ ପ୍ରତ୍ୟାହାର କରିନେଇଥିଲା। ବର୍ତ୍ତମାନ ପୁଣି ସେମାନଙ୍କୁ ନୋଟିସ କରାଯିବାକୁ ନେଇ ମଧ୍ୟ ଭିନ୍ନ ଚର୍ଚ୍ଚା ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ତତ୍କାଳୀନ ମୁଖ୍ୟ ପ୍ରଶାସକ ଯାହା ବୟାନ ରେକର୍ଡ କରିଥିଲେ ତାହା ତାଙ୍କ ରିପୋର୍ଟରେ ଭିନ୍ନ ରହିଛି। ଏପରିକି ଏଥିରେ ତାଳମେଳ ରହୁ ନ ଥିବା ନେଇ ବ୍ରହ୍ମ ବିଭ୍ରାଟ ରିପୋର୍ଟର ତର୍ଜମା ପାଇଁ ଗଠିତ ସବ୍ କମିଟି ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ରିପୋର୍ଟକୁ ସବ୍‌କମିଟି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବାବେଳେ କିଭଳି ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।



■ତାଲିକାରେ ଦଇତାପତି ନିଯୋଗ ସଭାପତି, ସମ୍ପାଦକ
■ରିପୋର୍ଟ ଉପରକୁ ଅଙ୍ଗୁଳି ଉଠାଇଛି ସବ୍ କମିଟି

# ଅନ୍‌ଲାଇନରେ ମହାପ୍ରସାଦ ବିକ୍ରିକୁ ବିରୋଧ

**ପୁରୀ ଅଫିସ,୧୪।୧୧**

ମହାପ୍ରଭୁଙ୍କ ମହାପ୍ରସାଦ ଭାଗ୍ୟରେ ଥିଲେ ମିଳେ। ଶ୍ରୀମନ୍ଦିରକୁ ଆସୁଥିବା ପ୍ରତିଟି ଶ୍ରଦ୍ଧାଳୁ କଣିକାଏ ଅବଢ଼ା ପାଇବା ପାଇଁ ଅପେକ୍ଷା କରିଥାନ୍ତି। ବିଶ୍ୱାସ ରହିଛି ମହାପ୍ରସାଦ ପାଇଲେ ଜୀବ ମୁକ୍ତି ଲାଭ କରେ। ମହାପ୍ରସାଦ ପ୍ରତି ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ରହିଛି। ମହାପ୍ରଭୁଙ୍କ ଦର୍ଶନ ଏବଂ ମହାପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଛୁଟି ଆସିଥାନ୍ତି। ହେଲେ ଏହାର ସୁଯୋଗ ନେଇ ମହାପ୍ରସାଦକୁ ବ୍ୟବସାୟୀକରଣ କରିବା ଆରମ୍ଭ ହୋଇଛି। ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଆରମ୍ଭ କରିବା ସହ ଏଥିଲାଗି ଏକ ୱେବ୍‌ସାଇଟ୍ ମଧ୍ୟ ଖୋଲିଛି। ଏହି ଘଟଣା ପଦାକୁ ଆସିବା ପରେ ଏହାକୁ ନେଇ ବିରୋଧାଭାସ ସୃଷ୍ଟି ହୋଇଛି। ଏନେଇ ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଅଭିଯୋଗ ଏବଂ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

ଅନ୍‌ଲାଇନରେ ମହାପ୍ରଭୁଙ୍କ ମହାପ୍ରସାଦ ମିଳିବ ବୋଲି ସାମାଜିକ ଗଣମାଧ୍ୟମରେ ଏକ ବିଜ୍ଞାପନ ପୋଷ୍ଟ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଏବେ ଘରେ ବସି ପାଆନ୍ତୁ ପ୍ରଭୁ ଜଗନ୍ନାଥଙ୍କର ମହାପ୍ରସାଦ। ସବୁ ପ୍ରକାର ଭୋଗ, ପ୍ରସାଦ, ଛପନ ଭୋଗ, ଶୃଙ୍ଖଳା ଭୋଗ ସୁଲଭ ମୂଲ୍ୟରେ ଘରେ ବସି ପାଆନ୍ତୁ ବୋଲି ଦର୍ଶାଯାଇଛି। ଏଥିପାଇଁ www.puribhog.com ନାମରେ ଏକ ୱେବ୍‌ସାଇଟ୍ ଖୋଲାଯାଇଛି। ଆଗ୍ରହୀମାନେ ଏହି ୱେବ୍‌ସାଇଟ୍‌କୁ ଯାଇ ଘରେ ବସି ମହାପ୍ରସାଦ ପାଇପାରିବେ ବୋଲି ଦର୍ଶାଯାଇଛି। ୱେବ୍‌ସାଇଟରେ ମହାପ୍ରସାଦର ଦର ତାଲିକା ଦିଆଯାଇଥିବା ବେଳେ ଅନ୍‌ଲାଇନରେ କିମ୍ବା କଲ୍ କରି ଅର୍ଡର ଦେଇପାରିବେ ବୋଲି ଉଲ୍ଲେଖ ରହିଛି। ଠିକଣାରେ ଭୁବନେଶ୍ୱର ବମିଖାଲସ୍ଥିତ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀ ରହିଥିବା କୋଠାର ତୃତୀୟ ମହଲାରେ ଏହା ଚାଲୁଥିବା ଦର୍ଶାଯାଇଥିବା ବେଳେ ଦୁଇଟି ମୋବାଇଲ ନମ୍ବର (୭୭୫୧୮୪୨୫୪୯ ଓ ୭୭୫୧୮୪୨୫୬୯) ମଧ୍ୟ ଦିଆଯାଇଛି। ଏହି ନମ୍ବରରେ କଲ୍ କଲେ ଅର୍ଡର ପାଇଁ ଧାର୍ଯ୍ୟ ମୂଲ୍ୟର ୫୦ ପ୍ରତିଶତ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ଦେବାକୁ କୁହାଯାଉଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଆଇନଜୀବୀ ଚିନ୍ମୟ ଦାଶ ଏବଂ ସିଂହଦ୍ୱାର ଥାନାରେ ଜିଲା ସୂଚନା ଅଧିକାର ଅଭିଯାନର ସଦସ୍ୟ ଜଗନ୍ନାଥ ପାଢୀ ଅଭିଯୋଗ କରିଛନ୍ତି। ସେମାନେ ଏତଲାରେ ଦର୍ଶାଇଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ବେଆଇନ। ଶ୍ରୀମନ୍ଦିର ପରିଚାଳନା କମିଟି କିମ୍ବା ପ୍ରଶାସକ ଏ ନେଇ ଅନୁମତି ଦେଇନାହାନ୍ତି। ଶ୍ରୀମହାପ୍ରସାଦକୁ ନେଇ ଏଭଳି ଠକେଇ କରାଯାଉଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟେ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।




■ବିକ୍ରି ପାଇଁ ଖୋଲାଯାଇଛି ୱେବ୍‌ସାଇଟ୍
■ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି ବିଜ୍ଞାପନ
■ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅଭିଯୋଗ
■ ସିଂହଦ୍ୱାର ଥାନାରେ ଏତଲା

# ବର୍ଷକରେ ୭ ବଙ୍ଗଳା ଫିଲ୍ମ କରିବେ ଅକ୍ଷୟ ପରିଜା



**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ):** ଓଡ଼ିଶାର ଜଣାଶୁଣା ଫିଲ୍ମ ନିର୍ମାତା ଅକ୍ଷୟ ପରିଜା ଆସନ୍ତା ଏକ ବର୍ଷ ମଧ୍ୟରେ ୭ଟି ବଙ୍ଗଳା ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ବଙ୍ଗଳା ଫିଲ୍ମ ଜଗତର ଜଣାଶୁଣା ନିର୍ମାତା 'ଉଇନ୍‌ଡୋଜ୍' ସହ ମିଶି ଏହି ଫିଲ୍ମ କରିବେ। ଏଥିରେ ରହିଛି ଅକ୍ଷୟ ପରିଜା ପ୍ରଡକସନ୍ସର ବଙ୍ଗଳା ବ୍ଲକବଷ୍ଟର 'ବେଲା ଶେଷ'ର ସିକ୍ୱେଲ୍ 'ବେଲା ସୁରୁ'। ବୁଧବାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର 'ମିଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ' ଶୀର୍ଷକ ଆଲୋଚନାଚକ୍ରରେ ଅକ୍ଷୟ ଅଂଶଗ୍ରହଣ କରି ତାଙ୍କର ଏହି ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ସେ 'ଜିଅନ୍ତା ଭୂତ', 'ଥୁକୁଲ', 'କେହି ନୁହେଁ କାହାର' ଭଳି ଓଡ଼ିଆ ଫିଲ୍ମ ସହ 'କଡ୍‌ଭି ହାୱା' ଏବଂ 'ହାଲ୍‌କା' ଭଳି ଫିଲ୍ମ ଉପହାର ଦେଇ ପରିଚିତି ହାସଲ କରିଛନ୍ତି। ତେବେ ଓଡ଼ିଆ ଚଳଚ୍ଚିତ୍ର ଏବଂ ବଲିଉଡ୍ ପରେ ବର୍ତ୍ତମାନ ସେ ଟଲିଉଡ ଫିଲ୍ମ ପ୍ରତି ମନ ବଳାଇଛନ୍ତି। ଏ ପ୍ରସଙ୍ଗରେ ଅକ୍ଷୟ କହିଛନ୍ତି, କଳାତ୍ମକ ଫିଲ୍ମ ଏବଂ ସତ୍ୟ ଘଟଣା ଉପରେ ଆଧାରିତ ଥିବା କାହାଣୀ କରିବାର ଇଚ୍ଛା ମୋର ପୂର୍ବରୁ ରହି ଆସିଛି। ଭବିଷ୍ୟତରେ ମୁଁ କିଛି ଏମିତି ଫିଲ୍ମ ତିଆରି କରିବାକୁ ଚାହୁଁଛି, ଯାହା ପାଇଁ ୧୦ବର୍ଷ ପରେ ମୁଁ ନିଜକୁ ନେଇ ଗର୍ବ ଅନୁଭବ କରିବି। ମୁଁ କେବେ ହେଲେ ଟଙ୍କା ପାଇଁ ଫିଲ୍ମ କରି ନାହିଁ କି ଆଗକୁ ମଧ୍ୟ କରିବିନି। 'ଉଇନ୍‌ଡୋଜ୍' ଭଳି କମ୍ପାନୀ ସହ କାମ କରିବାର ସୁଯୋଗ ମିଳିଥିବାରୁ ସେ ନନ୍ଦିତା ରଏ ଓ ଶିବପ୍ରସାଦ ମୁଖାର୍ଜୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

# ସ୍କୁଲ ପିଲାଙ୍କୁ ମିଳିବ ଜୋତା



ବିଜୁ ପଟ୍ଟନାୟକ ଫରେଷ୍ଟ ପାର୍କରୁ ବାହାରିଥିବା ଶିକ୍ଷା ସଚେତନତା ସାଇକେଲ(ମାରାଥନ୍) ରାଲି।

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ):** ସ୍କୁଲ ଛାତ୍ରୀଛାତ୍ରଙ୍କ ଜ୍ଞାନ ବୃଦ୍ଧି କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଅନେକ ଯୋଜନା ହେଉଛି। ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ ଭଳି ୩ଟି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୧୫ଟି ଜିଲାରେ ଉତ୍କର୍ଷ କାର୍ଯ୍ୟକ୍ରମ ଚାଲିଛି। ଆଗାମୀ ବର୍ଷ ସାରା ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯିବା ଲାଗି ଯୋଜନା ରହିଛି। ସେହିପରି ଚଳିତବର୍ଷ ଛାତ୍ରୀଛାତ୍ରମାନଙ୍କୁ ଜୋତା ଦିଆଯିବ। ଏହା ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ବୁଧବାରଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଯୋଗଦେଇ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି। ୟୁନିଟ-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ମହୋତ୍ସବକୁ ବିଭାଗୀୟ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି କହିଲେ, ଶିଶୁଙ୍କ ସାମଗ୍ରିକ ବିକାଶ ଉପରେ ରାଷ୍ଟ୍ରର ପ୍ରଗତି ଓ ସମୃଦ୍ଧି ନିର୍ଭର କରେ। ସେମାନେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କଲେ ଆମେ ସଫଳତା ପାଇପାରିବା। ୨୦୧୯-୨୦ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସଚିବ ମହାପାତ୍ର କହିଥିଲେ। ଏମ୍‌ପି ପ୍ରସନ୍ନ ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଦୁଇଟି ପୁସ୍ତକ ଉନ୍ମୋଚନ ହୋଇଥିଲା। ୪୦ଟି ବିଦ୍ୟାଳୟକୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଦିଆଯିବା ସହିତ ପ୍ରତ୍ୟେକକୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସକାଳେ 'ଶିକ୍ଷା ସଚେତନତା ସାଇକେଲ(ମାରାଥନ୍) ରାଲି' ବିଜୁ ପଟ୍ଟନାୟକ ଫରେଷ୍ଟ ପାର୍କରୁ ଉତ୍ସବସ୍ଥଳୀ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ବେଟି ବଚାଓ: ବେଟି ପଢ଼ାଓ, ସ୍ୱଚ୍ଛ ବିଦ୍ୟାଳୟ, ଗୁଣାତ୍ମକ ଶିକ୍ଷା ପାଇଁ ଉଜ୍ଜ୍ୱଳ, ପରିବେଶ ସୁରକ୍ଷା, ଶ୍ରୁତଲିଖନ ଓ ହସ୍ତାକ୍ଷର, ବକ୍ତୃତା, ରଚନା, ଚିତ୍ରକଳା, ବିତର୍କ ପ୍ରତିଯୋଗିତା ଆୟୋଜନ କରାଯିବ। ୩୦ ଜିଲାର ପ୍ରାଥମିକ ଓ ମାଧ୍ୟମିକସ୍ତରୀୟ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟସ୍ତରରେ ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ଏଥିରେ ପ୍ରାୟ ୩ହଜାର ଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି।

**'ସୁରଭି' ଉଦ୍‌ଘାଟିତ**
■୪୦ ସ୍କୁଲକୁ 'ସ୍ୱଚ୍ଛ ବିଦ୍ୟାଳୟ' ପୁରସ୍କାର
■୩୧୪ ବ୍ଲକରେ ଆରମ୍ଭ ହେବ ଆଦର୍ଶ ବିଦ୍ୟାଳୟ


GOVERNMENT OF ODISHA
RURAL WATER SUPPLY & SANITATION ORGANISATION
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT- TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./Fax-06760-240762, E-mail : eerwss_ang@nic.in)
National Competitive Bidding through e-procurement
Bid Identification No. 15/EE/RWSS/ANGUL/2018-19 Dt. 09.11.2018 (DMF)

**No.989-O:-** The Executive Engineer, RWS&S Division, Angul, At-Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 11 Nos. |
| 2. | Tender Paper Cost | : | Rs. 6,000.00 to Rs. 10,000.00 |
| 3. | Value of work | : | Rs. 82.33 Lakhs to Rs. 11.57 Lakhs |
| 4. | Class of Contractor | : | "D", "C", "B" & "A" Class |
| 5. | Date & time of availability of bid document in portal | : | 17.11.2018 at 11.00 hours to 24.11.2018 upto 17.00 hours |
| 6. | Date & time of seeking tender clarification | : | 20.11.2018 upto 17.00 hours. |
| 7. | Date & time of opening of tender & verification of original document | : | 26.11.2018 at 15.00 hours in the office of the Executive Engineer, RWS&S Division, Angul, At-Talcher. |
| 8. | Time of completion | : | 3 (Three) to 5 (Five) Calendar Months. |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

Sd./- Executive Engineer,
RWS&S Division, Angul at Talcher
25019/11/0023/1819



GOVERNMENT OF ODISHA
RURAL WATER SUPPLY & SANITATION ORGANISATION
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT- TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./Fax-06760-240762, E-mail : eerwss_ang@nic.in)
National Competitive Bidding through e-procurement
Bid Identification No. 06/EE/RWSS/ANGUL/2018-19 Dt. 09.11.2018 (Basudha)

**No.987-O:-** The Executive Engineer, RWS&S Division, Angul, At-Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 1 No. |
| 2. | Tender Paper Cost | : | Rs. 10,000.00 |
| 3. | Value of work | : | Rs. 124.90 Lakhs |
| 4. | Class of Contractor | : | "B" & "A" Class |
| 5. | Date & time of availability of bid document in portal | : | 17.11.2018 at 11.00 hours to 24.11.2018 upto 17.00 hours |
| 6. | Date & time of seeking tender clarification | : | 20.11.2018 upto 17.00 hours. |
| 7. | Date & time of opening of tender & verification of original document | : | 26.11.2018 at 15.00 hours in the office of the Executive Engineer, RWS&S Division, Angul, At-Talcher. |
| 8. | Time of completion | : | 6 (Six) Calendar Months. |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

Sd./- Executive Engineer,
RWS&S Division, Angul,
At- Talcher
25019/11/0021/1819



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**BALANGIR (R&B) CIRCLE, BALANGIR**
Mail ID: sepwdbalangir@gmail.com,
Fax/ Ph. No: 06652-231866
No.822-B:- **e- Procurement Notice**
BID IDENTIFICATION No: SE (R&B) BGR/ 11/2018-19
No. 2187 Dtd. 09.11.2018

| | | | |
|---|---|---|---|
| 1. | The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B/A/Special Class Contractors registered with the State Government and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Bridge work |
| 3. | No. of tender | : | Bridge Work- 08 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" Class, "A" Class & "Special" class. |
| 6. | Date & Time of sale & Receipt of Bids | : | From Dt. 20.11.2018, 10.00 AM to Dt. 05.12.2018 upto 05.00 PM |
| 7. | Date of opening of Bid | : | Dt. 07.12.2018 at 11.30 AM |
| 8. | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Superintending Engineer,
Balangir (R&B) Circle, Balangir
34131/11/0029/1819



**ଓଡ଼ିଶା ସରକାର**
**କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
(ଭୂ-ଅର୍ଜନ ବିଭାଗ)
**ଘୋଷଣା**
No. (SPLLAORLY)-LAA-KPD-15/2018/762 Dtd. 03.10.2018

**No. XX-15:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଗୋପ, ଥାନା- କେନ୍ଦ୍ରାପଡ଼ା ନଂ.-୨୯୦, ତହସିଲ- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ାରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ହରିଦାସପୁର-ପାରାଦୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୦୫୬୧/ରା.ବି.ପ୍ର. ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗୋପ, ଥାନା- କେନ୍ଦ୍ରାପଡ଼ା ନଂ.-୨୯୦, ତହସିଲ- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendrapara.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦ୍ରାପଡ଼ା — ତହସିଲ- କେନ୍ଦ୍ରାପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋପ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ.୪.୮୬୦ | ଏ.୧.୧୯୦ | ଏଥିସହିତ ସଂଲଗ୍ନ ଅଛି |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦ୍ରାପଡ଼ା — ତହସିଲ- କେନ୍ଦ୍ରାପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା ଏକରରେ | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋପ | ସହରାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

ଅଧିସୂଚନାର ବୈଧ ତାରିଖ: ୧୦।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦ୍ରାପଡ଼ା

**ଭୂମି ଅନୁସୂଚୀ**
ମୌଜା- ଗୋପ, ଥାନା- କେନ୍ଦ୍ରାପଡ଼ା, ଥାନା ନଂ.- ୨୯୦, ତହସିଲ- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା

| ଖାତା ନଂ | ପ୍ଲଟ୍ ନଂ. | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୩୧ | ୩୪୮ | ୦.୩୨୦ | ୦.୦୮୦ | ଶାରଦ ଜଳ-୧ | ସୁକଦେବ ପରିଡ଼ା, ପି- କୃଷ୍ଣ ପରିଡ଼ା, ଜା- ଖଣ୍ଡାୟତ, ସା- ନିଜଗାଁ |
| ୪୫ | ୩୪୯ | ୦.୫୮୦ | ୦.୧୪୦ | ଶାରଦ ଜଳ-୧ | ଶ୍ୟାମ ସୁନ୍ଦର ମହାପାତ୍ର, ପି- କୁଳମଣି ମହାପାତ୍ର, ସା- ନିଜଗାଁ |
| | ୫୩୬ | ୦.୨୫୦ | ୦.୦୯୦ | ଶାରଦ ଜଳ-୧ | |
| ୨୫୦/୪୬୮ | ୩୫୪ | ୦.୩୩୦ | ୦.୦୧୦ | ଶାରଦ ଜଳ-୧ | ହିମାଂଶୁ ଶେଖର ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଜା- ବ୍ରାହ୍ମଣ, ବା- ଗୋପ |
| ୨୫୦/୪୬୯ | ୩୫୦ | ୦.୦୩୦ | ୦.୦୩୦ | ଶାରଦ ଜଳ-୧ | ହିମାଂଶୁ ଶେଖର ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଜା- ବ୍ରାହ୍ମଣ, ବା- ଗୋପ |
| ୨୫୦/୪୬୪ | ୩୫୨ | ୦.୧୪୦ | ୦.୧୦୦ | ଶାରଦ ଜଳ-୧ | ହିମାଂଶୁ ଶେଖର ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଜା- ବ୍ରାହ୍ମଣ, ବା- ଗୋପ |
| ୨୦୦ | ୪୯୮ | ୦.୨୪୦ | ୦.୦୪୦ | ଶାରଦ ଜଳ-୧ | ଲକ୍ଷ୍ମୀ ରାଉତ, ସ୍ୱା- କୁନି ରାଉତ, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୫୮୮ | ୪୯୭ | ୦.୧୯୦ | ୦.୦୪୦ | ଶାରଦ ଜଳ-୧ | ଶ୍ରୀଧର ପତ୍ରି, ପି- କୃଷ୍ଣ ଚନ୍ଦ୍ର ପତ୍ରି, ସା- ଗୋପ, ଜା- ବ୍ରାହ୍ମଣ |
| ୨୦୫ | ୪୯୬ | ୦.୨୩୦ | ୦.୦୬୦ | ଶାରଦ ଜଳ-୧ | ସତ୍ୟଭାମା ସ୍ୱାଇଁ, ସ୍ୱା- ଗଜେନ୍ଦ୍ର ନାଥ ସ୍ୱାଇଁ, ସା- ଗୋପ, ଜା- ଖଣ୍ଡାୟତ |
| | ୪୯୫ | ୦.୩୩୦ | ୦.୦୭୦ | ଶାରଦ ଜଳ-୧ | |
| ୯୭ | ୪୯୫/୮୮୨ | ୦.୧୧୦ | ୦.୦୫୦ | ଶାରଦ ଜଳ-୧ | ଦାମୋଦର ପରିଡ଼ା, ପି- ପୁରୁଷୋତ୍ତମ ପରିଡ଼ା, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୪ | ୫୪୦ | ୦.୦୨୦ | ୦.୦୨୦ | ଶାରଦ ଜଳ-୧ | ଦାମୋଦର ପରିଡ଼ା, ପି- ପୁରୁଷୋତ୍ତମ ପରିଡ଼ା, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୬୦୨ | ୫୪୧ | ୦.୧୩୦ | ୦.୦୨୦ | ଶାରଦ-୧ | ରଘୁନାଥ ପରିଡ଼ା, ପି- ଦାମୋଦର ପରିଡ଼ା, ସା- ଗୋପ, ଜା- ଖଣ୍ଡାୟତ |
| ୧୭୮ | ୫୫୫ | ୦.୩୩୦ | ୦.୦୪୦ | ଶାରଦ ଜଳ-୧ | ଭିକାରୀ ଚରଣ ମିଶ୍ର, ପି- ଦଇତାରୀ ମିଶ୍ର, ସା- ଗୋପ, ଜା- ବ୍ରାହ୍ମଣ |
| ୧୯୧ | ୫୫୪ | ୦.୧୬୦ | ୦.୦୨୦ | ଶାରଦ ଜଳ-୧ | ରତ୍ନାକର ମହାନ୍ତି, ପି- ହାଡ଼ିବନ୍ଧୁ ମହାନ୍ତି, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୨୫୨ | ୫୦୧ | ୦.୨୪୦ | ୦.୦୮୦ | ଶାରଦ ଜଳ-୧ | ନରେନ୍ଦ୍ର କୁମାର ମହାନ୍ତି, ପି- ବିଷ୍ଣୁ ଚରଣ ମହାନ୍ତି, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୧୯ | ୪୯୯ | ୦.୧୫୦ | ୦.୦୪୦ | ଶାରଦ ଜଳ-୧ | କାହ୍ନୁରୀ ଚରଣ ମହାନ୍ତି, ପି- ହାଡ଼ିବନ୍ଧୁ ମହାନ୍ତି, ସା- ଗୋପ |
| ୧୨ | ୫୨୪ | ୦.୧୬୦ | ୦.୦୪୦ | ଶାରଦ ଜଳ-୧ | ନିମାଇଁ ଚରଣ ମହାନ୍ତି, ପି- ବିଷ୍ଣୁ ଚରଣ ମହାନ୍ତି, ସା- ଭାଗେଶ୍ୱରପୁର, ଜା- ଖଣ୍ଡାୟତ |
| ୨୨୮ | ୫୨୫ | ୦.୧୭୦ | ୦.୦୬୦ | ଶାରଦ ଜଳ-୧ | ଶ୍ୟାମ ସୁନ୍ଦର ପତ୍ରି, ପି- କୃଷ୍ଣ ପତ୍ରି, ସା- ଗୋପ, ଜା- ବ୍ରାହ୍ମଣ |
| | ୫୫୬ | ୦.୧୫୦ | ୦.୦୮୦ | ଶାରଦ ଜଳ-୧ | |
| ୨୫୧ | ୫୦୦ | ୦.୬୦୦ | ୦.୦୮୦ | ଶାରଦ ଜଳ-୧ | ଶ୍ରୀ ରାଧାକୃଷ୍ଣ ଜୀଉ ବିଜେ ନିଜଗୃହ ମାର୍ଫତ କୁଳମଣି ମହାପାତ୍ର, ପି- ଭ୍ରମରବର ମହାପାତ୍ର, ସା- ଗୋପ, ଜା- ଖଣ୍ଡାୟତ |
| | | ମୋଟ | ୧.୧୯୦ | | |

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡ଼ା
24040/14/0016/1819

## ଗବେଷଣାକୁ ଅଧିକ ଗୁରୁତ୍ୱ

- ଶିଳ୍ପ ସହଭାଗିତା ବୃଦ୍ଧି ପାଇଁ ପ୍ରୟାସ
- ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ




# ଉଚ୍ଚଶିକ୍ଷା ବିଭାଗରେ ଆସିବ ସଂସ୍କାର

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ଉଚ୍ଚଶିକ୍ଷାରେ ଏଣିକି ଗବେଷଣାକୁ ଅଧିକ ଗୁରୁତ୍ୱ ଦିଆଯିବ। ଯୁବ ଅଧ୍ୟାପକମାନଙ୍କୁ ଗବେଷଣା ପାଇଁ ଉତ୍ସାହିତ କରାଯିବ। ସ୍ୱତନ୍ତ୍ର ଶିକ୍ଷାବୃତ୍ତି ସହ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପ୍ରତିଷ୍ଠା କରାଯିବ। ଏହାସହ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ସହଭାଗିତା ରକ୍ଷା କରାଯାଇ ଉଚ୍ଚଶିକ୍ଷାର ମାନକୁ ବୃଦ୍ଧି କରାଯିବ। ଏ ନେଇ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଘୋଷଣା କରିଛନ୍ତି ରାଜ୍ୟ ସରକାର। ନିବେଶକ ସମ୍ମିଳନୀରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରଥମଥର ପାଇଁ ଭାଗନେଇ ଉଚ୍ଚଶିକ୍ଷା ସହ କିଭଳି ଶିଳ୍ପକୁ ଯୋଡ଼ାଯାଇପାରିବ ଏବଂ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି କରିହେବ, ତାହା ଉପରେ ଗୁରୁତ୍ୱ ଦେଇଛି।

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ଚତୁର୍ଥ ଦିବସରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା'(ଓୟୁଆର୍‌ଆଇଆଇପି)ର ଶୁଭାରମ୍ଭ କରାଯାଇଛି। ଉଚ୍ଚଶିକ୍ଷା ତଥା ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏହାର ଶୁଭାରମ୍ଭ କରିବା ସହ ଉଚ୍ଚଶିକ୍ଷାରେ ଗବେଷଣାକୁ ଉତ୍ସାହିତ କରିବା ପାଇଁ ଏହି ଯୋଜନା କାର୍ଯ୍ୟ କରିବ ବୋଲି କହିଛନ୍ତି। ଯୋଜନା ଅନୁଯାୟୀ, ସ୍ନାତକୋତ୍ତର ଏବଂ ୟୁଜିସି ନେଟ୍ ଦ୍ୱାରା ଅନୁମୋଦିତ ୩୫ଟି ବିଷୟରେ ଓଡ଼ିଶା ସରକାର ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପ୍ରଦାନ କରିବେ। ଯେଉଁମାନେ ନେଟ୍ କ୍ଲିୟର୍ କରିଥିବେ, କିନ୍ତୁ ସେଣ୍ଟ୍ରାଲ ଜେଆର୍‌ଏଫ୍(ଜୁନିୟର ରିସର୍ଚ୍ଚ ଫେଲୋଶିପ୍) ପାଇ ନ ଥିବେ, ସେମାନେ ଏହି ଫେଲୋଶିପ୍ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏ ନେଇ ମନ୍ତ୍ରୀ ଦାସ କହିଛନ୍ତି, ଗବେଷଣା କ୍ଷେତ୍ରରେ ଓଡ଼ିଶାରେ ଏକ ପ୍ରମୁଖ ସମସ୍ୟା ରହିଥିଲା। ଯେଉଁ ଛାତ୍ରୀଛାତ୍ର ସେଣ୍ଟ୍ରାଲ ଫଣ୍ଡିଂ ପାଉଥିଲେ ସେମାନେ ଗବେଷଣା ପାଇଁ ରାଜ୍ୟ ବାହାରକୁ ଚାଲିଯାଉଥିଲେ। ଏଥିଯୋଗୁ ଓଡ଼ିଶାରେ ଫୁଲ୍‌ଟାଇମ୍ ରିସର୍ଚ୍ଚର ରହୁ ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଫେଲୋଶିପ୍ ପ୍ରଦାନ କରାଯିବ। ପ୍ରତି ବିଷୟରେ ୫ଜଣ ଲେଖାଏଁ ୩୫ଟି ବିଷୟରେ ଫେଲୋଶିପ୍ ପ୍ରଦାନ କରାଯିବ। ଯେଉଁଥିରୁ ୨ଟି ଫେଲୋଶିପ୍ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏହିକ୍ରମରେ ବର୍ଷକୁ ୧୭୫ଟି ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପ୍ରଦାନ କରାଯିବ। ଫେଲୋଶିପ୍‌ର ଅବଧି ୪ବର୍ଷ ରହିବ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ପ୍ରାକ୍ ଅନୁମୋଦନ କ୍ରମେ ଏହାକୁ ୧ବର୍ଷ ବଢ଼ାଯାଇପାରିବ। ଫେଲୋଶିପ୍ ବାବଦକୁ ଗବେଷକଙ୍କୁ ମାସକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଲାବୋରେଟୋରି ୱର୍କ ବା ପ୍ରୟୋଗଶାଳାଭିତ୍ତିକ ବିଷୟ ହୋଇଥିଲେ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ଏହାବ୍ୟତୀତ ଉଚ୍ଚଶିକ୍ଷାର ଜଗତୀକରଣ କରିବାକୁ ଗୁରୁତ୍ୱ ଦିଆଯିବ। ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କିଭଳି ଉଚ୍ଚଶିକ୍ଷାର ମାନକୁ ବୃଦ୍ଧି କରିପାରିବେ, ତାହା ଉପରେ ଫୋକସ୍ ରହିବ। ଶିକ୍ଷାର ଅନ୍ତର୍ଜାତୀୟକରଣ, ପ୍ରଶାସନିକ ସୁଧାର, ଡିଜିଟାଇଜେଶନ, ଶିଳ୍ପ ସହଭାଗିତା ବୃଦ୍ଧି ଓ ଗବେଷଣାକୁ ଅଧିକ ଗୁରୁତ୍ୱ ଦିଆଯିବ। ଉଚ୍ଚଶିକ୍ଷା ଯେପରି ସମସ୍ତଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ଯୁବ ଅଧ୍ୟାପକଙ୍କୁ ମିଳିବ ପ୍ରୋତ୍ସାହନ

ଓୟୁଆର୍‌ଆଇଆଇପି ଅଧୀନରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାମ କରୁଥିବା ଯୁବ ଅଧ୍ୟାପିକା, ଅଧ୍ୟାପକଙ୍କୁ ଗବେଷଣା କରିବାକୁ ସୁଯୋଗ ଦିଆଯିବ ଓ ଏଥିପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯିବ। ୪୦ବର୍ଷରୁ କମ୍ ବୟସର ଅଧ୍ୟାପକଙ୍କୁ ଅର୍ଲି କ୍ୟାରିୟର ରିସର୍ଚ୍ଚ ଗ୍ରାଣ୍ଟ ପ୍ରଦାନ କରାଯିବ। ପ୍ରତିଯୋଗିତାମୂଳକ ଭାବେ ରିସର୍ଚ୍ଚ ପ୍ରପୋଜାଲ ଦେବା ପରେ ତାହା ମଧ୍ୟରୁ ଶ୍ରେଷ୍ଠ ରିସର୍ଚ୍ଚ ପ୍ରପୋଜାଲ ଦେଇଥିବା ଅଧ୍ୟାପକମାନେ ଏହାର ଫାଇଦା ଉଠାଇପାରିବେ। ଏଥିପାଇଁ ସେମାନଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ଅର୍ଲି କ୍ୟାରିୟର ରିସର୍ଚ୍ଚ ଗ୍ରାଣ୍ଟ ପ୍ରଦାନ କରାଯିବ। ଏହା ଅଧୀନରେ ସେମାନେ ୨ବର୍ଷ ପର୍ଯ୍ୟନ୍ତ ଗବେଷଣା କରିପାରିବେ। ବାର୍ଷିକ ୪୦ଜଣ ଅଧ୍ୟାପକ ଏହି ଗ୍ରାଣ୍ଟ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହାବ୍ୟତୀତ ରାଜ୍ୟ ସରକାର ଏଣିକି ପବ୍ଲିକେଶନ ସବ୍‌ସିଡି ମଧ୍ୟ ପ୍ରଦାନ କରିବେ। ବିଶ୍ୱର ଶ୍ରେଷ୍ଠ ଓ ଜଣାଶୁଣା ଜର୍ନାଲରେ ପବ୍ଲିକେଶନ ପାଇଁ ସରକାର ସବ୍‌ସିଡି ପ୍ରଦାନ କରିବେ।

# ଏଗ୍ରି ମାର୍କେଟିଂ

## ନିବେଶ ହେବ ୧୪୧୨ କୋଟି

- ରିଲାଏନ୍ସ ରିଟେଲ ୩୦୦ କୋଟି
- ଆଇଟିସି ୫୨୦ କୋଟି ଖଟାଇବେ
- ୱେର ହାଉସିଂ ଲାଗି ୩୦୦ କୋଟି
- କଣ୍ଟ୍ରାକ୍ଟ ଫାର୍ମିଂରେ ୧୧୨ କୋଟି
- କଳିଙ୍ଗ ପ୍ୟୁର ବ୍ରାଣ୍ଡକୁ ଲୋକପ୍ରିୟ କରାଯିବ



ଭୁବନେଶ୍ୱର,୧୪-୧୧

ରାଜ୍ୟରେ ଏଗ୍ରି ମାର୍କେଟିଂ କ୍ଷେତ୍ରରେ ୧୪୧୨ କୋଟି ଟଙ୍କାର ନିବେଶ ଲାଗି ବିଭିନ୍ନ କମ୍ପାନୀ ପ୍ରସ୍ତାବ ରଖିଛନ୍ତି। ଏହି କମ୍ପାନୀଗୁଡିକ ମଧ୍ୟରେ ରିଲାଏନ୍ସ ରିଟେଲ, ଆଇଟିସି, ଡାବର ଏବଂ କ୍ଷୁଦ୍ର ଉଦ୍ୟୋଗୀ ରହିଛନ୍ତି। ରାଜ୍ୟରେ କଣ୍ଟ୍ରାକ୍ଟ ଫାର୍ମିଂ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ସଂସ୍ଥାଗୁଡିକ ନିବେଶ କରିବେ ବୋଲି ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି। ମେକ୍ ଇନ୍ ଓଡିଶାର ଅବସରରେ ଅନୁଷ୍ଠିତ ଏଗ୍ରି ମାର୍କେଟିଂ ନିବେଶକ ସମ୍ମିଳନୀରେ ଯୋଗଦେଇ ପାତ୍ର କହିଛନ୍ତି ଯେ, ହରିୟାଣା ପରେ ଓଡିଶା ଦ୍ୱିତୀୟ ରାଜ୍ୟ ଭାବେ କଣ୍ଟ୍ରାକ୍ଟ ଫାର୍ମିଂ ବ୍ୟବସ୍ଥା ଲାଗୁ କରିବ। ଏଥିପାଇଁ ସରକାର ଶୀଘ୍ର ଏକ ଆଇନ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। କୃଷିଜାତ ସାମଗ୍ରୀକୁ ନୂଆ ପଦ୍ଧତିରେ ବିକ୍ରିବଟା ନେଇ ସରକାର ଏଭଳି ଯୋଜନା ରଖିଛନ୍ତି।

ରିଲାଏନ୍ସ ରିଟେଲ୍ ୩୦୦ କୋଟି ଟଙ୍କା, ଆଇଟିସି ୫୨୦ କୋଟି ଟଙ୍କା, ୱେରହାଉସିଂରେ ୩୦୦ କୋଟି, କଣ୍ଟ୍ରାକ୍ଟ ଫାର୍ମିଂ କ୍ଷେତ୍ରରେ ପ୍ରାୟ ୧୧୨ କୋଟି ନିବେଶ ହେବ। ଡାବର କମ୍ପାନୀ ମଧ୍ୟ ରାଜ୍ୟରେ ନିବେଶ ନେଇ ଲକ୍ଷ୍ୟ ରଖିଛି। ରାଜ୍ୟରେ ଔଷଧୀୟ ଉତ୍ପାଦ ସଂଗ୍ରହ ତଥା ଏକ୍ଷେତ୍ରରେ ଲୋକଙ୍କୁ ତାଲିମ ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟ କରିବ। ସେହିଭଳି ରାଜ୍ୟରୁ ଉଚ୍ଚ ଗୁଣବତ୍ତା ବିଶିଷ୍ଟ କୃଷିଜାତ ସାମଗ୍ରୀକୁ 'କଳିଙ୍ଗ ପ୍ୟୁର' ବ୍ରାଣ୍ଡ ନାମରେ ଲୋକପ୍ରିୟ କରାଇବାକୁ ପଦକ୍ଷେପ ନିଆଯାଉଥିବା ପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଦୁଇଟି ଏମ୍‌ଓୟୁ ହୋଇଛି। ସାମଗ୍ରୀ ସଂଗ୍ରହ ଲାଗି ନାଫେଡ୍ ରାଜ୍ୟ ସରକାର ଏମ୍‌ଓୟୁ ହୋଇଛି। ୫୦୦ କୋଟି ଟଙ୍କାର ସାମଗ୍ରୀ କ୍ରୟ ନେଇ ନାଫେଡ ଲକ୍ଷ୍ୟ ରଖିଛି। ୱେରହାଉସିଂ ଡେଭଲପମେଣ୍ଟ ରେଗୁଲେଟୋରୀ ଅଥରିଟି ମଧ୍ୟ ରାଜ୍ୟ ସରକାରଙ୍କ ସହ ଚୁକ୍ତିରେ ସାମିଲ ହୋଇଛି।

ଏହା ଦ୍ୱାରା କୃଷକଙ୍କ କୃଷିଜାତ ସାମଗ୍ରୀକୁ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯାଇପାରିବ। ପିପିପି ମୋଡରେ ୱେରହାଉସିଂ ନିର୍ମାଣ ନେଇ ସରକାର ଯୋଜନା ରଖିଛନ୍ତି। କଣ୍ଟ୍ରାକ୍ଟ ଫାର୍ମିଂ କ୍ଷେତ୍ରରେ ରାଜ୍ୟକୁ ଅଧିକ କମ୍ପାନୀ ଆସିବେ ବୋଲି ପାତ୍ର ଆଶା କରିଛନ୍ତି। ଚଳିତ ବର୍ଷ ମେକ୍ ଇନ୍ ଓଡିଶାରେ ଏଗ୍ରିମାର୍କେଟିଂ କ୍ଷେତ୍ରକୁ ସାମିଲ କରାଯାଇଛି। ଏହି କ୍ଷେତ୍ରରେ ଉନ୍ନତ ନିବେଶ ଆସିବ ବୋଲି ସମବାୟ ବିଭାଗ କମିଶନର ତଥା ସଚିବ ରଞ୍ଜନା ଚୋପ୍ରା ସୂଚନା ଦେଇଛନ୍ତି। କର୍ମଶାଳାରେ ୨୦୦ରୁ କୃଷି ଉଦ୍ୟୋଗୀ ଯୋଗ ଦେଇଥିଲେ।



ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ବୁଧବାର ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



କଣ୍ଠଶିଳ୍ପୀ ସୁସ୍ମିତା ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।



ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟ ପରିବେଷଣ।

# ହୋମ୍ ଡେଲିଭର୍ କରିବେ ଗର୍ଲ

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ଖାଇବା ଡେଲିଭରି ହେଉ କି ଅନ୍‌ଲାଇନ୍‌ରେ ମଗାଇଥିବା ପୋଷାକ। ଏଣିକି ଡେଲିଭରି ବୟଙ୍କ ସହ ଡେଲିଭରି ଗର୍ଲ କରିବେ ହୋମ୍ ଡେଲିଭରି। ଆଗକୁ ଓଡ଼ିଶାବାସୀଙ୍କ ପାଇଁ ଏଭଳି ସୁଯୋଗ ଆଣିଦେବ ଡେଲିଭରି ସର୍ଭିସ ସଂସ୍ଥା 'ହେ ଦିଦି'। ପୁରୁଷମାନଙ୍କ ଭଳି ମହିଳାମାନେ ବି ଘର ଘର ବୁଲି ହୋମ୍ ଡେଲିଭରି ସେବା ଯୋଗାଇଦେବେ। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ରାଜ୍ୟ ସରକାରଙ୍କୁ ମିଳିଛି ଏଭଳି ଏକ ଇନ୍‌ଭେଷ୍ଟମେଣ୍ଟ ପ୍ରପୋଜାଲ। ଏସିଆର ପ୍ରଥମ ମହିଳା ଟ୍ୟାକ୍ସି ସର୍ଭିସ୍ ଓ ଡେଲିଭରି ସଂସ୍ଥା 'ହେ ଦିଦି' ଭୁବନେଶ୍ୱରରେ ନିଜର ସେବା ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛି। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି। 'ଓଲା' କ୍ୟାବ୍ ସର୍ଭିସରେ ମହିଳାଙ୍କୁ ସୁଯୋଗ ଦିଆଯିବା ପରେ ଏବେ ଓଡ଼ିଶାରେ 'ହେ ଦିଦି' ମହିଳାମାନଙ୍କୁ ଏକ ନୂଆ ପ୍ଲାଟଫର୍ମ ଦେବାକୁ ପ୍ରସ୍ତାବ ଦେଇଛି। ମୁମ୍ବାଇ, ବେଙ୍ଗାଲୁରୁ, ନାଗପୁର, ପୁଣେ ପରେ ଏବେ ଭୁବନେଶ୍ୱରରେ ଏହା ନିଜର ସେବା ଆରମ୍ଭ କରିବାକୁ ଆଗ୍ରହ ଦେଖାଇଛି। ଏ ନେଇ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସହପ୍ରତିଷ୍ଠାତା ରେବତୀ ରୟ ବୁଧବାର ନିବେଶକ ସମ୍ମିଳନୀର ଏକ ସେକ୍ଟରାଲ ସେମିନାର୍‌ରେ ଯୋଗଦେଇ ପ୍ରସ୍ତାବ ଦେଇଛନ୍ତି। ଏଥିଲାଗି 'ହେ ଦିଦି' ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶାର କେତେଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଥମେ ଦୁଇଚକିଆ ଏବଂ ପରେ ଚାରିଚକିଆ ଯାନ ଚାଳନା ଶିଖାଯିବ। ଏହାପରେ ବିଭିନ୍ନ ପ୍ରକାର ଲଜିଷ୍ଟିକ୍ ତଥା ପାର୍ସଲ ଡେଲିଭରି ସର୍ଭିସରେ ସେମାନଙ୍କୁ ନିୟୋଜିତ କରାଯିବ। ଭୁବନେଶ୍ୱରରେ ଏବେ ଏକାଧିକ ପାର୍ସଲ ଡେଲିଭରି ସଂସ୍ଥା ନିଜର ଅପରେଶନ ଜାରି ରଖିଥିବା ବେଳେ 'ଜୋମାଟୋ' ଏବଂ 'ସ୍ୱିଗି' ଭଳି ଫୁଡ୍ ଡେଲିଭରି ସଂସ୍ଥା ମାତ୍ର କିଛିଦିନ ମଧ୍ୟରେ ବହୁଳ ଲୋକପ୍ରିୟତା ହାସଲ କରିଛନ୍ତି। ସେହିଭଳି ଇ-ମାର୍କେଟିଂର ଡିମାଣ୍ଡ ଦିନକୁ ଦିନ ଓଡ଼ିଶାରେ ବଢୁଥିବାରୁ ଏ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ବିପୁଳ ସୁଯୋଗ ରହିଛି। ପଛୁଆ ତଥା ଅନୁନ୍ନତ ଶ୍ରେଣୀର ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବା ଉଦ୍ଦେଶ୍ୟରେ ପ୍ରଥମେ ଏହି ସେବା ଆରମ୍ଭ କରାଯାଇଥିଲା।

## ଓଡ଼ିଶାରେ ଜେଫାର୍ମ ସର୍ଭିସ ଶୁଭାରମ୍ଭ

**ଭୁବନେଶ୍ୱର,୧୪।୧୧:** ଟାଫେ ପକ୍ଷରୁ ଓଡ଼ିଶାରେ ଜେଫାର୍ମ ସିର୍ଭିସ ଶୁଭାରମ୍ଭ କରାଯାଇଛି। ରାଜ୍ୟ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଏହି ସେବାର ଶୁଭାରମ୍ଭ ହୋଇଛି। ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ଏହାକୁ ଉନ୍ମୋଚନ କରାଯାଇଥିଲା। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଟେକ୍ନୋଲୋଜି ସହ ଯୋଡିବା ଲାଗି କମ୍ପାନୀ ଯୋଜନା ରଖିଛି। ଏହା ଦ୍ୱାରା କମ୍ପାନୀ କୃଷକମାନଙ୍କୁ କୃଷି ଯନ୍ତ୍ରପାତି ଭଡ଼ା ଆକାରରେ ନେବା ପାଇଁ ସୁବିଧା ପ୍ରଦାନ କରୁଛି। ଜେଫାର୍ମ ସର୍ଭିସ ଆପ୍‌ରୁ ଏହି ସୁବିଧା ଉପଲବ୍ଧ ହେବ। କମ୍ପାନୀ ଏହି ପ୍ଲାଟଫର୍ମ ଦ୍ୱାରା କୃଷକ ଏବଂ ଭଡା ପ୍ରଦାନକାରୀଙ୍କୁ ସିଧାସଳଖ ଯୋଡିପାରୁଥିବା ସୂଚନା ଦେଇଛି। ସେହିଭଳି ଉକ୍ତ ପ୍ଲାଟଫର୍ମରେ କୃଷକମାନେ ସ୍ଥାନୀୟ ପାଣିପାଗ,ସଦ୍ୟତମ ମଣ୍ଡି ମୂଲ୍ୟ, କୃଷି ଖବର, ଆଲର୍ଟ, ଆଡଭାଇଜରି ଭଳି ସୂଚନା ପାଇପାରିବେ। ଏହାକୁ ରାଜ୍ୟର ସବୁ ଜିଲାରେ ଆରମ୍ଭ କରିବାକୁ ଯୋଜନା ରଖିଥିବା କମ୍ପାନୀ ସୂଚନା ଦେଇଛି।




ଏକ ଷ୍ଟଲ୍‌ରେ ରଖାଯାଇଥିବା ଟସରକୁ ଲୋକେ ଦେଖୁଛନ୍ତି।




ଡ୍ରୋନ୍ ଦେଖିବା ପାଇଁ ଏକ ଷ୍ଟଲ୍ ସମ୍ମୁଖରେ ଜମିଥିବା ଭିଡ଼।

ରିପୋର୍ଟ: ସସ୍ମିତା ପାଇକରାୟ, ସତ୍ୟାନନ୍ଦ ନାୟକ
ଫଟୋ: ବିକାଶ ନାୟକ

# ଖୁବ୍‌ଶୀଘ୍ର ଓଡ଼ିଶାରେ 'ଫିକି'ର ମହିଳା ଚାପ୍ଟର

ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ଖୁବ୍‌ଶୀଘ୍ର ଓଡ଼ିଶା ପାଇଁ ଏହାର ମହିଳା ଚାପ୍ଟର ଗଠନ କରିବ। ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଦେଶର ଏହି ଅଗ୍ରଣୀ ସଙ୍ଗଠନ ଓଡ଼ିଶାର ଉଦ୍ୟୋଗୀ ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ଯୋଗାଇଦେବ। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ବୁଧବାର ଚତୁର୍ଥ ଦିବସରେ ଫିକି ଲେଡିଜ୍ ଅର୍ଗାନାଇଜେଶନ (ଏଫ୍‌ଏଲ୍‌ଓ)ର ଉପସଭାପତି ହର୍‌ଜିନ୍ଦର କୌର ଏହି ଘୋଷଣା କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମହିଳା ଉଦ୍ୟୋଗ ଉପରେ ଆୟୋଜିତ ଏକ ସେକ୍ଟରାଲ ସେମିନାର୍‌ରେ ସେ ଯୋଗଦେଇ ଓଡ଼ିଶାରେ ଫିକି ନିଜର ଲେଡିଜ୍ ଅର୍ଗାନାଇଜେଶନ ଖୁବ୍‌ଶୀଘ୍ର ଗଠନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦେଶର ପ୍ରାୟ ସମସ୍ତ ରାଜ୍ୟରେ ଫିକି ମହିଳା ଚାପ୍ଟର ପ୍ରତିଷ୍ଠା କରିଥିବା ବେଳେ ଏ ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ଚାପ୍ଟର ନ ଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଫିକିକୁ ଏ ନେଇ ଅନୁରୋଧ କରାଯାଇଥିଲା। ଆଗାମୀ ଦିନରେ ଫିକି ସହ ସହଯୋଗ ରକ୍ଷା କରିବାରେ ଏଫ୍‌ଏଲ୍‌ଓ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

### ମହିଳା ଉଦ୍ୟୋଗୀଙ୍କୁ ମିଳିବ ପ୍ରୋତ୍ସାହନ

'ଷ୍ଟାର୍ଟଅପ୍ ଓଡ଼ିଶା' ଅଧୀନରେ ରାଜ୍ୟ ସରକାର ଯୁବ ଉଦ୍ୟୋଗୀମାନଙ୍କୁ ଅନେକ ପ୍ରକାର ସହଯୋଗ ପ୍ରଦାନ କରୁଥିବା ବେଳେ ଏବେ ଏ କ୍ଷେତ୍ରରେ ଆଉପାଦେ ଆଗକୁ ବଢ଼ିଛନ୍ତି। ସ୍ୱତନ୍ତ୍ର ଭାବେ ମହିଳା ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବାକୁ ପ୍ରସ୍ତୁତ ହୋଇଛି ଆକ୍ସନ ପ୍ଲାନ୍। ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ସହ ମହିଳାମାନଙ୍କୁ ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ କିଭଳି ଅଧିକ ସବ୍‌ସିଡି ପ୍ରଦାନର ବ୍ୟବସ୍ଥା କରାଯାଇପାରିବ, ସେଥିପାଇଁ ନିଷ୍ପତ୍ତି ହୋଇଛି। ମିଶନ ଶକ୍ତି ଭଳି ଏକ ନୂଆ ଯୋଜନା କାର୍ଯ୍ୟକାରୀ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଦ୍ୟୋଗୀ ମହିଳାମାନଙ୍କୁ ରାଜ୍ୟ ସରକାର ସୁବିଧା ସୁଯୋଗ ପ୍ରଦାନ କରିବା ସହ କମ୍ ସୁଧରେ ଋଣ ପ୍ରଦାନର ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ଏ ନେଇ ସରକାର ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବେ ବୋଲି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।

- ୱିଲିୟମ ସେକ୍ସପିୟର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କୃଷିଭିତ୍ତିକ ଶିଳ୍ପୋଦ୍ୟୋଗ ସମ୍ପର୍କିତ ଶୀତକାଳୀନ ତାଲିମ ଶିବିର, କୃଷି ଇଞ୍ଜିନିୟରିଂ କଲେଜ ଗ୍ୟାଲେରି, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ହକି ବିଶ୍ୱକପ୍ ପୂର୍ବରୁ ଖେଳାଳିଙ୍କ ସହ ସାକ୍ଷାତକାର କାର୍ଯ୍ୟକ୍ରମ, କଳିଙ୍ଗ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା ୩୦।
- ମେକ୍ ଇନ୍ ଓଡ଼ିଶା ଏକ୍ସପୋ-୨୦୧୮, କଳିଙ୍ଗ ଗେଟ୍, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୮ଟା ୩୦।
- ୨୧ତମ କଳିଙ୍ଗ ପୁସ୍ତକ ମେଳା-୨୦୧୮ ଓ ଶିଶୁ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା। ଶତରୂପା କବି ସମାଜର କବିତା ସମାରୋହ, ସନ୍ଧ୍ୟା ୬ଟା ୩୦।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୧୮' ଅବସରରେ ଛାୟା ବିଧାନସଭା, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ଅପରାହ୍ନ ୩ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା।
- ଏଭିଆର୍ ଭେଞ୍ଚର୍ସ ପକ୍ଷରୁ ଡିଜାଇନର୍ ଓ ସୁନ୍ଦରୀ ପ୍ରତିଯୋଗିତା 'କୋଡ୍-୨୦୧୮', ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୫ଟା।
- 'ଭାରତୀୟ ସମାଜରେ ଉତ୍ଥାନ ପାଇଁ ଗାନ୍ଧୀ ଓ ବିନୋବାଙ୍କ ଭୂମିକା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଅପରାହ୍ନ ୫ଟା।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ଦି ଅଲ୍ଟିମେଟ୍ ଏକ୍ସପ୍ରେଶନ୍'ର ଉଦ୍‌ଘାଟନୀ ଉତ୍ସବ, ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଅପରାହ୍ନ ୫ଟା ୩୦।
- ବିଜେଡି ବିଧାୟକ ଦଳ ବୈଠକ, ବିଧାନସଭା ସୌଧର ୫୪ନଂ. ପ୍ରକୋଷ୍ଠ, ଅପରାହ୍ନ ୫ଟା ୩୦।
- ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ହ୍ୱାଟ୍‌ସଆପ୍ ଗ୍ରୁପ୍ ସତ୍‌ସଙ୍ଗ ଫୋରମ୍ ପକ୍ଷରୁ ୪ର୍ଥ ବାର୍ଷିକୀ ସତ୍‌ସଙ୍ଗ, ରତାୟନୀ, ସତ୍‌ସଙ୍ଗ ବିହାର, ସନ୍ଧ୍ୟା ୬ଟା ୩୦।
- ନାଟକ 'ଭ୍ରଷ୍ଟାଚାର' ପରିବେଷଣ, ରବୀନ୍ଦ୍ର ମଣ୍ଡପ, ରାତି ୭ଟା ୩୦।

**ବାଲିଅନ୍ତା**

- ଆଚାର୍ଯ୍ୟ ହରିହର ନୋଡାଲ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ବେଣୁପୁର, ସକାଳ ୯ଟା।

# ସରିଲାନି ସିସି କ୍ୟାମେରା ସଂସ୍ଥାପନ

ଭୁବନେଶ୍ୱର,୧୪।୧୧
(ଜ୍ୟୋତିରଞ୍ଜନ ମହାପାତ୍ର)

ଆସନ୍ତା ୨୭ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ। ଏହା ପୂର୍ବରୁ ରାଜଧାନୀରେ ଦେଶ ବିଦେଶର ଖେଳାଳି, କ୍ରୀଡ଼ାପ୍ରେମୀ, ପର୍ଯ୍ୟଟକଙ୍କ ସମାଗମ ହେବ। ସେମାନଙ୍କୁ ଆବଶ୍ୟକ ସେବା ଯୋଗାଇଦେବା, ସେମାନଙ୍କ ସୁରକ୍ଷା, ରହଣି ସୁବିଧା, ଖାଦ୍ୟପେୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଠାରୁ ଆରମ୍ଭ କରି ବିଏମ୍‌ସି, କମିଶନରେଟ ପୋଲିସ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭ ପାଇଁ ଆଉ ମାତ୍ର ୧୨ ଦିନ ବାକି ରହିଛି। କିନ୍ତୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି କମିଶନରେଟ ପୋଲିସ ଆବଶ୍ୟକ ପଦକ୍ଷେପ ନେଇପାରି ନାହିଁ।

ହକି ବିଶ୍ୱ କପକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଲାଗି ବିମାନବନ୍ଦରଠାରୁ ଆରମ୍ଭ କରି ରେଳ ଷ୍ଟେଶନ, ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ୩୫୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯିବ ବୋଲି ୩ମାସ ଆଗରୁ ସ୍ଥିର ହୋଇଥିଲା। ବର୍ତ୍ତମାନ ସୁଦ୍ଧା କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ସବୁ ସ୍ଥାନରେ କ୍ୟାମେରା ସଂସ୍ଥାପନ ହୋଇପାରିନାହିଁ। ସେହିପରି ରାଜଧାନୀରେ ଶହ ଶହ ସଂଖ୍ୟାରେ ବସ୍ତି ରହିଥିବାବେଳେ ଅନେକ ସମୟରେ ସେଠାରୁ ଅପରାଧୀ ଗିରଫ ହେଉଛନ୍ତି। ବିଭିନ୍ନ ପ୍ରବେଶ ପଥରେ କଡା ନାଇଟ ବ୍ଲକିଂ ଅଭାବରୁ ଅପରାଧୀମାନେ ରାଜଧାନୀ ମୁହାଁ ହେଉଛନ୍ତି। ପ୍ରତିଦିନ ଲୁଟ୍, ଛିନତାଇ ଘଟଣା ଘଟୁଛି। ଏହାକୁ ରୋକିବାରେ ପୋଲିସ ବିଫଳ ହେଉଛି। ଫଳରେ ଦେଶ ବିଦେଶରୁ କ୍ରୀଡ଼ାପ୍ରେମୀ ଆସିଲେ ଅପରାଧୀଙ୍କ ଟାର୍ଗେଟରେ ରହିବା ଆଶଙ୍କା ସୃଷ୍ଟି ହୋଇଛି। ଏପରି ହେଲେ ବିଶ୍ୱ ମାନଚିତ୍ରରେ ରାଜଧାନୀର ଛବି ବିକୃତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, କ୍ୟାମେରା ଲଗାଯିବା ପାଇଁ ଟେଣ୍ଡର କରାଯାଇ ସଂସ୍ଥାକୁ କାମ ଦିଆଯାଇଛି। ଖୁବଶୀଘ୍ର କାମ ସରିବ। ଚୋରି, ଲୁଟ, ଛିନତାଇ ଉପରେ ପୋଲିସ ନଜର ରଖିଛି। ସହରକୁ ସଂଯୋଗ କରୁଥିବା ମୁଖ୍ୟ ପଥଗୁଡିକରେ ଖୁବ୍‌ଶୀଘ୍ର କଡ଼ା ପାଟ୍ରୋଲିଂ ଆରମ୍ଭ ହେବ।

୧୨ ଦିନ ପରେ ହକି ବିଶ୍ୱକପ୍

## ରାସ୍ତାରେ ଗାଈ, ଫୁଟ୍‌ପାଥରେ ଠେଲା ଦୋକାନୀ



ହକି ବିଶ୍ୱକପ୍ ସମୟରେ ଯେପରି ଗୋରୁ ରାସ୍ତାଘାଟରେ ନ ବୁଲିବେ ସେଥିଲାଗି ବିଏମ୍‌ସି ପକ୍ଷରୁ ଟ୍ୟାଗିଂ କରାଗଲା। ରାସ୍ତାକୁ ଗୋରୁ ଛାଡ଼ିଲେ ମାଲିକମାନଙ୍କୁ ଚିହ୍ନଟ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ହେଲା। ମାତ୍ର ଏବେ ବି ରାସ୍ତାଘାଟରେ ପଲ ପଲ ଗୋରୁ ବୁଲୁଛନ୍ତି, ଯେଉଁଥିପାଇଁ ଟ୍ରାଫିକ ସମସ୍ୟା ଦେଖାଯାଉଛି। ସେହିପରି ଅନେକ ସ୍ଥାନରେ ଫୁଟ୍‌ପାଥରେ ଠେଲା ଦୋକାନୀଙ୍କ ପସରା ଜମୁଛି। ସକାଳ ହେବାମାତ୍ରେ ଠେଲା ବ୍ୟବସାୟୀ ବେପାର ଆରମ୍ଭ କରିଦେଉଛନ୍ତି। ଏପରି କି ଫୁଟ୍‌ପାଥରେ ଆବର୍ଜନା ଜମା କରାଯାଉଛି। ଏ ନେଇ ମେୟର ଅନନ୍ତ ନାରାୟଣ ଜେନା କହିଛନ୍ତି, ଖୁବଶୀଘ୍ର କାଞ୍ଜିଆହୁଦା ଉଦ୍‌ଘାଟନ କରାଯିବ। ମୁଖ୍ୟରାସ୍ତା ଅବରୋଧ କରୁଥିବା ଗୋରୁଙ୍କୁ ସେଠାରେ ୩ ଦିନ ଭିତରେ ଛଡାଯିବ। ଫୁଟ୍‌ପାଥ ଉପରେ ଯେଉଁ ବ୍ୟବସାୟୀ ବେପାର କରୁଛନ୍ତି ସେମାନଙ୍କୁ ଉଚ୍ଛେଦ କରାଯିବ। ବିଏମସି ଏ ନେଇ ସ୍ଥାୟୀ ବ୍ୟବସ୍ଥା କରୁଛି। ୫ ଦିନ ଭିତରେ ସମସ୍ୟାର ସମାଧାନ କରାଯିବ।

## ବାଇକ୍ ଚାଳକଙ୍କ କବଳରେ ଫୁଟ୍‌ପାଥ୍

ବିଦେଶୀ ପର୍ଯ୍ୟଟକ, ହକିପ୍ରେମୀମାନେ ସକାଳେ ଓ ସନ୍ଧ୍ୟା ସମୟରେ ଫୁଟପାଥକୁ ବହୁଳମାତ୍ରାରେ ବ୍ୟବହାର କରିବେ। କିନ୍ତୁ ରାଜଧାନୀର ଫୁଟ୍‌ପାଥ ଏବେ ବାଇକ୍ ଚାଳକଙ୍କ କବ୍‌ଜାରେ। ଫୁଟ୍‌ପାଥରେ ଗାଡ଼ି ଚଳାଚଳ କରୁଛି। ଏସବୁ ଟ୍ରାଫିକ କର୍ମଚାରୀମାନେ ଦେଖିଲେ ବି ନୀରବଦ୍ରଷ୍ଟା ସାଜୁଛନ୍ତି। ଏ ନେଇ ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋ କହିଛନ୍ତି, ମେକ ଇନ୍ ଓଡିଶା କନକ୍ଲେଭ ପାଇଁ ଅନେକ କର୍ମଚାରୀ ବ୍ୟସ୍ତ ରହିଥିଲେ। ପୋଲିସ ଫୁଟ୍‌ପାଥରେ ଗାଡି ଚଳାଉଥିବା ଲୋକାଙ୍କଠାରୁ ଜରିମନା ଆଦାୟ କରୁଛି। ଏ ନେଇ ଚାଳକ ଓ ଟ୍ରାଫିକ କର୍ମଚାରୀଙ୍କ ମଧ୍ୟରେ ଝଗଡା ମଧ ହେଉଛି। ଏ ଦିଗରେ ଟ୍ରାଫିକ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଜନସାଧାରଣ ସଚେତନ ହେବା ସହ ସହଯୋଗ କରନ୍ତୁ।





## ହକି ବିଶ୍ୱକପ୍ ପୋଲିସ ପାଇଁ ଚ୍ୟାଲେଞ୍ଜ

ଯୁବ ଆଇନଜୀବୀ ବିସ୍ମୟ ଷ୍ଟାଲିନ କୁହନ୍ତି, ହକି ବିଶ୍ୱକପକୁ ପରିଚାଳନା କରିବା କମିଶନରେଟ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ। ରାଜଧାନୀରେ ଚୋରି, ଲୁଟ ଓ ଛିନତାଇ ବଢ଼ିଛି। ଦେଶ ବିଦେଶରୁ ଆସିବାକୁ ଥିବା ହକିପ୍ରେମୀ, ପର୍ଯ୍ୟଟକ ଯେପରି ଏହାର ଶିକାର ନ ହୁଅନ୍ତି ସେଥିପତି ପୋଲିସ ସତର୍କ ରହିବା ଉଚିତ। ସେହିପରି ବିଶ୍ୱକପ ସମୟରେ କଟକରେ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଥିବାରୁ ଟ୍ରାଫିକ ପରିଚାଳନା ପାଇଁ ପୋଲିସ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ।

## ବିଦେଶୀ କଳାକାରଙ୍କୁ ସୁରକ୍ଷା ନାହିଁ

ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଓଭରବ୍ରିଜ କାନ୍ଥରେ କ୍ରୀଡ଼ା ସମ୍ବନ୍ଧୀୟ ଅନେକ ୩ଡି ଚିତ୍ର ଅଙ୍କାଯାଉଛି। ଆମେରିକା କାଲିଫର୍ନିଆର ୫୩ ବର୍ଷିଆ ମହିଳା ଚିତ୍ରକର ଟ୍ରେସି ଲି ଷ୍ଟ୍ରମ ତାଙ୍କର ୩ ମହିଳା ଓ ଜଣେ ପୁରୁଷ ସହଯୋଗୀଙ୍କ ସହ ଭୁବନେଶ୍ୱର ଆସିଛନ୍ତି। ସେମାନେ ଜୟଦେବ ବିହାର, ଆଚାର୍ଯ୍ୟବିହାର, ବାଣୀ ବିହାର ଦେଇ ଯାଇଥିବା ଓଭରବ୍ରିଜ କାନ୍ଥରେ ୩ଡି ଚିତ୍ର ଆଙ୍କୁଛନ୍ତି। ମାତ୍ର ସେମାନଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯାଇନାହିଁ। ସେମାନେ ରାତି ୧୧ଟାରୁ ଭୋର ପର୍ଯ୍ୟନ୍ତ କାମ କରୁଛନ୍ତି। ଏହି ସମୟରେ ଅସାମାଜିକ ଯୁବକମାନେ ଅଶ୍ଳୀଳ କମେଣ୍ଟ କରୁଛନ୍ତି। ସେମାନଙ୍କୁ ଡକାଇଥିବା ସଂସ୍ଥାର କର୍ମଚାରୀ କହିଛନ୍ତି, ସୁରକ୍ଷା ଦେବାରେ ସେମାନଙ୍କ ପ୍ରତି ଅବହେଳା କରାଯାଉଛି। ରାତିରେ ମଦ୍ୟପାନ କରି ଅନେକ ଯୁବକ ସେମାନଙ୍କୁ ଥଟ୍ଟା ପରିହାସ କରି ହଇରାଣ କରୁଥିଲେ ମଧ ପୋଲିସ ନୀରବ ରହୁଛି।

## ଅବକାରୀ ଚଢ଼ାଉ, ୧୩ ଗିରଫ

**କଟକ ରୋଡ,୧୪।୧୧(ଡି.ଏନ୍.ଏ.):** ଭୁବନେଶ୍ୱର ଅବକାରୀ ବିଭାଗ ମଙ୍ଗଳବାର ଓ ବୁଧବାର ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୧୩ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କିମି ବିନ୍ଧାଣୀ, ଟୁନା ନାୟକ, ଗୋଲାପୀ ସୋରେନ, ସାରଥି ହେମ୍ବ୍ରମ, ଆଶା ମୁର୍ମୁ, ରମେଶ ନାୟକ, ମିରୁ ମଣ୍ଡଳ, ଅକ୍ଷୟ ବେହେରା, ଚମ୍ପା ଛତର, ଚନ୍ଦ୍ରମଣି ହେମ୍ବ୍ରମ, ରାମୁ ପ୍ରଧାନ, ଲକ୍ଷ୍ମଣ ହେମ୍ବ୍ରମ ଓ ରାଜୁ ମଣ୍ଡଳ। ଏମାନଙ୍କଠାରୁ ୨୦୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି।

## ବାଗ୍‌ଦେବୀ ବିଦ୍ୟା ମନ୍ଦିରରେ ଶିଶୁ ଦିବସ

**ବାଲିପାଟଣା,୧୪।୧୧(ଡି.ଏନ୍.ଏ.):** ବାଲିପାଟଣା ଛକସ୍ଥିତ ବାଗଦେବୀ ବିଦ୍ୟାମନ୍ଦିରରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି। ପବିତ୍ରା ଦାସଙ୍କ ସଭାପତିତ୍ୱରେ ଦିଲ୍ଲୀପ କୁମାର ଓଝା ମୁଖ୍ୟ ଅତିଥି, ସମୟର ପ୍ରାଚୀଧାରାର ସମ୍ପାଦକ ଭଗବାନ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିଶୁ କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଆରମ୍ଭ ହେଲା 'ଅଞ୍ଜଳି'

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ଶିଶୁ ଦିବସ ଉପଲକ୍ଷେ 'ଅଞ୍ଜଳି' ଶିଶୁ ମହୋତ୍ସବ ବୁଧବାରଠାରୁ ରେଲ୍ ସଦନଠାରେ ଆରମ୍ଭ ହୋଇଛି। ପ୍ରତିବର୍ଷ ଶିଶୁମାନଙ୍କୁ ନେଇ ହେଉଥିବା ଏହି ଉତ୍ସବରେ ପ୍ରଥମଥର ପାଇଁ ଯୁବଗୋଷ୍ଠୀଙ୍କୁ ଯୋଡିବାର ପ୍ରୟାସ କରାଯାଇଛି। ଅଞ୍ଜଳି ପକ୍ଷରୁ 'ସଶକ୍ତ' ବାର୍ତ୍ତାକୁ ଭିତ୍ତିକରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦିବ୍ୟାଙ୍ଗମାନେ ମାନସିକ ଭାବେ ସଶକ୍ତ ହେବା ସହ କିପରି ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଚେଷ୍ଟା କରାଯିବା ଉଚିତ ବୋଲି ଅତିଥିମାନେ କହିଛନ୍ତି। ମହୋତ୍ସବରେ ଜମ୍ମୁ-କଶ୍ମୀର, ହରିୟାଣା, ମଧ୍ୟପ୍ରଦେଶ, ସିକିମ୍, ନାଗାଲାଣ୍ଡ, ତ୍ରିପୁରା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ ଏବଂ ଓଡ଼ିଶା ଆଦିର ୧୧ଟି ଟିମ୍ ଅଂଶଗ୍ରହଣ କରଛନ୍ତି। ବୁଧବାର ଅଞ୍ଜଳିରେ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା, କୋଲାଜ୍ ମେକିଂ, ଦଳଗତ ନୃତ୍ୟ ଓ ଦଳଗତ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡପ୍ରାପ୍ତ ଦିଲ୍ଲୀର 'ୱି ଆର୍ ୱାନ୍' ନାମକ ଏକ ଗ୍ରୁପର୍ ହୁଇଲ୍ ଚେୟାର୍‌ରେ ନୃତ୍ୟ ପରିବେଷଣ କରିଥିଲେ। ଶାଶ୍ୱତ ଯୋଶୀଙ୍କ ନିର୍ଦ୍ଦେଶନାରେ ନୃତ୍ୟ ପରିବେଷିତ ହୋଇଥିଲା। ଅଭିରାମ ନନ୍ଦଙ୍କ ସଂଯୋଜନାରେ ଦୃଷ୍ଟିହୀନ, ଅଟିଷ୍ଟିକ୍ ଓ ସାଧାରଣ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଯାଦୁକର ସୁଧାଂଶୁ ଦାଶଙ୍କ ନିର୍ଦ୍ଦେଶନାରେ ମୂକ ବଧିର ପିଲାମାନେ ମ୍ୟାଜିକ ପ୍ରଦର୍ଶନ କରିଥିଲେ। ଭାରତୀୟ ବିଦ୍ୟାଭବନର ଅଧ୍ୟକ୍ଷ ମେଜର ଜେନେରାଲ ବି.କେ. ମହାପାତ୍ର, କମୋଡର ଅଜୟ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଅଞ୍ଜଳିର ପ୍ରତିଷ୍ଠାତା ଶ୍ରୁତି ମହାପାତ୍ର ଉପସ୍ଥିତ ଥିଲେ।

## 'ଜୟ ଓଡ଼ିଶା' ପକ୍ଷରୁ ୫ ବସ୍ତିରେ ଶିଶୁ ଦିବସ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ଶିଶୁ ଦିବସ ଅବସରରେ 'ଜୟ ଓଡ଼ିଶା' ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଞ୍ଚଳରେ ପ୍ରାୟ ୫୦୦ପିଲାଙ୍କ ମନୋରଞ୍ଜନ ନିମନ୍ତେ ଚନ୍ଦନ କୁମାର ଦାସଙ୍କ ଦ୍ୱାରା ଏକ ମ୍ୟାଜିକ୍ ଶୋ' ପ୍ରଦର୍ଶନ କରାଯାଇଥିଲା। ସେମାନଙ୍କ ଶିକ୍ଷାରେ ସହାୟତା ନିମନ୍ତେ ଖାତା, ପୁସ୍ତକ, ପେନ୍, ପେନ୍‌ସିଲ ଆଦି ବଣ୍ଟାଯାଇଥିଲା। ୟୁନିଟ୍-୩ ମାଳି କଲୋନୀ, ଲକ୍ଷ୍ମୀ ବସ୍ତି, ୟୁନିଟ୍-୯ ଭଗବତୀ ବସ୍ତି, ସାଇନ୍ସ ପାର୍କ ବସ୍ତି, ନବ କ୍ଲବ ନୟାପଲ୍ଲୀ ଆଦି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଜୟ ଓଡ଼ିଶା' ସଭାପତି ରୁଦ୍ର ସାମନ୍ତରାୟ ଶିଶୁମାନଙ୍କ ଉତ୍ତମ ଭବିଷ୍ୟତ ନିମନ୍ତେ ପରାମର୍ଶ ଦେବା ସହିତ ସେମାନଙ୍କ ଶିକ୍ଷାଦାନରେ ଅଧିକ ଧ୍ୟାନ ଦେବା ପାଇଁ ଅଭିଭାବକଙ୍କୁ ଅନୁରୋଧ କରିଛନ୍ତି।

## ପରିବେଶ ପର୍ଯ୍ୟଟନ ପାଠ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୧୧




ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ରାଜ୍ୟ ପରିବେଶ ଶିକ୍ଷଣ କେନ୍ଦ୍ର ପରିସରରେ ବୁଧବାର ଇକୋ ଟୁରିଜିମ୍ ସାର୍ଟିଫିକେଟ ଭାରତ ସରକାରଙ୍କର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସହାୟତାରେ ଅନୁଷ୍ଠିତ ସବୁଜ ଦକ୍ଷତା ଉନ୍ନତି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପରିବେଶ ପର୍ଯ୍ୟଟନ ପାଠ୍ୟକ୍ରମ ପ୍ରଶିକ୍ଷଣ ଆରମ୍ଭ କରାଯାଇଛି। ଏଥିରେ ଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ.ଆଶୁତୋଷ ଦେବତା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟଜନ୍ତୁ ତତ୍ତ୍ୱାବଧାରକ ଓଡ଼ିଶା ସନ୍ଦିପ ତ୍ରିପାଠୀ, ଆଇ.ଏଫ.ଏ, ସମ୍ମାନୀତ ଅତିଥି ରୂପେ ପୁରୀର ଡି.ଏଫ.ଓ ଡ.ହର୍ଷବର୍ଦ୍ଧନ ଉଦ୍‌ଗାତା ଏବଂ ଚନ୍ଦକା ବନ୍ୟଜନ୍ତୁ ସଂରକ୍ଷଣ ଡି.ଏଫ.ଓ ଡ.କେଦାର କୁମାର ସ୍ୱାଇଁ ଯୋଗ ଦେଇଥିଲେ। ପରିବେଶ ଶିକ୍ଷଣ କେନ୍ଦ୍ରର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାସ, ସୂଚନା ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ପ୍ରୋଜେକ୍ଟ ଅଫିସର ଡ.ଅର୍ଜୁନ କୁମାର ବିଶ୍ୱାଳ, ହେମନ୍ତ କୁମାର ଦାଶ ଓ ଡ.ରାଜେଶ କୁମାର ମହନ୍ତ, ଭରତ ଚନ୍ଦ୍ର ଜେନା ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ.ତ୍ରିପାଠୀ ଇକୋ ଟୁରିଜିମ୍ ମାର୍ଗଦର୍ଶନ ଶୀର୍ଷକ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁରଜଳ ଜୀବପାଳନ, ଜଳକୃଷି ଜୀବିକା ନିର୍ବାହର ମାଧ୍ୟମ

ବାଲକାଟୀ,୧୪।୧୧(ଡି.ଏନ.ଏ.)

କୌଶଲ୍ୟାଗାଙ୍ଗସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା 'ସିଫା'ରେ ଭାରତୀୟ ସେନା ପକ୍ଷରୁ ଆସାମ ଜନଜାତି ଯୁବକମାନଙ୍କ ନିମନ୍ତେ ମଧୁରଜଳ ଜୀବପାଳନ ଓ ଜଳକୃଷି ଜୀବିକା ନିର୍ବାହର ମାଧ୍ୟମ ଶୀର୍ଷକ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର୍-ସିଫା ସଭାକକ୍ଷରେ ଆୟୋଜିତ ଏହି ୪ ଦିନିଆ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ଭାରତୀୟ ସେନାବାହିନୀର ୧୨୦ ବାଟାଲିଅନ, ବିହାର ରେଜିମେଣ୍ଟର କମାଣ୍ଡିଙ୍ଗ ଅଫିସର କର୍ନେଲ ଡି.ଡି.ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ସିଫାର ନିର୍ଦ୍ଦେଶକ ଡ.ବିନ୍ଦୁ ଆର. ପିଲାଇ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସଭାରେ ପ୍ରଧାନ ବୈଜ୍ଞାନିକ ତଥା ଜନଜାତି ଉପଯୋଜନ ଅଧ୍ୟକ୍ଷ ଡ.ବିକାଶଚନ୍ଦ୍ର ମହାପାତ୍ର, ପ୍ରଶିକ୍ଷାର୍ଥୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଭାରତୀୟ ସେନା ପକ୍ଷରୁ ସିଫା ସହଯୋଗରେ ଦିଆଯାଉଥିବା ଏହି ପ୍ରଶିକ୍ଷଣକୁ ମୁଖ୍ୟଅତିଥି କର୍ନେଲ ସ୍ୱାଇଁ ପ୍ରଶଂସା କରିଥିଲେ। ଏହି ପ୍ରଶିକ୍ଷଣରେ ସମୁଦାୟ ୨୨ଜଣ ଯୁବକ ଅଂଶଗ୍ରହଣ କରିଛନ୍ତି। ସଭା ଶେଷରେ ସିଫାର ପ୍ରଧାନ ବୈଜ୍ଞାନିକ ଡ.ପ୍ରଭାତୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଜ୍ଞାନିକ ଡ.ଆଇ.ଶିବରମଣ ଓ ନୀତିଶ କୁମାର ଚନ୍ଦନ ସଂଯୋଜନା କରିଥିଲେ ।

## ସୁଦର୍ଶନଙ୍କ ଦାରୁପୀଠରେ 'ବଟବୃକ୍ଷ ସ୍ଥାପନ'

ବାଲକାଟୀ,୧୪।୧୧(ଡି.ଏନ.ଏ.)

ଗଡକଣ୍ଟୁଣିଆସ୍ଥିତ ଶ୍ରୀସୁଦର୍ଶନଙ୍କ ଦାରୁପ୍ରାପ୍ତିସ୍ଥଳରେ ବୁଧବାର ବଟବୃକ୍ଷ ସ୍ଥାପନ କରାଯାଇଛି। ଏହି ସ୍ଥଳରେ ପୀଠାଧିଶ ତୁଳସୀ କୈବଲ୍ୟ ଆଶ୍ରମ, ଶୁକ ପୀଠର ଉପଦେଷ୍ଟା ଉପେନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ବଟବୃକ୍ଷ ସ୍ଥାପନ ହୋଇଛି। ତୁଳସୀ କୈବଲ୍ୟ ଆଶ୍ରମର ଗଗନ ବିହାରୀ ଦାସ, ସ୍ୱର୍ଣ୍ଣ ପ୍ରଭାଦେବୀ କର୍ତ୍ତା ରୂପେ ବଟବୃକ୍ଷ ସ୍ଥାପନ କରିଥିଲେ।

## ୬ କୋଟି ୧୬ ଲକ୍ଷ ଟଙ୍କାର ପ୍ରକଳ୍ପ ପାଇଁ ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର,୧୪।୧୧ (ଡି.ଏନ.ଏ.)** ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଅଞ୍ଚଳରେ ପୃଥକ ଭାବେ ପ୍ରାୟ ୬ କୋଟି ୧୬ ଲକ୍ଷ ଟଙ୍କାର ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଯାଇଛି। ଭୁବନେଶ୍ୱର ବ୍ଲକ ଟିକରପଡାଠାରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରଡି ରାସ୍ତା ଏବଂ ଗଙ୍ଗୁଆ ନଦୀ ଉପରେ ଏକ ନୂତନ ବିଜୁ ସେତୁର ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୫ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହି ସେତୁ କାର୍ଯ୍ୟକ୍ଷମ ହେଲେ ଭୁବନେଶ୍ୱରରୁ-ଜଟଣୀକୁ ଗମନାଗମନ ସହଜ ସହ ଏହି ଅଞ୍ଚଳ ଅଧିବାସୀ ଉପକୃତ ହୋଇପାରିବେ। ସେହିଭଳି ଶିଶୁପାଳଗଡଠାରେ ୬୬ ଲକ୍ଷ ଟଙ୍କା ବ୍ୟୟରେ ଏକ କଲଭର୍ଟ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ଏ ସମସ୍ତ କାର୍ଯ୍ୟର ଶିଳାନ୍ୟାସ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କରିଥିଲେ। ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ଅବିନାଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରରାୟ, ସରପଞ୍ଚ ଇତିଶ୍ରୀ ଚମ୍ପତି ଓ ଅକ୍ଷୟ ବରାଳ ଉପସ୍ଥିତ ଥିଲେ।

## ୨ ଗିରଫ, ୬ ମୋବାଇଲ ଜବତ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

**ଶଟର ତାଡି ୩୫ ମୋବାଇଲ ଚୋରି ଘଟଣା**

ନୟାପଲ୍ଲୀ ଥାନା ଆଇଆରସି ଭିଲେଜରେ ଥିବା ମୋବାଇଲ୍ ଜୋନ୍ ଦୋକାନରୁ ୧୦ ଲକ୍ଷ ଟଙ୍କାର ୩୫ଟି ମୋବାଇଲ୍ ଫୋନ ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆସାହିରେ ରହୁଥିବା ଯାଜପୁରର ମଙ୍ଗଳ ହେମ୍ବ୍ରମ ଓ ଖଣ୍ଡଗିରି ଭରତପୁରର ରାଜେଶ ପରିଡ଼ା। ସେମାନଙ୍କଠାରୁ ୬ଟି ମୋବାଇଲ ଜବତ କରାଯିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ଗତ ୫ ତାରିଖ ରାତି ପ୍ରାୟ ୧୦ଟାରେ ବିଶ୍ୱରଞ୍ଜନ ମହାପାତ୍ର ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳୁ ଆସିବା ବେଳକୁ ଦୋକାନ ଶଟର ତଡ଼ାଯାଇଥିବାବେଳେ ଦୋକାନରେ ଥିବା ୩୫ଟି ଦାମୀ ମୋବାଇଲ, ୧୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୦୭/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସନ୍ଦେହରେ ପୋଲିସ ମଙ୍ଗଳ ଏବଂ ରାଜେଶଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ।

## ୨୨୦ ବ୍ୟବସାୟୀଙ୍କୁ ନୋଟିସ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଆରେ ନାମଫଳକ ଲେଖିବା ବାଧ୍ୟତାମୂଳକ ବୋଲି ବିଏମ୍‌ସି ପୂର୍ବରୁ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ଓଡ଼ିଶା ଶପ୍‌ସ ଆଣ୍ଡ୍ କମର୍ସିଆଲ ଏଷ୍ଟାବ୍ଲିଶମେଣ୍ଟ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୮ ବିଧାନସଭାରେ ଗୃହୀତ ହୋଇସାରିଛି। କିନ୍ତୁ ରାଜଧାନୀର ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ନାମଫଳକ ଲେଖୁନାହାନ୍ତି। ଏ ନେଇ ବିଏମ୍‌ସି ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ଓଡ଼ିଆରେ ନାମଫଳକ ଲେଖି ନ ଥିବା ୨୨୦ ପ୍ରତିଷ୍ଠାନକୁ ବିଏମ୍‌ସି ନୋଟିସ ଜାରି କରିଛି। ତୁରନ୍ତ ଓଡ଼ିଆ ନାମଫଳକ ଲଗାଇବାକୁ ନୋଟିସରେ କୁହାଯାଇଛି।



ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ଅବସରରେ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

## ପରିମଳ ସମସ୍ୟା ଉପରେ ଆଲୋଚନା

ବାଲିଅନ୍ତା,୧୪।୧୧(ଡି.ଏନ୍.ଏ.)

**ବାଲିଅନ୍ତା ପଞ୍ଚାୟତ ସମିତି ବୈଠକ**

ବାଲିଅନ୍ତା ପଞ୍ଚାୟତ ସମିତି ବୈଠକ ବୁଧବାର ସମିତି ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ସୁଚିତ୍ରା ଜେନାମଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶୌଚାଳୟ ବିଲ୍ ପ୍ରଦାନରେ ବିଳମ୍ବକୁ ନେଇ ସରପଞ୍ଚ ରଶ୍ମିତା ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ। ହିତାଧିକାରୀ ଧାର କରଜ କରି ଶୌଚାଳୟ ତିଆରି କରୁଥିଲେ ମଧ ସେମାନଙ୍କର ବିଲ୍ ହୋଇପାରୁନି। ବେସ୍ ଲାଇନ୍‌ରେ ନାଁ ଥିଲେ ମଧ ଯୋଗ୍ୟ ହିତାଧିକାରୀଙ୍କୁ ଶୌଚାଳୟ ମିଳୁ ନ ଥିବା ଅଭିଯୋଗ କରି ଏ ଦିଗରେ ଆଉଥରେ ସର୍ଭେ କରିବାକୁ ସରପଞ୍ଚ ସୂର୍ଯ୍ୟ ଦାସ, ଜୟଶ୍ରୀ ନାୟକ ଓ ଲକ୍ଷ୍ମଣ ଆଚାର୍ଯ୍ୟ ଦାବି କରିଥିଲେ। ସେହିଭଳି ଏରକଣ୍ଟା ଓ ପୂରଣରେ ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ଏହାର ତୁରନ୍ତ ସମାଧାନ ପାଇଁ ସମିତି ସଭ୍ୟ ଲକ୍ଷ୍ମୀଧର ନାୟକ ଦାବି କରିଥିଲେ। ପରିମଳ ଓ ପାନୀୟ ଜଳ ସମସ୍ୟାକୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଡାକିବା ପାଇଁ ବିଡିଓ ରଶ୍ମୀରେଖା ପ୍ରଧାନ କହିବା ପରେ ବହୁ ସଭ୍ୟାସଭ୍ୟ ଏହି ଆଲୋଚନାରୁ ବିରତ ରହିଥିଲେ। ୧୦ ବିଦ୍ୟାଳୟର ବଳକା ପୋକରା ଚାଉଳ ଆଣି ସତ୍ୟଭାମାପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଭାତ ଦିଆଯାଉଥିବା ସରପଞ୍ଚ ଲକ୍ଷ୍ମଣ ଆଚାର୍ଯ୍ୟ ଅଭିଯୋଗ କରିଥିଲେ। ପୋକରା ଚାଉଳ ଫେରାଇ ନେଇ ଭଲ ଚାଉଳ ନ ଦେଲେ ସେ ବିଦ୍ୟାଳୟରେ ତାଲା ପକାଇବେ ବୋଲି କହିଥିଲେ। ଆମ ଗାଁ ଆମ ବିକାଶ ଯୋଜନାରେ ବାଲିଅନ୍ତା ବ୍ଲକର ୧୩୮ ପ୍ରକଳ୍ପ ପାଇଁ ୪କୋଟି ଟଙ୍କା ମଞ୍ଜୁର ହୋଇଥିବା ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ତପନ କୁମାର ସାହୁ ସୂଚନା ଦେଇଥିଲେ। ବୈଠକରେ ସମିତି ଉପାଧ୍ୟକ୍ଷ ଦୀପସ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ବିଶ୍ୱନାଥ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାତ୍ର ଉପସ୍ଥିତ ଥିଲେ।



ଜୀବନଟା କେବଳ କେତେଗୁଡ଼ିଏ ଘଟଣାବଳୀର ସମଷ୍ଟି ନୁହେଁ। ମୁଣ୍ଡ ଭିତରେ ଯେଉଁ ବାତ୍ୟା ପ୍ରବାହିତ ହୁଏ ତାହାହିଁ ପ୍ରକୃତ ଜୀବନ।
- ମାର୍କ ଟ୍ୱେନ



## କାଜୁଆଲିଟି ପାଇଁ ବସିଲା ଉଚ୍ଚସ୍ତରୀୟ ବୈଠକ

# ସୁବ୍ୟବସ୍ଥା ସହ ସୁରକ୍ଷା ଲୋଡ଼ିଲେ ଡାକ୍ତର

**କଟକ ଅଫିସ, ୧୪।୧୧**

କାଜୁଆଲିଟିରେ ଭିତ୍ତିଭୂମି ଦୁର୍ବଳ। ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଲାଗି ରହୁଛି। ସୁରକ୍ଷା ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ବିଳମ୍ବିତ ରାତିରେ ଗୁରୁତର ରୋଗୀଙ୍କ ସହିତ ଆସୁଥିବା ଆଟେଣ୍ଡାଣ୍ଟମାନେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଗାଳିଗୁଲଜଠାରୁ ଆରମ୍ଭ କରି ଡାକ୍ତରଙ୍କୁ ମାଡ଼ମାରିବା ପର୍ଯ୍ୟନ୍ତ କଥା ଯାଉଛି। ତେଣୁ କାଜୁଆଲିଟି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ କାଜୁଆଲିଟି ଡାକ୍ତରମାନେ ଅଧୀକ୍ଷକଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଏସ୍‌ସିବି ମେଡିକାଲ କାଜୁଆଲିଟିକୁ ନେଇ ବୁଧବାର ଅପରାହ୍ଣ ୪ଟାରୁ ୬ଟା ପର୍ଯ୍ୟନ୍ତ ଉଚ୍ଚସ୍ତରୀୟ ବୈଠକ ମେଡିକାଲ ଅଧୀକ୍ଷକ ପ୍ରଫେସର ପ୍ରସନ୍ନ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ତାଙ୍କ ଚାମ୍ବରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କାଜୁଆଲିଟି ନୋଡାଲ ଅଫିସର ଡାକ୍ତର ଅତନୁ ମହାନ୍ତି, ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ସମେତ କାଜୁଆଲିଟି ମେଡିକାଲ ଅଫିସର (ସିଏମ୍‌ଓ)ମାନେ ଯୋଗ ଦେଇଥିଲେ। ସିଏମ୍‌ଓମାନେ ଦୈନିକ କାଜୁଆଲିଟିରେ ସାମ୍ନା କରୁଥିବା ସମସ୍ୟା ସମ୍ପର୍କରେ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ। ସିଏମ୍‌ଓ ଡା. ଜେ.ପି. ବିଶ୍ୱାଳଙ୍କ କହିବା ଅନୁଯାୟୀ, କାଜୁଆଲିଟିରେ ମାତ୍ର ୪୪ ବେଡ୍ ରହିଛି। ଦୈନିକ ଏଠାକୁ ୪୫୦ରୁ ୫୦୦ ରୋଗୀ ଆସୁଥିବାବେଳେ ସେମାନଙ୍କ ମଧ୍ୟରୁ ୩୦୦ରୁ ୩୫୦ ଆଡମିଶନ ହେଉଛନ୍ତି। ମାତ୍ର ଦୁର୍ବଳ ଭିତ୍ତିଭୂମି ଯୋଗୁ ଆମେ ବହୁ ସମସ୍ୟାକୁ ସାମ୍ନା କରୁଛୁ ବୋଲି ଡା. ବିଶ୍ୱାଳ କହିଛନ୍ତି। ତେବେ ଏତେ ସଂଖ୍ୟକ ରୋଗୀଙ୍କ ପାଇଁ ୪ ଜଣ ସିଏମ୍‌ଓ ନିୟୋଜିତ ଅଛନ୍ତି। ଏମାନେ ଶିଫ୍ଟ ଅନୁଯାୟୀ ଡ୍ୟୁଟି କରୁଛନ୍ତି। କାଜୁଆଲିଟିକୁ ମେଡିସିନ, ସର୍ଜରୀ ଓ ଅସ୍ଥିଶଲ୍ୟ ବିଭାଗର ୧୪ ଜଣ ଏସ୍‌ଆର୍ (ସିନିୟର ରେସିଡେଣ୍ଟ)ଙ୍କୁ ନିୟୋଜିତ କରାଯାଇଥିଲେ ମଧ୍ୟ ସେମାନଙ୍କ ଦେଖା ମିଳୁନି। ଫଳରେ ସେମାନଙ୍କ ବଦଳରେ ପିଜି ଡାକ୍ତରମାନେ ଚିକିତ୍ସାଭାର ସମ୍ଭାଳୁଛନ୍ତି। ଏହା ଅଧିକ ସମସ୍ୟା ସୃଷ୍ଟି କରୁଛି। ସେହିପରି ମାତ୍ର ୮ ଜଣ ଡ୍ରେସର ରହିଛନ୍ତି। କାଜୁଆଲିଟିକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ୫୦ ପ୍ରତିଶତ ଦୁର୍ଘଟଣାର ଶିକାର ହୋଇ ଆସିଥାନ୍ତି। ଯେଉଁମାନଙ୍କର ପ୍ରାଥମିକ ଭାବେ ଡ୍ରେସିଂର ଆବଶ୍ୟକତା ପଡ଼ିଥାଏ। ଡ୍ରେସର ଅଭାବ ଯୋଗୁ ଆଉ ଏକ ଗୁରୁତର ସମସ୍ୟା ହେଉଛି। ଏହି ସବୁ ପ୍ରସଙ୍ଗ ଉପରେ ଆଲୋଚନା ହେବା ପରେ ଏହାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଅଧୀକ୍ଷକ ପ୍ରଫେସର ଦେବତା କହିଥିଲେ।

- ନିୟୋଜିତ ହେବେ ଆଉ ୬ ଜଣ ଡାକ୍ତର
- ପ୍ରତି ଶିଫ୍ଟରେ ରହିବେ ୨ ଜଣ ସିଏମ୍‌ଓ
- ଆରମ୍ଭ ହେବ ଡିଜିଟାଲ ଏକ୍ସ-ରେ ବ୍ୟବସ୍ଥା

ବୈଠକ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କହିଛନ୍ତି, କାଜୁଆଲିଟି ପାଇଁ ସରକାର ଆଉ ୬ ଜଣ ଡାକ୍ତର ନିୟୋଜିତ କରିଛନ୍ତି। ନଭେମ୍ବର ୩୦ରୁ ୪ ଜଣ ଡାକ୍ତର କାର୍ଯ୍ୟରେ ଯୋଗଦେବେ। ଏହାପରେ ପ୍ରତି ଶିଫ୍ଟରେ ଜଣେ ବଦଳରେ ୨ ଜଣ ଲେଖାଏ ସିଏମ୍‌ଓ ରୋଗୀ ସେବା କରିବେ। ଏପରିକି ଆସନ୍ତା ସପ୍ତାହରେ କାଜୁଆଲିଟିରେ ଡିଜିଟାଲ ଏକ୍ସ-ରେ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଡାକ୍ତର ମହାରଣା ସୂଚନା ଦେଇଛନ୍ତି।


# ଜିଲ୍ଲା ଭୂ-ଅର୍ଜନ ତଥା କ୍ଷମତାପନ୍ନ ପ୍ରାଧିକାରୀ

(ଜାତୀୟ ରାଜପଥ ନମ୍ବର – ୫୯)ଙ୍କ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁର

## ସର୍ବସାଧାରଣ ନୋଟିସ

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 56) ର ଧାରା 3 (G) ଉପଧାରା (3) ମୁତାବକ

**P.R. ସଂଖ୍ୟା: 1681/ଛତ୍ରପୁର** **ତା: 12.11.2018**

ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୪୩୫ (E) ତା୨୫।୧୦।୨୦୧୮ରିଖ ଓ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୪୨୩୦ ତା୨୬।୧୦।୨୦୧୮ରିଖ ପ୍ରୋକ୍ତ ଆଇନର ଧାରା (3) 'A'ରେ ଉଲ୍ଲିଖିତ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବର୍ତ୍ତମାନ ଅବସ୍ଥିତ ଥିବା ଜାତୀୟ ରାଜପଥ ସଂଖ୍ୟା – ୨୧୭ (ନୂତନ ଜାତୀୟ ରାଜପଥ – ୫୧୬) ଓ ସମସ୍ତରରେ ଥିବା ରାସ୍ତା ଓ ରେଳପଥ ପରସ୍ପରକୁ ଅତିକ୍ରମ କରିଥିବା ମୌଜା ଛତ୍ରପୁର, କଣମଣା, ଟିକିରିଆ ବ୍ରହ୍ମପୁର ସ୍ଥାନରେ ପ୍ରସ୍ତାବିତ ୪-ଲାଇନ ବିଶିଷ୍ଟ ଉପରପୋଲ ନିର୍ମାଣ ନିମନ୍ତେ ଧାରା 3 (D) ର ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅଧିସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି।

ଯେହେତୁ ପ୍ରୋକ୍ତ ଆଇନର ଧାରା 3(G) ର ଉପଧାରା ୧ ଅନୁସାରେ ଅଧିଗ୍ରହଣ ନିମିତ୍ତ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମି ଏବଂ ଜମିରେ ଥିବା ଗୃହ, କୂପ, ବୃକ୍ଷ ଇତ୍ୟାଦିର ମୂଲ୍ୟ ନିର୍ଦ୍ଧାରଣ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା କରାଯିବା ଆବଶ୍ୟକ।

ଅତଏବ ତଫସିଲଭୁକ୍ତ ଅନୁସୂଚୀ ଜମିର ଭୂମି ମାଲିକ ତଥା ଜମିରେ ସ୍ୱାର୍ଥ ସଂଶ୍ଳିଷ୍ଟ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ଧାର୍ଯ୍ୟ ତାରିଖ ଓ ସମୟରେ ଆନୁଷଙ୍ଗିକ ସମସ୍ତ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ ନଚେତ୍ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଯେହେତୁ ଭାରତ ସରକାରଙ୍କ ଉପରୋକ୍ତ ଅଧିସୂଚନା ସଂଖ୍ୟା ଅନୁସାରେ ନିମ୍ନ ତଫସିଲଭୁକ୍ତ ଜମି ଜାତୀୟ ରାଜପଥ ଆଇନ ୧୯୫୬ ଧାରା 3(D) ଅନୁଯାୟୀ କେନ୍ଦ୍ର ସରକାରଙ୍କଠାରେ ନ୍ୟସ୍ତ ହୋଇଅଛି। ତେଣୁ ପ୍ରୋକ୍ତ ଆଇନ୍‌ର ଧାରା 3(E) ଅନୁଯାୟୀ ଜଣାଇ ଦିଆଯାଉଅଛି ଏହି ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜମିର ସ୍ୱତ୍ୱାଧିକାରୀ/ଜମି ମାଲିକ/ସ୍ୱାର୍ଥ ଥିବା ବ୍ୟକ୍ତି କାଗଜାତ ଦାଖଲ ପୂର୍ବକ କ୍ଷତିପୂରଣ ଗ୍ରହଣ କରିବା ନିମନ୍ତେ ପ୍ରୋକ୍ତ ସମ୍ପତ୍ତିରୁ ଅନ୍ତର ହେବେ ନଚେତ୍ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./– କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ
ଛତ୍ରପୁର, ଗଞ୍ଜାମ

# MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 25th October, 2018**

S.O. 5435(E) - Whereas by the notification of the Government of India in the Ministry of Road Transport and Highways, S.O. Number 1277(E) dated 09.03.2018, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction of 4-lane ROB & its approaches in place of existing level crossing at Km 3.7 of NH-217 (New NH-516) Maintenance, management and operation of NH-217 on the stretch of land from Km 2.407 to Km 4.590 in the district of GANJAM in the State of Odisha.

And whereas the substance of the said notification has been published in "THE DHARITRI" dated 15.04.2018 and "THE ANUPAMBHARAT" dated 14.04.2018; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent authority.

And whereas, in pursuance of sub-section (1) of Section 3D of the said Act, the competent authority has submitted its report to the Central Government.

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

**SCHEDULE**

Brief description of the land to be acquired, with or without structure, falling within the stretch of land from Km 2/407 to Km 4/590 on the National Highway No. 217 (New NH No. - 516) for construction of 4 Lane ROB & its approaches in place of existing level crossing in the Sate of Odisha

| State: ODISHA | | | | | District: GANJAM |
|---|---|---|---|---|---|
| Sr. No. | Survey Number | Type of Land | Nature of Land | Area in Hectare | Name of the Land Owner/Interested Person Part Survey No. |
| 1 | 2 | 3 | 4 | 5 | 6 |
| **Taluk: CHHATRAPUR** | | | | | |
| **Village: Chhatrapur** | | | | | |
| 1 | 1372 | Government | Patita | 0.014 | AJA |
| 2 | 1376 | Private | B. D. 1 | 0.1861 | Enduru Lachamaya Ettari Krushna, S/o. E Enkata Swamy |
| 3 | 1378 | Government | ADI | 0.0161 | A A A |
| 4 | 1371 | Private | B. D. 1 | 0.1818 | Sri Jagannath Maharaprabhu Bije, Gedala |
| 5 | 552 | Private | B. D. 1 | 0.1491 | Mangulu Sahu, S/o. Damodar Sahu |
| 6 | 553 | Private | B. D. 1 | 0.1878 | Markanda Sahu, S/o. Mangulu |
| 7 | 554 | Private | B. D. 1 | 0.0557 | Markanda Sahu, S/o. Mangulu |
| 8 | 558 | Private | Gharbari | 0.0562 | Pratima Prusti, S/o. Arjuna and 2 others |
| 9 | 559 | Private | B. D. 1 | 0.0601 | Anni Sahu, W/o. Parmananda Sahu |
| 10 | 563 | Government | Donda | 0.0598 | Sarba Sadarana |
| 11 | 564 | Private | B. D. 1 | 0.0122 | Sita Sahu, W/o. Arjuna |
| 12 | 565 | Private | B. D. 1 | 0.1089 | Mangulu Sahu, S/o. Damodar Sahu |
| 13 | 566 | Private | B. D. 1 | 0.1334 | Arakhita Sahu, S/o. Arjuna Sahu |
| 14 | 594 | Private | B. D. 1 | 0.0341 | Arakhita Sahu, S/o. Arjuna Sahu |
| 15 | 596 | Private | B. D. 1 | 0.0778 | Sabitri Behera, W/o. Khetrabasi |
| 16 | 599 | Private | B. D. 1 | 0.1311 | Archana Subudhi, W/o. Botu Prasanta Kumar Subudhi |
| 17 | 600 | Private | Gharbari | 0.0401 | Santosh Kumar Sahu, W/o. Arjun Sahu |
| 18 | 604 | Private | B. D. 1 | 0.0212 | Narahari Sahu 2 others |
| 19 | 605 | Private | B. D. 1 | 0.0801 | Kabila Damayanti, W/o. K. Tambrimalu |
| 20 | 607 | Private | B. D. 1 | 0.0763 | Sindhukama Sahu, W/o. Raghunath Sahu |
| 21 | 608 | Private | Gharbari | 0.0358 | Pramila Behera, W/o. Kesaba Behera |
| 22 | 609 | Private | B. D. 1 | 0.1661 | Lakshmi Sahu, W/o. Markanda Ladu, Kishore Sahu, Prakash Chandra Sahu, S/o. Markanda Ladu Kishore Sahu |
| 23 | 612 | Government | Canal | 0.0223 | Rakhita Anabadi |
| 24 | 974 | Private | Dry | 0.0041 | Kabila Enduswamy, S/o. K. Ranganayakulu |
| 25 | 975 | Private | Gharbari | 0.0121 | K. Krishnamma, W/o. K. Narayana Swamy |
| 26 | 980 | Government | Patito | 0.004 | A J A |
| 27 | 983 | Government | Patito | 0.0402 | A J A |
| 28 | 985 | Government | Canal | 0.018 | Rakhita Anabadi |
| 29 | 986 | Private | B. D. 1 | 0.0282 | Mangulu Sahu, S/o. Damodar Sahu |
| 30 | 987 | Government | Gramya Jangal | 0.0601 | Rakhita Anabadi |
| 31 | 988 | Private | B. D. 1 | 0.1327 | Chintamani Sahu, Bhagabi Jagannath, S/o. Chakrapani |
| 32 | 992 | Private | B. D. 1 | 0.0481 | Sindhu Kama Sahu, S/o. Kamaraju Sahu |
| 33 | 993 | Private | B. D. 1 | 0.1858 | Sima Sahu, S/o. Kama Sahu |
| 34 | 995 | Private | B. D. 1 | 0.0322 | Bhadrachalam Papaya Swamy, B Kurmanayakulu Swamy, Father - Daudesira |
| 35 | 996 | Private | B. D. 1 | 0.0259 | Bhadrachalam Rammurthy, S/o. B Papaya |
| 36 | 997 | Private | B. D. 1 | 0.032 | Kupilli Bhobani Reddy, S/o. K Bharat Reddy Purna Chabapi |
| 37 | 998 | Private | B. D. 1 | 0.028 | Kupilli Bhobani Reddy, S/o. K Bharat Reddy Purna Chabapi |
| 38 | 1002 | Private | Bila - 1 | 0.032 | Bhadrachalam Gopalu, S/o. B. Namalu |
| 39 | 1003 | Government | Canal | 0.0238 | Rakhita Anabadi |
| 40 | 1004 | Private | B. D. 1 | 0.0201 | Kabila Dandasiamma, S/o. Bhadrachalam Surendraya |
| 41 | 1009 | Private | B. D. 1 | 0.0061 | Bhadrachalam Chinababu, B. Sesaya, S/o. B. Anautalu |
| 42 | 1010 | Private | B. D. 1 | 0.004 | Bhadrachalam Gopal, S/o. B. Namalu |
| 43 | 1013 | Government | Nayana Jhori | 0.1467 | Public Works Department |
| 44 | 1075 | Government | Aadi | 0.02 | Sarba Sadharana |
| 45 | 594/1180 | Government | Rasta | 0.0101 | P.W.D. |
| 46 | 595/1181 | Private | B. D. 1 | 0.016 | Arakhita Sahu, S/o. Arjuna Sahu |
| 47 | 596/1182 | Private | B. D. 1 | 0.0081 | Sabitri Behera, Husband- Khetrabasi |
| 48 | 599/1137 | Private | B. D. 1 | 0.076 | Sodi Sanyasi, S/o. S Chandraya |
| 49 | 609/1115 | Private | Bila - 1 | 0.0318 | Lakshmi Sahu, Markanda Sahu, Ladu Kishore, Prakash Chandra Sahu, S/o. Markanda |
| 50 | 606 | Government | Canal | 0.0081 | Rakhita Anabadi |
| **Village: Tikiriabarhampur** | | | | | |
| 51 | 412 | Government | Donda | 0.018 | Sarba Sadharana |
| 52 | 413 | Private | Bhagayat - 3 | 0.0611 | Lakshmi Behera, W/o. Trinath Behera, TBMP |
| 53 | 414 | Private | Bhagayat - 3 | 0.0848 | Lakshna Chandra Kar, S/o. Madhusudan Kar & Others |
| 54 | 415 | Private | Bhagayat - 3 | 0.069 | Gollapudi Baikuntha Rao, S/o. G. Ramaya & Others |
| 55 | 416 | Private | Bhagayat - 3 | 0.1011 | Rabada Lachhaya & 2 others |
| 56 | 417 | Private | Bhagayat - 3 | 0.0628 | Rabada Lachhaya & 2 others |
| 57 | 418 | Private | Bhagayat - 3 | 0.089 | Garimda Rammurthy, S/o. G. Gopala & others |
| 58 | 422 | Private | Bhagayat - 3 | 0.0281 | K Benugopal Rao, S/o. K Adinarayana |
| 59 | 423 | Private | Bhagayat - 3 | 0.109 | K Benugopal Rao, S/o. K Adinarayana, Gangadhar Maharana, S/o. Mochiram |
| 60 | 426 | Private | Bhagayat - 3 | 0.1942 | Agricultural Department |
| 61 | 468 | Private | Bhagayat - 3 | 0.0668 | Sugu Ammana, W/o. S Erraya |
| 62 | 469 | Private | Bhagayat - 3 | 0.0547 | Lakshna Chandra Kar, S/o. Madhusudan Kar & others |
| 63 | 470 | Private | B. D. 1 | 0.065 | Champa Sethi, W/o. Chakra Sethi |
| 64 | 474 | Private | R F D O - 1 | 0.01 | Lakshna Chandra Kar, S/o. Madhusudan Kar |
| 65 | 533 | Government | Nala | 0.026 | Rakhita Anabadi |
| 66 | 626 | Private | B. D. 1 | 0.0401 | Kalayanipu Ranjan Kumar Subudhi, K Bhimaraju Subudhi & others |
| 67 | 627 | Government | Nala | 0.022 | Rakhita Anabadi |
| 68 | 630 | Private | B. D. 1 | 0.1248 | Batala Narayadu, S/o. B Kamaya & 2 others |
| 69 | 631 | Private | B. D. 1 | 0.1171 | Suka Sataya, S/o. Suka Nangadu, S Arjyapalli |
| 70 | 634 | Private | B. D. 1 | 0.1578 | Jayaram Behera, S/o. Bhagaban |
| 71 | 644 | Private | B. D. 1 | 0.129 | Batala Narayadu, S/o. B Kamaya & 2 others |
| 72 | 645 | Private | B. D. 1 | 0.146 | Lopamudra Das, Husband - Jamin Kanta Das |
| 73 | 646 | Private | B. D. 1 | 0.0518009 | Santosh Kumar Sahu, S/o. Jaya Krushna Sahu |
| 74 | 649 | Government | Nayanajuleri | 0.004 | Public Works Department |
| 75 | 650 | Private | B. D. 1 | 0.1267 | Batala Narayudu, S/o. B Kamaya & others |
| 76 | 651 | Government | Gochar | 0.0201 | Rakhita Anabadi |
| 77 | 666 | Private | B. D. 1 | 0.0359 | Sebati Kar, Husband- Lakshna Chandra Kar |
| 78 | 667 | Private | B. D. 1 | 0.053 | Baspalli Gauramma, Husband- B Karlaya |
| 79 | 668 | Private | B. D. 1 | 0.0301 | Lopamudra Das, Husband- Yaminikanta Das |
| 80 | 680 | Private | Railway | 0.002 | I R E Private Limited |
| 81 | 681 | Private | Railway | 0.0041 | I R E Private Limited |
| 82 | 683 | Private | B. D. 1 | 0.0319 | Srinivas Sahu, S/o. Judhisti & 2 others |
| 83 | 685 | Private | Railway | 0.0041 | I R E Private Limited |
| 84 | 686 | Private | Railway | 0.012 | I R E Private Limited |
| 85 | 687 | Private | Dry - 1 | 0.01 | Bumudu Kalamma, Husband- B Kamaya |
| 86 | 688 | Government | Nayanajuleri | 0.0868 | P W D |
| 87 | 691 | Private | Gharbari | 0.048 | Jaya Krushna Sahu, S/o. Arjuna |
| 88 | 692 | Private | B. D. 1 | 0.0141 | Jaya Krushna Sahu, S/o. Arjuna |
| 89 | 698/1174 | Private | Railway | 0.02 | I R E Private Limited |
| 90 | 698/1180 | Private | R F D O - 1 | 0.071 | Rajani Sahu, Husband- Narasingha |
| 91 | 706 | Private | Bhagayat - 2 | 0.0241 | Narasingha Gouda, S/o. Raghunath |
| 92 | 707 | Private | Bhagayat - 3 | 0.01 | Batu Pareya, S/o. B Kamaya & others |
| 93 | 711 | Private | Gharbari | 0.008 | Dharani Behera, Husband- Trinath |
| 94 | 715 | Private | Bhagayat - 3 | 0.17 | Rabada Lachhaya & 2 others |
| 95 | 716 | Private | Bhagayat - 3 | 0.1051 | Rabada Jayamma, Husband- R Khandesu, Tilottama Sahu, Husband- Turnath |
| 96 | 717 | Private | Dry - 1 | 0.528 | Sabada Lachamaya, S/o. S Potaya & 2 others |
| 97 | 718 | Private | Dry - 2 | 0.0402 | Bdupu Erraya, B Kamoji, S/o. B Ramaya |
| 98 | 719 | Government | Dond | 0.028 | Sarba Sadharana |
| 99 | 745 | Private | Dry - 1 | 0.1049 | Sabad Lachhamaya, S/o. S Pataya & 2 others |
| 100 | 746 | Private | Dry - 1 | 0.059 | Sabad Lachhamaya, S/o. S Potaya & 2 others |
| 101 | 747 | Private | Dry - 1 | 0.0569 | Budupu Erraya, B Kamaya, S/o. B Rajaya |
| 102 | 748 | Private | Dry - 1 | 0.0178 | Sola Sethi, Father- Brunda Sethi & Dita Sethi, Husband- Dasa Sethi |
| 103 | 751 | Private | Dry - 1 | 0.05 | Sodi Chinmaya, S/o. S Somaya |
| 104 | 752 | Private | Dry - 1 | 0.0301 | Sodi Tataya, S/o. S Guraya |
| 105 | 753 | Private | Dry - 1 | 0.061 | Mamata Sahu, Husband- Suresh Chandra Sahu |
| 106 | 418/1186 | Private | Bhagayat - 3 | 0.036 | Puti Earrama, Husband- P Kamaya & others |
| 107 | 418/862 | Private | Bhagayat - 3 | 0.0967 | K Banambar Behera, S/o. K Labanya Behera, Mini Behera, S/o. Kela |
| 108 | 511/855 | Private | Dry - 1 | 0.0318 | Sadi Ramaya, S/o. S Samantu & others |
| 109 | 634/960 | Private | B. D. 1 | 0.0651 | Rajendra Behera & others |
| 110 | 634/962 | Private | B. D. 1 | 0.057 | Rabada Buchhaya, S/o. R Tarinaya |
| 111 | 667/1181 | Private | B. D. 1 | 0.02 | Banamali Behera, S/o. Sitaram Behera |
| 112 | 692/857 | Private | B. D. 1 | 0.0201 | Tamaruparsaya, S/o. T Mangula |
| | | | TOTAL | **6.5069009** | |



ଛତିଶଗଡ଼ର ବିଜାପୁର ଜିଲାରେ ବୁଧବାର ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୫ ଯବାନଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବିଏସ୍ଏଫ୍‌ର ଏଏସ୍ଆଇ ନରେଶ ସିଂ, ଭଗବାନ ସିଂ, ନିରନ ସିଂ, ଆଲୋକ ସିଂ, ଡିଆରଜି ଯବାନ ଗଣପତି ବସନ ଓ ସମ୍ପୃକ୍ତ ଟ୍ରକ ଡ୍ରାଇଭର। ବିଜାପୁରଠାରୁ ୬ କିଲୋମିଟର ଦୂର ଭୋପାଳପଟନମ ଜାତୀୟ ରାଜପଥ ନିକଟସ୍ଥ କୋଡ଼େପାଲ ନିକଟରେ ଏକ ଟ୍ରକ ବିଏସଏଫ ଯବାନଙ୍କୁ ନେଇ ଯାଉଥିବାବେଳେ ମାଓବାଦୀଙ୍କ ଦ୍ୱାରା ଲ୍ୟାଣ୍ଡମାଇନ ବିସ୍ଫୋରଣ କରାଯାଇଥିଲା।

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୩୦ ନୋଡାଲ କଲେଜକୁ ପରାମର୍ଶ ଦେଇଛି। ପ୍ରଶିକ୍ଷଣ ପାଇଁ ପ୍ରତି ଜିଲାର ଗୋଟିଏ କଲେଜକୁ ବିଭାଗ ନୋଡାଲ ସେଣ୍ଟର କରିଛି। ୨୦୧୯ ଜାନୁୟାରୀ ଶେଷ ସୁଦ୍ଧା ପ୍ରଶିକ୍ଷଣ ସାରିବାକୁ ବିଭାଗ ନୋଡାଲ ସେଣ୍ଟରଗୁଡ଼ିକୁ କହିଛି। ଏ ନେଇ ବିଭାଗ ପ୍ରଶିକ୍ଷଣ ବାବଦ ଖର୍ଚ୍ଚ ନିମନ୍ତେ ୨ଲକ୍ଷ ଟଙ୍କା ମଞ୍ଜୁର କରିଛି। ଅନୁଗୋଳ ଜିଲା ନୋଡାଲ ସେଣ୍ଟରକୁ ୬ ହଜାର ଟଙ୍କା ଦିଆଯାଇଥିବାବେଳେ ବାଲେଶ୍ୱର ନୋଡାଲ ସେଣ୍ଟରକୁ ୧୨୭୦୦, ବରଗଡ ନୋଡାଲ ସେଣ୍ଟରକୁ ୭୦୦୦, ବଲାଙ୍ଗୀର ଜିଲା ନୋଡାଲ ସେଣ୍ଟରକୁ ୧୨୭୦୦, ମୟୂରଭଞ୍ଜ ଜିଲା ନୋଡାଲ ସେଣ୍ଟରକୁ ୧୫୦୦୦ ଟଙ୍କା ସମେତ ଅନ୍ୟ ଜିଲାରେ ଥିବା ନୋଡାଲ ସେଣ୍ଟରଗୁଡ଼ିକୁ ଟଙ୍କା ପ୍ରଦାନ କରାଯାଇଛି।

### ଲାଞ୍ଚ ନେଇ ଅଗ୍ନିଶମ ଅଧିକାରୀ ଗିରଫ



ଦୋଳଗୋବିନ୍ଦ ତ୍ରିପାଠୀ

କଟକ ଅଫିସ, ୧୪।୧୧: ୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନବରଙ୍ଗପୁର ଅଗ୍ନିଶମ କେନ୍ଦ୍ରର ଷ୍ଟେଶନ ଅଫିସର ଦୋଳଗୋବିନ୍ଦ ତ୍ରିପାଠୀ। ବୁଧବାର ତ୍ରିପାଠୀ ସୁବାସ ସାଗର ନାମକ ଜଣେ ବ୍ୟକ୍ତିଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିବାବେଳେ କୋରାପୁଟ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ସୁବାସ ହେଉଛନ୍ତି ଝରିଗାଁ ଥାନା ଅଧୀନ କୁହୁରକୋଟ ଗ୍ରାମରେ ଥିବା ମା' ଠାକୁରାଣୀ ଯୁବକ ସଂଘର ସମ୍ପାଦକ। ଆସନ୍ତା ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କୁହୁରକୋଟ ଗ୍ରାମରେ ଅପେରା କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବାକୁ ଅଗ୍ନିଶମ ଅଧିକାରୀ ତ୍ରିପାଠୀ ୪ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବୁଧବାର ରାତି ୭ଟାରେ ତ୍ରିପାଠୀ ନିଜ ଅଫିସରେ ବସି ସାଗରଙ୍କଠାରୁ ପୂର୍ବ ଦାବି ମୁତାବକ ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ସେହିଠାରେ କାବୁ କରିଥିଲେ। ତ୍ରିପାଠୀଙ୍କ ପ୍ୟାଣ୍ଟ ପକେଟରୁ ଲାଞ୍ଚ ଟଙ୍କାକୁ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଏହାପରେ ତ୍ରିପାଠୀଙ୍କ କଟକ ଜିଲା ସାଲେପୁର ଥାନା ଅଧୀନସ୍ଥ ନାନ୍ଦୋଳୋଠାରେ ଥିବା ଘରକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ୨୯/୨୦୧୮ରେ ଏକ ମାମଲା ରୁଜୁ କରାଯାଇଛି।

### କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା

ଗୋଷାଣି (ଡି.ଏନ.ଏ)/ବ୍ରହ୍ମପୁର ଅଫିସ୍,୧୪।୧୧: ତିତ୍‌ଲି ବାତ୍ୟାରେ ଧାନ ଫସଲ କ୍ଷତି ହେବା ଓ ଋଣ ଟଙ୍କା ଶୁଝିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଜଣେ ଭାଗଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରା ପଞ୍ଚାୟତର ତୋଟାଗୁମୁଡ଼ା ଗ୍ରାମର କେ. ଶ୍ରୀନୁ ରାଓ (୪୫)। ମଙ୍ଗଳବାର ରାତିରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ବୁଧବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫୮୫/୧୮) ରୁଜୁ କରାଯାଇଛି।

# କୃଷିରେ ବିପ୍ଳବ ଆଣିବ 'ମଉଡ଼ମଣି'



- ଏକର ପିଛା ୪୦ କୁଇଣ୍ଟାଲ ଅମଳ
- କ୍ଷତି କରିପାରିବନି ପୋକ, ପବନ, ବର୍ଷା

କଟକ ଅଫିସ, ୧୪।୧୧

କୃଷି ଓ କୃଷକଙ୍କ ପାଇଁ ଶୁଭ ଖବର ଆଣିଛି ମଉଡ଼ମଣି ଧାନ। ବିଭିନ୍ନ କିସମରେ ଉପଲବ୍ଧ ଏହି ଧାନ ରୋଗପୋକ ସହନଶୀଳ। ଅନ୍ୟ ଧାନ ଏକର ପିଛା ୨୦ କୁଇଣ୍ଟାଲ ଅମଳ ହେଉଥିବାବେଳେ ମଉଡ଼ମଣି ଦୁଇଗୁଣା ଉତ୍ପାଦନ ଦେଇ ଚାଷୀ ମୁହଁରେ ହସ ଫୁଟାଇଛି ବୋଲି କହିଛନ୍ତି ଏହାର ଉଦ୍ଭାବକ ତଥା କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍ଆର୍ଆର୍ଆଇ)ର ପ୍ରଧାନ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ।

୨୦୧୫ରେ ଡ. ପ୍ରଧାନ ମଉଡ଼ମଣି କିସମ ଧାନ ଉଦ୍ଭାବନ କରିଥିଲେ। ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଏହି ଧାନ ଏବେ ଏକର ପିଛା ୪୦ କୁଇଣ୍ଟାଲ ଉତ୍ପାଦନ ହେଉଛି। ମଧ୍ୟମ ଜଳସେଚିତ ଜମିରେ ଏହା ୧୩୫ ଦିନ ମଧ୍ୟରେ ଅମଳ ହୋଇଥାଏ। ସାଧାରଣତଃ ଧାନ ଗଛ କେଣ୍ଡାରେ ୧୫୦ରୁ ୨୦୦ ଧାନ ଫଳ ବାନ୍ଧୁଥିବାବେଳେ ମଉଡମଣି ଧାନ କେଣ୍ଡାରେ ୩୦୦ରୁ ୪୦୦ ଧାନ ଫଳୁଛି। ଏପରିକି ଏହି ଧାନରେ ରୋଗ ପୋକ ସହନ ଶକ୍ତି ଯଥେଷ୍ଟ ଅଧିକ। ଚକଡା, କାଣ୍ଡବିନ୍ଧା, ପତ୍ରପୋଡ଼ା ଆଦି ପୋକ ଏହି ଧାନର କ୍ଷତି କରିପାରେ ନାହିଁ। ସେହିପରି ଏହି ଧାନର କେଣ୍ଡା ଅତ୍ୟନ୍ତ ଶକ୍ତ ହୋଇଥିବାରୁ ତାହାକୁ ପବନ, ବର୍ଷା ମଧ୍ୟ କ୍ଷତି କରିପାରି ନ ଥାଏ। ବରଗଡ଼, ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଓ କଟକ ଜିଲାର ନିଆଳି ଅଞ୍ଚଳରେ ଏହି ଧାନ ବେଶ୍ ଗ୍ରହଣୀୟ ହୋଇପାରିଥିବା ଏନ୍ଆର୍ଆର୍ଆଇ ପକ୍ଷରୁ ସର୍ଭେ ବେଳେ ଜଣାପଡିଛି। ମୁଖ୍ୟତଃ ଏହି କିସମର ଧାନ ଉଦ୍ଭାବନ ପାଇଁ ଏନ୍ଆର୍ଆର୍ଆଇ ଉଦ୍ୟମ ଅବ୍ୟାହତ ରଖିଛି। ୨୦୫୦ ବେଳକୁ ଦେଶର ଜନସଂଖ୍ୟା ୧୬୦ରୁ ୧୭୦ କୋଟି ହେବ ବୋଲି ଆକଳନ କରାଯାଇଛି। ଏହି ଜନସଂଖ୍ୟା ପାଇଁ ବାର୍ଷିକ ୧୮୦ ମିଲିୟନ ଟନ୍ ଧାନର ଆବଶ୍ୟକତା ଦେଖାଦେବ। ଦେଶର ସମୁଦାୟ ୪୩ ମିଲିୟନ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। ଲୋକସଂଖ୍ୟା ବଢ଼ିଲେ ସେତେବେଳକୁ ଚାଷଜମି ସଂକୁଚିତ ହେବ। ଏଭଳି ସ୍ଥିତିରେ ମଉଡମଣି ଧାନ ଯଥା ୫୦୮, ୫୦୫, ୫୦୭, ପ୍ରଧାନ ଆଦି କିସମ କୃଷି କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି କୃଷି ବିଜ୍ଞାନୀ ଡ. ପ୍ରଧାନ ମତ ଦେଇଛନ୍ତି।

### ଧାନ ପାଇଁ ଭାରତ ଉପରେ ନିର୍ଭର କରୁଛି ଚାଇନା

ବ୍ରିଟେନ୍‌ର ବିଶିଷ୍ଟ ଅର୍ଥନୀତିଜ୍ଞ ଥୋମାସ୍ ରବର୍ଟ ମାଲ୍‌ଥସ୍ କହିଥିଲେ ଯେ, ଭାରତର ଜନସଂଖ୍ୟା ଯେଉଁ ହାରରେ ବଢୁଛି ତାହା ବଳବତ୍ତର ରହିଲେ ସେଠାକାର ଲୋକେ ଭବିଷ୍ୟତରେ ଖାଇବାକୁ ନ ପାଇ ପ୍ରାଣ ହରାଇବେ। କାରଣ ଦେଶ ସ୍ୱାଧୀନ ହେବା ସମୟରେ ଭାରତର ଜନସଂଖ୍ୟା ଥିଲା ପାଖାପାଖି ୩୦ କୋଟି। ସେହି ସମୟରେ ଦେଶରେ ୨୫ ମିଲିୟନ ଟନ୍ ଧାନ ଉତ୍ପାଦନ ହେଉଥିଲା। ଫଳରେ ଦେଶରେ ଖାଦ୍ୟାଭାବ ଦେଖାଦେବାରୁ ଆମେରିକା ଦାନ ଆକାରରେ ଗହମ ଭାରତକୁ ଦେଉଥିଲା। ସେ ସମୟର ପରିସ୍ଥିତିକୁ ଦେଖି ମାଲଥସ୍ ଭାରତର ଖାଦ୍ୟ ସଙ୍କଟ ନେଇ ଏପରି ପୂର୍ବାନୁମାନ କରିଥିଲେ। କିନ୍ତୁ ଏହାକୁ ଭାରତୀୟ କୃଷି ବିଜ୍ଞାନୀମାନେ ଭୁଲ୍ ପ୍ରମାଣିତ କରିଛନ୍ତି। ବର୍ତ୍ତମାନ ଭାରତ ଧାନ ଉତ୍ପାଦନରେ ଏକ ବଳକା ରାଷ୍ଟ୍ରରେ ପରିଣତ ହୋଇଛି। ଦେଶରେ ୧୧୩ ମିଲିୟନ ଟନ୍ ଧାନ ଉତ୍ପାଦନ ହେଉଥିବାବେଳେ ସେଥିରୁ ୧୫% ବିଦେଶକୁ ରପ୍ତାନି କରାଯାଉଛି। ୨୦୧୭ରୁ ଚାଇନା ଭାରତରୁ ଧାନ ନେଉଛି। ଚାଇନା ଆବଶ୍ୟକ କରୁଥିବା ସମୁଦାୟ ଧାନର ୫ ପ୍ରତିଶତ ଭାରତ ଉପରେ ନିର୍ଭର କରୁଥିବା କହିଛନ୍ତି ଏନ୍ଆର୍ଆର୍ଆଇର ପ୍ରଧାନ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ।

### ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକଙ୍କ ଦରମା ବୃଦ୍ଧି

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକଙ୍କ ବାର୍ଷିକ ଦରମା ୧୦% ବୃଦ୍ଧି କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ପାତ୍ର କହିଛନ୍ତି, ପୂର୍ବରୁ ଚୁକ୍ତିଭିତ୍ତିକ ଭାବେ ସରକାରୀ ହାଇସ୍କୁଲରେ ଥିବା ଟିଁଜିଟି ଶିକ୍ଷକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଥିଲା। ହେଲେ ଏବେ ନନ୍ ଟିଁଜିଟି ଏବଂ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବାର୍ଷିକ ଦରମା ୧୦% ବୃଦ୍ଧି ପାଇଛି। ଓଡ଼ିଶା ସରକାରୀ ସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ସୁଧୀର ନାୟକ କୁହନ୍ତି, ବିଭାଗ ସହିତ ସଂଘ ବୁଧବାର ସଚିବାଳୟରେ ଆଲୋଚନା କରିଥିଲା। ମନ୍ତ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନା କରାଯାଇଥିଲା। ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବାର୍ଷିକ ୧୦% ଦରମା ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ୨୦୧୬ ଜାନୁୟାରୀ ୧ରୁ ଏହାକୁ ପିଛିଲା ଭାବେ ଲାଗୁ କରାଯାଇଥିବା ନାୟକ କହିଛନ୍ତି। ଆଲୋଚନାରେ ମନ୍ତ୍ରୀ ପାତ୍ର, ନିରଞ୍ଜନ ସାହୁ, ବିଭାଗୀୟ ସଚିବଙ୍କ ସହିତ ସଂଘର ସଭାପତି ନିରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା ଉପସ୍ଥିତ ଥିଲେ।

# ଏସି ବଢ଼ାଇବ ୦.୫ ଡିଗ୍ରୀ ତାପମାତ୍ରା



- ମେକ୍ସିକୋ ଓ ଭାରତ ପ୍ରମୁଖ ଆଗରେ
- ଭାରତରେ ଏସି ବିକ୍ରି ବାର୍ଷିକ ୧୫% ବଢ଼ିବ

ନୂଆଦିଲ୍ଲୀ,୧୪।୧୧

ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ଲାଗି ଆମେ ଘରେ ଏୟାର କଣ୍ଡିଶନର ବା ଏସି ବ୍ୟବହାର କରୁଛୁ। ଏହାର କୁଫଳ ସ୍ୱରୂପ ପୃଥିବୀର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ରୁମ୍ ଏସି ବ୍ୟବହାର ଯୋଗୁ ୨୦୫୦ ସୁଦ୍ଧା ବିଶ୍ୱର ତାପମାତ୍ରା ୦.୫ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ସର୍ବାଧିକ ଜନବହୁଳ ଦୁଇଟି ରାଷ୍ଟ୍ର ଚାଇନା ଓ ଭାରତରୁ ଅଧିକ କାର୍ବନ ଡାଇଅକ୍ସାଇଡ(ଅଙ୍ଗାରକାମ୍ଳ) ନିର୍ଗମନ ହେବ। ତେବେ ଏହି କ୍ଷେତ୍ରରେ ମେକ୍ସିକୋ ସେମାନଙ୍କୁ ଟପିଯିବ। ଯେଉଁ ହାରରେ ଭାରତରେ ଏସି ବିକ୍ରି ଚାଲିଛି ସେଥିରେ ଚାଇନା ଅପେକ୍ଷା ଆମ ଦେଶ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ଦୃଷ୍ଟିରୁ ପୃଥିବୀ ପାଇଁ ଅନ୍ୟତମ ବଡ଼ ଖଳନାୟକ ହେବ।

'ଗ୍ଲୋବାଲ କୁଲିଂ ଚ୍ୟାଲେଞ୍ଜ' ଶୀର୍ଷକରେ ହୋଇଥିବା ଏକ ଅଧ୍ୟୟନକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ହର୍ଷବର୍ଦ୍ଧନ ଏହା ପ୍ରକାଶ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ୨୦୫୦ ସୁଦ୍ଧା ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ ଭାରତ, ମେକ୍ସିକୋ, ବ୍ରାଜିଲ ଓ ଇଣ୍ଡୋନେସିଆ ଭଳି ବିକାଶଶୀଳ ଦେଶଗୁଡିକ ଅଧିକ ମାତ୍ରାରେ ଅଙ୍ଗାରକାମ୍ଳ ଗ୍ୟାସ ଛାଡିବେ। ଏହି ସମୟରେ ଚାଇନାରେ ଶକ୍ତି ଚାହିଦା ଦ୍ୱିଗୁଣିତ ହେବ। ତେବେ ଏହି ଦେଶରୁ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ପରିମାଣ ଭାରତ, ଇଣ୍ଡୋନେସିଆଠାରୁ କମ୍ ହେବ। କାରଣ ଆଗାମୀ ଦିନରେ ଇନଭର୍ଟର ଏସିର ଚାହିଦା ବ୍ୟାପକ ଭାବେ ବଢ଼ିବ। ଏବେ ଦେଶରେ ଘରୋଇ ଏସି ଚାହିଦା ୭% ହାରରେ ବଢୁଛି। ଭବିଷ୍ୟତରେ ଏଥିରେ ବାର୍ଷିକ ୧୦ରୁ ୧୫% ବୃଦ୍ଧି ଘଟିବ। ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି ଯେ, ଯଦିଓ ଦେଶରେ ଏବେ ଏସିର ପ୍ରବେଶ କମ୍ ରହିଛି, କିନ୍ତୁ ଆଗାମୀ ଦିନରେ ଏହାର ଚାହିଦା ଯଥେଷ୍ଟ ବଢ଼ିବ। ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ତଥା ଟେକ୍ନୋଲୋଜିର ଉନ୍ନତି ଯୋଗୁ ରୁମ୍ ଏସି ଚାହିଦା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ବିଶ୍ୱର ତାପମାତ୍ରାରେ ସନ୍ତୁଳନ ଲାଗି ଭାରତ ତା'ର ପ୍ରତିଶ୍ରୁତିକୁ ପାଳନ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଅଧ୍ୟୟନରେ କୁହାଯାଇଛି ଯେ, ଏକବିଂଶ ଶତାବ୍ଦୀର ମଧ୍ୟଭାଗରେ ଅଙ୍ଗାରକାମ୍ଳ ଗ୍ୟାସ୍ ଉତ୍ସର୍ଜନ ପରିମାଣ କ୍ରମାଗତ ବୃଦ୍ଧି ପାଇବା କାରଣରୁ ବିଶ୍ୱର ତାପମାତ୍ରା ବଢ଼ି ବଢ଼ି ଚାଲିବ ଏବଂ ୨୦୫୦ ସୁଦ୍ଧା ୨୦୧୬ ସ୍ତରଠାରୁ ୧୫% ଅଧିକ ହେବ। ଆଶ୍ଚର୍ଯ୍ୟର କଥା ଯେ, ୨୦୫୦ ସୁଦ୍ଧା ଭାରତର ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ପରିମାଣ ଚାଇନାଠାରୁ ବହୁ ଗୁଣ ଅଧିକ ହେବ। କିନ୍ତୁ ଏହା ମେକ୍ସିକୋଠାରୁ ପଛରେ ରହିବ। ମୋଟ୍ ଅଙ୍ଗାରକାମ୍ଳ ଗ୍ୟାସ୍ ଉତ୍ସର୍ଜନ ପରିମାଣକୁ ହିସାବକୁ ନେଲେ ବର୍ତ୍ତମାନ ଭାରତରେ ୫% ଓ ଚାଇନାରେ ୮% ଗ୍ୟାସ୍ ନିର୍ଗମନ ହେଉଛି। ତେବେ ୨୦୫୦ ସୁଦ୍ଧା ଏଥିରେ ପରିବର୍ତ୍ତନ ଆସିବ ଏବଂ ଭାରତରେ ୨୩% ଓ ଚାଇନାରେ ୧୩% ଅଙ୍ଗାରକାମ୍ଳ ଗ୍ୟାସ୍ ଉତ୍ସର୍ଜନ ହେବ। ୨୬% ସହ ମେକ୍ସିକୋ ଏ କ୍ଷେତ୍ରରେ ଶୀର୍ଷ ଦେଶ ହେବ।

# ପିଲାଙ୍କ ସହ ଶିଶୁ ଦିବସ ପାଳିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛୋଟ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରୁଛନ୍ତି।

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଛୋଟ ପିଲାମାନଙ୍କ ସହ ଶିଶୁ ଦିବସ ପାଳନ କରିଛନ୍ତି। ଘାଟିକିଆ ନିକଟସ୍ଥ କଳିଙ୍ଗ ବିହାରର ଦ ଓ୍ୱିସ୍‌ଡମ୍ ଟ୍ରି ଗ୍ଲୋବାଲ ସ୍କୁଲର ୨ରୁ ୪ବର୍ଷ ବୟସର କିଣ୍ଡରଗାର୍ଟେନର ପିଲାମାନେ ସଚିବାଳୟ ଆସି ମୁଖ୍ୟମନ୍ତ୍ରୀଙ୍କ ସହ କିଛି ସମୟ ବିତାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଚକୋଲେଟ ପ୍ରଦାନ କରି ଶିଶୁ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ପିଲାମାନଙ୍କ ସହ ସମୟ ବିତାଇବା ସମୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ ଫଟୋ ଉଠାଇ ବହୁ ଖୁସି ଜଣାପଡୁଥିଲେ। ପିଲାମାନେ ମଧ୍ୟ ଘରଚଟିଆ ଚଢେଇର ଏକ ବସା ମୁଖ୍ୟମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଘରଚଟିଆ ଚଢେଇ ଏକ ବିଲୁପ୍ତପ୍ରାୟ ପ୍ରଜାତିର ପକ୍ଷୀ ଭାବରେ ପରିଗଣିତ। ଏହାର ସୁରକ୍ଷା ପାଇଁ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଡେବ୍ରିଗଡ଼ ବାଘମୃତ୍ୟୁ ଘଟଣା
# ରିମାଣ୍ଡ ଅବଧି ସରିଲା, ଜେଲ ଗଲେ ୪ ଅଭିଯୁକ୍ତ

ବରଗଡ଼ ଅଫିସ୍,୧୪।୧୧

ବରଗଡ଼ ବାଘମୃତ୍ୟୁ ଘଟଣାରେ ଗିରଫ ହୋଇ ବରଗଡ଼ ସବ୍‌ଜେଲ୍‌ରେ ଥିବା ୪ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ପଚରାଉଚରା କରିଛି। ରିମାଣ୍ଡ ଅବଧି ସରିବା ପରେ ସେମାନଙ୍କୁ ବୁଧବାର ପୁଣି ଜେଲକୁ ପଠାଇ ଦିଆଯାଇଛି। ଜେରା କରିବା ସମୟରେ କ୍ରାଇମବ୍ରାଞ୍ଚ ସେମାନଙ୍କ ପାଖରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ଆଲୋଚନା ହେଉଛି। ସେହି ତଥ୍ୟ ଆଧାରରେ କ୍ରାଇମବ୍ରାଞ୍ଚ ମଙ୍ଗଳବାର ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ବୁଧବାର ସବଜେଲ ହାଜତକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଳାସିନୀ ନାୟକ କହିଛନ୍ତି, ଏସଡ଼ିଜେଏମ କୋର୍ଟରେ ୪ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚୁରା କରାଯାଇଥିଲା। ଆଉ ୨ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ସେମାନଙ୍କଠାରୁ ବାଘ ଶିକାରରେ ବ୍ୟବହୃତ କିଛି ସାମଗ୍ରୀ ଜବତ ହୋଇଛି ଏବଂ ଖୁବ୍‌ଶୀଘ୍ର ତଦନ୍ତ ସରିବ ବୋଲି ସେ କହିଥିଲେ।

ଗତ ମାସ ୨୮ରେ ଡେବ୍ରିଗଡ଼ ଅଭୟାରଣ୍ୟ ପାଦଦେଶରେ ଥିବା ଦାମୋଦରପଡ଼ା ଜଙ୍ଗଲରେ ମାଟି ଖୋଳି ପୋତାଯାଇ ଥିବା ଅବସ୍ଥାରେ ଏକ ବାଘର ମୃତଦେହ ଉଦ୍ଧାର କରାଯାଇଥିଲା। ଗତ ୩ରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଥିବାବେଳେ ସେମାନଙ୍କ ପାଖରୁ ବାଘ ନିଶ, ପଞ୍ଝା ଆଦି ଜବତ ହୋଇଥିଲା। ଗତ ୫ତାରିଖରେ ଏନଟିସିଏ ନାଗପୁରର ଏଆଇଜି ହେମନ୍ତ କାମଡ଼ି, ଡବ୍ଲ୍ୟୁସିସିବି ଜବଲପୁରର ଅଭିଜିତ ରାୟ ଚୌଧୁରୀ ଓ କ୍ରାଇମବ୍ରାଞ୍ଚର ଡିଏସ୍‌ପି ନାୟକ ଘଟଣାସ୍ଥଳ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିବାବେଳେ ସୋମବାର କ୍ରାଇମବ୍ରାଞ୍ଚ ଏସଟିଏଫ କ୍ରାଇମବ୍ରାଞ୍ଚ ଆଇଜି ଯତୀନ୍ଦ୍ର କୋଏଲ ଏବଂ ଡିଏସ୍‌ପି ବିଳାସିନୀ ନାୟକ ବରଗଡ଼ ଆସି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିବା ସହିତ ଅନ୍ୟ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଫୁଲବାଣୀ ପାରଦ ୧୧ ଡିଗ୍ରୀ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

କିଛିଦିନ ହେବ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇଛି। ବୁଧବାର ରାଜ୍ୟର ୫ଟି ସହର ପାରଦ ୧୫ ଡିଗ୍ରୀ ତଳେ ରହିଛି। ପଶ୍ଚିମ କେନ୍ଦ୍ରୀୟ ଏବଂ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ 'ଗଜ' ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଦୁର୍ବଳ ହୋଇ ତାମିଲନାଡୁ ଉପକୂଳ ଅତିକ୍ରମ କରିପାରେ। ଏହାର ପ୍ରଭାବରେ ପାରଦ ତଳକୁ ଖସୁନାହିଁ। ୧୬ ତାରିଖରୁ ପାରଦ ଆଉ ୨ରୁ ୩ ଡିଗ୍ରୀ ତଳକୁ ଖସିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୧୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ତାଳଚେର ୧୭, ଭବାନୀପାଟଣା ୧୫, କୋରାପୁଟ ୧୧.୬, ଫୁଲବାଣୀ ୧୧.୫ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### କଂଗ୍ରେସ ପକ୍ଷରୁ ନେହେରୁ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବୁଧବାର ସକାଳେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ନେହେରୁ ପାର୍କରେ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଦଳୀୟ ନେତୃବୃନ୍ଦ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍-ମିନି ଟ୍ରକ୍ ଧକ୍କା : ୨ ମୃତ



ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକ୍।

ଟାଙ୍ଗୀ(ଖୋର୍ଦ୍ଧା)/ରଣପୁର, (ଡି.ଏନ.ଏ./ସ୍ୱ.ପ୍ର.)

୧୬ ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ଟାଙ୍ଗୀ ଚାନ୍ଦପୁର ବାଇପାସ୍‌ରେ ବୁଧବାର ଭୋର୍ ସମୟରେ ଏକ ଟ୍ରକ୍ ପଛପଟରେ ମିନି ଟ୍ରକ୍ ଧକ୍କା ଦେଇଛି। ଏଥିରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଗାଡିର ଡ୍ରାଇଭର ଗୁରୁତର ହୋଇଛନ୍ତି। କନ୍ଧନୟାଗଡ଼ ଛକ ନିକଟରେ ଅଟକିଥିବା ଆନ୍ଧ୍ର ଟ୍ରକ (ନଂ. ଏପି ୨୧ ଟିଜି ୧୦୬୮)କୁ ପଛରୁ ଏକ ୪୦୭ ମିନିଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକ ଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ଗ୍ରାମର ଅର୍ପିତ୍ତି ବିଶ୍ୱାଳ (୩୯) ଓ ଜିତେନ୍ଦ୍ର ପ୍ରଧାନ (୪୦)। ଗୁରୁତର ହୋଇଥିବା ଡ୍ରାଇଭର ହେଲେ ଅଭିନ୍ ଖୁଣ୍ଟିଆ। ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି। ମିନିଟ୍ରକ ଡ୍ରାଇଭର କାଳୁ ବେହେରା ଫେରାର ହୋଇଯାଇଛନ୍ତି। ଗ୍ୟାସ୍ କଟର ସାହାଯ୍ୟରେ ୨ ମୃତଦେହ ମିନିଟ୍ରକ୍ ଭିତରୁ ଉଦ୍ଧାର କରାଯାଇଛି। ଖବରପାଇ ଚାନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ୨ ଗାଡି ଜବତ କରିଛି। ଏ ନେଇ ପୋଲିସ ନଂ. ୧୫୬/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପ୍ରଥମ ପୃଷ୍ଠାରୁ...

### ଯୁବ ମହାବଳ 'ମହାବୀର'ର...

ପ୍ରକାଶ ଯେ, ୨୦୧୬ରେ ରାଜ୍ୟ ସରକାର ସାତକୋଶିଆରେ ବାଘ ବଂଶ ବୃଦ୍ଧି ନିମନ୍ତେ ପରିକଳ୍ପନା କରିଥିଲେ। ସେହିବର୍ଷ ବାହାର ରାଜ୍ୟରୁ ବାଘ ଆଣିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ୨୦୧୭ରେ ଭାରତ ସରକାର ଏହାକୁ ମଞ୍ଜୁରୀ ଦେବା ସହ ମଧ୍ୟପ୍ରଦେଶରୁ ବାଘ ନେବାକୁ ଅନୁମତି ଦେଇଥିଲେ। ଏଥିସହ ଓଡ଼ିଶାକୁ ୩ ଯୋଡ଼ା ବାଘ ଦେବାକୁ ମଧ୍ୟପ୍ରଦେଶ ସରକାରଙ୍କୁ ଚିଠି ମଧ୍ୟ ଲେଖିଥିଲେ। ତଦନୁଯାୟୀ ସାତକୋଶିଆରେ କ୍ଷେତ୍ର ପ୍ରସ୍ତୁତ କରାଯିବା ପରେ ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଗତ ଜୁନ୍ ୨୦ରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ଅଣ୍ଡିରା ବାଘ ମହାବୀରକୁ ଟ୍ରାଙ୍କୁଲାଇଜ୍ କରାଯାଇ ୨୧ ତାରିଖରେ ସାତକୋଶିଆ ଅଣାଯାଇଥିଲା। ଏ ନେଇ ସେତେବେଳେ ବନ ବିଭାଗ ପକ୍ଷରୁ ଆଗୁଆ କୌଣସି ସୂଚନା ଦିଆଯାଇ ନ ଥିଲା। ତେବେ ୨୧ ତାରିଖରେ ବାଘ ପହଞ୍ଚିବା ପରେ ସାତକୋଶିଆରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। 'ମହାବୀର'କୁ ରାଇଗୁଡ଼ା ସ୍ପେଶାଲ ଏନ୍‌କ୍ଲୋଜରରେ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥିଲା। ଏହାପରେ ଜୁଲାଇ ୬ରେ ତାହାକୁ ଅଭୟାରଣ୍ୟ ମଧ୍ୟକୁ ଛାଡ଼ି ଦିଆଯାଇଥିଲା। ସେବେଠାରୁ ବନ ବିଭାଗର ଏକ ୮ଜଣିଆ ଟିମ୍ ତାହା ଉପରେ ୨୪ ଘଣ୍ଟିଆ ନଜର ରଖି ଆସିଥିଲେ। ମହାବୀର ବେକରେ ରେଡିଓ କଲାର ବନ୍ଧା ଯାଇଥିବାରୁ ସାଟେଲାଇଟ୍ ସିଗ୍‌ନାଲ ମାଧ୍ୟମରେ ତାହାର ଉପସ୍ଥିତି ସମ୍ପର୍କରେ ଜଣାପଡୁଥିଲା। କୋର୍ ଜଙ୍ଗଲ ମଧ୍ୟରେ ଥିବା ପୁରୁଣା ବାଘୁଣୀ ସହ ମହାବୀର ସମ୍ପର୍କ ସ୍ଥାପନ କରିଥିବା ବିଭାଗ ପୂର୍ବରୁ ସ୍ପଷ୍ଟ ମଧ୍ୟ କରିଥିଲା। ହେଲେ ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ମହାବୀରର ମୃତ୍ୟୁ ଖବର ଜଣାପଡ଼ିବା ପରେ ସବୁଆଡ଼େ ହଇଚଇ ଖେଳିଯାଇଥିଲା। ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଧାଇଁଥିଲେ। ରିପୋର୍ଟ ଲେଖାହେବା ବେଳକୁ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା, ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟର ପ୍ରାଣୀ ବିଶେଷଜ୍ଞ ରୁଦ୍ରନାରାୟଣ ପ୍ରଧାନ, ଏସିଏଫ୍ ଶୁଭେନ୍ଦୁ ବେହେରା, ଏସ୍.କେ. ସ୍ୱାଇଁ, ରେଞ୍ଜ୍ ଅଫିସର ଘନଶ୍ୟାମ ମହନ୍ତ, ସାତକୋଶିଆ ପ୍ରାଣୀ ଡାକ୍ତର ଡ. କିଶୋର କୁମାର ସାହୁ ପ୍ରମୁଖ ଜଙ୍ଗଲ ମଧ୍ୟରେ ଥିବା ଜଣାପଡ଼ିଛି। ଗୁରୁବାର ଏନ୍‌ଟିସିଏ ସଦସ୍ୟ ଓ ନନ୍ଦନକାନନରୁ ଏକ ବିଶେଷଜ୍ଞ ଟିମ୍ ପହଞ୍ଚିବା ପରେ ବାଘର ମୃତଦେହ ବ୍ୟବଚ୍ଛେଦ ସହ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

### ଶିଶୁ ଦିବସରେ ନେତାଜୀ...

ବୁଧବାର ଥିଲା ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ତଥା ଶିଶୁ ଦିବସ । ଏହି ଦିବସ ବିଭିନ୍ନ ବିଦ୍ୟାଳୟରେ ପାଳନ ହୋଇଥିଲା। ଖଇରପୁଟ ବ୍ଲକ ସଦର ଅନତି ଦୂରରେ ଥିବା କାଦଗୁଡା ବିଦ୍ୟାଳୟରେ ମଧ୍ୟ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ ଶିଶୁ ଦିବସ ପାଳନ କରିଥିଲେ। ନେହେରୁଙ୍କ ଫଟୋ ଚିତ୍ରରେ ଠିକ୍ ଭାବେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ମାତ୍ର ବ୍ଲାକବୋର୍ଡରେ 'ନେହେରୁ ଜୟନ୍ତୀ' ବଦଳରେ ଲେଖାହୋଇଥିଲା 'ନେତାଜୀ ଜୟନ୍ତୀ' । ପିଲାମାନଙ୍କୁ ମଧ୍ୟ ନେହେରୁଙ୍କ ବଦଳରେ ନେତାଜୀଙ୍କ ବିଷୟରେ ଅବଗତ କରାଯାଇଥିଲା । ଖୋଦ ବ୍ଲକ ସଦରରେ ଥିବା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଯଦି ଏପରି ଶିକ୍ଷା ଏବଂ ମହାପୁରୁଷଙ୍କ ନାମ ଭୁଲ ରୂପେ ଅବଗତ କରାଯାଉଛି, ତେବେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ କେଉଁ ପ୍ରକାରର ଶିକ୍ଷା ମିଳୁଥିବ ଏଥିରୁ ସ୍ପଷ୍ଟ ଅନୁମେୟ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ହୋଇପାରୁ ନ ଥିବା ସବୁ ସମୟରେ ଅଧିକାରୀମାନେ କହିଆସୁଛନ୍ତି । କିନ୍ତୁ ଏପରି ଶିକ୍ଷକଙ୍କ ହାତରେ ଶିକ୍ଷାର ବିକାଶ କିପରି ହୋଇପାରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଖଇରପୁଟ ବିଇଓ ଶଶିଭୂଷଣ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ନେଇ ସେ ଅବଗତ ଅଛନ୍ତି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଅଭିଯୋଗ ସମ୍ପୂର୍ଣ୍ଣ...

ସମ୍ପୂର୍ଣ୍ଣ ଭିତ୍ତିହୀନ। ସେଥିରେ କିଛି ସତ୍ୟତା ନାହିଁ। ଦାରୁ ଚିହ୍ନଟ ପାଇଁ ଚୟନ ହୋଇଥିବା ୧୦ ମହାରଣା ସେବକଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ବରିଷ୍ଠ ଓ ଅଭିଜ୍ଞ। କିନ୍ତୁ ଶ୍ରୀବିଗ୍ରହ ନିର୍ମାଣରେ ସେ ସମ୍ପୂର୍ଣ୍ଣ ଅସହଯୋଗ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ରହ୍ମ ବିଭ୍ରାଟ ନେଇ ଯେଉଁ ନୋଟିସ ଜାରି କରାଯାଇଛି, ତାହା ସ୍ୱାଗତଯୋଗ୍ୟ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଶ୍ରୀବିଗ୍ରହଙ୍କ ନିର୍ମାଣ ପାଇଁ ୧୦ ଦିନ ସମୟ ଦରକାର। କିନ୍ତୁ ୨୦୧୫ ନବକଳେବରରେ ଗୋଟିଏ ଦିନ କ୍ଷୟ ପଡିବାରୁ ୯ ଦିନ ସମୟ ମିଳିଥିଲା। ଫଳରେ ଶ୍ରୀବିଗ୍ରହଙ୍କ ନିର୍ମାଣ ବିଳମ୍ବ ହେଲା। ଜୁନ୍ ୧୫ ସନ୍ଧ୍ୟା ସାଢ଼େ ୫ଟାରେ ଗଜପତି ମହାରାଜା ପୂର୍ଣ୍ଣାହୁତି ଦେବାର ଥିଲା। ହେଲେ ରାତି ୪ଟାରେ ପୂର୍ଣ୍ଣାହୁତି ଦେଲେ। ଏହି ବିଳମ୍ବକୁ ନେଇ ସବୁକିଛି ସମସ୍ୟା ଉପୁଜିଲା। ବ୍ରହ୍ମ ସଂସ୍ଥାପନ ପରେ ବ୍ରହ୍ମ ଭେଟି ଦେବାକୁ ଦଇତାପତିଙ୍କ ମଧ୍ୟରେ ଉତ୍କଣ୍ଠା ଥାଏ। ବୟୋଜ୍ୟେଷ୍ଠ ଭାଗାରିମାନଙ୍କ ମଧ୍ୟରେ ଏହି ସମୟରେ ବାଦାନୁବାଦ ହୋଇଥିଲା, ଯାହାକି ବାହାରକୁ ଆସିଥିଲା। ଏହାକୁ ନେଇ ତଦନ୍ତ କରାଯାଇଥିଲା। ମୁଖ୍ୟ ପ୍ରଶାସକଙ୍କ ସମ୍ମୁଖରେ ଆମେ ସତକଥା କହିଥିଲୁ। ବାଡ଼ଗ୍ରାହୀମାନେ ନିଷ୍ଠାର ସହିତ ବିଗ୍ରହମାନଙ୍କ ବ୍ରହ୍ମ ସଂସ୍ଥାପନ କରିଥିଲେ। ସେଥିରେ କୌଣସି ବିଭ୍ରାଟ ହୋଇନାହିଁ। ଭକ୍ତଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଥିଲା, ସେଥିପାଇଁ ଆମକୁ ସମଗ୍ର ଭାରତ ବର୍ଷରେ ନିନ୍ଦିତ ହେବାକୁ ପଡିଲା। ଏଥିପାଇଁ ଆମେ ମଧ୍ୟ ଦୁଃଖିତ। ଆମେ ବି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଛୁ। ଭବିଷ୍ୟତରେ ଯେପରି ଏହି ଘଟଣାର ପୁନରାବୃତ୍ତି ନ ଘଟେ ସେଥିପ୍ରତି ଆମ ନିଯୋଗ ଦୃଷ୍ଟି ଦେବ।

# ରାୟଗଡ଼ା ଫୁଡ୍ ପାର୍କରେ ଯୋଡ଼ିହେବ ଦୁଇ ନୂତନ ପ୍ଲାଣ୍ଟ୍

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ରାୟଗଡ଼ାରେ ଥିବା ମିଟ୍ସ ମେଗା ଫୁଡ୍ ପାର୍କରେ ଯୋଡ଼ିହେବ ଦୁଇଟି ନୂଆ ପ୍ଲାଣ୍ଟ। ପ୍ରାୟ ୨୫କୋଟିର ପୁଞ୍ଜିନିବେଶରେ ଏକ 'ରେଡି ଟୁ କନ୍‌ଜ୍ୟୁମ୍' ଜୁସ୍ ପ୍ଲାଣ୍ଟ ଏବଂ ଏକ କର୍ନ ବା ମକା ପ୍ରୋସେସିଂ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏ ନେଇ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ବୁଧବାର ଚତୁର୍ଥ ଦିବସରେ ଏକ ଏମ୍ଓୟୁ ସ୍ୱାକ୍ଷର ହୋଇଯାଇଛି। ପ୍ରାୟ ୧୫କୋଟି ଟଙ୍କା ବିନିଯୋଗରେ ସ୍ୱଲୋକମ୍ ବାୟୋଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ନିଜର ପ୍ଲାଣ୍ଟ ପ୍ରତିଷ୍ଠା କରିବ। ସେହିଭଳି କେଷ୍ଟଲୀ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ଏହି ମଲ୍ଟି ପ୍ରଡକ୍ଟ ଫୁଡ୍ ପାର୍କରେ ୧୦କୋଟି ନିବେଶ କରିବ। ଏ ନେଇ ଉଭୟ ସଂସ୍ଥାର ମୁଖ୍ୟ ଏମ୍ଏସ୍ଏମ୍ଇ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ୍.ଏନ୍. ଗୁପ୍ତାଙ୍କ ଉପସ୍ଥିତିରେ ମିଟ୍ସ ମେଗା ଫୁଡ୍ ପାର୍କ ଲିମିଟେଡ୍ ସହ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଅନ୍ୟପକ୍ଷରେ ଉଭୟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ଏଥିରେ ରାୟଗଡ଼ା ଜିଲାର ପ୍ରାୟ ୨୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିପାରିବ।

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, website : www.rprcbbsr.com

No. 2423 / RPRC **TENDER CALL NOTICE** Dated : 14.11.2018

Sealed tenders/offers are invited from Tent Houses / Decorators / Firms for erection of stalls of different sizes, lighting arrangement, supply of sound system, power supply back up through generator in the stalls and show site and also from reputed Outdoor food suppliers / Caterers / Service providers for supply of food items for **"Annual Flower Show-2019"** scheduled to be held on 12th and 13th January 2019 in the premises of Botanic Garden, Regional Plant Resource Center, Bhubaneswar.

| Name of Work | EMD | Cost of tender paper | Last date of receipt of tender paper | Date of opening of tender paper |
|---|---|---|---|---|
| 1. Erection of stalls of different sizes, lighting arrangement and power supply back up through generator in the stalls at show site for the **Annual Flower Show - 2019.** | Rs. 10000/- | Rs. 472/- | 30.11.2018 (upto 4.00 PM) | 01.12.2018 (at 4.00 PM) |
| 2. Supply of breakfast and lunch for the volunteers, judges and invitees for 12th and 13th January, 2019 for the **Annual Flower Show - 2019.** | Rs. 5000/- | Rs. 472/- | 30.11.2018 (upto 4.00 PM) | 01.12.2018 (at 4.00 PM) |

Further details be obtained from RPRC website : www.rprcbbsr.com or from RPRC Office Notice Board.
Sd/-
(Administrative Officer)

**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)

**E-TENDER NOTICE**

Sealed E-Tenders are invited by NIFT Bhubaneswar for procurement of RFID Drop Box, last date for receipt of E-tender is **07.12.2018**.

- Director

**Odisha Livestock Resources Development Society,**
OBPI Campus, Siripur, Bhubaneswar-751003
Tel No.: 0674-2397985, email: olrdsahd@gmail.com, Website: www.olrds.com

**NATIONAL COMPETITIVE BIDDING**

**"Invitation for Bids for supply of Laboratory Equipments for strengthening of Frozen Semen Bank, Cuttack, Odisha implemented by Odisha Livestock Resources Development Society (OLRDS), Bhubaneswar"**

No.CAD-1017:- The Government of Odisha has received a credit from the International Development Association (IDA) towards the cost of National Dairy Plan-I (National Dairy Support Project) & intends to apply part of the proceeds of this credit to payments for the goods under the National Competitive Bidding for which this IFB is issued.

The Odisha Livestock Resources Development Society (OLRDS), OBPI Campus, Siripur, Bhubaneswar and End Implementing Agency of the project invites eligible suppliers to submit their bids for supply of Laboratory Equipments for strengthening of Frozen Semen Bank, Cuttack, Odisha as specified in the bid document. Bidding documents are available from the Office of the Joint Director, Forzen Semen Bank, Cuttack, At-Khapuria, PO: Madhupatana, Dist: Cuttack, State: Odisha, India or may be downloaded from www.olrds.com/ www.orissaahvs.com/ www.khordha.nic.in. Eligible bidders may submit their bids on or before 15.00 hrs on 15.12.2018. For any details contact at the above address or communicate in the mail ndpolrds@gmail.com.

06061/11/0011/1819 Sd./- Chief Executive Officer, OLRDS

**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli,
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDER**

Digitally signed online bids for **Two Part, Open Tender** through Central Public Procurement e-procure Portal are invited on for the following Works.

1.Ref. No. NBC/MM/LP/SYS/MS SQL SERVER LICENSE/2018,Dtd:01.11.2018
Name of the work : Suppliers for MS SQL SERVER LICENSE. **DGM (Materials)**

2.RFP No. TNCC-047/2018 : Selection of a professional body for preparation of Sustainable Development Report 2017-18.
**DGM (Elect.) T&C**

Details of the tender along with tender document is available at www.nalcoindia.com and www.eprocure.gov.in. Bidders are advised to visit above websites for any modification / addition / bid due date extension.

**CSIR-INSTITUTE OF MINERALS AND MATERIALS TECHNOLOGY**
(Council of Scientific & Industrial Research)
BHUBANESWAR-751013

**TENDER NOTIFICATION NO. 01/MP/2018**

Tenders in two bids (Technical Bids & Price Bids) through e-tender (Tender ID: 2018_CSIR_17851) are invited by the Director, CSIR-IMMT, Bhubaneswar for the work "JOB CONTRACT FOR PROVIDING DIFFERENT CATEGORY OF WORKERS AGAINST VARIOUS PROJECTS AT CSIR-INSTITUTE OF MINERALS AND MATERIALS TECHNOLOGY, BHUBANESWAR-751013. For details please log on to e-procurement website www.etenders.gov.in and CSIR-IMMT website www.immt.res.in

Sd./-
CONTROLLER OF ADMINISTRATION

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751001

Ref. No. OSCB/HRDD/5744/2018-19 Date: 08.11.2018
No.23-LL:- **QUOTATION CALL NOTICE**

**Name of the Work:** Supply and installation of 3 KVA online UPS with batteries to be installed at Sailashree Vihar Branch of OSCB.
**Last Date and Time of Submission:** 23.11.2018 upto 2.00 P.M.
Tho quotation details can be downloaded from the official website www.odishascb.com from 08.11.2018 to 23.11.2018.

Sd./- Managing Director
Bhubaneswar Odisha State Cooperative Bank Ltd.
39012/11/0006/1819

**OFFICE OF THE MUNICIPAL COUNCIL, BHADRAK**
Bhadrak-756100 (Odisha), Tel. No.: 06784-251519(O), Fax No.: 06784-251221, E-mail: eobdkmunicipality@gmail.com

No.: Date.:

**QUOTATION CALL NOTICE**

Sealed quotation is hereby invited from the intending firms for supply of Tractor for lifting of garbages from Municipality area. They will quoted their rate per trip / per day including fuel & wages Driver, 2 Nos. Labours. They will submit Tractor Registration No, Pan Card, Addhar No, Account No with Quotation. The Quotation received from dt. 15.11.2018 to dt. 20.11.2018 till 2 PM & it will be opened on dt. 20.11.2018 at 4 PM in presence of of quotationer or their representative. The undersigned can cancel all the Quotation without reason thereof. The quotation filled by the quotationer without required documents will be cancelled.

Sd./- Executive Officer,
Bhadrak Municipality

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender ID: 2018_ORULB_47072**
**Tender Call Notice No. 5222 (PW) Date 14.11.2018**

| | | |
|---|---|---|
| Name & No. of Works | : | Electrical Works |
| No. of Works | : | 1 No. |
| Bid Value | : | Rs. 5.02 Lakh |
| Period of Completion | : | One Calendar Month |

Date and Time schedule:

| Start | End | Opening |
|---|---|---|
| 11.00 AM on dt. 15.11.2018 | 5.00 P.M. on dt. 27.11.2018 | 11.00 AM on dt. 30.11.2018 |

Tender Details: can be seen from the procurement portal: www.tendersorissa.gov.in.

Sd./-
Executive Engineer-I

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/HRD/PF/ 4932 Date: 14.11.2018

**NOTICE**

This is to notify that Late Sabitri Devi, Ex-Dhai of CHEP, Chiplima who was appointed as Dhai w.e.f. 08.09.1973 has taken voluntary retirement and relieved from her services w.e.f. 30.11.2003. Some of the retiral dues are lying pending as Late Sabitri Devi, Ex-Dhai has expired on 21.10.2006.

The Legal Heir/ Successor if any may apply to the Unit Head, CHEP, Chiplima, for claiming the dues of Late Sabitri Devi within 15 days from the date of publication of this notice.

Sd/- Unit Head, CHEP, Chiplima

04006/11/0055/1819
No.CAD-1019

**Zilla Swasthya Samiti, Bargarh**
**Dept. of Health & Family Welfare, Govt. of Odisha**
District Head Quarter Hospital,
Bargarh-768028, Phone/Fax: 06646-231763

Advt. No. 10/18 Date: 13.11.2018

**TENDER CALL NOTICE FOR HIRING OF VEHICLES AND PRINTING & SUPPLY OF IEC MATERIALS**

Sealed tenders are invited from registered travel agencies/firms/individuals for hiring of commercial light diesel vehicles on a monthly basis and for printing & supply of IEC materials. Details regarding eligibility criteria items, terms & conditions and the formats for submission of tender (Technical & Price bid) are mentioned in the tender document which may be downloaded from the website www.bargarh.nic.in. Interested party may submit their tenders in a sealed envelope with superscribing on the top of the sealed envelope as "Tender for Hiring of Vehicles on Monthly Basis" in case of hired vehicle and "Tender for printing & supply of IEC materials" in case of printing materials. The tenders should reach the office of the undersigned by Dt. 03.12.2018 (till 4 PM). The Tenders will be opened at 11.30 AM on Dt. 04.12.2018 at DTU NHM Bargarh. The undersigned reserves the right to reject any or all the tenders without assigning any reason thereof.

Sd./-
CDM&PHO, Bargarh

**GOVERNMENT OF ODISHA,**
**"e"-PROCUREMENT NOTICE**
**WORKS DEPARTMENT**

No.820-B:- **E-mail: ceroads.bbsr@gmail.com**
**Bid Identification No. CE-DPI & R-51/ 2018-19**

| | | | |
|---|---|---|---|
| 1. | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below: | | |
| 2. | Nature of work | : | Road works |
| 3. | No. of work | : | 03 Nos. |
| 4. | Tender Paper cost | : | Rs. 10,000.00/ each |
| 5. | Class of Contractor | : | Super Class |
| 6. | Available of bid document in the website | : | From 10.00 AM of November 20, 2018 to 05.00 PM of December 10, 2018. |
| 7. | Date of opening of Bid | : | 11.30 AM on December 11, 2018. |
| 8. | The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum/ cancellation of tender can also be seen in the said website. | | |

34117/11/0140/1819 Sd./- OSD-cum-Chief Engineer (DPI & Roads), Odisha

# ନାକ ଟେକୁଛନ୍ତି

ସାଧାରଣ ନିର୍ବାଚନକୁ ମାସ କେଇଟା ବାକି ରହିଲା। କିଏ କାହା ଖୁଆଡକୁ ଯିବ, ସେ ନେଇ ଚର୍ଚ୍ଚା ଜୋର ଧରିଲାଣି। ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଲୋକ ସଭା ଆସନର ପ୍ରତିନିଧି ଫୁଲମୁହାଁ ହେଲେଣି। ତାଙ୍କୁ କୁଆଡେ ନିଜ ଦଳକୁ ଆଣିବା ପାଇଁ ଫୁଲ ଦଳିଆ ମହାରାଜା ପରିବାର ଅଣ୍ଟା ଭିଡିଛନ୍ତି। ଖାଲି ସୁବର୍ଣ୍ଣ ସୁଯୋଗକୁ ଅପେକ୍ଷା। ଖାଲି ସିଏ ନୁହଁନ୍ତି, ବଲାଙ୍ଗୀର ଅପାଙ୍କ ଶଙ୍ଖ ଟିକେଟ୍ କୁଆଡେ କଟିଯାଇପାରେ। ସେଠି ନୂଆ ପ୍ରାର୍ଥୀ ଖୋଜୁଛି ଦଳ। ହେଲେ ଫୁଲ ଦଳ ସ୍ଥାନୀୟ ପାପୁଲି ମାନ୍ୟବରଙ୍କୁ ଆଣିବା ଯୋଜନା କରୁଛି। କିଛିଦିନ ପୂର୍ବେ ସବୁ କିଛି ଠିକ୍ ଥିଲା, ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥାନ୍ତା। ହେଲେ କେଁ ପୂରେଇଲେ ଫୁଲ ଦଳିଆ ମହାରାଜ। ଏଭଳି ଆଲୋଚନା ରାଜଧାନୀର ଏକ ଖଟିରେ ହେଉଥିବା ସମୟରେ ଜଣେ କହିଲେ, ରାଜା ବୋଧେ କେବଳ ରାଜାଙ୍କୁ ଚାହୁଁଛନ୍ତି। ତେଣୁ ପୂର୍ବତନ ପାପୁଲି ମାନ୍ୟବରଙ୍କ ଆଗମନକୁ ନାକ ଟେକୁଛନ୍ତି।

**ଖଟିରେ ଖଟିରେ...**

# ମଞ୍ଜି କଥା ତ ଏଠି

ଏବେ ରାଇଜ ସରକାରୀ ମୁଖ୍ୟାଳୟ ଭିତର ଚା, ଜଳଖିଆ ଦୋକାନକୁ ଦେଖିଲେ ସବୁଠି ସରକାରୀ ବାବୁମାନଙ୍କ ରାଜନୀତି ଚର୍ଚ୍ଚା। ଆଗରୁ ଏଇ ଅଫିସର ଏଇଆ କଲା, ସେଇ ଅଫିସର ସେଇଆ କଲା, ଛୁଟି ଦେବାକୁ ଏମିତି କହିଲା ଇତ୍ୟାଦି କଥା ଚାଲୁଥିଲା। ଏଇନା ଗଣମାଧ୍ୟମରେ ଚର୍ଚ୍ଚାକୁ ଆସୁଥିବା ନେତାଙ୍କ ଖବରକୁ ନେଇ ଆଲୋଚନା ଜମୁଛି। ଏଇ ଗଲା ମଙ୍ଗଳବାରଟାରେ କିଛି ଅଫିସରବାବୁ ଶଙ୍ଖ ଦଳରୁ ବିଦା ହୋଇଥିବା ଆମ ପୋର୍ଟ ଏରିଆ ମାନ୍ୟବରଙ୍କ ବିଷୟରେ ଚର୍ଚ୍ଚା ଚଳାଇ ଥାଆନ୍ତି। ସେଠାରେ ଥିବା ଜଣେ ବାବୁ କହୁଥାଆନ୍ତି ଆମ ରାଇଜ ମୁଖିଆଙ୍କୁ ବିରୋଧ କଲେ ଯାହା ହୁଏ, ଏଇ ମହାଶୟଙ୍କ କ୍ଷେତ୍ରରେ କ'ଣ ସେଇଆ ହବ। ସେଇଠୁ ଦେହପା ବିଭାଗର ଜଣେ ବାବୁ କହିଲେ, ରାଇଜ ମୁଖିଆ କ'ଣ କରିବେ ହୋ, ଆମ ମୁଖିଆ ପରା ସେଇ ମହାଶୟଙ୍କୁ ଗଡାଇ ଦେବାକୁ ନିଜ ଆଦାୟ ଟଙ୍କା ପୋର୍ଟ ପଠାଇବାରେ ବ୍ୟସ୍ତ। ଏଇ ବାବୁମାନଙ୍କ ଏମିତି କଥା ଶୁଣି ବାହାରୁ କିଛି କାମରେ ଯାଇଥିବା ଜଣେ ମହାଶୟ କହିଲେ, ଇରେ ହେ, ରାଜନୀତି ମଞ୍ଜି କଥା ତ ଏଠି।

No.III-49

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

No. RDM-LAA-BLS-0035-2018/26024 R&DM Dated : 16.07.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କୁରୁଣ୍ଡି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ରଘୁନାଥପୁର, ଥାନା–ଖଇରା ସଂ ୨୫୬, ତହସିଲ– ଖଇରା, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨.୮୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କୁରୁଣ୍ଡି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବିଦ୍ୟାଧରପୁର କେନାଲ ଡିଭିଜନ, ବିଦ୍ୟାଧରପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ କୁରୁଣ୍ଡି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ଖଇରା | ରଘୁନାଥପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୦.୧୮ | ଏ.୨.୮୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

## LAND SCHEDULE

Land Acquisition for excavation of Gandibeda Distributary of Anandapur Barrage Project of Vill - Raghunathpur, Tahasil- Khaira, P.S.- Khaira, No. 256, Dist : Balsore, L.A. Case No. -10/18

| କ୍ରମିକ ନଂ | ଖାତା ନଂ | ଜମି ମାଲିକଙ୍କ ନାମ ଜାତି, ବାସସ୍ଥାନ | ଚକ ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| ୧ | 1 | ଅଗଣି ବେହେରା, ସ୍ୱା– ବାଞ୍ଛାନିଧି ବେହେରା, ଜା– କାପୁଡିଆ, ବା– ରାଇକୁଳା। | 54 | 74 | | 0.32 | 0.28 |
| ୨ | 2 | ଅଚ୍ୟୁତାନନ୍ଦ ମହାପାତ୍ର, ପି– ଉଦୟନାଥ ମହାପାତ୍ର, ଜା– ଜ୍ୟୋତିଷ, ବା– ରାଇକୁଳା। | 31 | 34 | | 0.53 | 0.37 |
| ୩ | 8 | ଅନନ୍ତ ପୃଷ୍ଟି, ଗୌରାଙ୍ଗ ପୃଷ୍ଟି, କ୍ଷେତ୍ରମୋହନ ପୃଷ୍ଟି, ପି– ବାଞ୍ଛାନିଧି ପୃଷ୍ଟି, ମହେଶ୍ୱର ପୃଷ୍ଟି, ପି– ଉପେନ୍ଦ୍ର ପୃଷ୍ଟି, ଜା– କାପୁଡିଆ, ବା– ରାଇକୁଳା। | 53 | 76 | | 0.27 | 0.18 |
| | | | 57 | 80 | | 0.35 | 0.06 |
| ୪ | 15 | ଆଦିକନ୍ଦ ପାତ୍ର, ପି– ରତ୍ନାକର ପାତ୍ର, ଜା– କାପୁଡିଆ, ବା– ନିଜଗାଁ | 56 | 79 | | 0.30 | 0.03 |
| ୫ | 17 | କମଳା ଦାସ, ପି– ମଦନ ଦାସ, ଜା– ଖଣ୍ଡାୟତ, ବା– ନିଜଗାଁ | 41 | 57 | | 0.42 | 0.06 |
| ୬ | 36 | ଜୟନ୍ତ କୁମାର ମାଝୀ, ବସନ୍ତ କୁମାର ମାଝୀ, ଅକ୍ଷୟ କୁମାର ମାଝୀ, ପି– ଅନିରୁଦ୍ଧ ମାଝୀ, ଜା–କୈବର୍ତ, ବା– ରାଇକୁଳା | | 73 | ଶାରଦ ଅଣ ଜଳସେଚିତ–୨ | 0.14 | 0.14 |
| ୭ | 46 | ନରେନ୍ଦ୍ର ପ୍ରସାଦ ପଣ୍ଡା, ପି– କାହ୍ନୁ ଚରଣ ପଣ୍ଡା, ଜା– ବ୍ରାହ୍ମଣ, ବା– ନିଜଗାଁ | 29 | 32 | | 0.15 | 0.07 |
| ୮ | 51 | ନୃସିଂହ ଚରଣ ବେହେରା, ପର୍ଶୁରାମ ବେହେରା, ପି– ବାଞ୍ଛାନିଧି ବେହେରା, ଅଗଣି ବେହେରା, ସ୍ୱା– ବାଞ୍ଛାନିଧି ବେହେରା, ଜା– କାପୁଡିଆ, ବା– ରାଇକୁଳା | 47 | 63 | | 0.38 | 0.02 |
| | | | | 102 | ଶାରଦ ଅଣ ଜଳସେଚିତ –୨ | 0.47 | 0.01 |
| ୯ | 57 | ବନମାଳି ବାରିକ, ଶଙ୍କର ବାରିକ, ଶୁକଦେବ ବାରିକ, ପି– କୃଷ୍ଣ ବାରିକ, ଜା– ଗୋପାଳ, ବା– ରାଇକୁଳା | 51 | 70 | | 0.37 | 0.01 |
| ୧୦ | 58 | ବନମାଳୀ ବାରିକ, ଶଙ୍କର ବାରିକ, ଶୁକଦେବ ବାରିକ, ରେବତୀ ବାରିକ, ପି– କୃଷ୍ଣ ବାରିକ,ହାରାମଣି ବାରିକ, ସ୍ୱା– କୃଷ୍ଣ ବାରିକ, ଜା– ଗୋପାଳ, ବା– ରାଇକୁଳା | 26 | 29 | | 0.20 | 0.05 |
| ୧୧ | 60 | ବାବୁରାମ ମାଝୀ, ପି– ନବିନ ମାଝୀ, ଜା– କୈବର୍ତ୍ତ, ବା– ରାଇକୁଳା | 27 | 30 | | 0.24 | 0.05 |
| ୧୨ | 62 | ଦିବ୍ୟରଞ୍ଜନ ପୃଷ୍ଟି, ପି– ଗଣେଶ ପୃଷ୍ଟି, ଜା– କାପୁଡିଆ | 75 | 103 | | 0.750 | 0.130 |
| ୧୩ | 64 | ଭାଗୀରଥି ମାଝୀ, ନିଧି ମାଝୀ, ଅକ୍ଷୟ ମାଝୀ, ପ୍ରଫୁଲ ମାଝୀ, ପି– ଭାଲୁ ମାଝୀ, ମୃଷି ମାଝୀ, ସ୍ୱା– ଭାଲୁ ମାଝୀ, ଜା– କୈବର୍ତ୍ତ, ବା– ରାଇକୁଳା। | 28 | 31 | | 1.13 | 0.04 |
| ୧୪ | 65 | ଭାସ୍କର ଚନ୍ଦ୍ର ପାତ୍ର, ପି– ଦେବେନ୍ଦ୍ର ପାତ୍ର, ଜା– କାପୁଡିଆ, ବା– ନିଜଗାଁ | 42 | 58 | | 0.76 | 0.22 |
| ୧୫ | 66 | ଭାସ୍କର ଚନ୍ଦ୍ର ପାତ୍ର, ପି– ଦେବେନ୍ଦ୍ର ପାତ୍ର, ଜା– କାପୁଡିଆ, ବା– ନିଜଗାଁ, ଆଶାମଣୀ ପାଢୀ, ସ୍ୱା– ଚିନ୍ତାମଣୀ ପାଢୀ, ଜା– ବ୍ରାହ୍ମଣ, ବା– କୁରୁଂଟା, କନକଲତା ପାଣିଗ୍ରାହୀ, ଜା– ବ୍ରାହ୍ମଣ, ବା– ପଣ୍ଡୁ, ଥା– ସିମୁଳିଆ। | 8 | 11 | | 0.14 | 0.01 |
| ୧୬ | 73 | ମନୋରଞ୍ଜନ ପାତ୍ର, ଆଶାମଣି ପାତ୍ର, କମଳିନି ପାତ୍ର, ପି– କାଶିନାଥ ପାତ୍ର, ଜା– କାପୁଡିଆ, ବା– ନିଜଗାଁ | 46 | 62 | | 0.51 | 0.31 |
| ୧୭ | 74 | ଶ୍ରୀ ଜଗନ୍ନାଥ ମହାପ୍ରଭୁ, ବିଜେ– ରାଇକୁଳା ମାର୍ଫତ ଗ୍ରାମବାସୀ ପକ୍ଷେ ମହେଶ୍ୱର ମହରଣା, ପ୍ରଫୁଲ୍ଲ ମହାରଣା, ରମେଶ ମହାରଣା, ଉମାକାନ୍ତ ମହାରଣା, ରବୀନ୍ଦ୍ର ମହାରଣା, ପି– ରତ୍ନାକର ମହାରଣା, ଜା– ବଢେଇ, ବା– ରାଇକୁଳା। | 6 | 9 | | 0.43 | 0.12 |
| ୧୮ | 79 | ରଘୁନାଥ ପଣ୍ଡା, ଆଶାମଣି ପାଢୀ, କନକଲତା ପାଣିଗ୍ରାହୀ, ପି– ଜଗତ ନାରାୟଣ ପଣ୍ଡା, ଜା– ବ୍ରାହ୍ମଣ, ବା– ନିଜଗାଁ | 30 | 33 | | 0.05 | 0.01 |
| ୧୯ | 80 | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ରାଇକୁଳା ମାର୍ଫତ ଗ୍ରାମବାସୀ ପକ୍ଷେ ରଘୁନାଥ ମହାରଣା, ପି– ଗୋବିନ୍ଦ ମହାରଣା, ଜା– ବଢେଇ, ବା– ରାଇକୁଳା। | 7 | 10 | | 0.28 | 0.21 |
| ୨୦ | 81 | ରତ୍ନାକର ପାତ୍ର, ନିତ୍ୟାନନ୍ଦ ପାତ୍ର, କ୍ଷେତ୍ର ମୋହନ ପାତ୍ର, କମଳାକାନ୍ତ ପାତ୍ର, ଗୌରୀ ପାତ୍ର, ଖୁଲଣା ପାତ୍ର, ସତ୍ୟଭାମା ପାତ୍ର, ଅମ୍ବିକା ପାତ୍ର, ଉର୍ମିଳା ପାତ୍ର, ପି– କପିଳ ପାତ୍ର, କୁନ ପାତ୍ର, ସ୍ୱା– କପିଳ ପାତ୍ର, ଜା– କାପୁଡିଆ, ବା– ରାଇକୁଳା | 55 | 78 | | 1.77 | 0.30 |
| ୨୧ | 84 | ରେବତୀ ବେହେରା, ସ୍ୱା– ନୃସିଂହ ଚରଣ ବେହେରା, ଜା– କାପୁଡିଆ, ବା– ରାଇକୁଳା | 54 | 77 | | 0.22 | 0.12 |
| | | | | | | ମୋଟ ପ୍ରାଇଭେଟ୍ ରକବା ଏ | 2.80 |

24001/14/0377/1819



## ୱେବ୍ ସିରିଜରେ କରୀନା

କଥାରେ ଅଛି, ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଯେଉଁ ଆଶା ପୂରଣ ନେଇ କରୀନା ଚାହିଁ ବସିଥିଲେ ତାହା କିପରି ପୂରଣ ହୋଇଛି। ସେ ୱେବ ସିରିଜ୍‌ରେ ଆକ୍ଟିଂ କରିବାକୁ ଚାହୁଁଥିଲେ। ଖୁବ୍ ଶୀଘ୍ର ସେ ଡିଜିଟାଲ ଦୁନିଆରେ ପାଦ ଦେବେ। ଏହି ସିରିଜର କାହାଣୀ ଶୁଣିବା ପରେ ତାକୁ ବେଶ୍ ପସନ୍ଦ କରିଛନ୍ତି ସେ। କେବଳ ସେତିକି ନୁହେଁ ପତିଦେବ ସୈଫ ଅଲ୍ଲୀ ଖାଁଙ୍କର ମଧ୍ୟ ଏ ନେଇ ସମ୍ମତି ରହିଛି। ତେବେ ଏ ନେଇ କେବେ ପ୍ରଯୋଜନା ସଂସ୍ଥା ପକ୍ଷରୁ ବିଧିବଦ୍ଧ ଭାବରେ ଘୋଷଣା କରାଯାଉଛି ତାହା ଜାଣିବାକୁ ବାକି ରହିଲା।

ଅପେରା ହାଲଚାଲ

# ଜମୁଛି ସୁବାସ-ମାମା ଯୋଡି

ସୁବାସ ବେହେରା–ଜଲିଉଡ୍‌ରେ ସେ କେତେ ପରିଚିତ ତାହା କହିବା ବାହୁଲ୍ୟ। ଚଳିତ ଯାତ୍ରା ସିଜନରେ ସେ ସତ୍ୟ ଜେନାଙ୍କ ଅପେରା ରଙ୍ଗମହଲରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ଏଥର ପରିବେଷିତ ହେଉଥିବା ନାଟକଗୁଡିକରେ ସେ କେବଳ ପ୍ରଶଂସା ସାଉଁଟୁ ନାହାନ୍ତି ତାଙ୍କ ସହ ନାୟିକା ଭାବରେ ଅବତୀର୍ଣ୍ଣ ହେଉଥିବା ମାମାଙ୍କ ଆକ୍ଟିଂ କୌଣସି ଗୁଣରେ କମ୍ ନୁହେଁ। ମୋଟ ଉପରେ ଏଥର ସୁବାସ–ମାମା ଯୋଡି ବେଶ୍ ଜମିଛି ବୋଲି କହିଲେ କିଛି ଭୁଲ ହେବ ନାହିଁ। ରଙ୍ଗମହଲର ଏବର୍ଷର ଚର୍ଚ୍ଚିତ ନାଟକ ମଧ୍ୟରେ ରହିଛି–ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ଅଧେ ତୋର ଅଧେ ମୋର', ବିନୋଦ ରାଉତଙ୍କ 'ବାହା ହେଇଚ ନା ବାଢୁଅ ଅଛ' ଏବଂ ସୁବାସ ବେହେରାଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'ସବୁ ମାୟାରେ ବାୟା'। ଏହାବ୍ୟତୀତ କିଶୋର ଖଣ୍ଡୁଆଳଙ୍କ 'କେମିତି ରାତି ସେ କେମିତି ସାଥୀ' ଏବଂ ଗତ ବର୍ଷର ରିପିଟ୍ ନାଟକ 'ମିଛୁଆ ରାଧୁଆ ଗପ ସରିଲା' ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏସବୁ ନାଟକରେ ଅନ୍ୟ କଳାକାରଙ୍କ ନିଖୁଣ ଅଭିନୟ ବ୍ୟତୀତ ସୁବାସ–ମାମାଙ୍କ ଭାବପ୍ରବଣ ଆକ୍ଟିଂ ଯାତ୍ରାପ୍ରେମୀଙ୍କୁ ଫୁଲ ଏଣ୍ଟରଟେନମେଣ୍ଟ ଦେଉଛି।



ସୁବାସ – ମାମା

# ଆରିଏନ୍ ଯାହା ଚାହୁଁଥିଲେ

ନବାଗତ ଆରିଏନ୍‌ଙ୍କୁ ଏକାଥରେ ଦୁଇଟି ଲକ୍ଷ୍ୟ ହାସଲ କରିବାକୁ ପଡିବ। ତେଣୁ ମାପିଚୁପି ପାଦ ପକାଉଛନ୍ତି। ଟିକେ ଯଦି ଓଲମ ବିଲମ ହୋଇଯାଏ ତା'ହେଲେ ସବୁ ପରିଶ୍ରମ ବୃଥା। ତାଙ୍କୁ ଏଭଳି ଏକ ଭୂମିକା ମିଳିଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଯୋଉଠି ଥିଲେ ବି ତୁ ମୋର'ରେ। 'ଏହି ଫିଲ୍ମରେ ମୋତେ ଏକ ଗୁରୁତ୍ୱପୂର୍ଣ୍ଣ ରୋଲ୍ ମିଳିଛି। ଏଥିରେ ମୁଁ ଜଣେ ବିଜନେସମ୍ୟାନ ଭୂମିକାରେ ଅଭିନୟ କରୁଛି। କାହାଣୀ ଅନୁସାରେ ମୋ ମନକୁ ଜଣେ ସୁନ୍ଦରୀ ଚୋରି କରି ନେଇଛି। ପ୍ରେମ ସାଗରରେ ଉବୁଟୁବୁ ହେଉଛି ସିନା ହେଲେ ପ୍ରେମ ଆଉ ବିଜନେସ–ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଚଲାଇବାକୁ ପଡୁଛି। ଏଥିରେ ମୁଁ କେତେ ସକ୍‌ସେସ ହେଉଛି ତାହା ଆପଣମାନେ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ଆରିଏନ୍।' ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀକାନ୍ତ ଗୌତମ। ଆରିଏନ୍‌ଙ୍କ ବ୍ୟତୀତ ସମ୍ଭିତ, ରିୟା, ବବି ମିଶ୍ର, ପୁପିନ୍ଦର, ଐଶ୍ୱର୍ଯ୍ୟା ବେହେରା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।



ଆରିଏନ – ରିୟା

# ଜ୍ୟୋତିଙ୍କ ପ୍ରେମ କାହାଣୀ

ଜ୍ୟୋତି ନାୟକ ଏବେ ପ୍ରେମରେ ପଡିଯାଇଛନ୍ତି। କାହା ସହ ଜାଣନ୍ତି ? ସୁନା ଚଢ଼େଇ ସହ। ଏହି ପ୍ରେମକୁ ସଫଳ କରିବାକୁ ସେ ସବୁ ପ୍ରକାର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ତୟାର। କିନ୍ତୁ ଅସଲ କଥା ହେଲା ଏହି ପ୍ରେମର ସଂଯୋଗ ତାଙ୍କର ଅଭିନୟ ଜୀବନ ସହ ରହିଛି। ଆଉ ଚଳଚ୍ଚିତ୍ରଟି ହେଲା 'ତୁ ମୋ ସୁନା ଚଢ଼େଇ'। ଏଥିରେ ବଙ୍ଗୀୟ ଅଭିନେତ୍ରୀ ଏଲସା ଘୋଷ ତାଙ୍କର ନାୟିକା ସାଜିଛନ୍ତି। ଜ୍ୟୋତି–ଏଲସାଙ୍କ ବ୍ୟତୀତ ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେଉଛନ୍ତି ରାଇମୋହନ (ଅଘୋରି) ଏବଂ ଅପେରା ଜଗତର ନାମୀ ଖଳନାୟକ ଦଇତାରି ପଣ୍ଡା। 'ସମାଜର ସବୁ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି ଫିଲ୍ମଟି ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ବୈଦ୍ୟନାଥ ଦାଶଙ୍କ ସ୍ୱର ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ଏସ. ଦିଲୀପ ପଣ୍ଡା। ନିତିନ ପଣ୍ଡା–ଭୂପେଶ ପଣ୍ଡାଙ୍କ ପ୍ରଯୋଜିତ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ।

'ତୁ ମୋ ସୁନା ଚଢ଼େଇ' ଚଳଚ୍ଚିତ୍ରରେ ଜ୍ୟୋତି – ଏଲ୍‌ସା



# ଏ ଦିଲ୍ ତତେ ଦେଲି

'ଏ ଦିଲ୍ ତତେ ଦେଲି' ଟାଇଟଲରୁ ଜଣାପଡୁଛି ଯେ ଏହାର କାହାଣୀ ପ୍ରେମ ଉପରେ ଆଧାରିତ। ଜଣେ ଜଣକୁ ଦିଲ୍ ଦେବା ବଡ କଥା ନୁହେଁ, ହେଲେ ସେହି ପ୍ରେମର ମୁଣ୍ଡି ମାରିପାରିଲେ ହେଲା। ତା' ଭିତରେ ଦେଖାଦେଉଥିବା ଘାତ ପ୍ରତିଘାତକୁ ସାମନା କରିବାର ସାହସ ଏବଂ ଶକ୍ତି ମଧ୍ୟ ଥିବା ଦରକାର। ସେପରି ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଏ ଦିଲ୍ ତତେ ଦେଲି'। ଷ୍ଟେପ୍ ବାଏ ଷ୍ଟେପ୍ ବ୍ୟାନରରେ ଏବଂ ଅଖିଳେଶ ବର୍ମାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନିଲୁ ବକ୍ସ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ବିଭାସ ଏବଂ ବମ୍ବେରେ ରହୁଥିବା ଓଡ଼ିଆ ଝିଅ ରିୟାନା ଶୁକ୍ଳା। ଏଥିରେ ମନୀଷା ମିଶ୍ର ଏବଂ ନିଲୁଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ମାନସ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମହମ୍ମଦ ମୁସୀର।

ବିଭାସ – ରାୟାନା



# ପାଠ ପଢ଼ିବେ ସୋନମ

ସୋନମ କପୁର କଲେଜ ଯିବେ। ସେଠାରେ ପାଠ ପଢ଼ିବେ। ତେଣୁ ନିଜର ଷ୍ଟୁଡେଣ୍ଟ କ୍ୟାରିୟରକୁ ନେଇ ସେ ଉତ୍ସାହିତ ହୋଇପଡିଛନ୍ତି। ଅନେକ ହୁଏତ ଚିନ୍ତା କରିପାରନ୍ତି ଯେ ଘର ସଂସାର କରିବା ପରେ ସୋନମ କାହିଁକି ପାଠପଢ଼ା ଆଡକୁ ମନ ବଳାଇଲେ ? କଥାଟି ସତ, ହେଲେ ତାହା ଘଟିବାକୁ ଯାଉଛି ସୋନମଙ୍କ ରିଲ୍ ଲାଇଫରେ। ନିକଟରେ ସେ ଏକ ଅନଟାଇଟଲଡ ଫିଲ୍ମ ସାଇନ୍ କରିଛନ୍ତି, ଯେଉଁଥିରେ ସେ ଜଣେ କଲେଜ ଛାତ୍ରୀ ଭୂମିକାରେ ଅଭିନୟ କରିବେ। ଦେଖାଯାଉ, ଏଭଳି ଭୂମିକାରେ ଦର୍ଶକଙ୍କ ତାଙ୍କୁ କିପରି ଗ୍ରହଣ କରୁଛନ୍ତି।



ନୂଆ ସିନେମା

# ଅଜବ ସଞ୍ଜୁର ଗଜବ ଲଭ୍

ସଞ୍ଜୁ ଚରିତ୍ର ସହ ଓଡ଼ିଆ ସିନେ ଦର୍ଶକ ପ୍ରାୟ ପରିଚିତ। କାରଣ ଏହି ଭୂମିକାରେ ଅଧିକାଂଶ ଥର ବାବୁସାନ ଅବତୀର୍ଣ୍ଣ ହୋଇସାରିଛନ୍ତି। ପୁଣି ଅଶୋକ ପତିଙ୍କ ନିର୍ଦ୍ଦେଶିତ ଫିଲ୍ମରେ ତାଙ୍କୁ ମିଳିଛି ଏଭଳି ଭୂମିକା। ଏଥର ସଞ୍ଜୁର ଲଭ୍‌କୁ ନେଇ ପରୀକ୍ଷା ନିରୀକ୍ଷା କରୁଛନ୍ତି ଅଶୋକ। କାରଣ ସେପରି ଏକ ରୋମାଣ୍ଟିକ, କମେଡି ଏବଂ ଆକ୍ସନ କାହାଣୀକୁ ନେଇ ଶୁଟିଂ ଚାଲିଥିବା ନୂଆ ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ସେ ଆଉ ତାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବାବୁସାନ୍। ଚଳଚ୍ଚିତ୍ରଟିର ଶୀର୍ଷକ ରହିଛି 'ଅଜବ ସଞ୍ଜୁର ଗଜବ ଲଭ୍'। ସାଇ ଶ୍ରଦ୍ଧା ଟେଲି ପ୍ରଡକ୍ସନ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରୁଛନ୍ତି ନିହାର ସାମଲ–ବିନି ସାମଲ। ଚଳିତ ମାସ ୨୩ରେ ରିଲିଜ ହେବାକୁ ଯାଉଥିବା 'ସାଥୀ ତୁ ଫେରିଆ' ପରେ ଏହା ହେଉଛି ଦୁହିଁଙ୍କ ଦ୍ୱାରା ପ୍ରଯୋଜିତ ଦ୍ୱିତୀୟ ସିନେମା। ସଂଳାପ ରଚନା କରିଛନ୍ତି ରଣଜିତ ପଟ୍ଟନାୟକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା 'ଲୋଫର', 'ଚକୋଲେଟ୍' ଏବଂ 'ଥୁକୁଲ୍' ପରେ ତୃତୀୟ ଥର ପାଇଁ ବାବୁସାନ୍‌ଙ୍କ ନାୟିକା ସାଜୁଛନ୍ତି ଅର୍ଚ୍ଚିତା। ଏହି ଯୋଡି ବ୍ୟତୀତ ମିହିର ଦାସ, ଅପରାଜିତା, ବବି ମିଶ୍ର ପ୍ରମୁଖ କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ।




( ବାମରୁ ) ଅର୍ଚ୍ଚିତା, ବିନି ସାମଲ,ବାବୁସାନ,ଅଶୋକ ପତି



> ସମବାୟ ଆନ୍ଦୋଳନକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଦିବ୍ୟାଙ୍ଗଙ୍କୁ ଅଧିକ ସହାୟତା ଦେବାକୁ ସମବାୟଗୁଡିକୁ ପାଣ୍ଠି ଯୋଗାଣ ବୃଦ୍ଧି କରାଯାଇଛି।
> – ରାଧାମୋହନ ସିଂ, କେନ୍ଦ୍ର କୃଷିମନ୍ତ୍ରୀ



> ଏୟାର ଇଣ୍ଡିଆର ୨୯ ହଜାର କୋଟି ଟଙ୍କାର ଋଣକୁ ଏକ ସ୍ପେଶିଆଲ ପରପସ ଭେହିକିଲ୍‌କୁ ସ୍ଥାନାନ୍ତର କରାଯିବ। ଏହାଦ୍ୱାରା ବିମାନ କମ୍ପାନୀ ଉପରେ ଥିବା ୫୫ ହଜାର କୋଟି ଟଙ୍କାର ଋଣ ବୋଝ କମିବ।
> – ପ୍ରଦୀପ ସିଂ ଖାରୋଲା, ସିଏମ୍‌ଡି, ଏୟାର ଇଣ୍ଡିଆ

## ସଂକ୍ଷେପରେ

### ଜାରି ହେବ ୭୫ଟଙ୍କିଆ ମୁଦ୍ରା

**ନୂଆଦିଲ୍ଲୀ,୧୪-୧୧:** ଆଜାଦ୍ ହିନ୍ଦ ଫୌଜର ସୁପ୍ରିମ କମାଣ୍ଡର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଆଣ୍ଡାମାନର ପୋର୍ଟ ବ୍ଲେୟାରଠାରେ ପ୍ରଥମ ଥର ଜାତୀୟ ପତାକା ଉତ୍ତୋଳନ କରାଯିବାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ୭୫ ଟଙ୍କିଆ ସ୍ମାରକୀ ମୁଦ୍ରା ପ୍ରଚଳନ କରାଯିବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ୩୫ ଗ୍ରାମ୍‌ର ଏହି ମୁଦ୍ରାରେ ୫୦ ପ୍ରତିଶତ ରୁପା,୪୦ ପ୍ରତିଶତ ତମ୍ବା ଏବଂ ୫-୫ ପ୍ରତିଶତ ଲେଖାଏ ଜିଙ୍କ ଓ ନିକେଲ ରହିବ। ସେଲ୍ୟୁଲାର ଜେଲ୍‌ର ପଛ କାନ୍ଥରେ ଜାତୀୟ ପତାକାକୁ ସଲାମୀ ଦେଉଥିବା ନେତାଜୀଙ୍କ ଫଟୋକୁ ଏହି ମୁଦ୍ରାରେ ସ୍ଥାନ ଦିଆଯିବ। ତାଙ୍କ ଫଟୋ ତଳେ ୭୫ ଅଙ୍କ ଲେଖାଯିବ। ଏଥିସହିତ ଏହି ମୁଦ୍ରାରେ ଦେବନାଗରୀ ଓ ଇଂଲିଶରେ 'ପ୍ରଥମ ପତାକା ଉତ୍ତୋଳନ ଦିବସ' ଉଲ୍ଲେଖ କରାଯିବ। ସୂଚନାଥାଉ କି, ନେତାଜୀ ସୁଭାଷ ବୋଷ ପୋର୍ଟ ବ୍ଲେୟାରରେ ୧୯୪୩ ଡିସେମ୍ବର ୩୦ରେ ପ୍ରଥମଥର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

### ୟୁବିଆଇର ଦ୍ୱିତୀୟ ତ୍ରୈମାସ ଫଳାଫଳ

**ଭୁବନେଶ୍ୱର,୧୪-୧୧:** ବୁଧବାର ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ଫଳାଫଳ ଘୋଷଣା କରିଛି। ବ୍ୟାଙ୍କର ଅନାଦାୟ ଋଣ ପରିମାଣ ୧୪୧ ବେସିସ୍ ପଏଣ୍ଟ ହ୍ରାସ ପାଇଛି। ସେପ୍ଟେମ୍ବର ୩୦ ସୁଦ୍ଧା ବ୍ୟାଙ୍କ ୧,୯୬,୮୦୭ କୋଟି ଟଙ୍କାର ବ୍ୟବସାୟ ହାସଲ କରିବାରେ ସଫଳ ହୋଇଛି। ନେଟ୍ ସୁଧ ବାବଦ ଆୟ ବର୍ଷକୁ ବର୍ଷ ଭିତ୍ତିରେ ୧୭.୨୪% ଏବଂ ଅଣ ସୁଧ ବାବଦରେ ତ୍ରୈମାସକୁ ତ୍ରୈମାସ ଭିତ୍ତିରେ ୨୦.୭୬% ବୃଦ୍ଧି ପାଇଛି। ଆଲୋଚ୍ୟ ସମୟରେ ବ୍ୟାଙ୍କରେ ଜମା ପରିମାଣ ୨.୮୯% ବଢ଼ିଥିବା ବେଳେ ତ୍ରୈମାସ ଭିତ୍ତିରେ ପିସିଆର ୩୧.୯% ଏବଂ ବାର୍ଷିକ ଭିତ୍ତିରେ ୨୬.୯% ଉନ୍ନତି ହୋଇଛି ବୋଲି ଏମ୍‌ଡି ତଥା ସିଇଓ ଅଶୋକ କୁମାର ପ୍ରଧାନ ଜଣାଇଛନ୍ତି।

# ସରକାରୀ ଅଡିଟ୍‌ର ସମ୍ମୁଖୀନ ହେବେ ଟେଲିକମ୍ କମ୍ପାନୀ

**ନୂଆଦିଲ୍ଲୀ,୧୪-୧୧**

- ୨୦୧୯ ଜାନୁୟାରୀରେ ନିଯୁକ୍ତ ହେବେ ୬ ଅଡିଟର
- ତଥ୍ୟ ଲୁଚାଇଛନ୍ତି ୬ ଟେଲିକମ କମ୍ପାନୀ
- ୭୭୦୦ କୋଟି କମ୍ ରାଜସ୍ୱ ପାଇଛନ୍ତି ସରକାର



ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ କାରଣରୁ ଟେଲିକମ୍ ଉଦ୍ୟୋଗ ଏବେ ତିଷ୍ଠି ରହିବା ଲାଗି ପ୍ରୟାସ କରୁଥିବା ବେଳେ ରାଜସ୍ୱ ଆୟ ତଥ୍ୟ ଲୁଚାଇବା ଅଭିଯୋଗରେ ଏବେ ସରକାରୀ ଛାଟର ସମ୍ମୁଖୀନ ହୋଇଛନ୍ତି। ରାଜସ୍ୱ ଆୟ କମ୍ ଦର୍ଶାଇବା ଅଭିଯୋଗ ଆଣି ଏବେ କେନ୍ଦ୍ର ସରକାର ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀଙ୍କ ପୁନରାୟ ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ସନ୍ଦେହ ଯେ, ସମସ୍ତେ ନ ହେଲେ ମଧ୍ୟ କେତେକ ଟେଲିକମ୍ ଅପରେଟର ନିଜର ଆୟକୁ କମ୍ ଦର୍ଶାଇଛନ୍ତି। ଏହାଦ୍ୱାରା କେନ୍ଦ୍ର ସରକାରଙ୍କୁ କମ୍ ରାଜସ୍ୱ ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଭାରତୀ ଏୟାରଟେଲ୍, ଭୋଡାଫୋନ ଏବଂ ଆଇଡିଆ ସେଲ୍ୟୁଲାର(ଏବେ ସେମାନେ ଏକାଠି ହୋଇଛନ୍ତି), ବନ୍ଦ ହୋଇଯାଇଥିବା ଟାଟା ଟେଲି ଏବଂ ନୂଆ ପ୍ରବେଶ କରିଥିବ ରିଲାଏନ୍ସ ଜିଓ ଉପରେ ସରକାରଙ୍କ ନଜର ରହିଛି। ଗତ ବର୍ଷ ଜୁଲାଇରେ ସିଏଜିଙ୍କ ରିପୋର୍ଟ ସଂସଦରେ ଉପସ୍ଥାପନ କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ୬ଟି ଟେଲିକମ କମ୍ପାନୀ ଭାରତୀ ଏୟାରଟେଲ, ଭୋଡାଫୋନ, ଆଇଡିଆ, ଆର୍‌କମ୍,ସିଷ୍ଟେମା ଶ୍ୟାମ୍ ଟେଲିସର୍ଭିସ ଏବଂ ଏୟାରସେଲ୍ ଗତ ୫ ବର୍ଷ ଭିତରେ ନିଜର ମୋଟ୍ ରାଜସ୍ୱ ଆୟ ୬୧ ହଜାର କୋଟି ଟଙ୍କା କମ୍ ଦର୍ଶାଇଛନ୍ତି। ଫଳରେ ସରକାର ରାଜସ୍ୱ ବାବଦରେ ୭୭୦୦ କୋଟି ଟଙ୍କା କମ୍ ପାଇଛନ୍ତି। ଏହାଛଡା ଏହି ୬ ଟେଲିକମ କମ୍ପାନୀଙ୍କ ଠାରୁ ସ୍ୱଳ୍ପକାଳୀନ ଦେୟ ବାବଦରେ ଆହୁରି ୪୫୩୨ କୋଟି ଟଙ୍କା ସରକାର ପାଇବେ। ଏହି ରିପୋର୍ଟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆସନ୍ତା ବର୍ଷ ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ୬ ଜଣ ଅଡିଟରଙ୍କୁ ନିଯୁକ୍ତ କରିବେ। ଏହି ପ୍ରକ୍ରିୟା ଆସନ୍ତା ୯ ମାସ ଭିତରେ ସମ୍ପନ୍ନ ହେବ। ଅଡିଟ ଆରମ୍ଭ ପାଇଁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ନିଆଯିବ ଭିତରେ ଉକ୍ତ ୬ଟି ଟେଲିକମ କମ୍ପାନୀଙ୍କୁ ନୋଟିସ ଜାରି କରାଯିବ। ଦେଶର ଟେଲିକମ ନୀତି ଅନୁଯାୟୀ ମୋବାଇଲ ଅପରେଟରମାନେ ସେମାନଙ୍କ ମୋଟ୍ ରାଜସ୍ୱ ଆୟର ୮% ବାର୍ଷିକ ଲାଇସେନ୍ସ ଫି ବାବଦରେ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥାନ୍ତି। ସେମାନେ ସ୍ପେକ୍ଟ୍ରମ ବ୍ୟବହାର କରିବା ବାବଦରେ ସରକାରଙ୍କୁ ଏକ ଚାର୍ଜ ଦେଇଥାନ୍ତି।

## ବ୍ୟାଙ୍କଙ୍କୁ ଆଶ୍ୱସ୍ତି ଦେଇପାରେ ଆର୍‌ବିଆଇ

**ମୁମ୍ବାଇ,୧୪-୧୧**



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରମ୍ପଟ୍ କରେକ୍ଟିଭ ଆକ୍ସନ ବା ଦ୍ରୁତ୍ ସୁଧାର ପଦକ୍ଷେପ(ପିସିଏ) ଫ୍ରେମୱାର୍କ ଏବଂ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଋଣ ଦେବା ନିୟମ କୋହଳ କରିବାକୁ ବିଚାର କରୁଛି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ସହ ମୁହାଁମୁହିଁ ହୋଇଥିବା କେନ୍ଦ୍ରୀୟ ବ୍ୟାଙ୍କ ଏବେ ସାଲିସ୍ କରିବା ମୁଡ୍‌ରେ ରହିଛି। ଆସନ୍ତା ୧୯ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକ ପୂର୍ବରୁ ଉକ୍ତ ପଦକ୍ଷେପ ନିଆଯାଇପାରେ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ପିସିଏକୁ ନେଇ ସରକାରଙ୍କ ସହ ସହମତି ପ୍ରକାଶ ନ ପାଇଲେ ପରବର୍ତ୍ତୀ ବୋର୍ଡ ବୈଠକ ପୂର୍ବରୁ ଏହା ସମ୍ଭବ ହୋଇପାରେ। ଆର୍‌ବିଆଇ ନିଜର ପୂର୍ବ ନିର୍ଦ୍ଦେଶକୁ କୋହଳ କଲେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ପିସିଏରୁ ବାହାରି ଆସିବେ। ମୋଟ୍ ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ୧୧ଟିକୁ ଏବେ ପିସିଏରେ ସାମିଲ କରାଯାଇଛି।

## ୪ ମାସର ସର୍ବୋଚ୍ଚ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୪-୧୧:** ବୁଧବାର କେନ୍ଦ୍ର ସରକାର ପାଇକାରୀ ମୂଲ୍ୟ ସୂଚକାଙ୍କ(ଡବ୍ଲ୍ୟୁପିଆଇ) ଜାରି କରିଛନ୍ତି। ଏହା ଅକ୍ଟୋବରରେ ୪ ମାସର ସର୍ବୋଚ୍ଚ ସ୍ତର ୫.୨୮%ରେ ପହଞ୍ଚିଛି। ମାସିକ ଆଧାରରେ ମାନୁଫାକଚରିଂ ସେକ୍ଟର ସହ ଜଡିତ ମୁଦ୍ରାସ୍ଫୀତି ୪.୪୯% ରହିଛି, ଯାହାକି ପୂର୍ବ ମାସରେ ୦.୬% ରହିଥିଲା। ସେହିପରି ପ୍ରାଇମାରୀ ସାମଗ୍ରୀ ମୁଦ୍ରାସ୍ଫୀତି ହ୍ରାସ ପାଇ ୧.୭୯ ପ୍ରତିଶତରେ ପହଞ୍ଚିଛି,ଯାହାକି ପୂର୍ବ ମାସରେ ୨.୯୭% ଥିଲା।

## ରେମଣ୍ଡ ଆପାରେଲରୁ ଗୌତମ ସିଂଘାଣିଆଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୪-୧୧**



ରେମଣ୍ଡ ଆପାରେଲର ଅଧ୍ୟକ୍ଷ ପଦରୁ ଗୌତମ ସିଂଘାଣିଆ ଇସ୍ତଫା ଦେଇଛନ୍ତି। କମ୍ପାନୀ ପକ୍ଷରୁ ବୁଧବାର ଏ ସମ୍ପର୍କରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯାଇଛି। ତାଙ୍କ ସ୍ଥାନରେ ବୋର୍ଡ ନିର୍ଦ୍ଦେଶକ ନିର୍ବିକ ସିଂହଙ୍କୁ ରେମଣ୍ଡ ଆପାରେଲର ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଅଂଶୁ ସରିନ ଏବଂ ଗୌତମ ତ୍ରିବେଦୀଙ୍କୁ ବୋର୍ଡ ନିର୍ଦ୍ଦେଶକ କରାଯାଇଛି।

ମାର୍କେଟିଂ ଏବଂ କମ୍ୟୁନିକେଶନ୍ସ ଉଦ୍ୟୋଗର ଶୀର୍ଷ ଅଧିକାରୀ ଭାବେ ଜଣାଶୁଣା ନିର୍ବିକ ବର୍ତ୍ତମାନ ଗ୍ରେ ଗ୍ରୁପ୍ ଏସିଆ ପାସିଫିକ୍‌ର ମଧ୍ୟପ୍ରାଚ୍ୟ,ଆମେରିକା ଓ ଏସିଆ ପାସିଫିକ୍‌ର ଅଧ୍ୟକ୍ଷ ତଥା ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ନିଯୁକ୍ତି ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ସିଂଘାଣିଆ କହିଛନ୍ତି ଯେ, ସେ ସର୍ବଦା ପରିଚାଳନା ମାନଦଣ୍ଡ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ସର୍ବଦା କାରବାରରେ ପେସାଦାରି ମନୋଭାବକୁ ପ୍ରୋତ୍ସାହିତ କରିଛନ୍ତି। ନିର୍ବିକଙ୍କୁ ରେମଣ୍ଡ ଆପାରେଲର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବାରୁ ସେ ଆନନ୍ଦିତ। ଉଲ୍ଲେଖଥାଉ କି, ପାରିବାରିକ ବ୍ୟବସାୟ ଜେକେ ହାଉସକୁ ନେଇ ଗୌତମ ସିଂଘାଣିଆଙ୍କ ସହିତ ତାଙ୍କ ପିତା ବିଜୟପତ ସିଂଘାଣିଆଙ୍କ ଆଇନଗତ ଲଢ଼େଇ ଚାଲିଛି।

## ବିମୁଦ୍ରୀକରଣ ପରେ ଦାଖଲ ହୋଇନି ରିଟର୍ନ
## ୮୦ ହଜାର ଟିକସଦାତାଙ୍କୁ ଧରିବ ଆଇଟି

**ନୂଆଦିଲ୍ଲୀ,୧୪-୧୧**




ବିମୁଦ୍ରୀକରଣ ପରେ ଗତ ୩ ବର୍ଷ ହେବ ଆଦୌ ରିଟର୍ନ ଦାଖଲ କରି ନ ଥିବା ଟିକସଦାତାଙ୍କୁ ଧରିବା ଲାଗି ଆୟକର ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାୟ ୮୦ ହଜାର ଟିକସଦାତା ସେମାନଙ୍କ ରିଟର୍ନ ଦାଖଲ କରିନାହାନ୍ତି ବୋଲି ସେଣ୍ଟ୍ରାଲ ବୋର୍ଡ ଡାଇରେକ୍ଟ ଟ୍ୟାକ୍ସେସ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ପ୍ରକାଶ କରିଛନ୍ତି।

ଏଠାରେ ପ୍ରଗତି ମଇଦାନରେ ଆରମ୍ଭ ହୋଇଥିବା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ବାଣିଜ୍ୟ ମେଳାରେ ଆୟକର ବିଭାଗର ଷ୍ଟଲ୍‌କୁ ଉଦଘାଟନ କରିବା ଅବସରରେ ସିବିଡିଟି ଅଧ୍ୟକ୍ଷ ଚନ୍ଦ୍ରା କହିଛନ୍ତି ଯେ, ବିମୁଦ୍ରୀକରଣ ପରେ ୩.୦୫ ଲକ୍ଷ ଟିକସଦାତା ସେମାନଙ୍କର ରିଟର୍ନ ଦାଖଲ କରି ନ ଥିଲେ। ଆୟକର ବିଭାଗ(ଆଇଟି)ର ନୋଟିସ ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ୨.୨୫ ଲକ୍ଷ ରିଟର୍ନ ଦାଖଲ କରିସାରିଛନ୍ତି। ଅବଶିଷ୍ଟ ୮୦ ହଜାର ଦାଖଲ କରିନାହାନ୍ତି। ସେମାନଙ୍କୁ ଏକାଧିକ ଥର ନୋଟିସ ପଠାଯାଇଛି। ରିଟର୍ନ ଦାଖଲ ନ କରିବାର କାରଣ ସେମାନେ ଜଣାଇନାହାନ୍ତି ବୋଲି ଚନ୍ଦ୍ରା କହିଛନ୍ତି।


# ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର
## ଜିଲ୍ଲା - ବଲାଙ୍ଗିର(ଓଡ଼ିଶା)



ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୧୮-୧୯) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀ ମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରୀ କରିବା ପାଇଁ ଅନୁରୋଧ ।

ଚଳିତ ବର୍ଷ ଚ଼ଷୀଙ୍କର ଆଦାୟ ଧାନରୁ ଘରର ଖର୍ଚ୍ଚ ବାବଦକୁ କଟାଯାଉଥିବା ମୁଣ୍ଡପିଛା ୩ କ୍ୱିଣ୍ଟାଲ ଧାନକୁ କାଟିବା ସକାଶେ ଚଳିତ ବର୍ଷ ବାଦ ଦିଆ ଯାଇଛି ।

**"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।"**

ବଲାଙ୍ଗିର ଉପଖଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କ ଜରିଆରେ **ତା. ୧୪.୧୧.୨୦୧୮ ରିଖ** ରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତିନିଆଯାଇଛି । ତେଣୁ ପ୍ରତ୍ୟେକ ଚାଷୀ ନିଜ ନିଜର ଅଞ୍ଚଳରେ ଥିବା କ୍ରୟକେନ୍ଦ୍ର ମାନଙ୍କରେ ଜିଲ୍ଲା ପ୍ରଶାସନ ଦ୍ୱାରା ଧାର୍ଯ୍ୟ ଦିନ ମାନଙ୍କରେ **ସମୟ ସକାଳ ଘ. ୮.୦୦ ରୁ ଅପରାହ୍ନ ଘ. ୧.୦୦** ମଧ୍ୟରେ ବଳକା ଧାନ ଆଣିବା ହେବେ । ପ୍ରତ୍ୟେକ ଚାଷୀ ଏଥିପାଇଁ ସେମାନଙ୍କୁ ସଂପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିରୁ ଅଗ୍ରୀମ ଟୋକନ ଆଣିବାକୁ ପଡ଼ିବ ।

ପ୍ରକାଶଥାଉକି ଚାଷୀ ଧାନ ବିକ୍ରୟ କଲା ସମୟରେ ସାଙ୍ଗରେ ଯେ କୌଣସି ପରିଚୟ ପତ୍ର ଯଥା ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ଼ ଇତ୍ୟାଦି ଆଣିବାକୁ ହେବ ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା-ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

### ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା

| କ୍ର.ସଂ | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) | ବସ୍ତାପିଛା ଦର (୭୫ କେ:ଜି:) |
|---|---|---|---|
| ୧. | ଗ୍ରେଡ଼- "ଏ" ଧାନ | ଟ. ୧୭୭୦.୦୦ | ଟ. ୧୩୨୭.୫୦ |
| ୨. | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ. ୧୭୫୦.୦୦ | ଟ. ୧୩୧୨.୫୦ |

**ବିକ୍ରିଯୋଗ୍ୟ ବଳକା ଧାନ ଖରିଫ ଋତୁ (୨୦୧୮-୧୯) ପାଇଁ - ଜଳସେଚିତ ଏକର ପିଛା କ୍ୱିଣ୍ଟାଲ ୧୯.୦୦ ଅଣଜଳସେଚିତ ଏକର ପିଛା କ୍ୱିଣ୍ଟାଲ ୧୩.୦୦**

### ଧାନ ସଂଗ୍ରହ କରିବାର ସ୍ଥାନ ଓ ଦିବସର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା :-

| ପ୍ରାଥମିକ କୃଷି ସମବାୟ ସମିତିର ନାମ | ଧାନ କ୍ରୟ କରିବାର ଦିବସ |
|---|---|
| ଆଗଲପୁର, ବଦ୍‌ଲା, ବୁରୋଭାଡି, ମୁରସୁଣ୍ଡି, ନଅଗାଁ (କ), ପଟ୍ଟଆପାଲି, ସାଲେଭଟା, ଭୁଣ୍ଡିମୁହାନ, ଚନ୍ଦନଭାଟି, ଚୂଡାପାଲି | ସୋମବାର, ମଙ୍ଗଳ,ଶୁକ୍ରବାର |
| ବଡଟିକା , ବକଟି, ବେନ୍ଦ୍ରା, ଭରସୁଜା, ଡୁଡୁକା, ରୋଡ୍,ଜି.ଏସ. ଡୁଙ୍ଗୁରୀପାଲି, କନ୍ଦାକୁରୀ, ଛତାମଖନା, ଦଶପୁର,ମହିମୁଣ୍ଡା, ମଲମୁଣ୍ଡା, ତଲଗଜ,ବିଡିଘାଟ,ଖୁଜେନପାଲି,ଶିବତଲା,ଦେଓଗାଁ,କୁତୁଲ୍ଲି,ରାମଚନ୍ଦ୍ରପୁର,ଉପରଝର,ଝାରସମରା,ନୂଆପଡା,ରୁଷୁଡା,ତୁଷୁରା । | ମଙ୍ଗଳବାର,ଗୁରୁବାର,ଶନିବାର |
| ବାଦିମୁଣ୍ଡା, ଲୋଇସିଂହା,ବଇରାସର,ଭାଲେର,ତୁଲଣ୍ଡି, ବନ୍ଧପଡା | ସୋମବାର,ମଙ୍ଗଳ, ବୁଧବାର |
| ବୁର୍ଡା, ଯୋଗୀସର୍ଡା, କୁଶଙ୍ଗ, ରେଙ୍ଗାଲି, ବୁବେଲ, ଛତାପିପଳ,ପିପିର୍ଡା, ସାଉନ୍ତପୁର, କୁଡାସିଙ୍ଗା,କୁଥୁର୍ଲା,ମନହିରା,ବଡବନ୍ଧ,ଗୌରଗୋଠ,ଜରାସିଂହା,ମହଲେଇ,ଘୁନା,ଗୁଡଭେଲା,ଜାମୁଟ, ତେତେଲଖୁଣ୍ଟି । | ସୋମବାର, ବୁଧ, ଶୁକ୍ରବାର |
| କୁଶମେଲ, ଜାମଗାଁ, ଧଣ୍ଡାମାଲ,ସାରସମାଲ, | ଗୁରୁବାର, ଶୁକ୍ରବାର, ଶନିବାର |
| ସରଗାଡ, ବିଲେଇସର୍ଡା,ସକମା | ମଙ୍ଗଳବାର,ଶୁକ୍ରବାର,ଶନିବାର |
| ପୁଇଁତଲା | ମଙ୍ଗଳବାର,ବୁଧ, ଗୁରୁବାର |
| ବାରପୁଡୁଗିଆ | ସୋମବାର,ମଙ୍ଗଳବାର |
| ଝାକରପାଲି | ବୁଧବାର,ଗୁରୁବାର |
| ସଦେଇପାଲି | ଶୁକ୍ରବାର, ଶନିବାର |
| ଅର୍ଜୁନପୁର | ମଙ୍ଗଳ,ଗୁରୁବାର,ଶୁକ୍ରବାର |

**"ଚ଼ଷୀ ହସିଲେ ଦୁନିଆ ହସିବ"**

ସ୍ୱା- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର

ସ୍ୱା- ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ଷ୍ଟାଡିୟମ୍‌ରେ ଆଥ୍‌ଲେଟ୍‌ଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୧୪।୧୧: ଭାରତ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିବା ପାଲିନ୍ଦର ଚୌଧାରୀ ନାମକ ଜଣେ ଆଥ୍‌ଲେଟ ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆତ୍ମହତ୍ୟା କରିଛନ୍ତି। ଏ ଘଟଣାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। ଆଥ୍‌ଲେଟିକ୍ ଏକାଡେମୀ ହଷ୍ଟେଲ କକ୍ଷରେ ଚୌଧାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଏହି ଘଟଣା ଲାଗି ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। ତଦନ୍ତ ପ୍ରକ୍ରିୟା ପାଇଁ ସମ୍ପାଦକ ସ୍ୱର୍ଣ୍ଣ ସିଂ ଛାବ୍ରାଙ୍କ ଅଧକ୍ଷତାରେ କମିଟି ଗଠନ ହୋଇଛି। ଏହା ଚଳିତ ସପ୍ତାହରେ ଶେଷ ହେବ ବୋଲି ସାଇ ନିର୍ଦ୍ଦେଶକ ନୀଲମ କପୁର କହିଛନ୍ତି। ଉଲ୍ଲେଖଥାଉ କି, ଉକ୍ତ ଆଥ୍‌ଲେଟ ବାପାଙ୍କ ସହ ଆର୍ଥିକ ସମସ୍ୟା ନେଇ ଯୁକ୍ତିତର୍କ ହେବା ପରେ ଚରମ ନିଷ୍ପତ୍ତି ନେଇଥିଲେ। ଏହା ସହିତ କପୁର ଆହୁରି କହିଛନ୍ତି, ଆମକୁ ମିଳିଥିବା ସୂଚନା ମୁତାବକ ଆର୍ଥିକ କାରଣରୁ ଏହା ଘଟିଛି। ସକାଳେ ଫୋନ ଯୋଗେ ବାପାଙ୍କ ସହ ଯୁକ୍ତିତର୍କ ପରେ ଉକ୍ତ ଆଥ୍‌ଲେଟ ସନ୍ଧ୍ୟାରେ ଭଉଣୀଙ୍କୁ ଭେଟିଥିଲେ। ଏହାପରେ ଭଉଣୀଙ୍କ ସାମ୍ନାରେ ଆତ୍ମହତ୍ୟା କରିଥିଲେ। ତାଙ୍କ ଭଉଣୀ ଚିତ୍କାର ଶୁଣିବା ପରେ ଏକାଡେମୀର ଅନ୍ୟ ଆଥ୍‌ଲେଟ ଓ ଷ୍ଟାଫମାନେ ସେଠାରେ ପହଞ୍ଚି ପାଲିନ୍ଦରଙ୍କୁ ତଳକୁ ଆଣିଥିଲେ। ଏ ଘଟଣାରେ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଦୁଃଖ ପ୍ରକାଶ କରିଛନ୍ତି। ସ୍ପ୍ରିଣ୍ଟର ପାଲିନ୍ଦର ୨୦୧୭ରେ ଏସିଆନ ଯୁଥ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗତ ଜୁଲାଇରେ ଶେଷ ହୋଇଥିବା ଯୁଥ ଅଲିମ୍ପିକ୍ସରେ ସେ ୧୦୦ ମି. ଓ ୨୦୦ ମି. ଦୌଡ଼ ଇଭେଣ୍ଟରେ ମଧ ଭାଗ ନେଇଥିଲେ।

### ସ୍ନୁକର: ଆକାଶ, ରାକେଶ ସେମିଫାଇନାଲରେ

ଭୁବନେଶ୍ୱର, ୧୪।୧୧(କ୍ରୀଡ଼ା ପ୍ରତିନିଧି)- ଆକାଶ ମହାପାତ୍ର ଓ ରାକେଶ ରୋଶନ ପ୍ରଧାନ କଟକରେ ଚାଲିଥିବା ରାଜ୍ୟ ସ୍ନୁକର ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆକାଶ ୪-୦(୬୬-୪୧, ୪୮-୦୭, ୮୩-୧୩, ୫୧-୨୭) ଫ୍ରେମ୍‌ରେ ଜୀତେନ ଷଡ଼ଙ୍ଗୀଙ୍କୁ ହରାଇଥିବାବେଳେ ରାକେଶ ୪-୨(୬୩-୨୯, ୪୯-୫୩, ୩୯-୫୨, ୫୬-୫୨, ୪୦-୨୬, ୬୭-୪୦) ଫ୍ରେମ୍‌ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ସୁବ୍ରତ ଦାସ-ସିଦ୍ଧାର୍ଥ ସେନ୍ ଏବଂ ଦ୍ୱିତୀୟ ସେମିରେ ଆକାଶ-ରାକେଶଙ୍କ ମଧରେ ମୁକାବିଲା ହେବ। ଗୁରୁବାର ସେମିଫାଇନାଲ ବେଷ୍ଟ ଅଫ୍ ୯ ଫ୍ରେମ୍ ଏବଂ ଶୁକ୍ରବାର ଫାଇନାଲ ବେଷ୍ଟ ଅଫ୍ ୧୧ ଫ୍ରେମ୍‌ରେ ଖେଳାଯିବ।

### ଷ୍ଟାର୍କଙ୍କ ସହ ସମ୍ପର୍କ ଛିନ୍ନ କଲା କେକେଆର

ସିଡ୍‌ନୀ,୧୪।୧୧- ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେବା ଲାଗି ଅଷ୍ଟ୍ରେଲିଆନ ପେସର ମିଚେଲ ଷ୍ଟାର୍କ ଆଇପିଏଲ ଆଗାମୀ ସଂସ୍କରଣରେ ଖେଳି ନ ପାରନ୍ତି। ଏଣୁ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମୋବାଇଲ ମେସେଜ ଜରିଆରେ ସମ୍ପର୍କ ଛିନ୍ନ କରିଛି। ଷ୍ଟାର୍କଙ୍କୁ ଗତ ଖେଳାଳି ନିଲାମ ପ୍ରକ୍ରିୟାରେ ୧.୪୭ ନିୟୁତ ଆମେରିକୀୟ ଡଲାରରେ କେକେଆର ଦଳ କିଣିଥିଲା। ମାତ୍ର ସେ ୧୧ତମ ସିଜନରେ ଖେଳି ନ ଥିଲେ। କେକେଆର ପକ୍ଷରୁ ଦିଆଯାଇଥିବା ଷ୍ଟାର୍କଙ୍କୁ ମେସେଜରେ ଆଗାମୀ ସିଜନ ଲାଗି ପ୍ରସ୍ତୁତି ଯୋଜନାରେ ତାଙ୍କୁ ସ୍ଥାନ ଦିଆଯାଇ ନାହିଁ।

### ହାଷ୍ଟିଙ୍ଗଙ୍କ ଅବସର

ସିଡ୍‌ନୀ,୧୪।୧୧- ଅଷ୍ଟ୍ରେଲିଆ ବୋଲର ଜନ ହାଷ୍ଟିଙ୍ଗ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେଇଛନ୍ତି। ଫୁସ୍‌ଫୁସ୍‌ଜନିତ ସମସ୍ୟା ଯୋଗୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ବୋଲିଂ କରିବା ବେଳେ ତାଙ୍କ କାଶରେ ରକ୍ତ ପଡୁଥିଲା। ସେ ଅଷ୍ଟ୍ରେଲିଆ ଜାତୀୟ ଦଳ ପକ୍ଷରୁ ଗୋଟିଏ ଟେଷ୍ଟ, ୨୯ ଦିନିକିଆ ଓ ୯ ଟି୨୦ ମ୍ୟାଚ୍ ଖେଳିଥିଲେ। ଯଦି ସେ ବୋଲିଂ କରିବା ଜାରି ରଖନ୍ତି, ତେବେ ତାଙ୍କ ଜୀବନ ପ୍ରତି ବିପଦ ଥିଲା। ଗତ ୫ରୁ ୬ ମାସ ହେଲା ମୁଁ ଫୁସଫୁସ ଜନିତ ସମସ୍ୟା ଦେଇ ଗତି କରୁଛି। ମୁଁ ଏବେ ଠିକ୍ ଅଛି। ମାତ୍ର ବୋଲିଂ କରିବା ଦ୍ୱାରା ଫୁସଫୁସରେ ରକ୍ତ ଜମାଟ ହୋଇପାରେ ବୋଲି ଡାକ୍ତର କହିବା ପରେ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଟି୨୦ ସ୍ପେଶାଲିଷ୍ଟ ହେବା ଲାଗି ଗତ ବର୍ଷ ଅକ୍ଟୋବରରେ ସେ ଦିନିକିଆ ଓ ଟେଷ୍ଟ କ୍ରିକେଟରୁ ସନ୍ୟାସ ନେଇଥିଲେ।

> କୋହଲି ଓ ରୋହିତ୍ ଯେଉଁଭଳି ଭାରତୀୟ ଦଳ ପାଇଁ ଅପରିହାର୍ଯ୍ୟ, ଡେଭିଡ୍ ୱାର୍ନର ଓ ଷ୍ଟିଭେନ ସ୍ମିଥ୍ ଅଷ୍ଟ୍ରେଲିଆ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ ।
> – ସୌରଭ ଗାଙ୍ଗୁଲି, ପ୍ରାକ୍ତନ ଭାରତୀୟ ଅଧିନାୟକ



> ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପାଇଁ ଭଲ ସୁଯୋଗ ରହିଛି। କିନ୍ତୁ ଏହି ଗସ୍ତ ଭାରତୀୟ ଦ୍ରୁତ ବୋଲରଙ୍କ ଲାଗି ବୃହତ ଚ୍ୟାଲେଞ୍ଜ ସଦୃଶ ହେବ।
> – ଆଶିଷ ନେହେରା, ପ୍ରାକ୍ତନ ଭାରତୀୟ କ୍ରିକେଟର



■ ରଣଜୀ ଟ୍ରଫି ଦ୍ୱିତୀୟ ରାଉଣ୍ଡ: ଉତ୍ତରପ୍ରଦେଶ ନିୟନ୍ତ୍ରଣରେ ମ୍ୟାଚ୍

# ପରାଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୧୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଘରୋଇ ଓଡ଼ିଶା ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍ ଉତ୍ତରପ୍ରଦେଶ (ୟୁପି) ନିୟନ୍ତ୍ରଣରେ ରହିଛି। ପ୍ରଥମ ଇନିଂସ୍‌ରେ ୧୮୧ ରନ୍‌ରେ ପଛୁଆ ରହିଥିବା ବିପ୍ଲବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ୨ୟ ଇନିଂସ୍ ଆରମ୍ଭ କରି ବୁଧବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଛି। ହାତରେ ଆଉ ମାତ୍ର ୩ଟି ଉଇକେଟ୍ ରହିଥିବାରୁ ଓଡ଼ିଶା ଏବେ ପରାଜୟ ଦ୍ୱାରଦେଶରେ ପହଞ୍ଚିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଉତ୍ତରପ୍ରଦେଶ ଘରୋଇ ଓଡ଼ିଶାକୁ ଶୀଘ୍ର ଅଲ୍‌ଆଉଟ୍ କରି ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛି।



୬ ଉଇକେଟ୍ ହାସଲ କରିଥିବା ଓଡ଼ିଶାର ବସନ୍ତ ମହାନ୍ତି (ବାମ) ଓ ସାଥୀ ଖେଳାଳି।

**ବସନ୍ତଙ୍କୁ ୬ ଉଇକେଟ ସଫଳତା**

ଓଡ଼ିଶାର ପ୍ରଥମ ଇନିଂସ୍ ସ୍କୋର ୨୫୬ ରନ୍ ଜବାବରେ ଭ୍ରମଣକାରୀ ୟୁପି ଦଳ ମଙ୍ଗଳବାର ୨ୟ ଦିବସ ଶେଷ ସୁଦ୍ଧା ୬ ଉଇକେଟ୍ ହରାଇ ୩୬୧ ରନ୍ କରିଥିଲା। ବୁଧବାର ସକାଳେ ୟୁପି ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋରରେ ଆଉ ୭୬ ରନ୍ ଯୋଗ କରି ୪୩୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବଦିନ ୧୫୧ ରନ୍ କରି ଅପରାଜିତ ରହିଥିବା ଅଧିନାୟକ ଅକ୍ଷଦୀପ୍ ନାଥ ନିଜ ସ୍କୋରରେ ଆଉ ୮ ରନ ଯୋଗକରି ରାଜେଶ ମହାନ୍ତିଙ୍କ ବଲରେ ଉଇକେଟ୍ ପଛରେ ସୁଜିତ୍ ଲେଙ୍କାଙ୍କ ହାତରେ ଧରାପଡ଼ିଥିଲେ। ନିମ୍ନକ୍ରମରେ ଶିଭମ ମାଭି (୩୪) ଓ ୟଶ୍ ଦୟାଲ (୨୫*)ଙ୍କ ଉପଯୋଗୀ ବ୍ୟାଟିଂ ଯୋଗୁ ୟୁପି ୪୦୦ ରନ୍ ଅତିକ୍ରମ କରିବାରେ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ଅଭିଜ୍ଞ ବସନ୍ତ ମହାନ୍ତି ୬ଟି ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ କରିଥିଲେ। ବସନ୍ତଙ୍କ ବୋଲିଂ ଫିଗର (୩୦.୪-୧୨-୬୨-୬) ବେଶ୍ ପ୍ରଭାବୀ ରହିଥିଲା। ୩୧ ବର୍ଷୀୟ ଏହି ଭେଟେରାନ ମିଡିୟମ ପେସ ବୋଲର ପ୍ରଥମଶ୍ରେଣୀ କ୍ୟାରିୟରରେ ୧୮ଥର ପାଇଁ ୫ ଉଇକେଟ୍‌ର ସଫଳତା ପାଇଛନ୍ତି। ରାଜେଶ ୨ଟି ଏବଂ ବିପ୍ଳବ ଓ ଦେବବ୍ରତ ପ୍ରଧାନଙ୍କୁ ଗୋଟିଏ ଲେଖାଏ ଉଇକେଟ୍ ମିଳିଥିଲା।

**ପୁଣିଥରେ ଫେଲ୍ ମାରିଲା ଓଡ଼ିଶା ବ୍ୟାଟିଂ**

୧୮୧ ରନ୍ ପଛରେ ଥିବା ଓଡ଼ିଶା ପାଇଁ ମ୍ୟାଚ୍ ବଞ୍ଚାଇବାକୁ ହେଲେ ଦ୍ୱିତୀୟ ଇନିଂସ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ପ୍ରଥମ ଇନିଂସ ଭଳି ପୁଣିଥରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଓଡ଼ିଶାର ବ୍ୟାଟ୍ସମ୍ୟାନମାନେ ଘରୋଇ ପରିବେଶରୁ ଫାଇଦା ଉଠାଇବାରେ ବିଫଳ ହୋଇଥିଲେ। ଦ୍ୱିତୀୟ ଇନିଂସରେ ଓପ୍‌ନର ସନ୍ଦୀପ ପଟ୍ଟନାୟକ (୪୬ ରନ), ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର (୨୭) ଓ ଶୁଭ୍ରାଂଶୁ ସେନାପତି (୪୨) ଭଲ ଆରମ୍ଭ କରିଥିଲେ ମଧ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପ୍ରଥମ ଇନିଂସରେ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିବା ଶୁଭ୍ରାଂଶୁ କ୍ରିଜ୍‌ରେ ଜମି ଆସୁଥିବାବେଳେ ବାମହାତୀ ଦ୍ରୁତ ବୋଲର ୟଶ୍ ଦୟାଲଙ୍କ ବଲ୍‌କୁ ବୁଝି ନ ପାରି ଉଇକେଟ୍‌କିପର ଉପେନ୍ଦ୍ର ଯାଦବଙ୍କ ହାତରେ ଧରାପଡ଼ି ପାଭିଲିୟନ ଫେରିଥିଲେ। ସେହିଭଳି ଅନୁରାଗ ଷଡ଼ଙ୍ଗୀ (୯), ଅଧିନାୟକ ବିପ୍ଲବ (୮), ସୁଜିତ୍ ଲେଙ୍କା (୧୯)ଙ୍କ ବ୍ୟାଟ୍‌ରୁ ଦଳ ବଡ଼ ସ୍କୋର ଆଶା କରିଥିବାବେଳେ ସେମାନେ ମଧ ନିରାଶ କରିଥିଲେ। ଦିବସ ଶେଷବେଳକୁ ଓଡ଼ିଶା ୬୩.୪ ଓଭରରେ ୭ ଉଇକେଟ୍ ହରାଇ ୧୮୦ ରନ୍ କରିଛି। ଶାନ୍ତନୁ ମିଶ୍ର ୧୯ ରନ୍ କରି କ୍ରିଜ୍‌ରେ ଅପରାଜିତ ରହିଛନ୍ତି। ୟୁପି ପକ୍ଷରୁ ଦୁଇ ଦ୍ରୁତ ବୋଲର ଅଙ୍କିତ ରାଜପୁତ ଓ ଶିଭମ ମାଭି ପ୍ରଭାବୀ ବୋଲିଂ କରି ୩ଟି ଲେଖାଏ ଉଇକେଟ୍ ନେଇଛନ୍ତି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ବାହାରିବା ଏକପ୍ରକାର ନିଶ୍ଚିତ ହୋଇଛି।

**ସଂକ୍ଷିପ୍ତ ସ୍କୋର**

- ■ ଓଡ଼ିଶା ପ୍ରଥମ ଇନିଂସ୍- ୨୫୬/୧୦ (ଶୁଭ୍ରାଂଶୁ ସେନାପତି ୮୭, ସୁଜିତ ଲେଙ୍କା ୪୬, ଗୋବିନ୍ଦ ପୋଦ୍ଦାର ୩୯, ଅଙ୍କିତ ରାଜପୁତ ୩/୬୧)।
- ■ ୟୁପି ପ୍ରଥମ ଇନିଂସ୍- ୪୩୭/୧୦, ୧୩୦.୪ ଓଭର (ଅକ୍ଷଦୀପ୍ ୧୫୯, ମାଭି ୩୪, ରିଙ୍କୁ ୭୨, ରାଇନା ୧୦, ବସନ୍ତ ୬/୬୨)।
- ■ ଓଡ଼ିଶା ୨ୟ ଇନିଂସ୍- ୧୮୦/୭, ୬୩.୪ ଓଭର (ଶୁଭ୍ରାଂଶୁ ୪୨, ସନ୍ଦୀପ ୪୬, ବିପ୍ଲବ ୮, ଗୋବିନ୍ଦ ୨୭, ଶାନ୍ତନୁ ୧୯*, ଅଙ୍କିତ ୩/୪୮)।

### ଶ୍ରୀଲଙ୍କା ରାଜନୀତି: ରାଜପାକ୍‌ସେଙ୍କ ଦଳରେ ଯୋଗଦେଲେ ଦିଲସାନ

କଲମ୍ବୋ, ୧୪।୧୧ (ଏଏଫପି)

ଶ୍ରୀଲଙ୍କା ରାଜନୀତିରେ ବିବାଦୀୟ ସ୍ଥିତି ଚାଲୁରହିଥିବା ବେଳେ ଆଉ ଜଣେ ତାରକା କ୍ରିକେଟର ରାଜନୀତିରେ ଯୋଗ ଦେଇଛନ୍ତି। ଶ୍ରୀଲଙ୍କା ପୂର୍ବତନ ଅଧିନାୟକ ତିଲକରତ୍ନେ ଦିଲସାନ ଏବେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକସେଙ୍କ ଦଳରେ ଯୋଗ ଦେଇଛନ୍ତି। ରାଜପାକ୍‌ସେଙ୍କ ବିବାଦୀୟ ସରକାରକୁ ବରଖାସ୍ତ କରାଯିବା ପରେ ଦିଲସାନ ଏହି ନିଷ୍ପତ୍ତି ନେଇଛନ୍ତି।

୪୨ ବର୍ଷୀୟ ଦିଲସାନ ରାଜପାକସେଙ୍କ ଦ୍ୱାରା ଗଠିତ ନୂଆଦଳ ଶ୍ରୀଲଙ୍କା ପିପୁଲ୍ସ ଫ୍ରଣ୍ଟ (ଏସ୍‌ଏଲ୍‌ପିପି)ର ସଦସ୍ୟତା ଗ୍ରହଣ କରିଛନ୍ତି। ଅବଶ୍ୟ ଦିଲସାନ ଏ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କିଛି ମନ୍ତବ୍ୟ ଦେଇନାହାନ୍ତି। ତେବେ ଦିଲସାନ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି ବୋଲି ପାର୍ଟି ତରଫରୁ ଏକ ଫଟୋ ପୋଷ୍ଟ କରାଯାଇଛି।

ଦିଲସାନ ଏପର୍ଯ୍ୟନ୍ତ ୮୭ଟି ଟେଷ୍ଟ ଖେଳି ୫, ୪୯୨ ରନ ସଂଗ୍ରହ କରିଛନ୍ତି ଓ ୧, ୭୧୧ ରନ ବ୍ୟୟ କରି ୩୯ଟି ଉଇକେଟ ଅକ୍ତିଆର କରିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ଏକାଧିକ ଶ୍ରୀଲଙ୍କା କ୍ରିକେଟର ରାଜନୀତିରେ ଯୋଗଦେଇ ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ଏମାନଙ୍କ ମଧରେ ସାମିଲ ରହିଛନ୍ତି ଶ୍ରୀଲଙ୍କା ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗା। ରଣତୁଙ୍ଗା ଶ୍ରୀଲଙ୍କା ସରକାରରେ ଜଣେ କ୍ୟାବିନେଟ ମନ୍ତ୍ରୀ ହିସାବରେ କାର୍ଯ୍ୟ କରିଛନ୍ତି।

## ଆଇସିସି ଟୁର୍ନାମେଣ୍ଟରେ ଏକାଠି ବ୍ୟାଟିଂ କଲେ ସମଲିଙ୍ଗୀ ଦମ୍ପତି

ସେଣ୍ଟ ଲୁସିଆ, ୧୪।୧୧

କ୍ରିକେଟ ଇତିହାସରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ପ୍ରଥମ ସମଲିଙ୍ଗୀ ଦମ୍ପତିଭାବେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳର ଦୁଇ ସଦସ୍ୟା ଡାନ୍ ଭାନ ନିଏକର୍କ ଓ ମାରିଜାନେ କାପ୍ପ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର କୌଣସି ଗୋଟିଏ ଟୁର୍ନାମେଣ୍ଟରେ ଏକାଠି ବ୍ୟାଟିଂ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଦୁହେଁ ଏକାଠି ବ୍ୟାଟିଂ କରି ୬୭ ରନର ଭାଗୀଦାରି କରିବା ସହ ଶ୍ରୀଲଙ୍କା ବିପକ୍ଷରେ ଦକ୍ଷିଣ ଆଫ୍ରିକାକୁ ବିଜୟୀ କରାଇଥିଲେ। ୱେଷ୍ଟଇଣ୍ଡିଜରେ ଚାଲିଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମଧରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଘଟଣା ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୯୯ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା କାପ୍ପଙ୍କ ୩୮ ଓ ଭାନ୍ ନିଏକର୍କଙ୍କ ୩୩ ରନେ ବଳରେ ଦଳକୁ ସହଜରେ ବିଜୟୀ କରାଇଥିଲେ। କ୍ରିକେଟ ଇତିହାସରେ ୨ୟ ସମଲିଙ୍ଗୀ ଖେଳାଳିଭାବେ ଭାନ୍ ଓ କାପ୍ପ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଗତ ଜୁନରେ ଉଭୟଙ୍କ ବାହାଘର ହୋଇଥିଲା। ପୂର୍ବରୁ ନ୍ୟୁଜିଲାଣ୍ଡର ଦୁଇ ମହିଳା କ୍ରିକେଟର ଆମୀ ସାଟ୍ଟରୱେଟ୍ ଓ ଲିଆ ତହୁହୁ ଜୀବନ ସାଥୀ ହୋଇଥିଲେ।



ଡାନ୍ ଭାନ ନିଏକର୍କ ଓ ମାରିଜାନେ କାପ୍ପ।

## ୱେଷ୍ଟଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା

ଭୁବନେଶ୍ୱର, ୧୪।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ପାଇଁ ଅନ୍‌ଲାଇନ୍‌ରେ ଏବେ ୱେଷ୍ଟଷ୍ଟାଣ୍ଡ ଟିକେଟ ଉପଲବ୍ଧ ହୋଇଛି। ଟିକେଟର ମୂଲ୍ୟ ୫୦୦ଟଙ୍କା ରଖାଯାଇଛି। ପୂର୍ବରୁ ଲିଗ୍ ମ୍ୟାଚ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର ମୂଲ୍ୟ ୧୦୦ ଟଙ୍କା ଲେଖାଏ ଥିବାବେଳେ ଇଷ୍ଟ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୦୦ଟଙ୍କା ଧାର୍ଯ୍ୟ କରାଯାଇଥିଲା। ମାତ୍ର ୱେଷ୍ଟଷ୍ଟାଣ୍ଡ ରିଜର୍ଭ ରଖାଯାଇଥିବାରୁ ଟିକେଟ ଉପଲବ୍ଧ ନ ଥିଲା। କ୍ୱାର୍ଟର ଫାଇନାଲ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର ମୂଲ୍ୟ ୧୫୦ ଟଙ୍କା ଲେଖାଏ ଏବଂ ଇଷ୍ଟ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୫୦ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ୱେଷ୍ଟଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ଟଙ୍କା ଅପରିବର୍ତ୍ତିତ ରହିଛି। ତେବେ କ୍ରସ୍ ଓଭର ଏବଂ କ୍ୱାର୍ଟର ଫାଇନାଲ ପାଇଁ ନର୍ଥ, ସାଉଥ୍ ଏବଂ ଇଷ୍ଟ ଷ୍ଟାଣ୍ଡର ଟିକେଟ ଉପଲବ୍ଧ ନ ଥିବା ଦର୍ଶାଯାଇଛି। ସେହିପରି ଭାରତ ସାମିଲ ଥିବା ସମସ୍ତ ଲିଗ୍ ମ୍ୟାଚ ଏବଂ ସେମିଫାଇନାଲ ଓ ଫାଇନାଲର ଟିକେଟ ବିକ୍ରି ହୋଇ ଯାଇଥିବା ଜଣାଯାଇଛି। ଫଳରେ ଏହିସବୁ ମ୍ୟାଚ ଦେଖିବାକୁ ଆଶା ରଖିଥିବା ହକିପ୍ରେମୀଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଉଦ୍‌ଘାଟନୀ ମ୍ୟାଚ ପାଇଁ ଏପର୍ଯ୍ୟନ୍ତ ଟିକେଟ ଉପଲବ୍ଧ ହୋଇ ନ ଥିବାରୁ ଦର୍ଶକ ମହଲରେ ଉତ୍ସାହ ବଢ଼ିବଢ଼ି ଚାଲିଛି।

# ଉପଅଧିନାୟକ ଚିଙ୍ଗ୍‌ଲେନ୍‌ସାନା

ସ୍କୁଲରେ ପଢୁଥିବା ବେଳେ ଚିଙ୍ଗ୍‌ଲେନ୍‌ସାନା କ୍ୟାରିୟର ଆରମ୍ଭ କରିଥିଲେ। ନୂଆଦିଲ୍ଲୀର ପିଏନ୍‌ବି ଏକାଡେମୀରେ ସାମିଲ ହେବା ପାଇଁ ତାଙ୍କୁ ଚୟନ କାରଯାଇଥିଲା। ଏକାଡେମୀରେ ପ୍ରଶିକ୍ଷଣ ଜାରି ରଖିଥିବା ବେଳେ ସେ ସିଙ୍ଗାପୁରରେ ଖେଳାଯାଇଥିବା କେତୋଟି ଜୁନିୟର ଆନ୍ତର୍ଜାତିକ ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିଥିଲେ। ସିନିୟର ହକିରେ ୨୦୧୧ରେ ଚାଇନାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ତାଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଦଳରେ ସାମିଲ କରାଯାଇଥିଲା। ଦୁଇ ଖେଳାଳିଙ୍କୁ ଡ୍ରପ୍ କରାଯିବା ଫଳରେ ସେ ଅନ୍ତିମ ଏକାଦଶରେ ସାମିଲ ହେବା ନିଶ୍ଚିତ ଥିଲା। ତେବେ ସେତେବେଳକୁ ତାଙ୍କ ପାସ୍‌ପୋର୍ଟ ପ୍ରସ୍ତୁତ ହୋଇପାରି ନ ଥିବାରୁ ସେ ଭାରତ ପାଇଁ ଡେବ୍ୟୁ କରିପାରି ନ ଥିଲେ। ତେବେ ୧୯୯୧ ଡିସେମ୍ବର ୨ ତାରିଖରେ ଜନ୍ମ ନେଇଥିବା ସେ ୨୦୧୧ରେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟୁର୍ନାମେଣ୍ଟରେ ପଦାର୍ପଣ କରିଥିଲେ। ଏହା ପରଠାରୁ ସେ କେବେ ପଛକୁ ଫେରି ଚାହିଁନାହାନ୍ତି ଓ ଭାରତୀୟ ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ସେ ମଧ ଭାରତ ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ଓ ଭାରତକୁ କେତୋଟି ଟୁର୍ନାମେଣ୍ଟରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜଣେ ହାଫ୍ ବ୍ୟାକ୍ ଖେଳାଳି ଭାବେ ଦଳରେ ତାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୨୦୧୪ରେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସେ ୨୦୧୪ ବିଶ୍ୱକପ୍ ମଧ ଖେଳିଥିଲେ। ଅବଶ୍ୟ ଏହି ମେଗା ଇଭେଣ୍ଟରେ ଭାରତ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଏହି ବର୍ଷ ଇଞ୍ଚିଅନ୍‌ରେ ଖେଳାଯାଇଥିବା ଏସିଆନ୍ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ ଓ ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏହାପରେ ଢାକାରେ ଅନୁଷ୍ଠିତ ୨୦୧୭ ଏସିଆ କପ୍‌ରେ ମଧ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଭାରତର ଏହି ସଫଳତାରେ ମଧ୍ୟ ଚିଙ୍ଗ୍‌ଲେନ୍‌ସାନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ପୂର୍ବରୁ ୨୦୧୩ରେ ଇପୋରେ ଖେଳାଯାଇଥିବା ଏସିଆ କପ୍‌ରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା ଓ ସେ ମଧ ଏହି ଭାରତୀୟ ଦଳର ସଦସ୍ୟ ରହିଥିଲେ। ଚଳିତ ବର୍ଷ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତକୁ ରନର୍ସଅପ୍ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କ୍ୟାରିୟରର ୭ ବର୍ଷ ମଧ୍ୟରେ ସେ ଆଶାନୁରୂପ ସଫଳତା ହାସଲ କରିପାରିଛନ୍ତି। ମଣିପୁର ଭଳି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରୁ ଆସି ଆନ୍ତର୍ଜାତିକ ହକିରେ ସଫଳ ହେବା ନିଶ୍ଚିତ ଭାବେ ଏକ ଗୌରବର ବିଷୟ।

ଭାରତ ପାଇଁ ସେ ଏପର୍ଯ୍ୟନ୍ତ ୮୪ଟି ମ୍ୟାଚ୍ ଖେଳି ୪ଟି ଗୋଲ ସ୍କୋର କରିଛନ୍ତି। କ୍ଲବ ହକିରେ ମଧ ସେ ବେଶ୍ ସଫଳତା ପାଇଛନ୍ତି। ୱେଷ୍ଟର୍ନ ରେଲ୍‌ୱେ ପାଇଁ ଖେଳିଆସୁଥିବା ଚିଙ୍ଗ୍‌ଲେନ୍‌ସାନା। ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ପ୍ରାରମ୍ଭିକ ସଂସ୍କରଣରେ ମୁମ୍ବାଇ ମ୍ୟାଜିସିଆନ ପାଇଁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ୨୦୧୩ ଓ ୧୪ରେ ମୁମ୍ବାଇ ପାଇଁ ଖେଳିବା ପରେ ସେ ୨୦୧୫ରେ ନୂଆ ଦଳ ଦବଙ୍ଗ ମୁମ୍ବାଇ ଲାଗି ଖେଳିଥିଲେ।

ସେ ଭାରତ ପାଇଁ ୧୫୦ଟି ମ୍ୟାଚ୍ ଖେଳି ଏକ ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ୨୦୧୭ରେ ଭାରତର ୟୁରୋପ ଗସ୍ତ ଅବସରରେ ବେଲ୍‌ଜିୟମ ବିପକ୍ଷ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଥିଲେ। ଜଣେ ମିଡ୍‌ଫିଲ୍ଡର ଭାବେ ୨୬ ବର୍ଷୀୟ ଚିଙ୍ଗ୍‌ଲେନ୍‌ସାନା ବେଶ୍ ଦ୍ରୁତ ବୋଲି ନିଜକୁ ସାବ୍ୟସ୍ତ କରିପାରିଛନ୍ତି। ପ୍ରତିପକ୍ଷ ଦଳର ଏରିଆରେ ସେ ବେଶ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି କରିଥାନ୍ତି। ଭାରତର ପେନାଲ୍ଟି କର୍ନର କନଭର୍ସନରେ ମଧ ତାଙ୍କର ଯଥେଷ୍ଟ ଭୂମିକା ରହିଥାଏ। ଯେତେବେଳେ ହରମନପ୍ରୀତ୍ ସିଂ କିମ୍ବା ରୁପିନ୍ଦରପାଲ ସିଂ ଡ୍ରାଗ୍ ଫ୍ଲିକ୍ କରନ୍ତି, ସେତେବେଳେ ଚିଙ୍ଗ୍‌ଲେନ୍‌ସାନା ବଲ୍‌କୁ ଅଟକାଇବା ବା ଷ୍ଟପର ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ଭାରତୀୟ ମିଡ୍‌ଫିଲ୍ଡରେ ତାଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଆଗାମୀ ବିଶ୍ୱକପ୍‌ରେ ଭାରତକୁ ସଫଳ କରାଇବାରେ ସବୁମତେ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ମିଡ୍‌ଫିଲ୍ଡରେ ଜଣେ ହାଫ୍‌ବ୍ୟାକ୍ ଭାବେ ଓ ଜଣେ ଉପଅଧିନାୟକ ହିସାବରେ ସେ କିପରି ଗୁରୁଦାୟିତ୍ୱ ତୁଲାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।



**ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଜନ୍ମଗ୍ରହଣ କରିଥିଲେ ମଧ କାଙ୍ଗୁଜାମ ଚିଙ୍ଗ୍‌ଲେନ୍‌ସାନା ସିଂ ଖୁବ୍ କମ୍ ସମୟ ମଧରେ ନିଜ ପ୍ରତିଭା ଓ ଦକ୍ଷତା ବଳରେ ଭାରତୀୟ ହକି ଦଳର ଜଣେ ନିୟମିତ ସଦସ୍ୟ ହୋଇପାରିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ତାଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇବାର ସୁଯୋଗ ମିଳିଛି। ଘରୋଇ ଦର୍ଶକଙ୍କ ସମର୍ଥନରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।**




**ପୂରା ନାମ:** କାଙ୍ଗୁଜାମ ଚିଙ୍ଗ୍‌ଲେନ୍‌ସାନା ସିଂ
**ଜନ୍ମସ୍ଥାନ:** ମଣିପୁର
**ବୟସ:** ୨୬ ବର୍ଷ
**ଉଚ୍ଚତା:** ୫ ଫୁଟ୍ ୬ ଇଞ୍ଚ୍
**ପ୍ଲେଇଂ ପୋଜିଶନ:** ହାଫ୍ ବ୍ୟାକ୍
**ମ୍ୟାଚ୍ ସଂଖ୍ୟା:** ୮୪
**ଗୋଲ ସଂଖ୍ୟା:** ୪

**ମେଡାଲ ରେକର୍ଡ**

**ଏସିଆନ ଗେମ୍ସ:**
୨୦୧୪ ଇଞ୍ଚିଅନ୍- ସ୍ୱର୍ଣ୍ଣ
**ରାଜ୍ୟଗୋଷ୍ଠୀ କ୍ରୀଡ଼ା:**
୨୦୧୪ ଗ୍ଲାସ୍‌ଗୋ- ରୌପ୍ୟ
**ଏସିଆ କପ୍:**
୨୦୧୭ ଢାକା- ସ୍ୱର୍ଣ୍ଣ
୨୦୧୩ ଇପୋ- ରୌପ୍ୟ
**ଚାମ୍ପିୟନ୍ସ ଟ୍ରଫି:**
୨୦୧୮ ବ୍ରେଡା- ରୌପ୍ୟ

## ସଂକ୍ଷେପରେ

### ମହିଳା ଟି୨୦ ବିଶ୍ୱକପ୍ ସେମିଫାଇନାଲ ଲକ୍ଷ୍ୟରେ ଭାରତ

ଗୁୟାନା, ୧୪।୧୧ (ପି.ଟି.): ଓ୍ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିବା ଭାରତ ଗୁରୁବାର ସ୍ଥାନୀୟ ପ୍ରୋଭିଡେନ୍ସ ଗ୍ରାଉଣ୍ଡରେ ଆୟର୍ଲାଣ୍ଡକୁ ଭେଟିବ। ଗ୍ରୁପ୍ ବି'ରେ ଭାରତ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହାସଲ କରିଥିବା ବେଳେ ତୃତୀୟ ମ୍ୟାଚ୍‌ରେ ମଧ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁଇ ଦିନ ତଳେ ପରାସ୍ତ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଅଧିନାୟିକା ହରମନପ୍ରୀତ କୌର ପ୍ରଥମ ଭାରତୀୟ ଭାବେ ଏହି ଗ୍ରାଉଣ୍ଡରେ ଟି୨୦ ଶତକ ହାସଲ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅପରପକ୍ଷରେ ଆୟର୍ଲାଣ୍ଡ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ପାକିସ୍ତାନଠାରୁ ପରାସ୍ତ ହୋଇଛି। ଆୟର୍ଲାଣ୍ଡ ବିପକ୍ଷରେ ଫେଭରାଇଟ୍ ବିବେଚିତ ହେଉଥିଲେ ମଧ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲକା ଭାବେ ନେବ ନାହିଁ ବୋଲି ଅଧିନାୟିକା ହରମନପ୍ରୀତ କହିଛନ୍ତି।

### ତାମିଲ-ହରିୟାଣା ମ୍ୟାଚ୍ ଟାଇ

ମୁମ୍ବାଇ, ୧୪।୧୧(ପି.ଟି.): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ବୁଧବାର ତାମିଲ ଥଲାଇଭାସ ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଖେଳାଯାଇଥିବା ଇଣ୍ଟରଜୋନ୍ ପର୍ଯ୍ୟାୟର ଗୋଟିଏ ମ୍ୟାଚ୍ ୩୨-୩୨ ପଏଣ୍ଟରେ ଟାଇରେ ଶେଷ ହୋଇଛି। ତାମିଲ ପକ୍ଷରୁ ସୁକେଶ ହେଜଡେ (୭ ପଏଣ୍ଟ), ଅଜୟ ଠାକୁର (୬) ଓ ମନଜିତ୍ ଚିଲ୍ଲର (୪) ସ୍କୋର କରିଥିଲେ। ଅପରପକ୍ଷରେ ହରିୟାଣାର ବିକାଶ କାଣ୍ଡୋଲା ଏକାକୀ ୧୪ ପଏଣ୍ଟ ସ୍କୋର କରି ମ୍ୟାଚ୍‌ର ଷ୍ଟାର ବନିଥିଲେ। ଚଳିତ ସିଜନର ଏହା ୨ୟ ଟାଇ ରହିଥିଲା।



"ଚଳିତ ବର୍ଷ ଏସିଆନ, କମନୱେଲ୍ଥ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପରି ବଡ଼ ପ୍ରତିଯୋଗିତା ଥିବାରୁ ଆମ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସିଜନ ଥିଲା। କିନ୍ତୁ ଦଳର ପ୍ରଦର୍ଶନରେ ମୁଁ ଖୁସି ଅଛି ।"

– ପୁଲେଲା ଗୋପୀଚାନ୍ଦ, କିମ୍ବଦନ୍ତୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



"ଏହା କଷ୍ଟସାଧ ହୋଇପାରେ, କିନ୍ତୁ ନିଶ୍ଚିତ ଦିନେ ନା ଦିନେ ମୁଁ ବିଶ୍ୱର ଏକ ନମ୍ବର ଖେଳାଳି ହେବି ।"

– ପି.ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି

# ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଆଜିଠାରୁ

- ଲୋଗୋ ଓ ମାସ୍କଟ ଉନ୍ମୋଚିତ
- ଯୋଗଦେବେ ୧୨ଶହ ପ୍ରତିଯୋଗୀ

କଟକ ଅଫିସ,୧୪।୧୧

ଓଡ଼ିଶା ସରକାର ଯେପରି ଖେଳକୁ ପ୍ରାଧାନ୍ୟ ଦେଇ ଜାତୀୟ ସ୍ତରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ହକି ଦଳକୁ ପ୍ରାୟୋଜିତ କରିବା ସହ ଓଡ଼ିଶାରେ ହକି ବିଶ୍ୱକପ ଆୟୋଜନ କରିବାକୁ ଯାଉଛନ୍ତି। ସେଭଳି ଓଡ଼ିଶା ପୋଲିସ ଓଡ଼ିଶା ସରକାରଙ୍କ ସହ ତାଳ ଦେଇ ରାଜ୍ୟରେ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଆୟୋଜନ କରିବାରେ ସକ୍ଷମ ହୋଇଛି ବୋଲି ବୁଧବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ତୃତୀୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର-୨୦୧୮ର ଲୋଗୋ ଓ ମାସ୍କଟ ଉନ୍ମୋଚନ କରିବା ଅବସରରେ ଡିଜିପି ଏହା କହିଥିଲେ ।

ଗୁରୁବାରଠାରୁ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ହେବ। ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ମାସ୍କଟ ଓଲିକୁ ଏହି ପ୍ରତିଯୋଗିତାର ମାସ୍କଟଭାବେ ଗ୍ରହଣ କରାଯାଇଛି। ଗୁରୁବାର ସକାଳେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବା ବେଳେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କେନ୍ଦ୍ରୀୟ ଗୋଇନ୍ଦା ବ୍ୟୁରୋର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅରବିନ୍ଦ କୁମାର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ମୋଟ ୩୩ ଦଳର ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ପୋଲିସ ଦଳରୁ ମୋଟ ୩୦୦ ପ୍ରଶିକ୍ଷକ ଓ ଅଧିକାରୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ମୁଖ୍ୟତଃ ଜିମ୍ନାଷ୍ଟିକ, ଜୁଡୋ, ଟାଏକୋଣ୍ଡୋ ଓ ଉଷୁ ବିଭାଗରେ ପ୍ରତିଯୋଗିତାମାନ ହେବ। ସର୍ବଭାରତୀୟ ପୋଲିସ କଣ୍ଟ୍ରୋଲ ବୋର୍ଡର ଦିଗ୍‌ଦର୍ଶନରେ ଏହି ପ୍ରତିଯୋଗିତା ଓଡ଼ିଶା ପୋଲିସ ଆୟୋଜନ କରୁଥିବା ବେଳେ ଏହାର ସଫଳ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗର ସହାୟତା ନିଆଯାଇଛି। ଏହି ପ୍ରତିଯୋଗିତା ପାଇଁ ଏକ କମିଟି ଗଠନ କରାଯାଇଛି। ଡିଜିପି ଏହି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଅତିରିକ୍ତ ଡିଜି ମନୋଜ ଛାବ୍ରା ଓ ବିନୟତୋଷ ମିଶ୍ରଙ୍କୁ ଯଥାକ୍ରମେ କମିଟିର ଉପାଧ୍ୟକ୍ଷ ଓ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଭ୍ୟର୍ଥନା, ରହିବା ବ୍ୟବସ୍ଥା, ଗମନା ଗମନ, ସ୍ମରଣିକା ପ୍ରକାଶନ, ପ୍ରଚାର ଓ ଗଣମାଧ୍ୟମ, ଚିକିତ୍ସା ଓ ଡୋପ ପରୀକ୍ଷା, ଟ୍ରାଫିକ ଓ ନିରାପତ୍ତା ଭଳି ବିଭିନ୍ନ ଉପ କମିଟି ଗଠନ କରାଯାଇ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଗୋଟିଏ ଲେଖାଏ କମିଟିର ଦାୟିତ୍ୱ ଦିଆଯାଇଛି। ଖେଳାଳି, କୋଚ୍, ଅଧିକାରୀଙ୍କ ରହିବା ପାଇଁ ଉଭୟ ଭୁବନେଶ୍ୱର ଏବଂ କଟକରେ ବ୍ୟବସ୍ଥା କରାଯାଇଛି।



ଲୋଗୋ ଓ ମାସ୍କଟ ଉନ୍ମୋଚନ ଅବସରରେ ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଓ ଅନ୍ୟ ଅତିଥିବୃନ୍ଦ।

# ୨୨ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖିଲା ସିଏସ୍‌କେ

**ଆଇପିଏଲ-୧୨**

ଚେନ୍ନାଇ, ୧୪।୧୧(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ୨୦୧୯ ସିଜନ ପାଇଁ ୨୨ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖିଛି। ଟାଇଟଲ ବିଜୟୀ ଟିମ୍‌ରୁ କେବଳ ୩ ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ସେମାନେ ହେଲେ ଇଂଲଣ୍ଡ ଫାଷ୍ଟ ବୋଲର ମାର୍କ ଉଡ୍, ଭାରତୀୟ ଯୁବ ଖେଳାଳି କନିଷ୍କ ସେଠ୍ ଓ କ୍ଷୀତିଜ୍ ଶର୍ମା। ୨ ବର୍ଷ ବାସନ୍ଦ ପରେ ୨୦୧୮ରେ ଆଇପିଏଲକୁ ଫେରି ଚେନ୍ନାଇ ଟିମ୍ ଚାମ୍ପିୟନ ହୋଇଥିଲା। ଫାଇନାଲରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଟାଇଟଲ ହାସଲ କରିଥିଲା।

୨୦୧୯ ଆଇପିଏଲ ପାଇଁ ଆସନ୍ତା ମାସରେ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବ। ତେଣୁ ଖେଳାଳି ରିଟେନ୍‌ଶନ୍ ଏବଂ ରିଲିଜ ସମ୍ପର୍କରେ ଆଇପିଏଲ ଗଭର୍ଣ୍ଣିଂ କାଉନ୍‌ସିଲ୍‌କୁ ଜଣାଇବାର ଶେଷ ତାରିଖ ନଭେମ୍ବର ୧୫କୁ ଧାର୍ଯ୍ୟ କରାଯାଇଛି। ଆହତ ଅଲ୍‌ରାଉଣ୍ଡର କେଦାର ଯାଦବଙ୍କ ସ୍ଥାନରେ ଦଳକୁ ଆସିଥିବା ଇଂଲଣ୍ଡ ଅଲ୍‌ରାଉଣ୍ଡର ଡେଭିଡ୍ ୱିଲିଙ୍କୁ ଅପରିବର୍ତ୍ତିତ ରଖାଯାଇଛି। ଗତ ସଂସ୍କରଣର ପ୍ରଥମ ମ୍ୟାଚରେ ଆହତ ହୋଇ ଅବଶିଷ୍ଟ କୌଣସି ମ୍ୟାଚ ଖେଳିପାରି ନ ଥିବା କେଦାରଙ୍କୁ ମଧ ଦଳରେ ରଖାଯାଇଛି। ସିଏସ୍‌କେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ସୁରେଶ ରାଇନା, ହରଭଜନ ସିଂ, ରବୀନ୍ଦ୍ର ଜାଡେଜା ଆଦି ଖେଳାଳିଙ୍କୁ ନିଲାମକୁ ଛାଡ଼ି ନ ଥିବାବେଳେ ଡ୍ୱେନ ବ୍ରାଭୋ ଓ ଫାଫ୍ ଡୁ ପ୍ଲେସିଙ୍କ କ୍ଷେତ୍ରରେ ରାଇଟ୍ ଟୁ ମ୍ୟାଚ କାର୍ଡ ବ୍ୟବହାର କରିବ ବୋଲି ଜଣାଯାଇଛି। ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ମିଚେଲ ସାଣ୍ଟନର ଆହତ ଥିଲେ ହେଁ ତାଙ୍କ ସ୍ଥାନରେ କୌଣସି ବଦଳ ଖେଳାଳି ଚାହିଁନାହିଁ ସିଏସ୍‌କେ। ସାଣ୍ଟନର ଦଳକୁ ଫେରିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ନିଲାମ ପାଇଁ ସିଏସ୍‌କେ ନିକଟରେ ୮.୫ କୋଟି ଟଙ୍କା ରହିଛି। ଗତ ସିଜନରୁ ୬.୫ କୋଟି ଟଙ୍କା ବଳିଥିବାବେଳେ ଆଗାମୀ ସିଜନ ପାଇଁ ୨ କୋଟି ମିଳିଛି।

# ଏଆଇଟିଏ ଚୟନ କମିଟିରୁ ବାଦ୍ ପଡିଲେ ମିଶ୍ରା, ଅଲୀ

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଏଆଇଟିଏ) ତା'ର ଚୟନ କମିଟିରେ ପରିବର୍ତ୍ତନ ଆଣି ନୂଆ ରୂପ ଦେଇଛି। ଅଧ୍ୟକ୍ଷ ଏସ୍.ପି. ମିଶ୍ରା ଓ ଡେଭିସ୍ କପ୍ କୋଚ୍ ଜିଶାନ ଅଲୀଙ୍କୁ ଚୟନ କମିଟିରୁ ବାଦ୍ ଦିଆଯାଇଛି। ଅନ୍ୟତମ ସଦସ୍ୟ ରୋହିତ ରାଜପାଲଙ୍କୁ ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ ଦିଆଯାଇଛି। ମିଶ୍ରା ଓ ଅଲୀଙ୍କ ବଦଳରେ ଅଙ୍କିତା ଭାମ୍ବ୍ରୀ ଓ ବିଶାଲ ଉପ୍ପଲଙ୍କୁ ଚୟନ କମିଟିରେ ସାମିଲ କରାଯାଇଛି। ବୁଧବାର ଏଆଇଟିଏର କାର୍ଯ୍ୟକାରୀ କମିଟି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ମିଶ୍ରା ଓ ଅଲୀ ଦୀର୍ଘଦିନ ଧରି କମିଟିରେ ରହିଆସିଛନ୍ତି। ଅନ୍ୟମାନଙ୍କୁ ସୁଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଏଆଇଟିଏ ସାଧାରଣ ସମ୍ପାଦକ ହିରଣ୍ମୟ ଚାଟାର୍ଜୀ କହିଛନ୍ତି।

DSPL-253



MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Last chance to witness
the largest ever industrial expo of the State
Make in Odisha Expo 2018

Entry to the expo is free for all through the Kalinga Gate, Janata Maidan
Visiting Hours: 1100 to 2030 hrs

Come and Experience

Odisha Theme Pavilion "Deomali"
Mesmerizing projections on the geodesic dome - a first in the country

Virtual Reality
Witness the future Smart City and the natural beauty of Odisha

Selfie with the Heroes
Experience augmented reality and click a photograph with the Heroes of Indian Hockey

Kinetic Installation
Marvel at the synchronised beauty of 108 spheres

Partner Country
Japan

Industry Partner
FICCI

For more details, please visit:
https://mio.investodisha.gov.in/

DO NOT MISS:
An exhilarating performance by contemporary fusion music band
Indian Ocean today at the amphitheatre
Please be seated by 18:00 hours for the performance.

14005/13/0057/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୫/୨୦୧୮ Bhubaneswar, Thursday, November 15/ 2018

## ସଂକ୍ଷେପରେ

### ସାହିତ୍ୟିକା ପ୍ରଭାତ ନଳିନୀଙ୍କ ପରଲୋକ



ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ସାହିତ୍ୟିକା ପ୍ରଫେସର ପ୍ରଭାତ ନଳିନୀ ଦାସଙ୍କ ପରଲୋକ ଘଟିଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଭୁବନେଶ୍ୱର ଶହୀଦନଗରସ୍ଥିତ ତାଙ୍କ ବାସଭବନରେ ସେ ପରଲୋକ ଗମନ କରିଛନ୍ତି। ତାଙ୍କୁ ୯୧ବର୍ଷ ହୋଇଥିଲା। ପ୍ରଭାତ ନଳିନୀ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ଥିବାବେଳେ ୧୯୭୦ରେ ଏମ୍‌ଏରେ ପ୍ରଥମ ଥର ପାଇଁ ଅନୁବାଦକୁ ଏକ ବିଷୟ ଭାବେ ପ୍ରଚଳନ ଆରମ୍ଭ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ସେ ପ୍ରାୟ ୧୯ବର୍ଷ ଅଧାପନା କରିଥିଲେ। ସେ ଶିଲଂସ୍ଥିତ ନର୍ଥ ଇଷ୍ଟର୍ନ ହିଲ ୟୁନିଭର୍ସିଟିରେ ଉପକୁଳାଧିପତି, ଆଇଆଇଟି କାନପୁରରେ ହ୍ୟୁମାନିଟିଜ୍ ଡିଭିଜନ୍‌ର ପ୍ରଥମ ନିର୍ଦ୍ଦେଶକ ତଥା ଡିନ୍ ଥିଲେ। ନୂଆଦିଲ୍ଲୀସ୍ଥିତ ମହିଳା ଶ୍ରୀରାମ କଲେଜର ଇଂଲିଶ ବିଭାଗ ମୁଖ୍ୟ ଭାବେ ଅଧାପନା କରିଥିଲେ। ନିକଟରେ ସୀତାକାନ୍ତ ମହାପାତ୍ରଙ୍କ 'ସମୁଦ୍ର' ଗଳ୍ପ ପୁସ୍ତକରୁ ୨୦ଟି ଗଳ୍ପକୁ ନେଇ 'ଟିଲ ମାଇଁ ଟାଇମ୍ କମ୍' ଇଂଲିଶ ପୁସ୍ତକ ଅନୁବାଦ କରିଥିଲେ। ସେ ମନୋରଞ୍ଜନ ଦାସ ଓ ଗୋପୀନାଥ ମହାନ୍ତିଙ୍କ ଅନେକ ପୁସ୍ତକକୁ ଇଂଲିଶରେ ଅନୁବାଦ କରିଛନ୍ତି। ତାଙ୍କ ସ୍ୱାମୀ ବିଧୁଭୂଷଣ ଦାସ ଜଣେ ଶିକ୍ଷାବିତ୍ ଓ ସାହିତ୍ୟିକ। ପ୍ରଭାତ ନଳିନୀଙ୍କ ଦେହାନ୍ତରେ ଶିକ୍ଷା ଏବଂ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି।

■ ୬୧ ଲକ୍ଷ ଲୁଟ ଘଟଣାର ପର୍ଦ୍ଦାଫାଶ

# ୨୭ ଲକ୍ଷ ଟଙ୍କା ଜବତ, ୩ ଗିରଫ

ବେଗୁନିଆ,୧୪।୧୧ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଗତ ଗୁରୁବାର ୬୧ ଲକ୍ଷ ଟଙ୍କା ଲୁଟ ଘଟଣାର ପୋଲିସ ବୁଧବାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଥିବାବେଳେ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଟଙ୍କା ଭାଗବଣ୍ଟାକୁ ନେଇ ମନୋମାଳିନ୍ୟ ସେମାନଙ୍କୁ ଧରାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅଭିଯୋଗକାରୀ ଲୁଟ୍ ନାଟକ ରଚି ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

ଏଲଆଣ୍ଡଟି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା କଟକ ଜିଲା ବୈଦେଶ୍ୱର ଅଞ୍ଚଳର ଶ୍ରୀକାନ୍ତ ସାହୁ ଏବଂ ତାଙ୍କ ସହକର୍ମୀ ଲକ୍ଷ୍ମୀନାରାୟଣ ଖଟୁଆ ଖଣ୍ଡପଡା ଓ କଳାପଥର ଅଞ୍ଚଳରୁ ୬୧ ଲକ୍ଷ ୪୭ ହଜାର ୨୪୭ ଟଙ୍କା ସଂଗ୍ରହ କରିଥିଲେ। ଏହାକୁ ଜମା କରିବାକୁ ଏକ କାର ଯୋଗେ ଖୋର୍ଦ୍ଧାସ୍ଥିତ ଏକ ବ୍ୟାଙ୍କକୁ ଯାଉଥିଲେ। ବାଘମାରୀ କଳାପଥର ରାସ୍ତାର ଗେଡିଆପଲୀ ଗ୍ରାମ ନିକଟରେ ଘଟଣା ଦିନ ଅପରାହ୍ନ ପ୍ରାୟ ସାଢେ ୧ଟାରେ ୩ଟି ବାଇକ୍‌ରେ ମୁଖା ପିନ୍ଧିଥିବା ୬ ଜଣ ଦୁର୍ବୃତ୍ତ ଆସି ତାଙ୍କ କାରକୁ ଅଟକାଇ ବନ୍ଧୁକ ଦେଖାଇ ଶ୍ରୀକାନ୍ତଙ୍କଠାରୁ ସବୁ ଟଙ୍କା ଛଡାଇ ନେଇ ଖୋର୍ଦ୍ଧା ଅଭିମୁଖେ ପଳାଇଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା ନଂ. ୧୮୩/୧୮ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଘଟଣା ଘଟିବା ପରଦିନ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ବେଗୁନିଆ ଥାନା ଗସ୍ତରେ ଆସି ଲୁଟେରାମାନଙ୍କୁ ଧରିବାକୁ ଏକ ଟିମ ଗଠନ କରିଥିଲେ। ଏହି ଟିମରେ କଟକ ପୋଲିସ ଜିଲାର ବାଙ୍କୀ ଓ ବୈଦେଶ୍ୱର ଏବଂ ଖୋର୍ଦ୍ଧା ପୋଲିସ ଜିଲାର ବେଗୁନିଆ ଥାନା, ଟାଉନ ଥାନା ଏବଂ ଧଳାପଥର ଫାଣ୍ଡି ପୋଲିସ ସାମିଲ ହୋଇଥିଲେ। ଘଟଣା ଘଟିବାର ୬ ଦିନ ପରେ ବୁଧବାର ପୋଲିସ ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୈଦେଶ୍ୱର ଥାନା ଅଧୀନ ପୁଇଁଚା ଗ୍ରାମର ପପୁ ମାର୍ଥା, ସୁଧୀର ମହାନ୍ତି ଓ ତାଙ୍କ ଭାଇ ସୁନୀଲ। ପପୁଙ୍କୁ ପୋଲିସ ପ୍ରଥମେ ଧରି ପଚରାଉଚରା କରିବାରେ ସେ ସୁଧୀର ଓ ସୁନୀଲଙ୍କ ନାଁ କହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଏହାପରେ ପୋଲିସ ଚଢାଉ କରି ସୁନୀଲଙ୍କ ଘର ପଛପଟ ଏକ ନିଛାଟିଆ ସ୍ଥାନରୁ ଏକ ମୁଣାରେ ଭର୍ତ୍ତି ଥିବା ୨୭ ଲକ୍ଷ ଟଙ୍କା ଉଦ୍ଧାର କରିଛି। ତେବେ ମାଷ୍ଟରମାଇଣ୍ଡ କୁହାଯାଉଥିବା ଜଣେ ମୋହରୀର ଫେରାର ଅଛନ୍ତି। ଲକ୍ଷ୍ମୀନାରାୟଣ ଏବଂ ଶ୍ରୀକାନ୍ତ ବ୍ୟାଙ୍କକୁ ଟଙ୍କା ଡିପୋଜିଟ କରିବାକୁ ଯାଉଥିବା କାର ଚାଳକ ପ୍ରଭାତ ମାର୍ଥାଙ୍କ ଉପରେ ପୋଲିସର ଅଧିକ ସନ୍ଦେହ ହେଉଛି। ଅନ୍ୟପକ୍ଷରେ ଏହି ଲୁଟ୍ ନାଟକ ନିଜେ ଅଭିଯୋଗକାରୀ ରଚି ଥାଇପାରନ୍ତି ବୋଲି ଆଶଙ୍କା କରି ପୋଲିସ ଶ୍ରୀକାନ୍ତ ଓ ସହକର୍ମୀ ଲକ୍ଷ୍ମୀନାରାୟଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି ବୋଲି ଖୋର୍ଦ୍ଧା ଏସ୍‌ପି ଦୀପ୍ତିରଞ୍ଜନ ରାୟ ସୂଚନା ଦେଇଛନ୍ତି।



ଜବତ ହୋଇଥିବା ଟଙ୍କା।

- ■ଟଙ୍କା ଭାଗବଣ୍ଟାକୁ ନେଇ ମନୋମାଳିନ୍ୟ ଧରାଇଲା
- ■ଅଭିଯୋଗକାରୀ ଲୁଟ୍ ନାଟକ ରଚିଥିବା ସନ୍ଦେହ

## ପୁରୀ ହିଂସା: ଆଉ ଜଣେ ଗିରଫ

ପୁରୀ ଅଫିସ,୧୪।୧୧

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ଘଟିଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ୧୧୭ ଛୁଇଁଛି। ପୂର୍ବରୁ ପୋଲିସ ୧୧୬ଜଣଙ୍କୁ ଗିରଫ କରିଥିବାବେଳେ ବୁଧବାର ଆଉ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସିଂହଦ୍ୱାର ବ୍ୟାରିକେଡ୍ ଭଙ୍ଗାରୁଜା ଅଭିଯୋଗରେ ସିଂହଦ୍ୱାର ଥାନାରେ ରୁଜୁ କେସ୍ ନଂ.୮୬/୧୮ରେ ପୋଲିସ ମାଟିତୋଟା ଅଞ୍ଚଳର ପ୍ରକାଶ କୁମାର ଦାସଙ୍କୁ ଗିରଫ କରିଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।
- ୱିଲିୟମ ସେକ୍ସପିୟର

## ସଂକ୍ଷେପରେ

### ମାହାଙ୍ଗାରେ ଲୋକଙ୍କଠାରୁ ପରାମର୍ଶ ନେବ ଭାଜପା

**କଟକ ଅଫିସ, ୧୪।୧୧:** ରାଜ୍ୟରେ ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ଚ୍ୟାଲେଞ୍ଜ ଦେବାକୁ ଭାଜପା ପକ୍ଷରୁ ଆରମ୍ଭ ହୋଇଛି ଜନପରାମର୍ଶ ପଦଯାତ୍ରା। ଏହି ପରିପ୍ରେକ୍ଷୀରେ ମାହାଙ୍ଗା ଭାଜପା ପକ୍ଷରୁ ଆସନ୍ତା ୧୬ ତାରିଖରୁ ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହେବ। ଭାଜପା ନେତା ସାରଦା ପ୍ରଧାନଙ୍କ ନେତୃତ୍ୱରେ କଇଥା ପଞ୍ଚାୟତର ବଉଳା ମଠରୁ ପଦଯାତ୍ରା ଶୁଭାରମ୍ଭ ହୋଇ ଡିସେମ୍ବର ୧୨ରେ ପୋଡାମରାଇ ମଠରେ ଶେଷ ହେବ। ମାହାଙ୍ଗାର ୬୪ଟି ପଞ୍ଚାୟତ ଅଧୀନରେ ଥିବା ମୋଟ ୯୦୫ଟି ୱାର୍ଡକୁ ଏହି ପଦଯାତ୍ରା ଯିବ। ଦଳୀୟ ନେତା ଓ କର୍ମୀମାନେ ଦୈନିକ ୨୫ କିଲୋମିଟର ଚାଲି ଚାଲି ସରକାରଙ୍କ ଅପାରଗତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସେମାନଙ୍କଠାରୁ ପରାମର୍ଶ ଗ୍ରହଣ କରିବେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଓଡ଼ିଶାର ଉନ୍ନତି ପାଇଁ ଅନେକ ଜନହିତକର ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ତଳ ସ୍ତରରେ ବିଜେଡି ସରକାର ଉକ୍ତ ଯୋଜନାକୁ ହଡ଼ପ କରୁଛି। ତେଣୁ ଏ ସମ୍ପର୍କରେ ଲୋକେ ଯାହା ପରାମର୍ଶ ଦେବେ ସେହି ଅନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଥାଉକି, ଗତ ସାଧାରଣ ନିର୍ବାଚନରେ ପ୍ରଧାନ ମାହାଙ୍ଗାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୬୦ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଭାଜପାରେ ଯୋଗ ଦେଇଥିଲେ। ପ୍ରଧାନଙ୍କ ଜନସମ୍ପର୍କ ଯାତ୍ରା ସମ୍ପର୍କରେ ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ପଚାରିବାରୁ ସେ କହିଲେ, ପ୍ରତ୍ୟେକ ରାଜନୈତିକ ଦଳ ତାଙ୍କର ରାଜନୈତିକ କାର୍ଯ୍ୟକ୍ରମ କରିପାରିବେ। ତେବେ ମାହାଙ୍ଗା ବିଜେଡିର ଅଭେଦ୍ୟ ଦୁର୍ଗ ଥିଲା, ଅଛି ଆଉ ଆଗକୁ ମଧ ରହିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଆଠଗଡ଼,୧୪।୧୧(ସ୍ୱ.ପ୍ର.):** ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଶିବିରକୁ ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅସ୍ଥିଶଲ୍ୟ ବିଭାଗରେ ୧୦୦, ଗଳା, ନାସା, କର୍ଣ୍ଣରେ ୨୦, ଦୃଷ୍ଟି ବାଧିତ ୨୦, ମାନସିକ ଅନଗ୍ରସର ୪୯, ରକ୍ତହୀନତା ୬ ଏପରି ମୋଟ୍ ୨୮୩ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୨୫ ହିତାଧିକାରୀଙ୍କୁ ଶିବିରରେ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ୧୯ ହିତାଧିକାରୀଙ୍କୁ ବସପାସ୍ ଯୋଗାଇ ଦିଆଯାଇଥିଲା। ଆଠଗଡ଼ ଏନଏସି ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଆଠଗଡ ବିଡିଓ ହେମନ୍ତ କୁମାର ସ୍ୱାଇଁ, ଜିଲା ସମାଜ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ଉପଖଣ୍ଡ ସମାଜ ସୁରକ୍ଷା ଅଧିକାରୀ ଗୋଲକ ବିହାରୀ ମାହାଳି, ସିଡିପିଓ ଅଞ୍ଜନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏସି କର୍ମଚାରୀ ନିରଞ୍ଜନ ଦାସ, ପ୍ରଭାତ ଚନ୍ଦ୍ର ବାରିକ, ଦିଲୀପ ବାରିକ, ସୁଶାନ୍ତ ବେହେରା, ପ୍ରକାଶଚନ୍ଦ୍ର ମହାପାତ୍ର, ରଘୁନାଥ ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ସାହୁ, ନୀଳମଣି ନାୟକ ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ଏନଏସି ସମେତ ଆଠଗଡ଼, ଟିଗିରିଆ, ବଡମ୍ବା ଓ ନରସିଂହପୁର ଅଞ୍ଚଳର ୩୮୭ଜଣ ନାମ ପଞ୍ଜୀକୃତ କରିଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

**ଆଠଗଡ଼,୧୪।୧୧(ସ୍ୱ.ପ୍ର.):** ଆଠଗଡ ଏନ୍‌ଏସି ଅନ୍ତର୍ଗତ କନ୍ତୋଳର ସାମାଜିକ କର୍ମୀ ତଥା ଶତାୟୁ ଭ୍ରମରବର ନାୟକ(୧୦୧)ଙ୍କ ବୁଧବାର ପରଲୋକ ଘଟିଛି। ସେ ରାତିରେ ଶୌଚ ହେବାକୁ ଗାଧୁଆଘରକୁ ଯାଇଥିବା ବେଳେ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠଗଡ ଏନ୍‌ଏସିର ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ଘଡେଇଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚି ନାୟକଙ୍କ ଶେଷ ଦର୍ଶନ କରିଥିଲେ। ଏଥିସହ କନ୍ତୋଳ ଯୁବସଂଘର ସଭ୍ୟମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ନାୟକ ବହୁ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ। ଏଥିସହ ଆଠଗଡ ଅଞ୍ଚଳର ସର୍ବ ପୁରାତନ କନ୍ତୋଳ ଯୁବ ସଂଘର ପ୍ରତିଷ୍ଠାତା ସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅଗଷ୍ଟ ୧୫, ଗଣେଶ ପୂଜା ଓ ଶିଶୁ ଦିବସ ସରିଲା

# ପାଠପଢ଼ାକୁ ୬ ମାସ ବିତିଲା, ପିଲାଙ୍କୁ ମିଳୁନି ପୋଷାକ

**ରଘୁନାଥପୁର,୧୪।୧୧(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ କେନ୍ଦ୍ର ସରକାରଙ୍କ ସର୍ବଶିକ୍ଷା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ସୁବିଧା ଯୋଗାଇ ଦିଆଯାଉଛି। ଅନେକ ଛାତ୍ରୀଛାତ୍ର ଉକ୍ତ ଯୋଜନାରୁ ମଧ ଉପକୃତ ହେଉଛନ୍ତି। ତେବେ ଉପଯୁକ୍ତ ସମୟରେ ଯୋଜନାର ସୁଫଳ ପିଲାଙ୍କ ପାଖରେ ପହଞ୍ଚି ପାରିଲେ ଅଧିକ ଫଳପ୍ରଦ ହୁଅନ୍ତା ବୋଲି ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ରଘୁନାଥପୁର ବ୍ଲକ ଅଞ୍ଚଳରେ ଥିବା ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିବର୍ଷ ପାଠପଢା ଆରମ୍ଭ ହେବାର ୩ରୁ ୪ ମାସ ମଧ୍ୟରେ ପୋଷାକ ଦେବାକୁ ପ୍ରତି ସ୍କୁଲକୁ ଅନୁଦାନ ଆସିଥାଏ। ଚଳିତବର୍ଷ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି।

ଅଗଷ୍ଟ ୧୫, ଗଣେଶ ପୂଜା ଓ ଶିଶୁ ଦିବସ ଭଳି ବିଦ୍ୟାଳୟ ଭିତ୍ତିକ ପର୍ବ ସରିବା ଓ ପାଠପଢ଼ାର ଛଅମାସ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି ଛାତ୍ରୀଛାତ୍ରଙ୍କୁ ସ୍କୁଲ ପୋଷାକ ମିଳିପାରିଲାନି। ଫଳରେ ପିଲାମାନଙ୍କ ମଧ୍ୟରେ ଥିବା ନୂଆ ପୋଷାକ ପିନ୍ଧିବାର ଉତ୍ସାହ, ସେମାନଙ୍କୁ ମାନସିକ କିଛିଟା ନିରୁତ୍ସାହିତ କରିଛି। ବିଶେଷ କରି ଗଣେଶ ପୂଜା ଆସିଲେ ଛାତ୍ରୀଛାତ୍ରମାନେ ନୂଆ ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସିବାକୁ ଅପେକ୍ଷା କରିଥାନ୍ତି। କିନ୍ତୁ ଏହା ଆଶାରେ ରହିଯାଇଥିଲା। ଅନେକ ଅଭିଭାବକ ମଧ୍ୟ ସ୍କୁଲ ପୋଷାକ ମିଳିବାରେ ବିଳମ୍ବକୁ ଉପଲବ୍ଧ କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯୋଜନା ପରେ ଯୋଜନା କରି ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ଏହା କେତେମାତ୍ରାରେ କାର୍ଯ୍ୟକାରୀ ହେଉଛି, ଉପଯୁକ୍ତ ସମୟରେ କରାଯାଉଛି କି ନାହିଁ ସେ ସମ୍ପର୍କରେ ସରକାରଙ୍କ ପକ୍ଷରୁ ତର୍ଜମା କରିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ବିଇଓ ରାଜ୍ୟଶ୍ରୀ ସାହୁଙ୍କୁ ପଚାରିବାରେ ଆମକୁ ପିଲାଙ୍କ ରୋଲ୍ ଷ୍ଟ୍ରେନ୍‌ଥ୍ ପଠାଇବା ପାଇଁ ନିର୍ଦ୍ଦେଶ ଆସିଥିଲା। ଗତ ଦୁଇମାସ ତଳୁ ଆମ୍ଭେ ପଠାଇ ଦେଇଛୁ ବୋଲି ପ୍ରକାଶ କହିଥିଲେ। ଜିଲାସ୍ତରରୁ ନିର୍ଦ୍ଦେଶ ଆସିଲେ ବିଦ୍ୟାଳୟ ଆକାଉଣ୍ଟକୁ ଅନୁଦାନ ଅର୍ଥ ଡିପୋଜିଟ ହୋଇଯିବ ବୋଲି କହିଥିଲେ। ଅଧିକ ତଥ୍ୟ ପାଇଁ ଡିପିସି ସପନ କୁମାର ଜେନାଙ୍କ ସହ ଯୋଗାଯୋଗ କରିବାରେ, ସର୍ବଶିକ୍ଷା ପକ୍ଷରୁ ଆସିଥିବା ଆଲଟମେଣ୍ଟ ଜିଲାପାଳଙ୍କ ଆପ୍ରୁଭ ପାଇଁ ପଠାଯାଇଛି। ସପ୍ତାହକ ମଧ୍ୟରେ ଏହାର ସମାଧାନ ହୋଇଯିବ ବୋଲି ସେ ଆଶା କରୁଥିବା କହିଛନ୍ତି। ତେବେ ଡ୍ରେସ୍ ମିଳିବାରେ ବିଳମ୍ବ ପ୍ରକ୍ରିୟାକୁ ସ୍ୱୀକାର କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ମିଳିତ ଭାବରେ ରହୁଥିବାରୁ ଏସବୁର ପ୍ରୋସେସ୍‌ରେ ବିଳମ୍ବ ଘଟୁଛି ବୋଲି ଡିପିସି ଜେନା କହିଥିଲେ।



ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାସ୍ତା ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଆଠଗଡ,୧୪।୧୧(ସ୍ୱ.ପ୍ର.)**

ଆଠଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଆଠଗଡ ବ୍ଲକ୍ ଅଞ୍ଚଳର ବିଭିନ୍ନ ରାସ୍ତା ଓ ଡ୍ରେନ୍ ନିର୍ମାଣ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ଯୋଗଦେଇ ବିଭିନ୍ନ ସ୍ଥାନରେ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆଠଗଡ ଏନଏସି ଉପକଣ୍ଠ ଆଠଗଡ-ବାଙ୍କୀ ବ୍ଲକ୍ ସୁବର୍ଣ୍ଣପୁର ରାସ୍ତାର ଅଶୋକନଗର ଛକଠାରୁ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ସ୍ୱତନ୍ତ୍ର ମରାମତି ଯୋଜନା ମାଧ୍ୟମରେ ଡ୍ରେନ ନିର୍ମାଣର ଶୁଭାରମ୍ଭ କରାଯାଇଅଛି। ଏଥିପାଇଁ ୪୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆଠଗଡ ବ୍ଲକ ବେଣ୍ଟପଦାରେ ପୂର୍ତ୍ତ ବିଭାଗ ରାସ୍ତାରୁ ବାଲିପଦା-ରାଜନଗର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୪.୭ କିମି ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୧କୋଟି ୯୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ପଞ୍ଚାୟତର ପର୍ଶୁରାମପୁରଠାରେ ପୂର୍ତ୍ତବିଭାଗ ରାସ୍ତାରୁ ଗ୍ରାମ୍ୟରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ସ୍ୱାଇଁଙ୍କ ସମେତ ବ୍ଲକ୍ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ଜିଲାପରିଷଦ ଉପାଧକ୍ଷ ସୁନୀଲ ପରିଡା, ଜିଲାପରିଷଦ ସଭ୍ୟ ଜାନକୀଲତା ନାୟକ, ସ୍ଥାନୀୟ ସରପଞ୍ଚ କନକଲତା ସାହୁ, ସମିତି ସଭ୍ୟ ରୋଜି ଓଝା, ରାଜନଗର ସରପଞ୍ଚ ମହେନ୍ଦ୍ର ପରିଡା, ସମିତି ସଭ୍ୟ ବିବିନ୍ଦ୍ର ରଣା ଓ ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ମଧୁସୂଦନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# କାଳିଜାଈ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

**ନରସିଂହପୁର, ୧୪।୧୧ (ଡି.ଏନ୍.ଏ.)**

କାନପୁର ମିନି ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଆଥଲେଟିକ ଆସୋସିଏଶନ ଦ୍ୱାରା ପରିଚାଳିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କାଳିଜାଈ ସ୍ପୋର୍ଟିଂ କ୍ଲବ ଚିଲିକା ଓ ମା' ବାଉତୀ ଗୋଲଡେନ କ୍ଲବ ଜଟଣୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ କାଳିଜାଈ ସ୍ପୋର୍ଟିଂ କ୍ଲବ ୩-୦ରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ସଂଘର୍ଷ ପୂର୍ଣ୍ଣ ରହିଥିଲା, ଉଭୟ ଦଳ ପକ୍ଷରୁ କେହି ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ କାଳିଜାଈ ସ୍ପୋର୍ଟିଂ କ୍ଲବର ୮ ନମ୍ବର ଖେଳାଳି ଦୀପକ ଦିଗାଲ, ୧୦ ନମ୍ବର ଖେଳାଳି ଅନ୍ତର୍ଯାମୀ ନାୟକ ଓ ୭ ନମ୍ବର ଖେଳାଳି ହେମନ୍ତ ବେହେରା ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ । ଆୟୋଜିତ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି , ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ । ଆଥଲେଟିକ ଆସୋସିଏଶନ ସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଛତିଶ ସାହୁ, ସହ ସମ୍ପାଦକ ସନାତନ ପ୍ରଧାନ ଓ ଅତିଥିମାନେ ଜଟଣୀ ଦଳକୁ ରନର୍ସ ଅପ ଟ୍ରଫି ଓ ବିଜେତା ଚିଲିକା ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଜଟଣୀ ଦଳର ଆନିସ ନାଏକଙ୍କୁ ବେଷ୍ଟ ପ୍ଲେୟାର, ଚିଲିକା ଦଳର ଅନ୍ତର୍ଯାମୀ ନାୟକଙ୍କୁ ବେଷ୍ଟ ସ୍କୋରର କପ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆସୋସିଏଶନର ସଭ୍ୟ ସନାତନ ପ୍ରଧାନ, ସୁଜ୍ଞାନୀ ବସ୍ତିଆ, ଆଶିଷ ପ୍ରଧାନ, ଅବିନାଶ ପଟ୍ଟନାୟକ, ଶ୍ରୀକାନ୍ତ ପ୍ରଧାନ ଓ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ ।



ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ବିଜୟୀ ଦଳକୁ ଚାମ୍ପିୟନ୍ ଟ୍ରଫି ପ୍ରଦାନ କରୁଛନ୍ତି।

## ଚାକିରି ପାଇଁ ଚୟନ ପ୍ରକ୍ରିୟା ଶିବିର

**ବାଙ୍କୀ, ୧୪।୧୧ (ସ୍ୱ.ପ୍ର)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟଶ୍ରାବ୍ୟ ଗୃହରେ ଚାକିରି ଯୋଗାଇ ଦେବା ପାଇଁ ବୁଧବାର ପ୍ରାଥମିକ ଚୟନ ପ୍ରକ୍ରିୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପିନାକିଲ୍ ମାନବ ସମ୍ବଳସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୬୫ଟି କମ୍ପାନୀରେ ଚାକିରି ପ୍ରଦାନ ପାଇଁ ଚୟନ ପ୍ରକ୍ରିୟା ଚାଲିଛି। ଏହି ଶିବିରକୁ ମହାବିଦ୍ୟାଳୟ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଛାତ୍ରୀଛାତ୍ରମାନେ ସେମାନଙ୍କର ଆଗାମୀ ଭବିଷ୍ୟତ ଗଠନ କରିବା ପାଇଁ ଏହାଏକ ମାଧ୍ୟମ ବୋଲି ବର୍ଣ୍ଣନା କରିଥିଲେ। ପିନାକିଲ୍ ସଂସ୍ଥାର ସହକାରୀ ପରିଚାଳକ ରଘୁନାଥ ପଣ୍ଡା ଓ ଚୟନ ପ୍ରକ୍ରିୟାର ପରିଚାଳକ ବିଜୟ ମହାନ୍ତି କମ୍ପ୍ୟୁଟର ମାଧ୍ୟମରେ ବିଭିନ୍ନ କମ୍ପାନୀର ଚୟନ ପ୍ରକ୍ରିୟା ସମ୍ବନ୍ଧରେ ଆଲୋକପାତ କରିବା ସହ ଏକ ଲିଖିତ ପରୀକ୍ଷା କରାଇଥିଲେ। ପ୍ରାଧ୍ୟାପକ ଡ.କୃଷ୍ଣ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ଡ.ନିବାସିନୀ ପଣ୍ଡା ଓ ଡ. ସନ୍ଧ୍ୟାରାଣୀ ମହାନ୍ତି ପରିଚାଳନା କରିଥିଲେ।

## ୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତିମୂଳକ କାର୍ଯ୍ୟକ୍ରମର ଶିଳାନ୍ୟାସ

# ସ୍ୱୟଂଚାଳିତ ରକ୍ତନମୁନା ପରୀକ୍ଷାଯନ୍ତ୍ର ଲୋକାର୍ପିତ

**ବଡ଼ମ୍ବା,୧୪।୧୧ (ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ୍‌ସ୍ଥିତ ବଡ଼ମ୍ବା ଓ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମୀର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅତିଥିଙ୍କ ଉପସ୍ଥିତିରେ ସ୍ୱୟଂଚାଳିତ ରକ୍ତନମୁନା ପରୀକ୍ଷାଯନ୍ତ୍ର (ଅଟୋ ଆନାଲାଇଜର)ର ଲୋକାର୍ପଣ କରାଯାଇଥିଲା। ଏଥିଲାଗି ଉଭୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୃଥକ ପୃଥକଭାବେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବଡମ୍ବାରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ୧୫୩ ଲକ୍ଷ ୫୦ହଜାର ଟଙ୍କା ବ୍ୟୟଅଟକଳରେ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନତିମୂଳକ କାର୍ଯ୍ୟକ୍ରମର ଶିଳାନ୍ୟାସ କରାଯାଇଥିଲା। ଖୁବ୍‌ଶୀଘ୍ର ବଡମ୍ବା ଏବଂ ନରସିଂହପୁର ଅଞ୍ଚଳରେ କିଡ୍‌ନୀ, ହାର୍ଟ ଓ ଡାଇବେଟିସ୍ ରୋଗ ନିରୂପଣ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପରାମର୍ଶ ସହ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ବିଧାୟକ ମିଶ୍ର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା.ବିଭୂତି ଭୂଷଣ ନାୟକ, ଆଠଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟ କୁମାର ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ବିଭାଗ ଉପମୁଖ୍ୟ ଚିକିତ୍ସାଧିକାରୀ ଡା.କଲିମୁଲ୍ଲା ଖାଁ, ମାଣିଆବନ୍ଧ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଡା.ସଙ୍କଳ୍ପ କେଶରୀ ଭୋଳ, ବଡମ୍ବା ଡାକ୍ତରଖାନା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଶ୍ୱନାଥ ଆଢେକ୍ ଓ ବରିଷ୍ଠ ଡାକ୍ତର ଦୋଳଗୋବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳା, ଚିତ୍ରକଳା ପ୍ରଦର୍ଶନୀ

**ସାଲେପୁର,୧୪।୧୧(ଡି.ଏନ୍.ଏ.)**

ସାଲେପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୫ତମ ବିଜ୍ଞାନମେଳା,ଚିତ୍ରକଳା ଓ ପୁଷ୍ପ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାଲେପୁର ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ବିଜ୍ଞାନମେଳା, ଚିତ୍ରକଳା ଓ ପୁଷ୍ପ ପ୍ରଦର୍ଶନୀରେ ବିଚାରକ ଭାବେ ନନ୍ଦିନୀ ବିଦ୍ୟାନିକେତନ ସିଡ଼ୋ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବେଶାରଦ ଅହେମ୍ମଦ ଖାଁ ଏବଂ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରିଥିବା ପ୍ରକଳ୍ପଗୁଡିକୁ ପରିଦର୍ଶନ କରିଥିଲେ।



ଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା: ଗ୍ରାମବାସୀଙ୍କ ତଦନ୍ତ ଦାବି

**ଲଳିତଗିରି, ୧୪।୧୧(ସ୍ୱ.ପ୍ର)**

ମାହାଙ୍ଗା ବ୍ଲକ୍ ସମସରପୁର ପଞ୍ଚାୟତ ଅନ୍ତର୍ଗତ ଭୋଳିଦାସପୁରର ଚକମଧୁପୁର-୨ ଅଙ୍ଗନୱାଡି କେନ୍ଦ୍ରରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ସରକାରଙ୍କ ନିୟମ ଅନୁସାରେ ସକାଳ ୯ଟା ସମୟରେ କେନ୍ଦ୍ର ଖୋଲି ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବାର ନିୟମ ରହିଛି। ମାତ୍ର ଏହି କେନ୍ଦ୍ରରେ ସରକାରୀ ନିୟମକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଅଧିକାଂଶ ସମୟରେ ସକାଳ ୧୦ଟା୩୦ ମିନିଟ ପରେ ଏହି କେନ୍ଦ୍ର ଖୋଲୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଛୋଟ ପିଲାମାନେ ଏଠାକୁ ଆସି ବାହାରେ ବୁଲୁଛନ୍ତି। ଏହାଛଡା ସବୁଦିନ ଏହି କେନ୍ଦ୍ର ଖୋଲାଯାଉ ନ ଥିବା ଜଣାପଡିଛି। ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ଶିଶୁମାନଙ୍କ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଥିବାବେଳେ ଏଠାରେ ନିୟମିତ ରୋଷେଇ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଏହି ଅଙ୍ଗନୱାଡି କେନ୍ଦ୍ରଟି ବିଦ୍ୟାଳୟର ଗୋଟିଏ ଗୃହରେ ଚାଲୁରହିଛି। ତେବେ ସରକାରଙ୍କ ତରଫରୁ କେନ୍ଦ୍ର ପାଇଁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସାମଗ୍ରୀକୁ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ନିଜ ଘରକୁ ନେଇଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି । ଛୋଟ ଛୋଟ ଶିଶୁମାନଙ୍କର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ରରେ ହେଉଥିବା ଅନିୟମିତତା ତଦନ୍ତ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ସେହିପରି ମାହାଙ୍ଗାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ବ୍ୟାପକ ଅନିମିତତା ହେଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ମାହାଙ୍ଗା ବ୍ଲକ୍ ସିଡିପିଓ ବିଜୟଲକ୍ଷ୍ମୀ ପଣ୍ଡା କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ରର ଅନିୟମିତତା ସମ୍ପର୍କରେ ସମ୍ପୃକ୍ତ କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ସାଲେପୁର,୧୪।୧୧(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍‌ର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜନ୍ମ ଜୟନ୍ତୀ ଓ ଶିଶୁ ମହୋତ୍ସବ ବୁଧବାର ପାଳିତ ହୋଇଛି। ସାଲେପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିଶୁ ମହୋତ୍ସବରେ ସାଲେପୁର ବ୍ଲକ୍ ଅଧକ୍ଷା ମମତା ରାଉତ, ବିଡ଼ିଓ ଶିବବ୍ରତ ଘୋଷ, ସିଡିପିଓ ସୁଷମା ମହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଲୁଣାହାର ଅଙ୍ଗନୱାଡି କେନ୍ଦ୍ର ପରିସରରେ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କଟକ ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ମାନସୀ ବସ୍ତିଆ, ଅଙ୍ଗନୱାଡି କର୍ମୀ ସୁଲିପ୍ତା ମହାନ୍ତି ଓ କନକଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁରସ୍ଥିତ ଉତ୍କଳମଣି ଶିଶୁଶିକ୍ଷାମନ୍ଦିର ଓ ସାଲେପୁରସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ ପାଳିତ ହୋଇଯାଇଛି।

**ବାଙ୍କୀ, (ସ୍ୱ.ପ୍ର./ବି.ପ୍ର.)**-ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜୟନ୍ତୀ ଓ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷକ ଗୋପୀମୋହନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଗୋଷ୍ଠୀ ସଂଗୀତ ଗାନ କରାଯାଇଥିଲା। ସେହିପରି ରଘୁନାଥ ଦେବତା ନୋଡାଲ ବିଦ୍ୟାପୀଠରେ ଶିଶୁ ଦିବସ ସମାରୋହ ଓ ବିବିଧ ସାଂସ୍କୃତିକ ମୂର୍ଚ୍ଛନା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ସୁଧାକର ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ସୋମନାଥ ଖଟୁଆ ଏହାକୁ ସଂଯୋଜନା କରିଥିଲେ।

**ନେମାଳ,(ଡି.ଏନ୍.ଏ.)**- ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳନ ଅବସରରେ ଲାଲାବାହାଦୂର ନୋଡାଲ ହାଇସ୍କୁଲ ଓରିକଣ୍ଡରେ ୯୪ ଜଣ ପିଲାମାନଙ୍କୁ ପୋଷାକ ବିତରଣ କରାଯାଇଥିଲା।



ସାଲେପୁରରେ ଆୟୋଜିତ ଶିଶୁ ଦିବସରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରଛାତ୍ରୀ ।

ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ସେହିପରି ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରଯାଇଥିଲା।

**ଟିଗିରିଆ,(ଡି.ଏନ୍.ଏ.)**- ଟିଗିରିଆ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଟିଗିରିଆ ନିଜିଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସଂସ୍ଥାର ଅଧକ୍ଷା ତଥା ଟିଗିରିଆ ବିଚାର ବିଭାଗୀୟ ଅଦାଲତର ବିଚାରପତି ସୌଦାମିନୀ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ଟିଗିରିଆ ଓକିଲ ସଂଘ ସଭାପତି ସରୋଜ କୁମାର ସାହୁ, ଅର୍ଚ୍ଚନା ସିଂହସାମନ୍ତ ଏବଂ ସରକାରୀ ଓକିଲ ମଙ୍ଗଳକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ।

**ଲଳିତଗିରି,(ସ୍ୱ.ପ୍ର.)**- ମାହାଙ୍ଗା ବ୍ଲକ୍ ଜଳେଶ୍ୱରପୁର ଉପ୍ରାମଇ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟତ୍ରୀ ସ୍ନେହଲତା ଦାଶଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଯାଇଛି । ସେହିପରି ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ପଶୁଲୁଣ୍ଡା, ବାଗ୍ମୀ ବିଶ୍ୱନାଥ ବିଦ୍ୟା ନିକେତନ ମୂଳବସନ୍ତ, ଲଳିତଗିରି ଉଚ୍ଚ ବିଦ୍ୟାଳୟ, ଝାଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟ, ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଜଳେଶ୍ୱରପୁର ଓ ପଶୁଲୁଣ୍ଡା ପ୍ରକଳ୍ପ ବିଦ୍ୟାଳୟରେ ଶିଶୁଦିବସ ପାଳିତ ହୋଇଯାଇଛି ।

**ନରସିଂହପୁର,(ସ୍ୱ.ପ୍ର.)**- ନରସିଂହପୁର ବ୍ଲକର ସଦର ମହାକୁମାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ଶିଶୁ ଦିବସ ପାଳନ କରାଯାଇଥିଲା। ସେହିପରି ନିଜିଗଡ ପଞ୍ଚାୟତରେ ଶିଶୁମାନଙ୍କ ବୌଦ୍ଧିକ ବିକାଶକୁ ସମ୍ମାନ ଜଣାଇ 'ଶିଶୁ ପ୍ରତିଭା ସମ୍ମାନ ୨୦୧୮' ଆୟୋଜନ କରାଯାଇଥିଲା। ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜେଲର ତପନ ମିଶ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ କୁଳମଣି ବାରିକ ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ଶିକ୍ଷାବିତ୍ ଦେବାରାଜ ସ୍ୱାଇଁ ଓ ଅଗାଧୁ ନାୟକ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।



ଜଣକ ମୁହଁରୁ ସବୁବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।
- ୱିଲିୟମ ସେକ୍ସପିୟର



## ଆଜି କ'ଣ କେଉଁଠି

କଟକ

- ବାର୍ଷିକ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପନ, ଡିଏଭି ପବ୍ଲିକ ସ୍କୁଲ ପରିସର, ସେକ୍ଟର-୬, ସିଡିଏ, ସକାଳ ୯ଟା।
- ଭାଜପା ବାରବାଟୀ-କଟକ ପକ୍ଷରୁ ଜନ ପରାମର୍ଶ ଯାତ୍ରା, ଝାଞ୍ଜିରିମଙ୍ଗଳା ମନ୍ଦିର, ସକାଳ ୯ଟା ୩୦।
- ତୃତୀୟ ଅଖିଳ ଭାରତ ପୋଲିସ ଜୁଡୋ କ୍ଲଷ୍ଟରର ଉଦ୍‌ଘାଟନୀ ଉତ୍ସବ, ରାଜ୍ୟ ପୋଲିସ ମୁଖ୍ୟାଳୟ ପରେଡ୍ ପଡ଼ିଆ, ବକ୍ସିବଜାର, ପୂର୍ବାହ୍ନ ୧୦ଟା।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୨ତମ ସ୍ମୃତି ଉତ୍ସବ, ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।

## ଜନସମ୍ପର୍କ ପଦଯାତ୍ରା

**କଣ୍ଟାପଡା, ୧୪।୧୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ବାଲିପଡାଠାରୁ ଅନୁଷ୍ଠିତ ପଦଯାତ୍ରାରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲ, କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ଗୋବିନ୍ଦପୁର ପଞ୍ଚାୟତ ସମିତିସଭ୍ୟ ଜ୍ଞାନପୂର୍ଣ୍ଣ ବେହେରା, ପୁଷ୍ପଲତା ଦାସ, ଅନନ୍ତ ବେହେରା, ନକୁଳ ରାଉତ, ପ୍ରଦୀପ୍ତ କାନୁନ୍‌ଗୋ, ବିମାନ ବେହେରାଙ୍କ ସମେତ ବହୁସଂଖ୍ୟାରେ କର୍ମୀ ଯୋଗଦେଇ ୧୧ଟି ଗ୍ରାମ ପରିକ୍ରମା କରିଥିଲେ। ଏହି ସମୟରେ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ପ୍ରଚାରପତ୍ର ବାଣ୍ଟି ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଶିରସୁନ୍ଦରପୁର ସ୍ଥିତ ବାଣେଶ୍ୱର ମହାଦେବ ମନ୍ଦିରପୀଠରେ ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୋବିନ୍ଦପୁରର ପୂର୍ବତନ ସରପଞ୍ଚ ଅକ୍ରୁର ପାତ୍ର, ଗଣେଶ୍ୱର ମହାପାତ୍ର, ଜ୍ୟୋତ୍ସ୍ନାମୟୀ ବେହେରା, ସବିତା ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଜୁ ଯୁବବାହିନୀ ପକ୍ଷରୁ ଦିବ୍ୟାଙ୍ଗ କ୍ରିକେଟ ଖେଳାଳି ରାଜେଶ ମୁଦୁଲିଙ୍କୁ ମୁଁ ହିରୋ ଓ ସ୍ୱଚ୍ଛତା ପାଇଁ ବାଲିପଡା ଗ୍ରାମର ଯୁବଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା।

## ଜନ୍ମନେଲା ସ୍ନେହ ବସନ୍ତ କଳା ନିକେତନ

**କଟକ ଅଫିସ, ୧୪।୧୧:** ଓଡିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ ପ୍ରଯୋଜକ ସ୍ୱର୍ଗତ ବସନ୍ତ ନାୟକଙ୍କ ଜନ୍ମଦିନ ଅବସରରେ ଜନ୍ମ ନେଇଛି ସ୍ନେହ ବସନ୍ତ କଳା ନିକେତନ ଅନୁଷ୍ଠାନ। କଳାକୁ ଭଲ ପାଉଥିବା ରାଜ୍ୟର ପ୍ରତିଟି ଅଞ୍ଚଳରେ ଥିବା ପ୍ରତିଭାଙ୍କୁ ଖୋଜି ବାହାର କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ ବୋଲି ପାଲାମଣ୍ଡପସ୍ଥିତ ବ୍ରଜରାଜ କମ୍ପ୍ଲେକ୍ସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ କହିଛନ୍ତି। ସ୍ୱର୍ଗତ ନାୟକ ତାଙ୍କ ସମୟରେ ବହୁ ପ୍ରତିଭାବାନ କଳାକାରଙ୍କୁ ଓଡିଆ ଚଳଚ୍ଚିତ୍ର ମାଧ୍ୟମରେ ନିଜ ପ୍ରତିଭା ପ୍ରମାଣିତ କରିବାର ସୁଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଅନୁଭବ ମହାନ୍ତି, ଅରିନ୍ଦମ ରାୟ, ବାବୁଶାନ ମହାନ୍ତିଙ୍କ ଭଳି ଅନେକ କଳାକାର ରହିଛନ୍ତି। ଏହି ଅନୁଷ୍ଠାନ ଆଗାମୀ ଦିନରେ ତାହାର ଲକ୍ଷ୍ୟ ପୂରଣ କରିପାରିଲେ ତାହା ସ୍ୱର୍ଗତ ନାୟକଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଇତିଶ୍ରୀ ନାୟକ କହିଛନ୍ତି।

## ୩ ବାଇକ୍ ଜବତ, ୨ ଗିରଫ

**କଟକ ଅଫିସ, ୧୪।୧୧:** ପୃଥକ ବାଇକ ଚୋରି ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ୩ ବାଇକ୍ ଜବତ କରିଛି। ବାଦାମବାଡି ପୋଲିସ ପିଠାପୁର ମୁନ୍‌ଲାଇଟ୍ ଲେନ୍‌ରେ ରହୁଥିବା ନୟାଗଡ ଜିଲା ଓଡଗାଁ ଥାନା ପାହାଡଝୋଲା ଅଞ୍ଚଳର ଦୀପକ ସାହୁଙ୍କୁ ଗିରଫ କରିଛି। ତାଙ୍କଠାରୁ ପୋଲିସ ଏକ ବାଇକ (ଓଡ଼ି ୦୫ ଏଲ୍ ୪୬୪୬) ଜବତ କରିଛି। ସେହିପରି ମଙ୍ଗଳାବାଗ ପୋଲିସ ସ୍ଥାନୀୟ ମ୍ୟୁନସିପାଲିଟି କଲୋନୀ ଥୋରିଆ ସାହି ଅଞ୍ଚଳର ସୁଧୀର ନାୟକଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ଟି ବାଇକ ଜବତ କରିଛି।

## ନିର୍ଯାତନା: ସ୍ୱାମୀ ଗିରଫ

**ଖୁଣ୍ଟୁଣୀ, ୧୪।୧୧(ଡି.ଏନ୍.ଏ.):** ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ତାଙ୍କ ସ୍ୱାମୀଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଆଠଗଡ ଥାନା ଧାଇପୁର ଗ୍ରାମର ପ୍ରଦୀପ କୁମାର ସାହୁ। ପ୍ରଦୀପ ୨୦୧୭ ମାର୍ଚ୍ଚ ୧ରେ ତୋଟାପଡା ଗ୍ରାମର ସୁରେଶ ଜେନାଙ୍କ ଝିଅ ସ୍ୱର୍ଣ୍ଣଶିଖାଙ୍କୁ ବିବାହ କରିଥିଲେ। ୬ ମାସ ପରେ ଶାଶୁଘର ଲୋକେ ଅଧିକ ୫୦ ହଜାର ଟଙ୍କା ଆଣିବାକୁ ସ୍ୱର୍ଣ୍ଣଶିଖାଙ୍କୁ କହିଥିଲେ। ଏଥିରେ ସେ ଅରାଜି ହେବାରୁ ପ୍ରଦୀପ ଓ ଶାଶୁ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଅସହ୍ୟ ହେବାରୁ ସେ ଥାନାରେ ଏତଲା ଦେବା ପରେ ପୋଲିସ କେସ୍ (ନଂ.୬୪/୧୮) ରୁଜୁକରି ପ୍ରଦୀପଙ୍କୁ ଗିରଫ କରିଥିଲା।

## ବାଲିଯାତ୍ରା ପାଇଁ ହେଲ୍‌ଥ ଷ୍ଟାଣ୍ଡିଂ କମିଟି ବୈଠକ

# ସୁସ୍ଥ ପରିବେଶ, ତାଜା ଖାଦ୍ୟ ଉପରେ ଗୁରୁତ୍ୱ

କଟକ ଅଫିସ, ୧୪।୧୧

- ଦୁଇବେଳା ସଫେଇ, ଲୋକଙ୍କୁ ବଣ୍ଟାଯିବ ମାସ୍କ
- ବାସି ଖାଦ୍ୟ ବିକ୍ରି ରୋକିବ ସ୍କ୍ୱାଡ୍
- ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା

ଚଳିତ ବର୍ଷ ବାଲିଯାତ୍ରାକୁ ସମ୍ପୂର୍ଣ୍ଣ ନିଆରା କରିବା ପାଇଁ ସିଏମ୍‌ସି ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ବିଶେଷକରି ବାଲିଯାତ୍ରାର ପ୍ରମୁଖ ସମସ୍ୟା ଧୂଳି ରୋକିବା ପାଇଁ ପୂର୍ବରୁ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଥିବାବେଳେ ଅନ୍ୟ ପ୍ରମୁଖ ସମସ୍ୟା ବାସି ଖାଦ୍ୟ ବିକ୍ରି ବନ୍ଦ ପାଇଁ ଗୁରୁତ୍ୱ ଦିଆଯାଇଛି। ବୁଧବାର ଏନେଇ ସିମ୍‌ଏସି ହେଲ୍‌ଥ ଷ୍ଟାଣ୍ଡିଂ କମିଟିର ବୈଠକ ବସିଥିଲା। ଏହି ବୈଠକରେ ବାଲିଯାତ୍ରା ବୁଲିବାକୁ ଆସୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟକର ପରିବେଶ ଓ ତାଜା ଖାଦ୍ୟ ଯୋଗାଇ ଦେବା ପାଇଁ କେତେକ ନିଷ୍ପତ୍ତି ହୋଇଥିଲା। ପଡିଆକୁ ଦୁଇ ବେଳା ସଫେଇ କରାଯିବ। ସିଏମ୍‌ସିର ସ୍ୱତନ୍ତ୍ର ବ୍ୟବସ୍ଥା ସତ୍ତ୍ୱେ ପ୍ରତି ଦୋକାନୀ ନିଜେ ଡଷ୍ଟବିନ ରଖିବା ବାଧ୍ୟତାମୂଳକ। ବାଲିଯାତ୍ରାରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ଗୁଣବତ୍ତା ଯାଞ୍ଚ କରିବ ସିଏମ୍‌ସି ଫୁଡ୍ ସ୍କ୍ୱାଡ୍। ବାସି ଖାଦ୍ୟ ନଷ୍ଟ କରାଯିବା ସହ ସମ୍ପୃକ୍ତ ଦୋକାନୀଙ୍କଠାରୁ କୈଫିୟତ ତଲବ କରାଯିବ। ଏଥିସହିତ ଖାଦ୍ୟପ୍ରସ୍ତୁତ ହେଉଥିବା ଅଞ୍ଚଳରେ ଫୁଡ୍ ଷ୍ଟଲ୍ ମାଲିକମାନେ ପରିଷ୍କାର ପରିଚ୍ଛନ୍ନତା ରଖିବେ। ଧୂଳିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ମାସ୍କ ମାଗଣାରେ ବଣ୍ଟନ କରାଯିବ। ଲୋକଙ୍କ ପାଇଁ ଆବଶ୍ୟକ ପରିମାଣର ମୋବାଇଲ ଟଏଲେଟ ବ୍ୟବସ୍ଥା ମଧ୍ୟ କରାଯିବ। ବାଲିଯାତ୍ରାକୁ ସମ୍ପୂର୍ଣ ଭାବେ ପଲିଥିନ ମୁକ୍ତ କରିବା ପାଇଁ ହେଲ୍‌ଥ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯିବ। ପଲିଥିନ ବଦଳରେ ପ୍ରତି ଦୋକାନୀମାନଙ୍କୁ ପେପର ବ୍ୟାଗ ରଖିବାକୁ କୁହାଯିବା ସହ ଆବଶ୍ୟକ ସ୍ଥଳେ ସେମାନଙ୍କୁ ପଡିଆରେ ପେପର ବ୍ୟାଗ ଯୋଗଇ ଦିଆଯିବାକୁ ବ୍ୟବସ୍ଥା କରାଯିବ। ଏଥିସହିତ ପଡିଆ ମଧ୍ୟରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଜନସାଧାରଣ ସହଯୋଗ କରିବାକୁ ଡାକବାଜି ଯନ୍ତ୍ର ଜରିଆରେ ନିବେଦନ କରାଯିବ। ପଡିଆ ମଧ୍ୟରେ ପାନୀୟ ଜଳ ପାଇଁ ପିଏଚ୍‌ଡି ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବ। ବିନାନୁମତିରେ ଲାଗିଥିବା ପୋଷ୍ଟର ଓ ହୋର୍ଡିଂକୁ ଉଚ୍ଛେଦ କରାଯିବ। ବାଲିଯାତ୍ରା ସମୟରେ ନଦୀପଠା ଓ ଆଖପାଖ ଅଞ୍ଚଳ ଯେପରି ପ୍ରଦୂଷିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବ ସିଏମ୍‌ସି। ସେହିଭଳି ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ଅସ୍ଥାୟୀ ସ୍ୱାସ୍ଥ୍ୟସେବା କେନ୍ଦ୍ର ଏବଂ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ। ସିଏମ୍‌ସିର ଏକ ସ୍ୱତନ୍ତ୍ର ଟିମ୍ ଏସବୁ କାର୍ଯ୍ୟର ତଦାରଖ କରିବେ ବୋଲି ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ କହିଛନ୍ତି।



ଭାଜପା ପକ୍ଷରୁ ତିନିକୋଣିଆ ବଗିଚାଠାରୁ ବାହାରିଥିବା ଜନପରାମର୍ଶ ପଦଯାତ୍ରା।

## ଭାଜପାର ଜନପରାମର୍ଶ ପଦଯାତ୍ରା

କଟକ ଅଫିସ, ୧୪।୧୧

କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀରେ ବୁଧବାର ଜନପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ସକାଳ ୯ଟାରୁ ତିନିକୋଣିଆ ବଗିଚାଠାରୁ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ପଦଯାତ୍ରାରେ ସାମିଲ୍ ଭାଜପା ନେତା ଓ କର୍ମୀ ରାଜ୍ୟ ସରକାରଙ୍କ ଅପାରଗତା କିଭଳି ପ୍ରଗତିରେ ବାଧକ ସାଜୁଛି ସେ ସମ୍ପର୍କରେ ସାଧାରଣ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ସମେତ ଭାଜପା କର୍ମୀଙ୍କୁ ବିଭିନ୍ନ ସ୍ଥାନରେ ଲୋକେ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ପ୍ରତି ଲୋକେ ବେଶ୍ ଆକର୍ଷିତ ହେବା ସହ ଉତ୍ସାହିତ ଜଣାପଡୁଥିବାରୁ ସେମାନେ ନିଶ୍ଚିତ କିଛି ପରିବର୍ତ୍ତନ ଚାହୁଁଛନ୍ତି ବୋଲି ସମୀର ଦେ କହିଛନ୍ତି।




ବିଶ୍ୱ ମଧୁମେୟ ଦିବସ ପାଳନ ଅବସରରେ ବୁଧବାର କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନ ନିକଟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ପୂର୍ବ ଶତ୍ରୁତାରୁ ଘରକୁ ବୋମାମାଡ

ନିଆଳି, ୧୪।୧୧(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଆଳି ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ନବଘନ ସାହୁଙ୍କ ଘର ଉପରକୁ ମଙ୍ଗଳବାର ବିଳମ୍ବିତ ରାତିରେ ବୋମାମାଡ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ବୁଧବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମାରେ ବ୍ୟବହୃତ ସୁତୁଲି, ଗୋଡି ଓ ଏକ ଅଫୁଟା ବୋମାକୁ ଜବତ କରିଛି। ଏହି ବୋମାମାଡରେ କାହାରି କ୍ଷତି ହୋଇ ନ ଥିବା ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୯୨/୧୮) ରୁଜୁ ହୋଇଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନବଘନ ଓ ଉକ୍ତ ଗ୍ରାମର ବେଣୁଧର ଜେନା, ଦିଲୀପ ଜେନା, ତାପସ ଜେନାଙ୍କ ମଧ୍ୟରେ ଗତ ୭ ତାରିଖରେ ଗଣ୍ଡଗୋଳ ହୋଇଥିଲା। ପରେ ନବଘନଙ୍କ ଝିଅ ଯାଉଥିବାବେଳେ ଦିଲୀପ ଟ୍ରାକ୍ଟର ଚଢାଇ ଦେବାରୁ ତାଙ୍କ ଗୋଡ ଭାଙ୍ଗି ଯାଇଥିଲା। ଏ ନେଇ ନବଘନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଉକ୍ତ ଟ୍ରାକ୍ଟରକୁ ଜବତ କରିଥିଲା। ଏହା ପରେ ଥାନାରୁ କେସ୍ ଉଠାଇ ନେବାକୁ ଦିଲୀପ ନବଘନଙ୍କୁ କହିବା ସହ ଏହା ନ କଲେ ତାଙ୍କ ପରିବାର ଲୋକଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ ମଙ୍ଗଳବାର ରାତିରେ ନବଘନଙ୍କ ଘର ଉପରକୁ ତିନୋଟି ବୋମା ମାଡ କରାଯାଇଥିଲା। ଏଥିରେ ତାଙ୍କ ଘରର କାନ୍ଥରେ ବାଜି ଦୁଇଟି ବୋମା ଫୁଟିଥିଲା। ତେଣୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାମାଡ ହୋଇଥିବା ନବଘନ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ନିଆଳି ଥାନା ଆଇଆଇସି ଦାୟିତ୍ୱରେ ଥିବା ଅନାମ ଚରଣ ନାୟକ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ଛାତ୍ରୀଙ୍କୁ ଅସଦାଚରଣ ଘଟଣା: ଶିକ୍ଷକ ନିଲମ୍ବିତ

ନିଆଳି, ୧୪।୧୧(ଡି.ଏନ୍.ଏ.)

ନିଆଳି ବ୍ଲକ ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିଲା। ଏହି ଘଟଣାରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ମଲିକ୍ ୟାକୁବ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ସୁରମା ମହାପାତ୍ର କହିଛନ୍ତି। ମଲିକ ୟାକୁବ୍ ଗତ ୧୨ ତାରିଖରେ ଜନୈକା ଛାତ୍ରୀଙ୍କୁ ବିଦ୍ୟାଳୟର ଏକ ଶ୍ରେଣୀଗୃହରେ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀ ତାଙ୍କ ମା, ବାପାଙ୍କୁ ଜଣାଇଥିଲେ। ପରେ ଏ ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରାଯିବାରୁ ସେ ଏହାକୁ ସ୍ୱୀକାର କରିଥିଲେ। ଏହି ଘଟଣାରେ ମଲିକ୍ ୟାକୁବ୍‌ଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିଲା। ପରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୁରମା ଚିଠି ନଂ. ୧୪୨୮ରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି।

# ଗୀତିଧାରାର ଏକ ସମୃଦ୍ଧ ପରମ୍ପରା ରହିଛି

କଟକ ଅଫିସ, ୧୪।୧୧

**୫ ଗୀତିକବିତା ପୁସ୍ତକ ଉନ୍ମୋଚନ**

ଏ ମାଟିରେ ଗୀତିଧାରାର ଏକ ସମୃଦ୍ଧ ପରମ୍ପରା ରହିଛି। ଉକ୍ତ ପରମ୍ପରାକୁ ଆଗକୁ ବଢ଼ାଇବା ଦରକାର। ଆଉ ଏ କ୍ଷେତ୍ରରେ 'ଓଡ଼ିଆ ଗୀତିକବିତା ସମାଜ' ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି। ଓଡ଼ିଆ ଗୀତିକବିମାନେ ଏ କ୍ଷେତ୍ରରେ ନିରନ୍ତର ଯୋଗଦାନ କରିଚାଲିଛନ୍ତି। ସ୍ମୃତି, ପ୍ରୀତି, ବିରହ, ସ୍ୱପ୍ନ, ଆବେଗ ଓ ଅନୁରାଗରେ ପଖଳା ଗୀତିକବିତା ଜୀବନକୁ ସ୍ପନ୍ଦିତ କରିଆସିଛି ବୋଲି ଓଡ଼ିଆ ଗୀତିକବି ସମାଜ ପକ୍ଷରୁ ଆୟୋଜିତ ଗୀତିକବିତା ପୁସ୍ତକ ଉନ୍ମୋଚନରେ ବକ୍ତାମାନେ କହିଛନ୍ତି। ବୁଧବାର ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଆ ଗୀତିକବି ସମାଜର ସଭାପତି ଗୌରହରି ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କବି ହୁସେନ୍ ରବି ଗାନ୍ଧୀ ଗୀତିକବିତାର ସମୃଦ୍ଧ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୫ଟି ଗୀତିକବିତା ପୁସ୍ତକର ଉନ୍ମୋଚନ ଓ ସମୀକ୍ଷା କରାଯାଇଥିଲା। ବର୍ଷୀୟାନ ଗୀତିକବି ଗୌର ପଟ୍ଟନାୟକଙ୍କ ଲିଖିତ ପୁସ୍ତକ 'ପ୍ରଜାପତିର ଗୀତି'କୁ ସମୀକ୍ଷା କରି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଥିଲେ, ପଟ୍ଟନାୟକଙ୍କ ଗୀତିକବିତାରେ ରହିଛି ପ୍ରଜାପତି ସୌନ୍ଦର୍ଯ୍ୟର ମାଧୁର୍ଯ୍ୟ ଓ ହୃଦୟର ଗୁଞ୍ଜନ। ହଂସନାଥ ମୁଦୁଲିଙ୍କ ପୁସ୍ତକ 'ମନ ପ୍ରଜାପତି ଉଡ଼େ ପ୍ରୀତିଫୁଲେ' ସମୀକ୍ଷା କରି ଡ. ସୁନୀତି ଦେବୀ କହିଥିଲେ, ମୁଦୁଲିଙ୍କ ଗୀତିକବିତାରେ ପ୍ରକୃତିର ରୂପଚିତ୍ର ଓ ପ୍ରୀତିପ୍ରଣୟର ଚମତ୍କାର ଛବି ରହିଛି। ଡ. ଲିଙ୍ଗରାଜ ରଥ ପୀତାମ୍ବର ମିଶ୍ରଙ୍କ 'ଗୀତି ଅଞ୍ଜଳି'ର ସମୀକ୍ଷା କରି ଏଥିରେ ସ୍ଥାନିତ ଗୀତିକବିତା ହେଉଛି ଭକ୍ତିପ୍ରାଣ ହୃଦୟର ଅଭିବ୍ୟକ୍ତି ବୋଲି କହିଥିଲେ। ପ୍ରଶାନ୍ତ କୁମାର ସାମଲଙ୍କ 'ରାଗ ଅନୁରାଗ' କବିତା ସଂକଳନରେ ଗୀତିକବିତାର ମାଧୁର୍ଯ୍ୟ ସହ ଏହାର ଗାନ ଶୈଳୀ ସମ୍ପର୍କରେ ସୂଚନା ରହିଛି ବୋଲି ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ କହିଥିଲେ। ପ୍ରେମଚାନ୍ଦ ମହାନ୍ତିଙ୍କ କେହି ଜଣେ ଆସିବ ପୁସ୍ତକ ସମୀକ୍ଷା କରି ପ୍ରସନ୍ନ କୁମାର ସ୍ୱାଇଁ କହିଥିଲେ, ମହାନ୍ତିଙ୍କ କବିତା ପ୍ରେମ ପ୍ରଣୟ ଓ ଜୀବନଧର୍ମୀ ଛବିରେ ମର୍ମସ୍ପର୍ଶୀ। ଅନୁଷ୍ଠାନର ସମ୍ପାଦକ ମନୋଜ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ସନ୍ଧ୍ୟାରାଣୀ ମିତ୍ର ଧନ୍ୟବାଦ ଦେଇଥିଲେ।

# ଗୋଚର ଜମିରେ ରାସ୍ତା ପ୍ରଶସ୍ତୀକରଣକୁ ବିରୋଧ

ଟାଙ୍ଗୀ(କଟକ)୧୪।୧୧(ଡି.ଏନ୍.ଏ)

ଟାଙ୍ଗୀ-ଚୌଦ୍ୱାର ତହସିଲ ଅଧୀନ ଚିନ୍ତାମଣିପୁର ମୌଜାରେ ଥିବା ଗୋଚର ଜମିରେ ରାସ୍ତା ପ୍ରଶସ୍ତୀକରଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସମ୍ପୃକ୍ତ ଠିକାଦାର ଦୁଇଦିନ କାର୍ଯ୍ୟ ବନ୍ଦରଖିବା ପରେ ବୁଧବାର ପୋଲିସ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ମାର୍ଗଦର୍ଶିକା ଉଲ୍ଲଂଘନ ଦର୍ଶାଇ ଗ୍ରାମବାସୀ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ୱାର୍ଡସଭ୍ୟ ତଥା ନାଏବ ସରପଞ୍ଚ ଧ୍ରୁବ ଚରଣ ସାହାଣୀ କହିଛନ୍ତି। ଶିଳ୍ପ ବିକାଶକୁ ଦୃଷ୍ଟିରେ ରଖି ଟାଙ୍ଗୀ-ହରିପୁର ରାସ୍ତାର ଭଗତପୁର ଛକରୁ ମଣିଆ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ଘରୋଇ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରି କେତେକ ଜମି ମାଲିକ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବାରୁ କେବଳ ସରକାରୀ ଜମିଥିବା ଚିନ୍ତାମଣିପୁର ମୌଜାରେ ରାସ୍ତାକାମ ଆରମ୍ଭ ହୋଇଛି। ମାତ୍ର ଉକ୍ତ ସରକାରୀ ଜମି ଗୋଚର କିସମ ହୋଇଥିବାରୁ ଗ୍ରାମବାସୀ ଆପତ୍ତି ଉଠାଇଛନ୍ତି। କାରଖାନାଗୁଡିକର ସ୍ୱାର୍ଥରକ୍ଷା ନିମନ୍ତେ ଉକ୍ତ ରାସ୍ତା ପ୍ରଶସ୍ତୀକରଣ କରାଯାଉଥିବାବେଳେ ସରକାରୀ ନିୟମ ତଥା ଗ୍ରାମବାସୀଙ୍କ ସ୍ୱାର୍ଥ ବଳିପଡିଥିବା ସୂଚନା ଅଧିକାର କର୍ମୀ ସ୍ୱଦେଶ ରଞ୍ଜନ ତ୍ରିପାଠୀ କହିଛନ୍ତି।



କଟକ ମିଶନ ରୋଡ୍‌ସ୍ଥିତ ନ୍ୟୁଷ୍ଟିୱାର୍ଟ ସ୍କୁଲରେ ଶିଶୁଦିବସ ପାଳନ ଅବସରରେ ବୁଧବାର ବିଭିନ୍ନ ବେଶରେ ଶିଶୁମାନେ।

## ମାହାଙ୍ଗାରେ ଲୋକଙ୍କଠାରୁ ପରାମର୍ଶ ନେବ ଭାଜପା

**କଟକ ଅଫିସ, ୧୪।୧୧:** ରାଜ୍ୟରେ ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ଚ୍ୟାଲେଞ୍ଜ ଦେବାକୁ ଭାଜପା ପକ୍ଷରୁ ଆରମ୍ଭ ହୋଇଛି ଜନପରାମର୍ଶ ପଦଯାତ୍ରା। ଏହି ପରିପ୍ରେକ୍ଷୀରେ ମାହାଙ୍ଗା ଭାଜପା ପକ୍ଷରୁ ଆସନ୍ତା ୧୬ ତାରିଖରୁ ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହେବ। ଭାଜପା ନେତା ସାରଦା ପ୍ରଧାନଙ୍କ ନେତୃତ୍ୱରେ କଇଥା ପଞ୍ଚାୟତର ବଉଳା ମଠରୁ ପଦଯାତ୍ରା ଶୁଭାରମ୍ଭ ହୋଇ ଡିସେମ୍ବର ୧୨ରେ ପୋଡାମରାଇ ମଠରେ ଶେଷ ହେବ। ମାହାଙ୍ଗାର ୬୪ଟି ପଞ୍ଚାୟତ ଅଧୀନରେ ଥିବା ମୋଟ ୯୦୫ଟି ୱାର୍ଡକୁ ଏହି ପଦଯାତ୍ରା ଯିବ। ଦଳୀୟ ନେତା ଓ କର୍ମୀମାନେ ଦୈନିକ ୨୫ କିଲୋମିଟର ଚାଲି ଚାଲି ସରକାରଙ୍କ ଅପାରଗତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସେମାନଙ୍କଠାରୁ ପରାମର୍ଶ ଗ୍ରହଣ କରିବେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଓଡ଼ିଶାର ଉନ୍ନତି ପାଇଁ ଅନେକ ଜନହିତକର ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ତଳ ସ୍ତରରେ ବିଜେଡି ସରକାର ଉକ୍ତ ଯୋଜନାକୁ ହଡ଼ପ କରୁଛି। ତେଣୁ ଏ ସମ୍ପର୍କରେ ଲୋକେ ଯାହା ପରାମର୍ଶ ଦେବେ ସେହି ଅନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ଗତ ସାଧାରଣ ନିର୍ବାଚନରେ ପ୍ରଧାନ ମାହାଙ୍ଗାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ୬୦ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଭାଜପାରେ ଯୋଗ ଦେଇଥିଲେ। ପ୍ରଧାନଙ୍କ ଜନସମ୍ପର୍କ ଯାତ୍ରା ସମ୍ପର୍କରେ ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ପଚାରିବାରୁ ସେ କହିଲେ, ପ୍ରତ୍ୟେକ ରାଜନୈତିକ ଦଳ ତାଙ୍କର ରାଜନୈତିକ କାର୍ଯ୍ୟକ୍ରମ କରିପାରିବେ। ତେବେ ମାହାଙ୍ଗା ବିଜେଡିର ଅଭେଦ୍ୟ ଦୁର୍ଗ ଥିଲା, ଅଛି ଆଉ ଆଗକୁ ମଧ୍ୟ ରହିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

# ବସ୍ତି ବିକାଶର ଚିତ୍ର ଦେଖାଇଲେ ଛାତ୍ରୀଛାତ୍ର

କଟକ ଅଫିସ/ ଫୁଲନଖରା/ ଚୌଦ୍ୱାର/ଖୁଣ୍ଟୁଣୀ, ୧୪।୧୧(ଡି.ଏନ୍.ଏ.)

ହମାରା ବଚ୍‌ପନ୍ ପକ୍ଷରୁ ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କ୍ଲବ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। କଟକରେ ଥିବା ପ୍ରାୟ ୪୦ ବସ୍ତିରୁ ୩୦୦ରୁ ଉର୍ଦ୍ଧ୍ୱ ପିଲା ଅଭିଭାବକଙ୍କ ସହିତ ଏହି ଦିବସକୁ ଧୁମ୍‌ଧାମରେ ପାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ଡେପୁଟି କମିଶନର ଶ୍ୟାମ ସୁନ୍ଦର ସେଠୀ, ଡିସିପି ଅଖିଳେଶ୍ୱର ସିଂ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସେମାନଙ୍କ ବସ୍ତିରେ ରହୁଥିବା ଅସୁବିଧା ଏବଂ ଏହାର ସମାଧାନ ଉପରେ ଚିତ୍ରାଙ୍କନ କରିଥିବା ଫଟୋଚିତ୍ର ପ୍ରଦର୍ଶନ କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା, ଗମନାଗମନ, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଛାତ୍ରୀଛାତ୍ରମାନେ ଜିଲାପାଳ ଏବଂ ଅନ୍ୟ ଅତିଥିମାନଙ୍କ ସହ ଆଲୋଚନା କରିଥିଲେ।

ବିଡାନାସୀସ୍ଥିତ କୌଶଳ କେନ୍ଦ୍ରଠାରେ ବୁଧବାର ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ର ପ୍ରଶିକ୍ଷକଙ୍କ ସମେତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥି ଭାବେ ଚପଳା ପତି ଯୋଗଦେଇ ବର୍ତ୍ତମାନ ସମାଜରେ ଶିଶୁମାନଙ୍କୁ ସୁରକ୍ଷା ଏବଂ ସ୍ନେହର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ସମାଜରେ ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବା ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ଅନ୍ୟ ଅତିଥିମାନେ କହିଥିଲେ। ଅନୁଷ୍ଠାନର ପରିଚାଳକ ତପନ କୁମାର ସେନାପତି ଏଥିରେ ସଭାପତିତ୍ୱ କରିଥିଲେ।

**ବିଭିନ୍ନ ସ୍ଥାନରେ ଶିଶୁ ଦିବସ**

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଓ ଶିଶୁଦିବସ ବୁଧବାର ଫୁଲନଖରା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ପାଳନ କରାଯାଇଛି। ସକାଳେ ଲକ୍ଷେଶ୍ୱର ନୋଡାଲ ହାଇସ୍କୁଲ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାସୋଳ ଉନ୍ନୀତ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ପୁରୁଣା କାଚରାମାଳସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ଓ ସାଇ ପବ୍ଲିକ ସ୍କୁଲରେ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କେତେକ ସ୍ଥାନରେ ଆୟୋଜିତ କୌତୁକ ପୋଷାକ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ।

ଚୌଦ୍ୱାରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁଦିବସ ପାଳିତ ହୋଇଛି। ଗାନ୍ଧୀଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଦିଗମ୍ବର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ମାତାପିତା ଯୋଗଦେଇ ଥିଲେ। କଖଡି ନୋଡାଲ ହାଇସ୍କୁଲ ପରିସରରେ ଶିଶୁ ମହୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ପରିଡା ଓ ବିଭୂତି ଭୂଷଣ ଶତପଥୀ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଶିବ ପ୍ରସାଦ ପତି ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

ସେହିପରି କଖଡି ହାଇସ୍କୁଲ ପରିସରରେ ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଛି। କଖଡି ଗ୍ରାମ୍ୟ କମିଟି ସଭାପତି ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚନ୍ଦ୍ରଶେଖର ପରିଡା, ରଞ୍ଜନ ମୁଦୁଲି, ଭୀମସେନ ବେହେରା, ଶ୍ରୀକାନ୍ତ ବେହେରା, ଦାଶରଥି ବେହେରା, ସାଧୁଚରଣ ବେହେରା ଓ ଉଦୟନାଥ ଚୌଧୁରୀ ପ୍ରମୁଖ ଯୋଗଦେଇ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।

- ୱିଲିୟମ ସେକ୍ସପିୟର



## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ବାଲୁଗାଁ,୧୪।୧୧(ଡ଼ି.ଏନ.ଏ.):** ବାଲୁଗାଁ ଥାନା ଅଧୀନ ଚିଲିକା କୂଳ ନିକଟ ସନ୍ୟାସୀ ନଗର ବଙ୍ଗୀୟ ବସ୍ତିର ଜଣେ ବ୍ୟକ୍ତିଙ୍କ ଘର ପଛପାର୍ଶ୍ୱ ସଜନା ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଅଚିହ୍ନା ଯୁବକଙ୍କ ମୃତ ଦେହ ବୁଧବାର ବାଲୁଗାଁ ପୋଲିସ ଉଦ୍ଧାର କରିଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କ ବୟସ ପ୍ରାୟ ୨୦ରୁ ୨୨ବର୍ଷ ହେବ। ସକାଳେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖି ବାଲୁଗାଁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବକ ଜଣକଙ୍କ ଦେହରେ ସାର୍ଟ ନଥିବାବେଳେ ଏକ ନୀଳ ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିଲେ ଓ ଏକ ଧଳା ରଙ୍ଗର ସାର୍ଟ ଦ୍ୱାରା ବେକରେ ଫାଶ ଦେଇଥିଲେ। ପ୍ରାଥମିକ ତଦନ୍ତରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ପୋଲିସ ଏନେଇ ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ସେଣ୍ଟ ଜାଭିୟର୍ ସ୍କୁଲର ବାର୍ଷିକ ଉତ୍ସବ

**ବୋଲଗଡ଼,୧୪।୧୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ଠଣାପଲ୍ଲୀସ୍ଥିତ ସେଣ୍ଟ ଜାଭିୟର୍ ସ୍କୁଲ ପରିସରରେ ବୁଧବାର ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ରତ୍ନାକର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସଚିବ ଦେବରାଜ ସେନାପତି ଓ ମୁଖ୍ୟବକ୍ତା ଭାବେ କଂଗ୍ରେସର ମିଡିଆ ସେଲ୍ ଅଧକ୍ଷ ସତ୍ୟପ୍ରକାଶ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଧର୍ମୁଧର ଜୁଝାରସିଂ, ସାମାଜିକ କର୍ମୀ ମାଧବ ଦାସ, ସମରେନ୍ଦ୍ର ବଳିୟାରସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧକ୍ଷ ସୂର୍ଯ୍ୟକାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ।

### ସାଂଗଠନିକ ବୈଠକ

**ବୋଲଗଡ଼,୧୪।୧୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ଡାବରଧୁଆସ୍ଥିତ ମା' ଭୈରବୀ ପୀଠ ନିକଟରେ ବୁଧବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। 'ଆମ ଗାଁ ପୁଅ ଆମ ସଂଗଠନ' ଶୀର୍ଷକ ଏହି ବୈଠକ ଯୁବନେତା କୃଷ୍ଣଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଆୟୋଜିତ ହୋଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଆୟୋଜିତ ଏହି ବୈଠକରେ ବହୁ ଯୁବକ ସାମିଲ ଥିଲେ।

### ପୁସ୍ତକ ମେଳା ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୧୪।୧୧:** ଖୋର୍ଦ୍ଧା ସହରର ଗୀତା ଭବନ ସମ୍ମୁଖ ପଡିଆରେ ଚାଲୁ ରହିଥିବା ସପ୍ତମ ବାର୍ଷିକ ଖୋର୍ଦ୍ଧା ପୁସ୍ତକମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ଅଧାପକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍ ପ୍ରମୋଦ ଦାଶ, ପୂର୍ବତନ ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଶକ୍ତି ଶଙ୍କର ମିଶ୍ର, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଚିତ୍ରାଙ୍କନ, କବିତା ଲିଖନ, ତର୍କ, ସୁନ୍ଦର ହସ୍ତାକ୍ଷର, ଗଳ୍ପ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କବି ରମେଶ ମଙ୍ଗରାଜ, ଅଧାପକ ମିଥୁନ୍ ଚନ୍ଦ୍ର ଦେବ ଓ ପ୍ରଦୀପ ମିଶ୍ର, ଗ୍ରାମ୍ୟ ଇତିହାସ ପୁସ୍ତକର ଲେଖକ ପଙ୍କଜ ସାହୁ ଓ କବି ପଦ୍ମଜ ପାଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆବାହକ ନରେନ୍ଦ୍ର ପୃଷ୍ଟି ସମ୍ପାଦକୀୟ ବିବରଣୀ ପଠନ କରିଥିବାବେଳେ ସଞ୍ଜୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ପାଗଳ କୁକୁର ଆକ୍ରମଣ: ୫ ଆହତ

**କୃଷ୍ଣପ୍ରସାଦ,୧୪।୧୧(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ା ଗାଁରେ ପାଗଳ କୁକୁର ଆତଙ୍କ ଖେଳିଯାଇଛି। ମଙ୍ଗଳବାର ଠାରୁ ପାଗଳ ମାଈ କୁକୁରଟି ରାସ୍ତାରେ ଯାହାକୁ ଦେଖୁଛି କାମୁଡ଼ି ଦେଉଛି। କେଉଟ ସାହିର ହରିହର ଦାସ ଏବଂ ନଟାସାହିର ଦାଶରଥି ପରିଡ଼ାଙ୍କ ଗୋଡ଼କୁ କାମୁଡ଼ି ଗୁରୁତର କରିଥିବା ଜଣାପଡିଛି। ସେମାନେ ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ଗାଁ ଦାଣ୍ଡରେ ଖେଳୁଥିବା ୩ ଜଣ ଶିଶୁଙ୍କୁ ମଧ କାମୁଡ଼ି ଦେଇଛି। ଭୟରେ ପିଲାମାନେ ବିଦ୍ୟାଳୟ ଯାଇନଥିବା ଜଣାଯାଇଛି।

# ମାତୃ ଓ ଶିଶୁ ଚିକିତ୍ସାଳୟରେ ମିଳୁନି ସେବା

**ଖୋର୍ଦ୍ଧା ଅଫିସ,୧୪।୧୧**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତୃ ଓ ଶିଶୁଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ଲାଗି ଖୋଲିଥିବା ଚିକିତ୍ସାଳୟରେ ସେବା ଠିକ୍ ଭାବେ ମିଳୁ ନ ଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଏଠାରେ ଲିଫ୍ଟ ମ୍ୟାନ, ସିକ୍ୟୁରିଟି ଗାର୍ଡ ଡ୍ୟୁଟି ନ କରି ଦରମା ନେଉଥିବା ଅଭିଯୋଗ ରହିଛି। ଡାକ୍ତର ଓ ରୋଗୀ ଖୋଜିଲା ବେଳକୁ ଆଟେଣ୍ଡାଣ୍ଟ ରହୁ ନ ଥିବାରୁ ରୋଗୀ ହଇରାଣ ହେଉଥିବା ଅଭିଯୋଗ ହେଉଛି। ମାତୃ ଓ ଶିଶୁ ଚିକିତ୍ସାଳୟର ୫ମ ମହଲାରେ କୁକୁର ମଳ ଓ ଆବର୍ଜନାର ଗନ୍ଧ ପରିବେଶକୁ ପ୍ରଦୂଷିତ କରୁଛି। ଏହି ଚିକିତ୍ସାଳୟ ପରିସର ଭିତର ଅପରିଷ୍କାର ହୋଇ ରହିଥିଲେ ମଧ ସଫେଇ ହେଉନାହିଁ।

ଚିକିତ୍ସାଳୟର ୫ମ ମହଲା କେତେଗୋଟି କୁକୁରଙ୍କ ଆଡ୍ଡାସ୍ଥଳ ପାଲଟିଛି। ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ରୋଗିଣା କୁକୁର ସବୁବେଳେ ଏକ ରୁମରେ ପଡି ରହିଥିବାବେଳେ କୁକୁରମାନେ ମଳ ତ୍ୟାଗ କରୁଛନ୍ତି। ପୁଣି ୫ମ ମହଲାର ବିଭିନ୍ନସ୍ଥାନରେ ଅଳିଆ ଆବର୍ଜନା ଜମା କରି ରଖାଯାଇଛି। କୁକୁର ମଳ ୨, ୩ୟ ଓ ୪ର୍ଥ ମହଲାରେ ପଡିଛି। ୨, ୩ୟ, ୪ର୍ଥ ଓ ୫ ମହଲାରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଲୁଗା ଦିନତମାମ ଶୁଖୁଛି। ଚିକିତ୍ସାଳୟର ପରିସର ପାନ ଛେପରେ ଅପରିଷ୍କାର ହୋଇରହିଛି। ଏପରି କି ଭିତରେ ମଦ୍ୟପ ଓ ଗଞ୍ଜେଇମାନଙ୍କର ଆଡ୍ଡାସ୍ଥଳ ପାଲଟିଛି। ତେବେ ଚିକିତ୍ସାଳୟ ପରିସରରେ ମାଦକ ଦ୍ରବ୍ୟ ଖାଇଲେ, କାନ୍ଥକୁ ଅପରିଷ୍କାର କଲେ, ପାନପିକ ପକାଇଲେ ୫୦୦ ଟଙ୍କା ଜରିମାନା ଦେବାକୁ ପଡିବ ବୋଲି କେବଳ କାନ୍ଥରେ ଲେଖା ଯାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ କେହି ନାହାନ୍ତି। ଲିଫ୍ଟ ରହିଛି, ହେଲେ ଏହାର ପରିଚାଳନା ପାଇଁ ଲିଫ୍ଟମ୍ୟାନଙ୍କୁ କେବେ ବି ଦେଖିବାକୁ ମିଳୁନି। ଆଟେଣ୍ଡାଣ୍ଟ ଆସୁଛନ୍ତି। ହେଲେ ନିଜ କାର୍ଯ୍ୟରେ ବ୍ୟସ୍ତ। କାହାରିକୁ ଖୋଜିଲେ ମିଳନ୍ତି ନାହିଁ। ବିଭିନ୍ନ ସମୟରେ ଡାକ୍ତର ବିରକ୍ତି ହେଉଥିବା କେତେଜଣ ରୋଗୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏଠାରେ ନିୟୋଜିତ ସିକ୍ୟୁରିଟି ଗାର୍ଡ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଯାଇ ହସଖୁସିରେ ସମୟ କଟାଉଥିବା କେତେଜଣ ରୋଗୀ ଅଭିଯୋଗ ଆଣିଛନ୍ତି। ସେହିଭଳି ଚିକିତ୍ସାଳୟ ପରିସର, ରୋଗୀ ରହୁଥିବା ସ୍ଥାନ ସପ୍ତାହକୁ ଥରେ ଫିନାଇଲ ପଡୁ ନ ଥିବା ଅନୁରୂପ ଅଭିଯୋଗ ରହିଛି। ବିଭିନ୍ନ ପ୍ରକାରର ଅଭିଯୋଗ ମିଳିବା ପରେ ଖବରର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ୫ ଦିନ ଧରି 'ଧରିତ୍ରୀ' ପକ୍ଷରୁ ଯାଞ୍ଚ କରାଯାଇଥିଲା। ହେଲେ ଅଭିଯୋଗର ସତ୍ୟତା ଥିବା ପ୍ରମାଣ ମିଳିଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାରତ ଭୂଷଣ ବରାଳ କୁହନ୍ତି, ଗଣମାଧ୍ୟମରୁ ଅଭିଯୋଗ ପାଇ ଘଟଣାର ସେ ନିଜେ ଯାଞ୍ଚ କରିଥିଲେ। କିଛି ଅବ୍ୟବସ୍ଥା ନଜରକୁ ଆସିଛି। ଗୁରୁବାର ଏହାର ସମାଧାନ କରାଯିବାକୁ ସେ ଏଡିଏମଓ(ମେଡିକାଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ କିଛି ଅଭିଯୋଗକୁ ସେ ନିଜେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।



ମାତୃ ଓ ଶିଶୁ ଚିକିତ୍ସାଳୟରେ ଲୁଗା ଶୁଖାଯାଇଛି।


ଚିକିତ୍ସାଳୟରେ କୁକୁର।

**ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ**

- ଲିଫ୍ଟ ମ୍ୟାନ, ସିକ୍ୟୁରିଟି ଗାର୍ଡ ଡ୍ୟୁଟି ନ କରି ନେଉଛନ୍ତି ଦରମା
- ଡାକ୍ତର ଖୋଜିଲା ବେଳକୁ ରହୁ ନାହାନ୍ତି ଆଟେଣ୍ଡାଣ୍ଟ
- ୫ମ ମହଲାରେ କୁକୁର ମଳ ଓ ଆବର୍ଜନାର ଗନ୍ଧ

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ

**ଖୋର୍ଦ୍ଧା ଅଫିସ, ୧୪।୧୧**

ପୋଷ୍ୟ ସନ୍ତାନ ଗ୍ରହଣ ସପ୍ତାହ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୨୦ରେ ଉଦ୍‌ଯାପିତ ହେବ। ଏହାର ସଚେତନତା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହାକୁ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲାର ପ୍ରତି ବ୍ଲକ ଅଞ୍ଚଳ ପରିକ୍ରମା କରି ପୋଷ୍ୟ ସନ୍ତାନ ଗ୍ରହଣ, ନିୟମ ବହିର୍ଭୂତ ପୋଷ୍ୟ ସନ୍ତାନ ଗ୍ରହଣରେ ଦଣ୍ଡବିଧାନ ତଥା ବାଲ୍ୟ ବିବାହ ଉପରେ ସଚେତନତା ସୃଷ୍ଟି କରିବ। ଅନ୍ୟପକ୍ଷେ ଲୋକକଳା ଧୁଡୁକି ନାଚ ମାଧ୍ୟମରେ ମଧ ଅନୁରୂପ ସଚେତନା ସୃଷ୍ଟି କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ପିଡି ଡିଆରଡିଏ ସରୋଜ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ୍ ମିଶ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ।


ଜିଲାପାଳ ପୋଷ୍ୟ ସନ୍ତାନ ରଥକୁ ଶୁଭାରମ୍ଭ କରୁଛନ୍ତି।

### ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ
## ବିଡାନାସୀ କ୍ଲବ ସେମିଫାଇନାଲକୁ ଉନ୍ନୀତ

**ଯାଁଳା, ୧୪।୧୧ (ଡି.ଏନ.ଏ.)**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ରାଧାଚରଣପୁର ସ୍କୁଲ ଖେଳପଡିଆରେ ଅନ୍ତିମ ଲିଗ୍ ମ୍ୟାଚ ବୁଧବାର ଖୋର୍ଦ୍ଧା ଶବର କ୍ଲବ ସହିତ ବିଡାନାସୀ କ୍ଲବ କଟକ ମଧ୍ୟରେ ହୋଇଥିଲା। ଏଥିରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇ ବେକର ଦ୍ୱାରା ବିଡାନାସୀ କ୍ଲବ ୪ଟି ଗୋଲ କରିଥିବାବେଳେ ଶବର କ୍ଲବ ୨ଟି ଗୋଲ କରିଥିଲା। ବିଡାନାସୀ କ୍ଲବ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଖେଳକୁ ସତ୍ୟବାଦୀ ବାହିନୀପତି, ଲକ୍ଷ୍ମୀପ୍ରସାଦ ନାଇଡୁ ପରିଚାଳନା କରିଥିଲେ।

## ନିଖିଳ ଭାରତ ସମବାୟ ସପ୍ତାହ

**ଖୋର୍ଦ୍ଧା ଅଫିସ,୧୪।୧୧**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ବ୍ୟାଙ୍କ ପରିସରରେ ବଧବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ପତାକା ଉତ୍ତୋଳନ କରି ସମବାୟ ସପ୍ତାହର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କ ସଭାପତି ପ୍ରଶାନ୍ତ ଦାସ, ବ୍ୟାଙ୍କ ସମ୍ପାଦକ, ଡିଜେଏମ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସଦର ଶାଖାର ବିଭିନ୍ନ ସମିତିରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଯୁଗ୍ମ ଦେୟ ଗୋଷ୍ଠୀ ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ସମବାୟ ସମିତି କର୍ମଚାରୀ ମହାସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ଦାଶ ଓ ଜିଲା ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ମହାରଣା ପରିଚାଳନା କରିଥିଲେ।

## ଖୋର୍ଦ୍ଧା ଜିଲାରେ ଡିସେମ୍ବର ୧୪ରୁ ଧାନକିଣା

**ଖୋର୍ଦ୍ଧା ଅଫିସ,୧୪।୧୧**

ଖରିଫ ଋତୁ ପାଇଁ ମଙ୍ଗଳବାର ଭୁବନେଶ୍ୱର ସ୍ପେଶାଲ ସର୍କିଟ ହାଉସ୍‌ରେ ଜିଲାସ୍ତରୀୟ ଧାନ କ୍ରୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର୧୪ରୁ ଧାନ କିଣା ହେବ। ୧୩୮ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ କ୍ରୟ କେନ୍ଦ୍ର ଏବଂ ରାମେଶ୍ୱର ଓ ପାଇକ ତିଗିରିଆ ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିବ ଅତିରିକ୍ତ ଧାନ କ୍ରୟ କେନ୍ଦ୍ର ଖୋଲିବ। ଚଳିତବର୍ଷ ୩୫, ୯୧୯ ଚାଷୀ ନା ପଞ୍ଜୀକୃତ କରିଛନ୍ତି। ଏଥିରୁ ୪ ହଜାର ୨ ଚାଷୀ ନୂଆ କରି ନା ପଞ୍ଜୀକରଣ କରିଛନ୍ତି। ୩୧, ୯୧୭ଜଣ ଚାଷୀଙ୍କର ପଞ୍ଜୀକରଣକୁ ନବୀକରଣ କରାଯାଇଛି। ତେବେ ଚଳିତବର୍ଷ ପ୍ରଥମଥର ପାଇଁ ୪, ୭୫୪ ଭାଗଚାଷୀ ନା ପଞ୍ଜୀକୃତ କରିଛନ୍ତି। ପଞ୍ଜୀକରଣ ଚାଲୁ ରହିଛି। ଚାଷୀ ଓ ଭାଗଚାଷୀମାନେ ନା ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। ଜିଲାରେ ୭, ୯୪, ୧୧୭ କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟଧାର୍ଯ୍ୟ ରହିଛି। ସାଧାରଣ ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଓ ଗ୍ରେଡ 'ଏ' ପାଇଁ ୧୭୭୦ ଟଙ୍କା ରହିଛି। ଚାଷୀଙ୍କ ଆକାଉଣ୍ଟରେ ୨୪ ରୁ ୭୨ ଘଣ୍ଟା ମଧ୍ୟରେ ଟଙ୍କା ଜମା ହେବ। କାର୍ଯ୍ୟରେ ବିଶୃଙ୍ଖଳା ଏଡାଇବାକୁ ଜିଲାପାଳ କଡା ତାଗିଦ୍ କରିଛନ୍ତି। ଅନିୟମିତତାକୁ ରୋକିବାକୁ ଟିମ୍ ଗଠନ କରାଯାଇଛି। ଜଣେ ଚାଷୀ ୧ ଏକର ଜଳସେଚିତ ଜମି ପାଇଁ ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମି ପାଇଁ ୧୩ କୁଇଣ୍ଟାଲ ଧାନ ବିକ୍ରି କରି ପାରିବେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ପିଡି ଡିଆରଡିଏ ସରୋଜ ମିଶ୍ର, ଡିଆରସିଏସ, ଉପକୃଷି ନିର୍ଦ୍ଦେଶକ, ଜିଲା ଯୋଗାଣ ଅଧିକାରୀ, ମିଲର ପ୍ରମୁଖ ଉପସ୍ଥିତ ଥିଲେ।

## ଗଗନ କାଳିଆ ମେମୋରିଆଲ କ୍ରିକେଟ୍ : ବୈଦେଶ୍ୱର ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୧୪।୧୧**

ଖୋର୍ଦ୍ଧା ବ୍ଲକ କୁମାରବସ୍ତ କ୍ରିକେଟ ପଡ଼ିଆରେ ରାଇଜିଂ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗଗନ କାଳିଆ ମେମୋରିଆଲ କ୍ରିକେଟ କପ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବ୍ଲୁ ରକଷ୍ଟାର କ୍ଲବ ଯାଁଳାକୁ ୭ ଉଇକେଟରେ ହରାଇ ଦିଶା କ୍ଲବ ବୈଦେଶ୍ୱର ଚାମ୍ପିୟନ ହୋଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ଜଟଣୀର ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଛନ୍ତି। ଟସରେ ଜିତି ବ୍ଲୁ ରକଷ୍ଟାର ଦଳ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ କରିଥିଲା। ଜବାବରେ ବୈଦେଶ୍ୱର ଦଳ ୧୯.୨ ଓଭରରେ ୩ ଉଇକେଟ ହରାଇ ୧୭୧ରନ କରିଥିଲା। ଦଳ ପକ୍ଷରୁ ଗିରିଶ ନାୟକ ୩୮ଟି ବଲରୁ ଅପରାଜିତ ୫୪ ରନ୍ ଓ ସୁଶାନ୍ତ ପଣ୍ଡା ୩୧ ବଲରୁ ୪୩ ରନ କରିଥିଲେ। ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବୈଦେଶ୍ୱରର ଗିରିଶ ନାୟକ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟକୁ ସଞ୍ଜୟ ପାଇକରାୟ ଓ କାଜଲ ବଳିୟାରସିଂ ସଂଯୋଜନା କରିଥିବାବେଳେ ପ୍ରକାଶ ପଟ୍ଟନାୟକ ଓ ପ୍ରଶାନ୍ତ ବେହେରା ଖେଳ ପରିଚାଳନା କରିଥିଲେ।


ଚାମ୍ପିୟନ ଦଳ ସହ ଅତିଥିମାନେ।

## ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ବିଶ୍ୱ ମଧୁମେହ ଦିବସ

**ଜଟଣୀ,୧୪।୧୧(ଡି.ଏନ.ଏ)**

ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ବୁଧବାର ପାଳନ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ଏଠାରେ ପରିକ୍ରମା କରିଥିଲା। ଏହି ରାଲିକୁ ଡିଭିଜନର ଅତିରିକ୍ତ ପ୍ରବନ୍ଧକ ଏସ୍.ପି. ଦ୍ୱିବେଦୀ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଧୁମେହ ରୋଗ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଡିଭିଜନର ପ୍ରବନ୍ଧକ ବ୍ରଜମୋହନ ଅଗ୍ରୱାଲା ଉଦ୍‌ଘାଟନ କରିଥିଲେ। 'ମଧୁମେହ ପରିବାରର ଏକ ସମସ୍ୟା' ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ରେଲୱେ ମେଡିକାଲରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଏ.କେ. ପଟ୍ଟନାୟକ ଏଥିରେ ଯୋଗଦେଇ ମଧୁମେହ ରୋଗର କାରଣ ଓ ନିଦାନ ଉପରେ ଆଲୋକପାତ କରିଥିଲେ।

### ଖୋର୍ଦ୍ଧା ଜିଲା ଲୋକ ଉତ୍ସବ ଉଦ୍‌ଘାଟିତ
## ଖୋର୍ଦ୍ଧାରେ ହେବ ପାଇକ ସମରକଳା ଆଧାରିତ ଅଭିଲେଖାଗାର

**ଖୋର୍ଦ୍ଧା ଅଫିସ,୧୪।୧୧**

ଆଶ୍ୱାସନା ପକ୍ଷରୁ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ପଡିଆରେ ଖୋର୍ଦ୍ଧା ଜିଲା ଲୋକ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ବକ୍ତବ୍ୟରେ ସେ କହିଥିଲେ, ଖୋର୍ଦ୍ଧା ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ଖୋର୍ଦ୍ଧା ଲୋକ ଉତ୍ସବ ମାଧମରେ ପାଇକ ସମରକଳା ଆଧାରିତ ଅଭିଲେଖାଗାର ଖୋର୍ଦ୍ଧାରେ କରାଯିବାକୁ ସଂସ୍କୃତି ବିଭାଗର ପରିକଳ୍ପନା ରହିଛି। ଅନୁଷ୍ଠାନର ସଭାପତି ବିଧାନ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଧକ୍ଷା ସଞ୍ଜୁକ୍ତା ସାହୁ, ଆଶ୍ୱାସନା ପରିବାର ସମ୍ପାଦକ ରିତେଶ ସାହୁ ଓ ସଂଯୋଜକ ଗୌରୀ ଶଙ୍କର ରାଉତରାୟ ମଞ୍ଚରେ ଉପସ୍ଥିତ ଥିଲେ। ସଭାରେ କଥକ ଓ ଭାରତ ନାଟ୍ୟମ ଶୈଳୀରେ ଉପସ୍ଥାପିତ ହୋଇଥିଲା କ୍ରିଏଟିଭ ଡ୍ୟାନ୍ସ, ଯାହାକୁ ନୃତ୍ୟାଙ୍ଗନା କଳାକେନ୍ଦ୍ର କୋଲକାତାର ଶିଳ୍ପୀମାନେ ଗୁରୁ ଶିଖା ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ପରିବେଷଣ କରିଥିଲେ। ଏହି ଶିଳ୍ପୀମାନଙ୍କର ପ୍ରଥମ ଅର୍ଘ୍ୟଥିଲା ମାତୃର୍ବନା, ଅସତୋମା ସତ୍ ଗବୟ। ପରେ ପରେ ୨ୟ ଅର୍ଘ୍ୟରେ ଶକ୍ତି ଉପାସନା ଯା ଦେବୀ ସର୍ବ ଭୂତେଶୁ ଓ ରବୀନ୍ଦ୍ର ସଙ୍ଗୀତାୟନର ନୃତ୍ୟାୟନ ସ୍ଥାନ ପାଇଥିଲା। ଶେଷରେ ଗୋପାଳକୃଷ୍ଣଙ୍କ ବିବିଧ ଲୀଳାର ଅବତାରଣା ପ୍ରଦର୍ଶନ କରିଥିଲେ। ଶୁଭଶ୍ରୀ କଳା ନିକେତନ ନରେନ୍ଦ୍ରପୁର ଗଞ୍ଜାମ ପକ୍ଷରୁ ଯୋଡି ଶଙ୍ଖ, ରଣପା ନୃତ୍ୟ ଅନୁରୂପ ଭାବେ ପରିବେଷଣ ହୋଇଥିଲା। ଖୋର୍ଦ୍ଧା କଳିଙ୍ଗ ପାଇକ କ୍ରିଏଶନ ପକ୍ଷରୁ ସମରକଳାରେ ପାଇକ ଆଖଡା ପରଷି ଥିଲେ।



ଖୋର୍ଦ୍ଧା ଜିଲା ଲୋକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ

**ଖୋର୍ଦ୍ଧା ଅଫିସ,୧୪।୧୧**

ଖୋର୍ଦ୍ଧା ଜିଲା ସଦର ମହକୁମା ସମେତ ଖୋର୍ଦ୍ଧା, ବାଣପୁର ଓ ଚିଲିକା ବ୍ଲକର ବିଭିନ୍ନ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ତେବେ ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ପକ୍ଷରୁ ଖୋର୍ଦ୍ଧା ତଳସାହିରେ ଥିବା ଜଗନ୍ନାଥ ବିଦ୍ୟାପୀଠ ପରିସରରେ ଶିଶୁ ଦିବସ ପାଳିତ ହୋଇଥିଲା। ଏହାକୁ ପ୍ରଥମ ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନ କମିଟିର ଚେୟାରମ୍ୟାନ ଧନୁର୍ଦ୍ଧର ସେନାପତି ଉଦ୍‌ଘାଟନ କରିଥିଲେ। ବସନ୍ତ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ସିଭିଲ ଜଜ୍ (ସିନିୟର ଡିଭିଜନ) ବିକାଶ ଚନ୍ଦ୍ର ଦେ, ସିଭିଲ ଜଜ୍ (ଜୁନିୟର ଡିଭିଜନ) ଶ୍ରଦ୍ଧାଞ୍ଜଳି ରାୟ, ଏସଡିଜେଏମ୍ ସଙ୍ଗୀତା ପାତ୍ର, ଏସଜେଏମ୍ ସୁରେନ୍ଦ୍ର କୁମାର ପାଢ଼ୀ, ତାଲୁକ ଆଇନ କମିଟିର ସଦସ୍ୟା ସୁଷମା ପ୍ରଧାନ, ଜଗନ୍ନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସରେ କୌତୁକ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷେ ଶିଶୁ ଦିବସ ଅବସରରେ ସିଗ୍ମା ପବ୍ଲିକ ସ୍କୁଲରେ କୌତୁକ ପୋଷାକ ପ୍ରଦର୍ଶନୀ, ଆର୍ଟ ଗ୍ୟାଲେରି, ଗଣିତ ଓ ଭୂଗୋଳ ପ୍ରଦର୍ଶନୀ, ଆର୍ଟ ଗ୍ୟାଲେରୀ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତାଞ୍ଜଳୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଯାଁଳା, (ଡି.ଏନ.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣ ଅଙ୍ଗନୱାଡି ୧ ଓ ୨ରେ ଶିଶୁମାନଙ୍କୁ ନେଇ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କୁ ନୂତନ ପୋଷାକ ବଣ୍ଟା ଯାଇଥିଲା। ଏଥିରେ ଏସ୍‌ଏଚଜି ମା' ମଦର କମିଟି, ମା' ଯାଞ୍ଚ କମିଟି ସଭାପତି ଭାଗ୍ୟଧର ପ୍ରଧାନ, ଗାଁ କଲ୍ୟାଣ କମିଟିର ସଭାପତି ଉର୍ମିଳା ସ୍ୱାଇଁ, ଅଙ୍ଗନୱାଡି ୧ର କର୍ମୀ କଳ୍ପନା ଦାଶ, ୨ର କର୍ମୀ ଇତିଶ୍ରୀ ମହାନ୍ତି, ସହାୟିକା ପାଲେଇ ପରିଡା ଓ ଆଶା କର୍ମୀ ଉପସ୍ଥିତ ଥିଲେ।

**ବେଗୁନିଆ, (ଡି.ଏନ.ଏ.)** ବେଗୁନିଆ ବ୍ଲକର ବିଭିନ୍ନ ସ୍କୁଲ, କଲେଜ ଏବଂ ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିସହ ବିଭିନ୍ନ ବିଦ୍ୟାଳୟରେ ମହାପୁରୁଷଙ୍କ ଜୀବନୀ ସମ୍ବନ୍ଧରେ କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ନାଚ ଓ ଗୀତ ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ପଙ୍ଗାରସିଂହ ଗ୍ରାମସ୍ଥିତ ଦଧିବାମନ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ, ପୋଡାଡିହ ଭାରତୀୟ ବିଦ୍ୟା ନିକେତନ, ସିକୋ ଚନ୍ଦ୍ରଶେଖର ଦେବ ବିଦ୍ୟାପୀଠ ପରିସରରେ ଶିଶୁ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଶିକ୍ଷାବିତ୍ ଗୋପୀନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ଲଛମନ ପରିଡା ଯୋଗ ଦେଇଥିଲେ। ଅତିଥି ଭାବେ ଏବିଇଓ ବିଷ୍ଣୁପ୍ରସାଦ ମିଶ୍ର, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଗଣେଶ୍ୱର ସ୍ୱାଇଁ ଯୋଗ ଦେଇଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୧୫ଟି କ୍ଲଷ୍ଟରର ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପତ୍ରିକା ଶିଶୁ କଳିକା ଉନ୍ମୋଚନ ହୋଇଥିଲା।

**ବୋଲଗଡ଼,(ଡି.ଏନ.ଏ.)–** ବୋଲଗଡ଼ ବ୍ଲକ ଖାରଡପଲ୍ଲୀସ୍ଥିତ ମା' ବରଡାଳିଆ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଶରତ ଚନ୍ଦ୍ର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଆରିକମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗଦେଇଥିଲେ। ଅଧାପକ ସୁକାନ୍ତ ବେହେରା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି କଳାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଶିଶୁଦିବସ ପାଳନ ଅବସରରେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବାମନ ଉଚ୍ଚ ବିଦ୍ୟାଳୟଠାରେ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ସାଲତରାସ୍ଥିତ ଗୁରୁକୂଳ ଶିକ୍ଷା ନିକେତନରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦାଶରଥି ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ପ୍ରାଧାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଯୋଗଦେଇ ପଣ୍ଡିତ ନେହେରୁଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

**ନିରାକାରପୁର,(ଡି.ଏନ.ଏ.)–** ବଡ଼ ପୋଖରୀଆ ପଞ୍ଚାୟତ ସ୍ଥିତ ବୋଡଙ୍ଗରି ପାଟଣା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କିଶୋର କୁମାର ଦାଶ ଏଥିରେ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସାଗର ବଳିୟାରସିଂ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦରେ ଶିଶୁ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକ ଉପଶିକ୍ଷାଧିକାରୀ ହୃଦାନନ୍ଦ ଜେନା, ସୁରେନ୍ଦ୍ର କୁମାର ମାଝି ଯୋଗଦେଇଥିଲେ। ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମସ୍ତ ଅତିଥି ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ।


ଶିଶୁଦିବସ ଅବସରରେ ସିଗ୍ମା ସ୍କୁଲରେ ଗଣିତ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
– ୱିଲିୟମ ସେକ୍ସପିୟର



## ସଂକ୍ଷେପରେ

### ୧୧ ହବିଷିଆଳି ଅସୁସ୍ଥ, ୨ ହସ୍ପିଟାଲରେ ଭର୍ତ୍ତି

ପୁରୀ ଅଫିସ,୧୪।୧୧: ଆଶ୍ରୟସ୍ଥଳରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିଙ୍କ ମଧ୍ୟରୁ ବୁଧବାର ୧୧ ଜଣ ଅସୁସ୍ଥ ହୋଇପଡିଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିବାବେଳେ ୯ ଜଣ ଆବଶ୍ୟକ ଡାକ୍ତରୀ ପରାମର୍ଶ ସହ ଔଷଧପତ୍ର ଆଣି ଆଶ୍ରୟସ୍ଥଳକୁ ଫେରିଛନ୍ତି। ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ସୋନପୁର ଜିଲାର ସାବିତ୍ରୀ ପାଣିଗ୍ରାହୀ (୮୭) ସଂକ୍ରାମକ ରୋଗ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ କଣାସ ନୂଆ ଦୋକାନ୍ଦାର କୁମୁଦ ବେହେରା (୬୮) ଜ୍ୱରରେ ପୀଡ଼ିତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ମହିଳାଙ୍କୁ ଅପହରଣ ଘଟଣା: ଜଣେ ଗିରଫ

ନିମାପଡ଼ା,୧୪।୧୧(ଡି.ଏନ.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଉହାଙ୍ଗ ଗ୍ରାମର ଯୁବକ ଦୀପା ମହାନ୍ତି ବଳପୂର୍ବକ ଗତ ୨୫ତାରିଖରେ ଅପହରଣ କରିନେଇଥିଲେ। ୨୦ଦିନ ପରେ ମହିଳା ବିକାଶ ମଞ୍ଚ ହସ୍ତକ୍ଷେପରୁ ଅପହୃତା ମହିଳା ଉଦ୍ଧାର ହେବା ସହ ଅପହରଣକାରୀ ଦୀପାଙ୍କୁ ନିମାପଡ଼ା ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ୨୫ତାରିଖରେ ଅପହୃତା ମହିଳାଙ୍କ ସ୍ୱାମୀ ସ୍ତ୍ରୀ ନିଖୋଜ ହେବା ନେଇ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପରେ ଅପହରଣ ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ମାମଲା ରୁଜୁ ହୋଇ ନଥିଲା। ଖବରପାଇ ଓଡ଼ିଶା ମହିଳା ବିକାଶ ମଞ୍ଚର ୭ଜଣିଆ ଟିମ ଓ ମାନବାଧିକାରୀ ଅନୁପ ପରିଡ଼ା ଏହି ଘଟଣାରେ ହସ୍ତକ୍ଷେପ କରି ମଙ୍ଗଳବାର ଥାନାରେ ପହଞ୍ଚି ଅପହୃତା ମହିଳାଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ଦାବି କରିଥିଲେ। ପୋଲିସ ଅପହରଣକାରୀଙ୍କ ଘରେ ଚଢ଼ାଉ କରି ମହିଳା ଓ ଦୀପାଙ୍କୁ ଉଦ୍ଧାର କରିଥିଲା। ମହିଳାଙ୍କ ସ୍ୱାମୀ ଘରେ ନଥିବାର ସୁଯୋଗ ନେଇ ଦୀପା ତାଙ୍କୁ ଭୁଜାଲି ଦେଖାଇବା ସହ ୩ପିଲାଙ୍କୁ ମାରିଦେବାର ଧମକ୍ ଦେଇ ଅପହରଣ କରିନେଇଥିବା ଉଦ୍ଧାର ପରେ ମହିଳାଜଣଙ୍କ ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସମ୍ପର୍କରେ ୩୩୭/୧୮ରେ ଏକ ମାମଲା ରୁଜୁ କରି ଦୀପାଙ୍କୁ ଗିରଫ କରିଛି। ମହିଳା ବିକାଶ ମଞ୍ଚର ସଭାନେତ୍ରୀ ତିଳୋତ୍ତମା ବାରିକ, ସମ୍ପାଦିକା ରାଜଲକ୍ଷ୍ମୀ ମହାନ୍ତି ମାନବାଧିକାରୀ କର୍ମୀ ଅନୁପ ପରିଡାଙ୍କ ଥାନାରେ କାଉନସିଲିଂ ପରେ ମହିଳା ଜଣଙ୍କ ନିଜଘରକୁ ଫେରିଛନ୍ତି।

### ଓଲଟିଲା ଅଟୋ, ୪ ଆହତ

ବ୍ରହ୍ମଗିରି,୧୪।୧୧(ଡି.ଏନ୍.ଏ.): ପୁରୀ-ସାତପଡା ୩୧୬ନଂ. ଜାତୀୟ ରାଜପଥର ଜଗନ୍ନାଥପୁର ଛକ ନିକଟରେ ବୁଧବାର ଏକ ଯାତ୍ରୀବାହୀ ଅଟୋ ଓଲଟିବାରୁ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଅଲାରପୁର ଗ୍ରାମର ବୁଲୁ ପଲାଇ, ବେଣ୍ଟପୁର ଗ୍ରାମର ବିକ୍ରମ ବେହେରା, ବ୍ରହ୍ମଗିରିର ସିଦ୍ଧାନ୍ତ ଭୋଇଓ ରାକେଶ ପାଣି। ସେମାନଙ୍କୁ ସ୍ଥାନୀୟ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଏକ ଯାତ୍ରିବାହୀ ଅଟୋ(ଓଡି ୧୩ଜି ୫୬୮୪) ବ୍ରହ୍ମଗିରିରୁ ପୁରୀ ଅଭିମୁଖେ ଯାଉଥିଲା। ହଠାତ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ଅଟୋ ପିଟି ହୋଇ ଓଲଟି ପଡିଥିଲା। ଫଳରେ ଅଟୋରେ ଥିବା ୭ଜଣ ଯାତ୍ରୀଙ୍କ ମଧ୍ୟରୁ ୪ଜଣ ଆହତ ହୋଇଥିଲେ।

### ଭୀମସେନ ଥିଲେ ଆଦର୍ଶବାଦୀ ବ୍ୟକ୍ତିତ୍ୱ

ଗୋପ,୧୪।୧୧(ଡି.ଏନ୍.ଏ.): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ସ୍ୱର୍ଣ୍ଣକାର ସଂଘର ରାଜ୍ୟ ଉପଦେଷ୍ଟା ଭୀମସେନ ସେନାପତିଙ୍କ ପ୍ରଥମବାର୍ଷିକ ଶ୍ରାଦ୍ଧୋତ୍ସବ ଓ ସ୍ମୃତି ସଭା ସିପିଆଇ ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ବୁଧବାର ନାଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ରାଜ୍ୟ କମିଟି ସଭ୍ୟ ଦେବେନ୍ଦ୍ର ସାହୁ ଯୋଗଦେଇ ସ୍ୱର୍ଗତ ସେନାପତି ଥିଲେ ଜଣେ ଆଦର୍ଶବାଦୀ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ସମିତସଭ୍ୟ ସୂର୍ଯ୍ୟକାନ୍ତ ମହାପାତ୍ର, ସ୍ୱର୍ଣ୍ଣକାର ସଂଘର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ସାଠୁଆ, ବାସୁଦେବ ଚିହ୍ନରା, ବାବାଜୀ ଚରଣ ବେହେରା, ବୈଦନାଥ ଦାସ, ମନୋରଞ୍ଜନ ସେନାପତି ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ସେନାପତିଙ୍କ ସ୍ମୃତିଚାରଣ କରିଥିଲେ।

# ଗଡ଼ମୃଗଶିରାରେ ରହିଛି ହଜାରେ ବର୍ଷର ଶିବ ମନ୍ଦିର

ପୁରୀ ଅଫିସ,୧୪।୧୧

କୋଣାର୍କ ମନ୍ଦିର ନିର୍ମାଣର ୧୦୦ ବର୍ଷ ପୂର୍ବରୁ ଗଡ଼ମୃଗଶିରାରେ ନିର୍ମିତ ହୋଇଥିଲା ଶ୍ରୀବଟେଶ୍ୱର ମହାଦେବଙ୍କ ମନ୍ଦିର। ଶ୍ରୀମନ୍ଦିର ଶୈଳୀରେ ନିର୍ମିତ ଏହି ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଓଡ଼ିଶାରେ ସମ୍ପୂର୍ଣ୍ଣ ଅନନ୍ୟ। ପ୍ରାୟ ହଜାରେ ବର୍ଷର ଏହି ମନ୍ଦିର ବେଗବତୀ ନଦୀ ତଟରେ ନିର୍ମିତ ହୋଇଥିଲା। ଏହାର ନାମ ଅପଭ୍ରଂଶ ହୋଇ ପ୍ରଥମେ ବେଙ୍ଗବତୀ ଓ ପରେ ବେଙ୍ଗେଇ ନଦୀ ଭାବେ ପରିଚିତ ହେଉଥିଲା। ପରବର୍ତ୍ତୀ ସମୟରେ ଏହି ନଦୀ ପଥରେ କୋଣାର୍କ ମନ୍ଦିର ନିର୍ମାଣ ପାଇଁ ପଥର ବୁହା ହୋଇଥିଲା। ପଥରବୁହା ହେବା ପରେ ଏହି ନଦୀ ଜନମାନସରେ ପଥରବୁହା ନଦୀ ନାମରେ ପ୍ରସିଦ୍ଧ ହୋଇଯାଇଥିଲା ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର।

ମଙ୍ଗଳବାର ଗଡ଼ମୃଗଶିରାରେ ଅନୁଷ୍ଠିତ ଐତିହ୍ୟ ଆଲୋଚନାଚକ୍ରରେ ଯୋଗଦେଇ ଡ. ମିଶ୍ର କହିଥିଲେ, ଏହି ନଦୀ ଭାର୍ଗବୀ ନଦୀର ଏକ ଶାଖା ନଦୀ। ଚନ୍ଦନପୁର ଗୋବା ଗ୍ରାମ ନିକଟ ଶ୍ରୀପାତାଳେଶ୍ୱର ମନ୍ଦିର ନିକଟରୁ ଏହି ନଦୀ ବାହାରି ଗଡ଼ମୃଗଶିରା ଦେଇ ଗଡ଼ରୂପାସ ଓ ବଳରାମ ଦାସଙ୍କ ସମାଧି ପୀଠ ଦେଇ ପଥରପଦାକୁ ଛୁଇଁଥିଲା।

## ଗଡ଼ରେ ରହିଥିଲା ଯୁଦ୍ଧବିଦ୍ୟା ଶିକ୍ଷାକେନ୍ଦ୍ର



ଆଲୋଚନାଚକ୍ରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଓ ଅନ୍ୟମାନେ।

ଏହି ଅବସରରେ ଗଡ଼ମୃଗଶିରାର ହଜାରେ ବର୍ଷର ଗୌରବମୟ ଐତିହ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଡ. ମିଶ୍ର ଗଡ଼ବାସୀଙ୍କ ସହଯୋଗ କାମନା କରିଥିଲେ।

କୋଣାର୍କ ମନ୍ଦିର ନିର୍ମାଣ ବେଳେ ଏହି ଗଡ଼ର ଅବଦାନ ଇତିହାସ ପ୍ରସିଦ୍ଧ। ପୁରୀ ବାଲିନଅରରେ ମହମ୍ମଦ ତକି ଖାଁ ୧୭୪୭ ମସିହା ଜୁନ୍ ୫ ତାରିଖ ରାତିରେ ଗଜପତି ନରସିଂହ ଦେବଙ୍କୁ ହତ୍ୟା କରିଥିଲେ। ନରସିଂହ ଦେବଙ୍କ ପୁତୁରା ଗଙ୍ଗାଧର ଫତେ ଖାଁ ସହିତ ମିଶି ଏପରି କାର୍ଯ୍ୟ କରି ନିଜେ କିଛିଦିନ ଗାଦିରେ ବସିଥିଲେ ମଧ୍ୟ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହାକୁ ଶାନ୍ତ କରିବାରେ ଗଡ଼ମୃଗଶିରାର ସାଆନ୍ତ ଓ କ୍ଷତ୍ରିୟ ବୀରମାନଙ୍କ ଭୂମିକା ଉଲ୍ଲେଖଯୋଗ୍ୟ। ଏହି ଗଡ଼ର ସାଆନ୍ତଙ୍କ ନେତୃତ୍ୱରେ ଗଙ୍ଗାଧର ଦେବଙ୍କୁ ହତ୍ୟା କରାଯାଇ ଗଜପତି ନରସିଂହ ଦେବଙ୍କ ବଡ଼ଭାଇ ବଳଭଦ୍ର ଦେବଙ୍କୁ ସିଂହାସନରେ ଅଭିଷିକ୍ତ କରାଯାଇଥିଲା। ଏହା ଚକଡ଼ାପୋଥି ଓ ଷ୍ଟଡିଜ ଇନ୍ ମୋଗଲ ଇଣ୍ଡିଆ ପୁସ୍ତକରୁ ଜଣାଯାଏ ବୋଲି ଡ. ମିଶ୍ର କହିଥିଲେ। ଗଡ଼ର ଦକ୍ଷିଣପଟେ ପଥରବୁହା ନଦୀ ଗଡ଼ଖାଇ ରୂପେ କାର୍ଯ୍ୟ କରୁଥିଲା। ପଥରବୁହା ବେଳେ ଗଡ଼ର ଶ୍ରୀବଟେଶ୍ୱର ମହାଦେବଙ୍କ ଘାଟ ବିଶ୍ରାମ ସ୍ଥାନ ଥିଲା। ଗଡ଼ର ପୂର୍ବମୁହାଁ ଗଡ଼ଦ୍ୱାରରେ ଦେବୀ ଶ୍ରୀନାରାୟଣୀ ରହିଥିବା ବେଳେ ଗଡ଼ ମଝିରେ ରହିଛନ୍ତି ମା' ଜୟଦୁର୍ଗା। ମହିଷମର୍ଦ୍ଦିନୀ ଦୁର୍ଗାଙ୍କ ବିଗ୍ରହ ଏଠାରେ ପ୍ରସ୍ତର ନିର୍ମିତ। ଅନ୍ୟତ୍ର ଧାତୁ ନିର୍ମିତ ବିଗ୍ରହ ଥିବାବେଳେ ପ୍ରସ୍ତର ବିଗ୍ରହ ଗଡ଼ର ପ୍ରାଚୀନତାକୁ ପ୍ରମାଣ କରିଥାଏ। ଖଣ୍ଡାଧୁଆ ପୋଖରୀର ପଶ୍ଚିମକୁ ରହିଥିଲା ମଲ୍ଲଗୋରଡ଼ା। ପ୍ରାଚୀନ କାଗଜାତରୁ ଜଣାଯାଏ, ଆଖପାଖ ଗଡ଼ର ଭେଣ୍ଡିଆମାନେ ଏଠାକୁ ଆସି ମଲ୍ଲଗୋରଡାରେ ଯୁଦ୍ଧବିଦ୍ୟା ଶିକ୍ଷା କରୁଥିଲେ। ସେମାନଙ୍କ ଆରାଧ୍ୟ ଶ୍ରୀମହାବୀର ସେକାଳରୁ ପୂଜିତ ହୋଇଆସୁଛନ୍ତି। ୧୩ ପଡ଼ାକୁ ନେଇ ସମୃଦ୍ଧ ଏହି ଗଡ଼ର ଖଣ୍ଡାଘର ଓ ଘୋଡ଼ାଶାଳ ଅବହେଳିତ ହୋଇପଡିଛି ବୋଲି ଆଲୋଚନା ହୋଇଥିଲା। ଗଡ଼ର ଐତିହ୍ୟ ସଙ୍କଳିତ କରିବାକୁ ସଭାରେ ରବୀନ୍ଦ୍ର ଭୁଜବଳ ଓ ପ୍ରଶାନ୍ତ ବଳବନ୍ତରାୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗଡ଼ସାମନ୍ତ ତ୍ରିନାଥ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ଐତିହ୍ୟ ପରିଷଦର ଉପଦେଷ୍ଟା ନୀଳକଣ୍ଠ ମିଶ୍ର, ମାୟାଧର ପାଇକରାୟ, ଲଳିତ ଭୁଜବଳ, ଭାସ୍କର ଜେନା, ସତ୍ୟନାରାୟଣ ଭାରୀମଲ୍ଲ, ପ୍ରଶାନ୍ତ କୁମାର ବଳବନ୍ତରାୟ, ବାସୁଦେବ ପାଟ୍ଟଶାଣୀ, ନିରଞ୍ଜନ ପାଇକରାୟ ଓ ସହଦେବ ପାଟ୍ଟଶାଣୀ ପ୍ରମୁଖ ନିଜ ନିଜର ଅଭିମତ ରଖିଥିଲେ। ଭାସ୍କର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପୂତିଚନ୍ଦ୍ର ସୁନ୍ଦରାୟ ସ୍ୱାଗତ କରିଥିଲେ। ପ୍ରବୀର ପରିଡ଼ା ବୈଠକ ପରିଚାଳନାରେ ସହଯୋଗ କରିଥିଲେ।





ଇରିସ୍ ଲାଇଫ୍ ସାଇନ୍ସ ସଂସ୍ଥା ପକ୍ଷରୁ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ବାହାରିଥିବା ମଧୁମେହ ସଚେତନତା ପଦଯାତ୍ରା।



ସଚେତନତା ରଥକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ

ପୁରୀ ଅଫିସ,୧୪।୧୧

ବୁଧବାରଠାରୁ ଆରମ୍ଭ ହୋଇଛି ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ। ୨୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି ପରିପ୍ରେକ୍ଷୀରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ପୋଷ୍ୟ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହାକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ କଲ୍ୟାଣୀ ଦେବୀ, ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ପୁରୀ ଜିଲାର ବିଭିନ୍ନ ସାହିବସ୍ତି ବୁଲି ସଚେତନତା ସୃଷ୍ଟି କରିବ।

■ ମଙ୍ଗଳ ଆଳତି ବେଳେ ଠେଲାପେଲା

## ତଳେ ପଡ଼ି ହବିଷିଆଳିଙ୍କ ଗୋଡ଼ ଭାଙ୍ଗିଲା

### ଦୁଇ ମହିଳା ଭକ୍ତ ଅସୁସ୍ଥ

ପୁରୀ ଅଫିସ,୧୪।୧୧

ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଏକାଧିକ ଥର ରୁଦ୍ଧଦ୍ୱାର ବୈଠକ ବସୁଛି। ବିଭିନ୍ନ ପ୍ରକାର ନିଷ୍ପତ୍ତି ନିଆଯାଉଛି। ଏହି ନିଷ୍ପତ୍ତି ମଧ୍ୟରୁ ଅନେକ କାର୍ଯ୍ୟକାରୀ ହେଲାଣି। ଏହାସତ୍ତ୍ୱେ ଦର୍ଶନରେ ଶୃଙ୍ଖଳା ଆସିପାରୁ ନାହିଁ। ଭିଡ଼ ନିୟନ୍ତ୍ରଣ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ ମାରିଛି। ପୂର୍ବପରି ଗହଳି ଓ ଠେଲାପେଲାରେ ଅତିଷ୍ଠ ହୋଇପଡୁଛନ୍ତି ଭକ୍ତ। ପ୍ରାୟ ପ୍ରତିଦିନ ଭକ୍ତ ଆହତ ଏବଂ ଅସୁସ୍ଥ ହେଉଛନ୍ତି। ବୁଧବାର ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା। ବାହାରକାଠ ନିକଟରେ ଠେଲାପେଲାରେ ମାର୍କଣ୍ଡପୁର ବାଲିପୁଟର ବିଳାସିନୀ ବେହେରା (୭୮) ନାମ୍ନୀ ଜଣେ ହବିଷିଆଳି ତଳେ ପଡିଯିବାରୁ ତାଙ୍କ ଗୋଡ଼ ଭାଙ୍ଗି ଯାଇଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଦୁଇଜଣ ମହିଳା ଭକ୍ତ ମଧ୍ୟ ଅସୁସ୍ଥ ହୋଇପଡ଼ିଛନ୍ତି।

## ସୂର୍ଯ୍ୟମନ୍ଦିର ସଂରକ୍ଷଣ ପାଇଁ ଏଏସ୍‌ଆଇକୁ ଚିଠି ଲେଖିବେ ବିଜୟ

କୋଣାର୍କ,୧୪।୧୧(ଡି.ଏନ୍.ଏ.)

ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ବୁଧବାର କୋଣାର୍କ ଗସ୍ତରେ ଆସି ସୂର୍ଯ୍ୟମନ୍ଦିରର ଅବସ୍ଥା ଅନୁଧ୍ୟାନ କରିବାପରେ ଏହାର ଉପଯୁକ୍ତ ସଂରକ୍ଷଣ ଦିଗରେ ଏଏସ୍‌ଆଇ ଅବହେଳା କରିଥିବା ଅଭିଯୋଗ କରିଛନ୍ତି। ବିଶ୍ୱଐତିହ୍ୟ ପ୍ରତି ଏଏସ୍‌ଆଇର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସୂର୍ଯ୍ୟମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟିହୋଇ ଏବେ ଏହା ସଙ୍କଟଜନକ ସ୍ଥିତିରେ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପତ୍ର ଲେଖିବା ସହ ତ୍ୱରିତ ପଦକ୍ଷେପ ନେବାପାଇଁ ଦାବି କରିବେ। ମଧ୍ୟାହ୍ନରେ ବରିଷ୍ଠ ଭାଜପା ନେତା ମହାପାତ୍ର ଏଠାରେ ପହଞ୍ଚିବାପରେ କୋଣାର୍କ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ଯାତ୍ରୀନିବାସଠାରେ ବିକାଶ ପରିଷଦର ସଭାପତି ସୁବାସ ନାୟକ, କଂଗ୍ରେସ ନେତା ରମେଶ ନାୟକ, କାଶିନାଥ ନାୟକ, ଓଡ଼ିଶା ଗଣ ପରିଷଦ ନେତା ବଳରାମ ସେନାପତି ପ୍ରମୁଖ ତାଙ୍କୁ ସ୍ୱାଗତ କରିବା ସହ ସୂର୍ଯ୍ୟମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ତେବେ ସ୍ଥାନୀୟ ଭାଜପା କର୍ମକର୍ତ୍ତା କିମ୍ବା କର୍ମୀମାନଙ୍କ ଦେଖା ମିଳିନଥିଲା। ଏ ସମ୍ପର୍କରେ ଭାଜପାର କୋଣାର୍କ ଏନ୍‌ଏସି ମଣ୍ଡଳ ସଭାପତି ସୁରେନ ପାଲ କୁହନ୍ତି, ବିଜୟ ମହାପାତ୍ର ଏବେ ଭାଜପାରେ ଥାଇ ମଧ୍ୟ ନ ଥିବା ଭଳି କାର୍ଯ୍ୟ କରୁଛନ୍ତି। ତାଙ୍କର କୋଣାର୍କ ଗସ୍ତ ସମ୍ପର୍କରେ ସେ ଆମକୁ କୌଣସି ସୂଚନା ନ ଦେଇ କଂଗ୍ରେସ କର୍ମୀମାନଙ୍କୁ ପୂର୍ବରୁ ସୂଚନା ଦେଇଥିବା ସେ କହିଛନ୍ତି।

■ପର୍ଯ୍ୟଟକଙ୍କ ପାଇଁ ଅସୁରକ୍ଷିତ ବେଳାଭୂମି

## ବିଦେଶିନୀଙ୍କ ସମେତ ୫ ପର୍ଯ୍ୟଟକଙ୍କ ପର୍ସ ଗାଏବ

ପୁରୀ ଅଫିସ,୧୪।୧୧

### ପର୍ଯ୍ୟଟନ ବିଭାଗରୁ ସହାୟତା ନେଇ ଘରକୁ ଫେରିଲେ

ସୁଦୂର ଅଷ୍ଟ୍ରିଆର ଭିଏନାରୁ ପୁରୀକୁ ବୁଲିବା ପାଇଁ ଆସିଥିବା ଜଣେ ମହିଳା ପର୍ଯ୍ୟଟକ ବେଳାଭୂମିରେ ଅଭାବନୀୟ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ବେଳାଭୂମିରେ ବୁଲୁଥିବା ବେଳେ ତାଙ୍କ ପର୍ସ କେଉଁଠି ଗାଏବ ହୋଇଯାଇଛି। ଏ ନେଇ ସମ୍ପୃକ୍ତ ବିଦେଶିନୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ପର୍ଯ୍ୟଟକ ସହାୟତା ପାଣ୍ଠିରୁ ୭ ହଜାର ଟଙ୍କା ଦେଇ ତାଙ୍କୁ ପଠାଇ ଦେଇଛନ୍ତି। କେବଳ ଏହି ବିଦେଶିନୀ ନୁହନ୍ତି ବୁଧବାର ଆହୁରି ୫ ଜଣଙ୍କ ଅନୁରୂପ ସ୍ଥିତି ହୋଇଛି। ସେମାନେ ବି ପର୍ଯ୍ୟଟକ ସହାୟତା ପାଣ୍ଠିରୁ ସହାୟତା ପାଇ ଘରକୁ ଫେରିଛନ୍ତି। ଭିଏନାର ବିଗ୍‌ଲେଭ ମେନ୍ୟୁଏଲା (୩୮) ନାମ୍ନୀ ଏହି ବିଦେଶିନୀ ତାଙ୍କର ଜଣେ ବନ୍ଧୁଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ମଙ୍ଗଳବାର ବେଳାଭୂମିରେ ବୁଲୁଥିବା ବେଳେ ତାଙ୍କ ମନିପର୍ସ କେଉଁଆଡେ ଗାଏବ ହୋଇଯାଇଥିଲା। ସେଥିରେ ତାଙ୍କର ମୋବାଇଲ, ଏଟିଏମ୍ କାର୍ଡ ଏବଂ ୧୦ ହଜାର ଟଙ୍କା ଥିଲା। ଏହାପରେ ସେ ସମୁଦ୍ରକୂଳ ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ବିଗ୍‌ଲେଭ ତାଙ୍କ ମନିପର୍ସ ପାଖରେ ରଖି ପୁରୁଷ ବନ୍ଧୁଙ୍କ ସହ ସମୁଦ୍ରକୂଳରେ ବସିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ମନିପର୍ସ ଧରି ଦଉଡି ପଳାଇଥିଲେ। କିନ୍ତୁ ପୋଲିସ ମନିପର୍ସ ହଜିଯାଇଥିବାର ଏକ ଷ୍ଟେଶନ ଡାଏରୀ କରି ୭ ହଜାର ଟଙ୍କା ଦେଇ ତାଙ୍କୁ ପଠାଇଦେଇଥିବା କୁହାଯାଉଛି। ସେହିପରି ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ଜାମୁର ଗାଁର ଈଶ୍ୱର ଚିନ୍ଦା ତାଙ୍କ ପରିବାର ସହ ଆସିଥିବା ବେଳେ ବେଳାଭୂମିରେ ତାଙ୍କ ମନିପର୍ସ ଗାଏବ ହୋଇଯାଇଥିଲା। ସେଥିରେ ମୋବାଇଲ ଫୋନ, ଏଟିଏମ୍ କାର୍ଡ ଓ ୩ ହଜାର ଟଙ୍କା ଥିଲା। ତାଙ୍କର ବି ଅନୁରୂପ ଭାବେ ଷ୍ଟେଶନ ଡାଏରୀ କରି ୨ ହଜାର ଟଙ୍କା ଦିଆଯାଇ ପଠାଇ ଦିଆଯାଇଛି। ଭୁବନେଶ୍ୱରର ୪ ଜଣ ଛାତ୍ର (ମାନସ ରାଉତ, ପାରିତୋଷ ବେହେରା ମାଝି, ଏଲିଆ ପ୍ରଧାନ ଓ ଅଶ୍ୱିନ ପ୍ରଧାନ) ବୁଧବାର ପୁରୀ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉଥିଲେ। ଗାଧୋଉଥିବା ବେଳେ ସେମାନଙ୍କ ବ୍ୟାଗ୍‌କୁ କେହି ନେଇଯାଇଥିଲା। ସେମାନେ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଷ୍ଟେଶନ ଡାଏରୀ କରି ପର୍ଯ୍ୟଟକ ସହାୟତା ପାଣ୍ଠିରୁ ୧ ହଜାର ଟଙ୍କା ବ୍ୟବସ୍ଥା କରି ସେମାନଙ୍କୁ ପଠାଇ ଦେଇଛି। ୨ ଦିନରେ ୫ ଜଣ ଲୁଟ୍‌ର ଶିକାର ହେବା ଏବଂ ପୋଲିସ ମାମଲା ରୁଜୁ କରିବା ଭୟରେ ପର୍ଯ୍ୟଟକ ସହାୟତା ପାଣ୍ଠି ସହାୟତାରେ ଖସିଯିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ବାଳାଶ୍ରମରେ ଶିଶୁଦିବସ

ପୁରୀ ଅଫିସ,୧୪।୧୧

ଜିଲା ଶିଶୁ ସୁରକ୍ଷା ଶାଖା, ଜିଲା ପ୍ରଶାସନ, ଜିଲା ଆଇନ ସେବା ପ୍ରାଧିକରଣ, ଜିଲା ଜୁଭେନାଇଲ୍ ଜଷ୍ଟିସ ଓ ଉତ୍କଳ ବାଳାଶ୍ରମର ମିଳିତ ଆନୁକୂଲ୍ୟରେ ବୁଧବାର ଉତ୍କଳ ବାଳାଶ୍ରମଠାରେ ଶିଶୁଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଜଜ୍ ଶୁଭଦର୍ଶୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ଜିଲା ସମାଜ କଲ୍ୟାଣ ଅଧିକାରୀ କଲ୍ୟାଣୀ ଦେବୀ, ବାଳାଶ୍ରମ ଅଧୀକ୍ଷକ ସାରଙ୍ଗ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଶାଖା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ କହିଲେ, ଶିଶୁମାନେ ଦେଶର ଭବିଷ୍ୟତ। ପ୍ରତିଭାର ବିକାଶ କରିବା ସହ ଭଲ ପାଠ ପଢି ବିଦ୍ୟାଳୟ ତଥା ଦେଶର ଗୌରବ ରକ୍ଷା କରିବାକୁ ଅତିଥିଭାବେ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ।

## ୧୨୩୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ସାକ୍ଷୀଗୋପାଳ,୧୪।୧୧(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତର ୧୨୩୬ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଭତ୍ତାବହି ଏବଂ ଭତ୍ତାରାଶି ପ୍ରଦାନ କରିଥିଲେ। ଏ ବାବଦରେ ମୋଟ ୫ଲକ୍ଷ ୧୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଚେୟାରମ୍ୟାନ ସସ୍ମିତା ପ୍ରଧାନ, ବିଡିଓ ଗୌରବମୟ ପ୍ରଧାନ, ବିକ୍ରମ ଜେନା, ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ ଯୋଗଦେଇଥିଲେ।

ସମ୍ପର୍କୀୟ ତଡ଼ିଲେ, ଲୁଟେରା ଲୁଟିନେଲେ

## ଆଶ୍ରୟ ଦେଇଛି ଆଶ୍ରୟସ୍ଥଳ

ପୁରୀ ଅଫିସ,୧୪।୧୧

ହବିଷିଆଳିଙ୍କ ପାଇଁ ସରକାର ଖୋଲିଛନ୍ତି ଆଶ୍ରୟସ୍ଥଳ। ସମ୍ପର୍କୀୟମାନେ ସାଥିରେ ଆଣି ଏଠାରେ ବହୁବ୍ରତଧାରୀଙ୍କୁ ଛାଡିଛନ୍ତି। ପୁଣି ମଝିରେ ମଝିରେ ଆସି କେହି ଦେଖା କରୁଥିବାବେଳେ ଆଉ କାହାର ସମ୍ପର୍କୀୟ ଭଲ ମନ୍ଦ ପଚାରି ବୁଝୁଛନ୍ତି। ହେଲେ ସୋମବାର ରାତିରେ ଏହି ଆଶ୍ରୟସ୍ଥଳ ଜଣେ ନିରାଶ୍ରୟାଙ୍କୁ ଆଶ୍ରୟ ଦେଇଛି। ଯାହାଙ୍କୁ ତାଙ୍କ ସମ୍ପର୍କୀୟ ତଡ଼ି ଦେଇଥିବା ବେଳେ ସିଂହଦ୍ୱାର ଚୋର ତାଙ୍କଠାରୁ କଳାକନା ବୁଲାଇ ଦେଇଛନ୍ତି। ଅନିଶ୍ଚିତ ଭାଗ୍ୟ ଓ ଭବିଷ୍ୟତକୁ ନେଇ ସିଂହଦ୍ୱାରରେ ଲୁହ ଗଡାଉଥିବା ଏହି ମହିଳାଙ୍କୁ ପୋଲିସ ଆଣି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟ ସ୍ଥଳରେ ଛାଡିଛି। ପ୍ରଶାସନ ପକ୍ଷରୁ ତାଙ୍କର ରହିବା, ଖାଇବା ବ୍ୟବସ୍ଥା କରାଯାଇଛି। ହେଲେ ବ୍ରତ ସରିଗଲେ ତାଙ୍କ ଭବିଷ୍ୟତ କ'ଣ ହେବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ମହିଳାଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁରରେ। ୬ ଝିଅ, ଗୋଟିଏ ପୁଅ ଏବଂ ସ୍ୱାମୀଙ୍କୁ ନେଇ ହସଖୁସିରେ ଚାଲିଥିଲା ତାଙ୍କ ସଂସାର। ସ୍ୱାମୀ ସରକାରୀ ଚାକିରି କରୁଥିଲେ। ହେଲେ ସ୍ୱାମୀଙ୍କ ଦେହାନ୍ତ ପରେ ତାଙ୍କ ଉପରକୁ କଳା ବାଦଲ ଘୋଟିଆସିଲା। ପରେ ପୁଅର ମଧ୍ୟ ମୃତ୍ୟୁ ଘଟିଲା। ସ୍ୱାମୀଙ୍କ ପେନ୍‌ସନ ପଇସାରେ ଘର ଚଳାଇବାକୁ ଅଣ୍ଟା ଭିଡ଼ିଥିବା ବେଳେ ସମ୍ପର୍କୀୟମାନେ ଦାଉ ସାଧିଲେ। ଘରୁ ବାହାର କରିଦେଲେ। ପାଖରେ ଥିବା ୧୫ ହଜାର ଟଙ୍କା, ସ୍ୱାମୀଙ୍କ ପେନ୍‌ସନ କାଗଜପତ୍ର ଧରି ଜଣେ ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ଟ୍ରେନ୍‌ରେ ଆସି ପୁରୀରେ ପହଞ୍ଚିଥିଲେ। ସୋମବାର ରାତିରେ ସିଂହଦ୍ୱାର ନିକଟରେ ବସି କାନ୍ଦୁଥିବା ବେଳେ କେହି ଲୁଟେରା ତାଙ୍କ ଟଙ୍କା ଏବଂ ପେନ୍‌ସନ କାଗଜପତ୍ର ସବୁ ଲୁଟି ନେଇଥିଲେ। ଏହାପରେ କେତେଜଣ ପୋଲିସ କର୍ମଚାରୀ ତାଙ୍କୁ ଆଣି ହବିଷିଆଳି ଆଶ୍ରୟସ୍ଥଳରେ ଛାଡିଛନ୍ତି।

# ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା



ଧାରଣାରେ ବସିଥିବା ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରଭାତୀ ପରିଡା ଓ ଅନ୍ୟମାନେ।

■ବିରୋଧୀଦଳ ପ୍ରତିନିଧିଙ୍କ ସଭାକକ୍ଷ ତ୍ୟାଗ

■ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା

ନିମାପଡ଼ା,୧୪।୧୧

ନିମାପଡ଼ା ପଞ୍ଚାୟତ ସମିତିର ୭ମ ବୈଠକ ବ୍ଲକ ସଭାକକ୍ଷରେ ବୁଧବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, ବିଡିଓ କମଳଜିତ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ ସ୍ୱାଇଁଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ସହ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ। ବୈଠକ ଆରମ୍ଭର କିଛି ସମୟ ମଧ୍ୟରେ ପ୍ରବଳ ପାଟିତୁଣ୍ଡ, ହୋହଲ୍ଲା ହୋଇଥିଲା। ବିରୋଧୀଦଳ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟମାନେ ସଭାକକ୍ଷ ତ୍ୟାଗ କରି ବୈଠକ ବର୍ଜନ କରି ବ୍ଲକ ଅଫିସ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ବୈଠକରେ ଯାହା ନିଷ୍ପତ୍ତି ହେଉଛି ତାହା କାର୍ଯ୍ୟକାରୀ ନ କରାଯିବା, ରାଶନ କାର୍ଡ ବଣ୍ଟନ, ପକ୍କାଗୃହ ଯୋଜନାରେ ଅନିୟମିତତା ପ୍ରତିବାଦରେ ବିରୋଧୀଦଳର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଭଗବାନ ମିଶ୍ର, ବାତ୍ସଲତା ପ୍ରଧାନ, କାଳନ୍ଦୀ ବାରିକ, ରାମଚନ୍ଦ୍ର ନାୟକ, ସମିତିସଭ୍ୟା ସନ୍ଧ୍ୟାରାଣୀ ପାତ୍ର, ମାମିନା ବାଘ, ପୃଥ୍ୱୀରାଜ ସ୍ୱାଇଁ, ପ୍ରଶାନ୍ତ ମଲ୍ଲିକଙ୍କ ସମେତ ୨୦ଜଣ ପଞ୍ଚାୟତ ପ୍ରତିନିଧି ଏହି ଆନ୍ଦୋଳନ କରିଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରଭାତୀ ପରିଡ଼ା ଓ ନିମାପଡ଼ା-ଗୋପ ନବନିର୍ମାଣ ପରିଷଦର ଅଧ୍ୟକ୍ଷ ଦିଲୀପ ପଟ୍ଟନାୟକ ଧାରଣାରେ ବସିଥିଲେ। ଆଗାମୀ ଦିନରେ ରାଜରାସ୍ତାକୁ ଯିବ ବୋଲି ଭାଜପା ସଭାନେତ୍ରୀ ପରିଡ଼ା କହିଥିଲେ। ଆନ୍ଦୋଳନସ୍ଥଳରେ ବିଧାୟକ ବିରୋଧରେ ନାରାବାଜି ଚାଲୁଥିବାବେଳେ ଅନ୍ୟପକ୍ଷେ ବିଜେଡି ଦଳର କର୍ମୀ, ନେତୃବୃନ୍ଦ, ପଞ୍ଚାୟତ ପ୍ରତିନିଧିମାନେ ବିଧାୟକଙ୍କ ସପକ୍ଷରେ ନାରାବାଜି କରୁଥିଲେ। ଏନେଇ ବିଧାୟକ ସମୀର ରଞ୍ଜନ ଦାଶ କୁହନ୍ତି, ଭତ୍ତା, ରାଶନ କାର୍ଡ ଏବଂ ପକ୍କାଗୃହ ବଣ୍ଟନ ଆଦି ଅନିୟମିତତା ନ ଥିବାବେଳେ ବିରୋଧୀଙ୍କ ଅଭିଯୋଗ ଅମୂଳକ ଓ ଭିତ୍ତିହୀନ। ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧୀ କକ୍ଷତ୍ୟାଗ କରି ବୈଠକ ବର୍ଜନ କରିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ କୁହନ୍ତି, ଏହି ବୈଠକ ସୁଚାରୁ ରୂପେ ହୋଇଥିବାବେଳେ ପଞ୍ଚାୟତ ସମିତିର ସମସ୍ତ କାର୍ଯ୍ୟ ନିୟମ ଅନୁଯାୟୀ କରାଯାଉଛି। ବିରୋଧୀ ପ୍ରତିନିଧିଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ବିରୋଧୀଙ୍କ ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରାଯାଇଛି ବୋଲି ଅଧ୍ୟକ୍ଷା ଖଟୋଇ କହିଛନ୍ତି। ବିଡିଓ କମଳଜିତଙ୍କୁ ପଚାରିବାରୁ ସେ କହିଛନ୍ତି, ବୈଠକରେ ସବୁ ଏଜେଣ୍ଡା ଆଲୋଚନା ହୋଇଛି, ସଭା ଆରମ୍ଭ ପୂର୍ବରୁ ବିରୋଧୀ ପ୍ରତିନିଧିମାନେ ନିର୍ଦ୍ଦିଷ୍ଟ ତଥ୍ୟ ନଦେଇ ସଭାଗୃହ ଛାଡ଼ି ପଳାଇଥିଲେ। ବ୍ଲକ ପରିସରରେ ଏଭଳି କାର୍ଯ୍ୟ ଯୋଗୁ ପୋଲିସକୁ ହସ୍ତକ୍ଷେପ କରିବାକୁ ପଡ଼ିଲା।